₹ : 25

# ଆମରି ସତ୍ୟ

ଅଷ୍ଟମ ବର୍ଷ,  ପ୍ରଥମ ସଂଖ୍ୟା,
ମାସିକ, ଜୁଲାଇ - ୨୦୧୭
ପୃଷ୍ଠା ସଂଖ୍ୟା ୫୨

## AMARI SATYA


**RNI Regn. No. - 107608/2010**
**Postal Regd. No. : PURI-33/2016-18**




# ଜି.ଏସ୍.ଟି.

## ଗୋଟିଏ ଦେଶ, ଗୋଟିଏ ଟିକସ, ଗୋଟିଏ ବଜାର



# 'ଆମରିସତ୍ୟ' ପତ୍ରିକାର ଆଜୀବନ ସଦସ୍ୟ



ଡାକ୍ତର ଶରତ ଚନ୍ଦ୍ର ମିଶ୍ର
ଭୁବନେଶ୍ୱର



ପ୍ରାଧାପିକା ଦେଶକଲ୍ୟାଣୀ ମିଶ୍ର
ଭୁବନେଶ୍ୱର



ଶ୍ରୀଯୁକ୍ତ ସୁଶାନ୍ତ କୁମାର ହରିଚନ୍ଦନ
ବାଜପୁର, ଖୋରଧା



ଶ୍ରୀଯୁକ୍ତ ନାରାୟଣ ମହାନ୍ତି
ଖୋରଧା



ଶ୍ରୀମତୀ ପ୍ରତିମା ସ୍ୱାଇଁ
ଖୋରଧା



ଶ୍ରୀଯୁକ୍ତ ପ୍ରଭୁ ପ୍ରସାଦ ଛୁଆଳସିଂହ
ଖୋରଧା



ଶ୍ରୀଯୁକ୍ତ ପ୍ରଦୀପ କୁମାର ପ୍ରଧାନ
ଜେମାଦେଇ, ଖୋରଧା



ଶ୍ରୀଯୁକ୍ତ କୃପାସିନ୍ଧୁ ସାହୁ
ମଧୁସୂଦନ ନଗର, ଖୋରଧା



ଶ୍ରୀଯୁକ୍ତ ଅନନ୍ତ ବିଶ୍ୱାଳ ଓ ରୋଜାଲୀନ୍ ପାଇକରାଏ
ପୋଡାପାଟଣା, ଖୋରଧା



ଶ୍ରୀଯୁକ୍ତ କିଶୋର କୁମାର ପାଇକରାଏ
ଗୋବିନ୍ଦପୁର, ଜାଁଳା, ଖୋରଧା




ଶ୍ରୀଯୁକ୍ତ ବେଲେଶ୍ୱର କୁଝାରସିଂହ
ଗାନ୍ଧିପଡିଆ, ଖୋରଧା



ତା.୦୨.୦୭.୨୦୧୭ ରିଖ ପୁସ୍ତକ ଉନ୍ମୋଚନ ବାମରୁ :
ସମିର ମହାନ୍ତି, ଡ. ପ୍ରମୋଦ ଚନ୍ଦ୍ର ଦାଶ, ସନ୍ତୋଷ କୁମାର ଜେନା, କୈଳାଶ ଚନ୍ଦ୍ର ପଟ୍ଟନାୟକ
ସ୍ଥାନ : ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଟଣୀ, ଖୋରଧା


**ODISHA : 30 DISTRICTS AT A GLANCE**




**CONTENTS**
**Odisha :**
All relevant information
**Each District :**
District in Brief, Administration, Police Station, Blood Bank, PIN Codes of all post offices
(For Competitive Examinations)
**Pages** : 336
**Price** : 200/-
**Contact :**
Dr. Pramod Chandra Dash (Editor)
Mob. : 9437281655
Published by : **AMARISATYA**

**For Competitive Examinations**

**ସମ୍ପାଦକ ଓ ପ୍ରକାଶକ**
ଡଃ ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯ (ମୋ)

**ପ୍ରତିଷ୍ଠାତା**
**ଡଃ ପ୍ରମୋଦ ଚନ୍ଦ୍ର ଦାଶ**
୯୪୩୭୨୮୧୬୫୫ (ମୋ)

**ସହଯୋଗୀ ସମ୍ପାଦକ**
ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯ (ମୋ)

**ସହ ସମ୍ପାଦକ**
ତ୍ରିଲୋଚନ ମହାପାତ୍ର
ସତ୍ୟନାରାୟଣ ସାମନ୍ତରାୟ
ଡ. ଅଜୟ କୁମାର ସ୍ୱାଇଁ
ଭବାନୀ ଶଙ୍କର ଦାଶ

**ସଂଯୋଜକ**
ଆଶିଷ କୁମାର ରାୟ

**ଆଞ୍ଚଳିକ ସଂଯୋଜକ**
**ଡ. ପ୍ରେମଚନ୍ଦ ମହାନ୍ତି, ସମ୍ବଲପୁର**
ବିଦ୍ୟାଧର ଖଟୁଆ, **ବାଙ୍କୀ, କଟକ**
ବିଭୁପ୍ରସାଦ ହରିଚନ୍ଦନ, **ଖୋରଧା**

**ପରିଚାଳନା ସଂଯୋଜକ**
ସର୍ବେଶ୍ୱର ମହାପାତ୍ର
ସମରଜିତ୍ ପଟ୍ଟନାୟକ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ରାଜୀବ ରଥ
**ରାକେଶ ସାହୁ**


# ଆମରି ସତ୍ୟ

# AMARI SATYA

**ଭିନ୍ନସ୍ୱାଦର ମାସିକ ପତ୍ରିକା...**


**ଅଷ୍ଟମ ବର୍ଷ - ପ୍ରଥମ ସଂଖ୍ୟା - ଜୁଲାଇ ,୨୦୧୭**



**ଯୋଗାଯୋଗ:**

**'ଆମରିସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ଦୂରଭାଷ:୦୬୭୫୫-୨୨୦୯୮୦
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର ଅଫିସ -**
ଶ୍ରୀମତୀ ରୁନା ମହାପାତ୍ର
ପ୍ଲଟ ନ-୧୦୭୧/ପି
ଲେନ ନ-୪, ଶତାବ୍ଦୀ ନଗର
ଭୁବନେଶ୍ୱର-୩
ପିନ୍:୭୫୧୦୦୩, ଓଡ଼ିଶା
ଫୋନ୍ ନଂ:୯୪୩୭୪୧୪୩୨୦


**ଗ୍ରାହକମାନଙ୍କ ପାଇଁ ସୂଚନା**

୧. ପ୍ରତି ଖଣ୍ଡ ଦେୟ ଟ.୨୫/-
୨. ବାର୍ଷିକ ଦେୟ ଟ.୨୪୦/-
୩. ୨ବାର୍ଷିକ ଦେୟ ଟ.୪୫୦/-
୪. ୩ ବାର୍ଷିକ ଦେୟ ଟ.୬୫୦/-
୫. ଆଜୀବନ ସଦସ୍ୟ ଟ.୩୦୦୦/-


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପୂର୍ବତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ।
**ଡ. ନାରାୟଣ ରାଓ**
ପ୍ରାକ୍ତନ୍ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ।
ଡ. ଦିଲ୍ଲୀପ କୁମାର ଶ୍ରୀଚନ୍ଦନ
ସାହିତ୍ୟିକ ଓ ସାମାଜସେବୀ,ଭୁବନେଶ୍ୱର।
**ଡା. ଧନେଶ୍ୱର ସାହୁ**
ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଖୋରଧା।
**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା।
**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର।
**ଡ. ଗୌରୀ ଶଙ୍କର ପ୍ରହରାଜ**
ପୂର୍ବତନ ଅଧକ୍ଷ, ଭୁବନେଶ୍ୱର୍।
**ଡ. ସନ୍ତୋଷ କୁମାର ରଥ**
ସାହିତ୍ୟିକ, ବଲାଙ୍ଗିର
**ଡ.ଶରଚ୍ଚନ୍ଦ୍ର** ମହାପାତ୍ର
ପୂର୍ବତନ ଅଧକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ
**ଶ୍ରୀ ଜବାହାର ଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା
**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା


**ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଇଭିନିଂ ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬। IFSC-SBIN0012027, MICR-752002151**


**'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।**

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ୨୨ତମ ଏସିଆନ୍ ଆଥ୍ଲେଟିକ୍ ଚାମ୍ପିଅନ୍‌ସିପ୍ | | ୪ |
| ୨. | ସମ୍ପାଦକୀୟ | | ୫ |
| ୩. | ହିତ ବାଣୀ | | ୬ |
| ୪. | ବିଚିତ୍ରା | | ୭ |
| ୫. | କେତେକ ଔଷଧୀୟ ବୃକ୍ଷ... | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୯ |
| ୬. | ଜିଏସ୍‌ଟି ରାଷ୍ଟ୍ରୀୟ ଏକତାର ଭାବନାକୁ ଦୃଢ଼ତର କରିବ | | ୧୨ |
| ୭. | ଓଡ଼ିଶା, ଓଡ଼ିଆ ସାହିତ୍ୟ..... | ସଂତୋଷ କୁମାର ରଥ | ୧୩ |
| ୮. | ଧର୍ମ ଓ ଧାରଣା | ସତ୍ୟନାରାୟଣ ସାମନ୍ତରାୟ | ୧୫ |
| ୯. | ବିଫଳତା | ସମରଜିତ୍ ପଟ୍ଟନାୟକ | ୧୬ |
| ୧୦. | ଆଚମ୍ବିତ କଥା | ଶିବ ମିଶ୍ର | ୧୭ |
| ୧୧. | ଏ ଦେହ ଥିଲେ..... | ଡ. ରାଜକିଶୋର ପାଢ଼ୀ | ୧୮ |
| ୧୨. | ଜଙ୍ଗଲି | ସମରେନ୍ଦ୍ର ବଳିଆରସିଂହ | ୧୯ |
| ୧୩. | ନିଃଶ୍ୱାସକୁ ଏଠି ବିଶ୍ୱାସ ନାହିଁ | ଅଜୟ କୁମାର ସେଠୀ | ୨୦ |
| ୧୪. | ସକାଳ ବନ୍ଦନା-ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୨୧ |
| ୧୫. | ଶୁଭ ସକାଳ | ଗୋବିନ୍ଦଚନ୍ଦ୍ର ମହାରଣା | ୨୧ |
| ୧୬. | ସରଗ ଦୁଆରେ ଗଡ଼ିଦେ | ଶାନ୍ତନୁ କୁମାର ଷଡ଼ଙ୍ଗୀ | ୨୨ |
| ୧୭. | ପରମାତ୍ମା | ରୀତା ପାଢ଼ୀ | ୨୨ |
| ୧୮. | ଲାଳଗ୍ରନ୍ଥି | ଡା ଧନେଶ୍ୱର ସାହୁ | ୨୩ |
| ୧୯. | ନିର୍ଯ୍ୟାତିତା ମହିଳା ବିଜ୍ଞାନୀ... | ଡ. ରାମଚନ୍ଦ୍ର ଦେଓ | ୨୫ |
| ୨୦. | ମଧୁବାବୁଙ୍କ ମହନୀୟତା | ଜଗନ୍ନାଥ ମୁଦୁଲି | ୨୬ |
| ୨୧. | ଗୁରୁଶିଷ୍ୟ ପରମ୍ପରାର.... | ଗୋଲଖ ଚନ୍ଦ୍ର ଦାସ | ୨୭ |
| ୨୨. | କୃତଜ୍ଞତା ଓ କୃତଘ୍ନତା | ଇଂ ଯଜ୍ଞ ପ୍ରକାଶ ଦାସ | ୨୮ |
| ୨୩. | ସ୍ମୃତି – ଅନୁଭୂତି... | ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା | ୨୯ |
| ୨୪. | ଆସ ଲଗାଇବା ଗଛ | ଶମ୍ଭୁନାଥ ଦାସ | ୩୦ |
| ୨୫. | ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା | ଇଂ ସତ୍ୟବ୍ରତ ରଥ | ୩୧ |
| ୨୬. | ଅନ୍ତର୍ଦାହର ଅଭିବ୍ୟକ୍ତି | ରତ୍ନାକର ଦାସ | ୩୨ |
| ୨୭. | ଠାର ଭାଷା | ଡ଼ାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୩୩ |
| ୨୮. | ନିବେଦନ | ଉଷାରାଣୀ ଶତପଥି | ୩୪ |
| ୨୯. | ବର୍ତ୍ତମାନ ଓ ପାରମ୍ପରିକ... | ଚିନ୍ମୟୀ ମହାନ୍ତି | ୩୫ |
| ୩୦. | ଭଗବଦ୍‌ଗୀତା ଏକ ଯୁଦ୍ଧ... | ନାମଯଜ୍ଞ ମିଶ୍ର | ୩୬ |
| ୩୧. | ପାଞ୍ଚଟି ପଦରେ ଆମରିସତ୍ୟ | ଅନିଲ ଚନ୍ଦ୍ର ଦାଶ | ୩୮ |
| ୩୨. | ଫୁଲଗୁଣ୍ଡ | ମନୋଜ କୁମାର ମହାପାତ୍ର | ୩୯ |
| ୩୩. | ବ୍ୟାଡମିଣ୍ଟନ ତାରକା ଶ୍ରୀକାନ୍ତ | ଆଶିଷ କୁମାର ରାୟ | ୪୦ |
| ୩୪. | ସାଧାରଣ ଜ୍ଞାନ | | ୪୨-୫୦ |



# ୨୨ତମ ଏସିଆନ୍ ଆଥ୍ଲେଟିକ୍ ଚାମ୍ପିଅନ୍‌ସିପ୍




ରାଜଧାନୀରେ ଏକ କ୍ରୀଡ଼ା ପରିବେଶ ସୃଷ୍ଟି କରିଥିବା ୨୨ତମ ଏସିଆନ୍ ଆଥଲେଟିକ୍ସ ଚାମ୍ପିଅନ୍‌ସିପ୍‌କୁ କଳିଙ୍ଗ ଷ୍ଟାଡିୟମ୍‌ରେ ଏକ ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏସିଆନ୍ ଆଥଲେଟିକ୍ସ ଆସୋସିଏସନ୍ (ଏଏଏ)ର ସଭାପତି ଦହଲାନ୍ ଜୁମାନ୍ ଅଲ୍-ହମାଦ୍, ଭାରତୀୟ ଆଥଲେଟିକ୍ସ ମହାସଂଘ (ଏଏଫ୍ଆଇ)ର ସଭାପତି ଆଦିଲ୍ ସୁମାରିୱାଲାଙ୍କ ଉପସ୍ଥିତିରେ ଏହାର ଶୁଭାରମ୍ଭ ହୋଇଛି। ମାର୍ଚ୍ଚପାଷ୍ଟ୍‌ରେ ପ୍ରଥମେ ପ୍ରତିଯୋଗିତାର ମାସ୍କଟ୍ 'ଓଲି' ଚାଲିବା ପରେ ଏହାକୁ ଅନୁସରଣ କରିଥିଲେ ୪୩ଟି ଦେଶର ୬୫୫ ପ୍ରତିଯୋଗୀ। ପ୍ରଥମେ ୯ ସଦସ୍ୟ ବିଶିଷ୍ଟ ଆଫଗାନିସ୍ତାନ ମାର୍ଚ୍ଚପାଷ୍ଟ୍‌ରେ ରହିଥିବା ବେଳେ ସବୁଠାରୁ ଶେଷରେ ରହିଥିଲା ୫ ଜଣ ଓଡ଼ିଆ ଆଥଲେଟ୍‌ଙ୍କ ସମେତ ୯୫ ଜଣିଆ ଭାରତୀୟ ଦଳ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲିଉଡ୍ ଗାୟକ ଓ ସଙ୍ଗୀତକାର ଶଙ୍କର ମହାଦେବନ୍ 'ରଙ୍ଗବତୀ' ଗୀତ ସହ ଅନ୍ୟାନ୍ୟ ହିଟ୍ ନମ୍ବର ପରିବେଷଣ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଏହାଛଡ଼ା କଳିଙ୍ଗ ଯୁଦ୍ଧ ପୃଷ୍ଠଭୂମି ସମ୍ବଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରଙ୍ଗବେରଙ୍ଗ ଆତସବାଜି ଏହି ଉଦ୍‌ଘାଟନୀ ପର୍ବର ମୁଖ୍ୟ ଆକର୍ଷଣ ଥିଲା। ପ୍ରାୟ ୧୦ ହଜାର ଦର୍ଶକ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

ଜୁଲାଇ ୫ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଇଭେଂଟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ଭାଗ ନେବେ ପ୍ରାୟ ୪୫ ଟି ଦେଶରୁ ଆସିଥିବା ୬୫୫ ଖେଳାଳୀ।

# ସମ୍ପାଦକୀୟ....






ମନୁସ୍ମୃତିରେ କୁହାଯାଇଛି,

ଯଥାଲ୍ପାଲ୍ପମଦନ୍ତ୍ୟାଦ୍ୟଂ ବାର୍ଯ୍ୟୋକୋବତ୍ସଷଟ୍‌ପଦାଃ ।
ତଥାଲ୍ପାଲ୍ପୋ ଗ୍ରହୀତବ୍ୟୋ ରାଷ୍ଟ୍ରାଦ୍ରାଜ୍ଞାବ୍‌ଦକଃ କରଃ ।

ଅର୍ଥାତ୍, ଯୋକ ରକ୍ତପାନ, ବାଛୁରୀ ଦୁଗ୍ଧପାନ ଓ ଭ୍ରମର ମଧୁପାନ ଅଳ୍ପଅଳ୍ପ କଲାପରି ଶାସକ ପ୍ରଜାମାନଙ୍କଠାରୁ ଅଳ୍ପଅଳ୍ପ ବାର୍ଷିକ କର ଗ୍ରହଣ କରିବ। ସେହିପରି, ଅର୍ଥଶାସ୍ତ୍ର ପ୍ରଣେତା ଚାଣକ୍ୟ ସେହି ଏକା କଥା ଦୋହରାଇ କହିଛନ୍ତି, କରବସାଣ ପ୍ରଜାଙ୍କ ପାଇଁ ଯେପରି କଷ୍ଟପ୍ରଦ ନହୁଏ, ଶାସକ ସେଥିପ୍ରତି ଯଥେଷ୍ଟ ସମ୍ବେଦନଶୀଳ ଓ ସତର୍କ ରହିବା ଉଚିତ୍, ଯେପରି ମହୁମାଛି ଫୁଲରୁ ଏକାବେଳକେ ସବୁ ମହୁ ନଶୋଷି ଆବଶ୍ୟକ ଅନୁସାରେ ସଂଗ୍ରହକରେ ଓ ଅବଶିଷ୍ଟ ଫୁଲ ପାଇଁ ଛାଡ଼ିଦିଏ। ଏଥିରେ ଉଭୟେ ବଞ୍ଚିବାର ରାହା ଥାଏ। ଅତଏବ, ଉତ୍ତମ ଶାସକ ପ୍ରଜାମାନଙ୍କଠାରୁ ସରଳ ଭାବରେ କର ଆଦାୟ କରିବାକୁ ମହର୍ଷି ମନୁ ଓ ଅର୍ଥଶାସ୍ତ୍ରୀ ଚାଣକ୍ୟ ସୂଚାଇ ଦେଇଛନ୍ତି। ଏହିକ୍ରମରେ କରବସାଣ ହେଉଛି ଶାସକର କର୍ତ୍ତବ୍ୟ ଓ ସମୟ ଅନୁସାରେ ସେଥିରେ ପରିବର୍ତ୍ତନ କରିବା କିମ୍ବା ନୂତନ କର ବସେଇବା ଶାସକର ଦୂରଦୃଷ୍ଟି ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ।

ଏହି ପରିପ୍ରେକ୍ଷୀରେ ଏଇ ଲାଗୁ ହୋଇଥିବା ଦ୍ରବ୍ୟ ଓ ସେବା କର ଉପରେ ବିଚାର କରାଯାଇପାରେ। ଏହାକୁ ନେଇ ଦୀର୍ଘ ୧୭ବର୍ଷର ଯାତ୍ରା ଓ ଅନେକ ବାଦବିବାଦ ତଥା ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ସ୍ୱାଧୀନତାର ୭୦ବର୍ଷ ଧରି ଚାଲିଥିବା କର ବ୍ୟବସ୍ଥାରେ ଯୁଗାନ୍ତକାରୀ ସ୍ଥିତାବସ୍ଥା ସମ୍ଭବ ହୋଇଛି। ଯାହାକୁ ଟିକସ ବ୍ୟବସ୍ଥାର ଏକ ବୃହତ୍ତର ସଂସ୍କାର ବୋଲି ଅଭିହିତ କରାଯାଇପାରେ। ଜୁନ୍ ୩୦ ତାରିଖ ରାତି ବାରଟାରେ ଭରା ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଏହି ଦ୍ରବ୍ୟ ଓ ସେବା କର ବ୍ୟବସ୍ଥା ଉଦ୍‌ଘୋଷଣା, ଭାରତକୁ ଏକ ଦେଶ, ଏକ କର ଓ ଏକ ବଜାରରେ ପରିଣତ କରିଛି। ଏହି ନୂଆ ବ୍ୟବସ୍ଥାରେ ଟିକସକୁ ନେଇ ରାଜ୍ୟ-ରାଜ୍ୟ ଓ କେନ୍ଦ୍ର-ରାଜ୍ୟ ମଧ୍ୟରେ ଆଉ ତାରତମ୍ୟ ରହିବ ନାହିଁ କି ଟିକସ ଉପରେ ଆହୁରି ଟିକସ ବ୍ୟବସ୍ଥା ରହିବ ନାହିଁ। ଏଥିରେ ପ୍ରତ୍ୟେକ ପଦାର୍ଥକୁ କେତୋଟି ବର୍ଗରେ ପରିଣତ କରାଯାଇଛି ଏବଂ ସେହି ବର୍ଗ ଉପରେ ନିର୍ଦ୍ଦିଷ୍ଟ ଟିକସ ଧାର୍ଯ୍ୟ କରାଯାଇଛି। ଫଳରେ ଯେଉଁ ବର୍ଗର ସାମଗ୍ରୀ ବା ସେବା ଉପରେ ଯେତିକି ଟିକସ ଧାର୍ଯ୍ୟ ହୋଇଛି, ସେତିକି ମାତ୍ର ଦେବାକୁ ପଡ଼ିବ। ଉତ୍ପାଦନକାରୀ, ବ୍ୟବସାୟୀ ଓ ଖାଉଟିଙ୍କ ଭିତରେ ଥିବା ଛକାପଞ୍ଝା ଏହା ଦ୍ୱାରା ଦୂର ହେବ ଓ ଏଥିରେ ସମସ୍ତେ ଉପକୃତ ହେବେ। ଭାରତ ଭଳି ଏକ ଦ୍ରୁତ ବିକାଶଶୀଳ ଦେଶ ପାଇଁ ଏହା ନିହାତି ଉପଯୋଗୀ ସାବ୍ୟସ୍ତ ହେବ।

ବିମୁଦ୍ରାକରଣ ପରେ ମୋଦି ସରକାରଙ୍କର ଏହା ଅନ୍ୟ ଏକ ବଡ଼ ଧରଣର ଅର୍ଥନୈତିକ ସଂସ୍କାର ବୋଲି ବିଚାରିବାକୁ ପଡ଼ିବ। ତେବେ ଏହା ଯେ ଏକାନ୍ତ ଓ ବିଶ୍ୱସ୍ତ ଏହା ବି କହି ହେବନି। କାରଣ କୌଣସି ପୁରୁଣା ବ୍ୟବସ୍ଥା ବଦଳି ନୂଆ ବ୍ୟବସ୍ଥା ଆପଣେଇଲାବେଳେ ମନରେ ଅନେକ ସନ୍ଦେହ ଆସେ। ଏହା କେତେଦୂର ଲୋକଙ୍କ ଆସ୍ଥାଭାଜନ ହୋଇପାରିବ, ଲୋକେ କେତେ ଉପକୃତ ହେବେ ସେଭଳି ସନ୍ଦେହ ଆସିବା ସ୍ୱାଭାବିକ। କାରଣ ଏହି ବ୍ୟବସ୍ଥା ଫଳରେ କେତେକ ପଦାର୍ଥର ଦର କମ୍ ହେଉଥିବାବେଳେ ଅନ୍ୟ କେତେକ ପଦାର୍ଥର ଦରରେ ବୃଦ୍ଧି ଘଟିବ। କିନ୍ତୁ ମୋଟାମୋଟି ଭାବରେ ଏହା ଜାତୀୟ ଅର୍ଥନୀତି ଓ ଦେଶ ପାଇଁ ଲାଭପ୍ରଦ ହେବ ବୋଲି ଅର୍ଥଶାସ୍ତ୍ର ବିଶାରଦମାନେ ମତ ଦେଇଛନ୍ତି। ଭାରତ ହେଉଛି ମଧ୍ୟବିତ୍ତଙ୍କ ଚାହିଦାଭିତ୍ତିକ ବଜାର। ଏହି ବ୍ୟବସ୍ଥା ଫଳରେ ଚାହିଦା ବଢ଼ିବାର ଆଶା ସରକାର କରିଛନ୍ତି। ଚାହିଦା ବଢ଼ିଲେ ଉତ୍ପାଦନ ବଢ଼ିବ ଓ ସେହି ଅନୁରୂପେ ଅଧିକ ଟିକସ ମିଳିବ। ତେବେ ସବୁ ନିର୍ଭର କରୁଛି ଜନସାଧାରଣଙ୍କର କ୍ରୟଶକ୍ତି ଉପରେ। କ୍ରୟଶକ୍ତି ସହ ଟିକସ ବ୍ୟବସ୍ଥା ଅଙ୍ଗାଙ୍ଗୀଭାବେ ଜଡ଼ିତ। ଏକ ସ୍ଥିର କ୍ରୟଶକ୍ତି ସଂପନ୍ନ ସମାଜ ଓ ସ୍ଥିର ଟିକସ ବ୍ୟବସ୍ଥା ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଯେ ଦରକାର ଏଥିରେ କାହାରି ଦ୍ୱିମତ ରହିବନାହିଁ।



**ଡ. ପ୍ରସନ୍ନ କୁମାର ଜେନା**



# ଚାଣକ୍ୟ ନୀତି

**ଧର୍ମାର୍ଥ କାମ ମୋକ୍ଷାଣାଂ ଯ ସ୍ୟୈ କୋଃପି ନବିଦ୍ୟତେ**
**ଅଜାଗଳ ସ୍ତନସ୍ୟୈବ ତସ୍ୟ ଜନ୍ମ ନିରର୍ଥକମ୍ ।**

ଧର୍ମ,ଅର୍ଥ,କାମ,ମୋକ୍ଷ - ଏହି ଚାରିଗୋଟି ଚତୁର୍ବର୍ଗ । ଯେଉଁ ବ୍ୟକ୍ତିର ଏଥିରୁ ଯାହାର ଗୋଟିଏ ନଥାଏ, ତାର ଜନ୍ମ ନିରର୍ଥକ ଯାହା ଛେଳିର ଗଳସ୍ତନ ସଦୃଶ ଯାହା ଛେଳିର କୌଣସି କାମରେ ଆସି ନଥାଏ ।



# ଗୀତା

**ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ସ୍ତଥୈବ ଭଜ୍ୟାମ୍ୟହମ୍**
**ମମ ବର୍ତ୍ତାନୁ ବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ**
**(ଗୀତା-୪/୧୧)**

ହେ, ପାର୍ଥ ଯେଉଁମାନେ ଆମ୍ଭକୁ ଯେଉଁ ଭାବରେ ଉପାସନା କରନ୍ତି,ଆମ୍ଭେ ତାଙ୍କୁ ସେହି ଭାବରେ ଅନୁଗ୍ରହ କରିଥାଉ । କାରଣ ମନୁଷ୍ୟମାନେ ଯେ କୌଣସି ପଥ ଅନୁସରଣ କରନ୍ତୁ, ଆମ୍ଭ ମାର୍ଗକୁ ହିଁ ଅନୁସରଣ କରନ୍ତି ।

# ହିତୋପଦେଶ

**ମାତା ଶତ୍ରୁ ପିତା ବେରୀ ଯେନ ବାଳୋ ନ ପାଠିତଃ**
**ନ ଶୋଭତେ ସଭାମଧ୍ୟେ ହଂସମଧ୍ୟେ ବକୋ ଯଥା ।।**

ପିଲାଙ୍କୁ ପାଠ ପଢାଉ ନଥିବା ମାତା ଏବଂ ପିତା ତା'ର ଶତ୍ରୁ ଅଟନ୍ତି । ହଂସମାନଙ୍କ ମଧ୍ୟରେ ବଗ ଭଳି ସେହି ପୁତ୍ର ସଭାରେ ଶୋଭା ପାଏ ନାହିଁ ।

# ଆତ୍ମ ଚିନ୍ତନ

ଯେତିକି ପାରିବା ସେତିକି ଭଲ କର୍ମ କରିବା
ଯେଉଁ ଉପାୟରେ ହେଉ ଲୋକଙ୍କର ଉପକାର କରିବା ।

# ଢଗଢମାଳୀ

ଅଫୁଲା ବାଉଁଶ
ଫୁଲୁ କାହିଁକି
ଆଉ ଫୁଲିବାକୁ
ଦିନ କାହିଁକି -

# ଖନା ବଚନ / ଦନେଇ ବଚନ

ସାନ ଚତ୍ରୁ, ବଡ଼ମାଛ,
ବୁଢ଼ା କଖାରୁ, କଅଁଳ ବାଛ ( ଶାଗ)
ପାକଳ ଆମ୍ବ, ପାତଳ ଚୁଡ଼ା
ମୋଟା ଆଖୁ, ପାଗୀ ଉଖୁଡ଼ା
ନାଳୀ ପଇଡ଼, ତାଳର ଗଜା
କଷି ବାଇଗଣ, ମଟକା ଭଜା
କହେ ଦନାଇ ଏ ଖାଇବା ମଜା ।
ooooooooooo

ଛତୁଫୁଟା କାଠ ନିଶଉଠା ପାଠ
ମଝିଚିରା ମାଠ(ଚଦର)
କେଉଁ କାମକୁ ପାଏ ।
ooooooooooooo

# ବିଚିତ୍ରା

## ମୋତେ ଫୁଲତୋଡ଼ା ନୁହେଁ ପୁସ୍ତକ ଦିଅ



ପ୍ରଧାନମନ୍ତ୍ରୀ ତାଙ୍କ ମନରେ ଥିବା ପୁସ୍ତକ ପାଇଁ ପ୍ରେମ ଓ ଆଗ୍ରହ ପ୍ରକାଶ କରିଛନ୍ତି। ଲୋକମାନଙ୍କୁ ପୁସ୍ତକ ପଢ଼ିବା ପାଇଁ ପ୍ରବର୍ତ୍ତାଇବା ହେତୁ ଆଗ୍ରହ ସୃଷ୍ଟି କରିବା ନିମନ୍ତେ ସେ ଏକ ନୂଆ ସ୍ଲୋଗାନ ଦେଇଛନ୍ତି। ମୋତେ ଫୁଲତୋଡ଼ା ନୁହେଁ, ପୁସ୍ତକ ଦିଅ। ଶତ ପ୍ରତିଶତ ଶିକ୍ଷିତ ରାଜ୍ୟ କେରଳରେ ପଢ଼ିବା ମାସ ଉତ୍ସବ ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ସେ କହିଛନ୍ତି ତାଙ୍କ ମନରେ ପୁସ୍ତକ ପଢ଼ିବା ପାଇଁ ଅପର୍ଯ୍ୟାପ୍ତ ଆଗ୍ରହ ଅଛି। ଲାଇବ୍ରେରୀଗୁଡ଼ିକ ସମାଜଗଠନରେ ପରୋକ୍ଷରେ ପ୍ରମୁଖ ଭୂମିକା ନିର୍ବାହ କରିଥାନ୍ତି। କିନ୍ତୁ ଏହା କାହାରିକ ଜଣାପଡ଼େନାହିଁ।

## କଳାହାଣ୍ଡିର ଯୁବକଙ୍କ ପଞ୍ଚ ରେକର୍ଡ

୧ ମିନିଟରେ ୩୯୩ଟି ପଞ୍ଚ ମାରି ଗିନିଜ ବୁକ ଅଫ ରେକର୍ଡ କରିଛନ୍ତି କଳାହାଣ୍ଡିର ଯୁବକ ସତ୍ୟପୀର ପ୍ରଧାନ । ପୂର୍ବରୁ ରେକର୍ଡ ହାସଲ କରିଥିବା ପାକିସ୍ତାନର ମାର୍ଶଲ ଆର୍ଟ ପ୍ରଶିକ୍ଷକ ମହମ୍ମଦ ରଫିକଙ୍କ ରେକର୍ଡ ଭାଙ୍ଗିଛନ୍ତି ଶ୍ରୀ ପ୍ରଧାନ।

## ୧୨୦୦ ପୁରୁଣା ଆଇନ ଉଠାଇ ନିଆଗଲାଣି

ଆମ ଦେଶରେ ଆଇନର ବହୁଳତା ଓ ସେଗୁଡ଼ିକର ନିଷ୍କ୍ରିୟତା ଏବଂ ଅପପ୍ରୟୋଗର ଚର୍ଚ୍ଚା ପୁରୁଣା। ଏବେ ବି ବହୁ ଅଦରକାରୀ ଆଇନ ଭାରତୀୟଙ୍କ ଉପରେ ଅଯଥାରେ ଲଦି ହୋଇରହିଛି। ବର୍ତ୍ତମାନର କେନ୍ଦ୍ର ସରକାର ଏଗୁଡ଼ିକୁ ଧୀରେଧୀରେ ହଟାଯିବ ବୋଲି କହୁଛନ୍ତି। ଏଥି ଅନ୍ତର୍ଗତ ୧୨୦୦ରୁ ଅଧିକ ଅଦରକାରୀ ଆଇନକୁ କେନ୍ଦ୍ର ସରକାର ଉଚ୍ଛେଦ କରିଛନ୍ତି। ଆହୁରି ୧୮୨୪ଟି ଏଭଳି ଅଦରକାରୀ ଆଇନ ଚିହ୍ନଟ କରାଯାଇଛି ।

## ରାଜ୍ୟରେ ଖୋଲିବ ଆଉ ୩ ଟି ପାସପୋର୍ଟ କାର୍ଯ୍ୟାଳୟ

ବାଲେଶ୍ୱର, ବ୍ରହ୍ମପୁର ଓ ଭବାନୀପାଟଣାରେ ତିନୋଟି ପୋଷ୍ଟ ଅଫିସ ପାସପୋର୍ଟ ସେବା କେନ୍ଦ୍ର ଖୋଲିବ। ଆଗାମୀ ପର୍ଯ୍ୟାୟରେ ବାଲେଶ୍ୱର, ବ୍ରହ୍ମପୁର (ଗଂଜାମ) ଓ ଭବାନୀପାଟଣା (କଳାହାଣ୍ଡି)ଠାରେ ପୋଷ୍ଟ ଅଫିସ ପାସପୋର୍ଟ ସେବା କେନ୍ଦ୍ର ଖୋଲିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।




## ଯୋଗ ପାଇଁ ପୁରସ୍କାର ଘୋଷଣା: ପ୍ରଥମ ପୁରସ୍କାର ପାଇଲା ରମାମଣୀ ଆୟଙ୍ଗାର ସ୍ମାରକୀ ଯୋଗ ପ୍ରତିଷ୍ଠାନ, ପୁଣେ

ଚଳିତ ୨୦୧୭ ବର୍ଷରୁ ପ୍ରଥମ କରି ପ୍ରଧାନମନ୍ତ୍ରୀ ପୁରସ୍କାର ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି ମହାରାଷ୍ଟ୍ର, ପୁଣେର ରମାମଣୀ ଆୟଙ୍ଗାର ସ୍ମାରକୀ ଯୋଗ ପ୍ରତିଷ୍ଠାନ । ରମାମଣୀ ଆୟଙ୍ଗାର ସ୍ମାରକୀ ଯୋଗ ପ୍ରତିଷ୍ଠାନ, ପୁଣେ ଶ୍ରେଷ୍ଠ ବିବେଚିତ ହୋଇଛି । ମୂଲ୍ୟାୟନ କମିଟିର ସୁପାରିଶ ଆଧାରରେ କେନ୍ଦ୍ର ସରକାର ଚଳିତ ବର୍ଷ ପାଇଁ ରମାମଣୀ ଆୟଙ୍ଗାର ପ୍ରତିଷ୍ଠାନକୁ ପ୍ରଧାନମନ୍ତ୍ରୀ ପୁରସ୍କାର ପ୍ରଦାନ କରିଛନ୍ତି ।

## ସରକାରୀ ଚାକିରୀରେ ସଂରକ୍ଷଣ ପାଇବେ ଏସିଡ୍‌ମାଡ ପୀଡିତ

କେନ୍ଦ୍ର ସରକାର ଏସିଡ ମାଡର ଶିକାର ହୋଇଥିବା ପୀଡିତ ଓ ପୀଡିତାମାନଙ୍କ ପାଇଁ ସରକାରୀ ଚାକିରିରେ ସଂରକ୍ଷଣ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ସେମାନଙ୍କ ପାଇଁ ପଦୋନ୍ନତି କ୍ଷେତ୍ରରେ କୋଟା ରହିବ । ସରକାରୀ ଚାକିରୀ ଆବେଦନ ପାଇଁ ବୟସ ଅବଧିରେମଧ କୋହଳ କରାଯିବ । ଏଥିନେଇ ଡ୍ରାଫ୍ଟ ପଲିସି ବା ଚିଠା ବିଲ ପ୍ରସ୍ତୁତ କରିଛି କେନ୍ଦ୍ର କାର୍ମିକ ବିଭାଗ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି । ଏସିଡ୍ ମାଡର ପୀଡିତମାନଙ୍କୁ ଭିନ୍ନକ୍ଷମ ଭାବେ ପରିଗଣିତ କରାଯାଇ ଏହି ସଂରକ୍ଷଣସୁବିଧା ଦିଆଯିବ ।

## ସୂର୍ଯ୍ୟସ୍ନାନ ତ୍ରିପାଠୀ ଓ ଶୁଭେନ୍ଦ୍ରମୋହନ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର

କେନ୍ଦ୍ର ସାହିତ୍ୟ ଏକାଡେମୀ କମିଟି ପକ୍ଷରୁ ୨ ଟି ବିଭାଗରେ ପୁରସ୍କାର ଘୋଷଣା କରାଯାଇଛି । ବିଶିଷ୍ଟ ସାହିତ୍ୟିକ ସୂର୍ଯ୍ୟସ୍ନାନ ତ୍ରିପାଠୀ ୨୦୧୭ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। 'ଏ ସମ୍ପର୍କ ଏମିତି' ବହି ପାଇଁ ଶ୍ରୀ ତ୍ରିପାଠୀ ଏହି ପୁରସ୍କାର ପାଇବେ । ସେହିପରି ଶିଶୁ ସାହିତ୍ୟରେ ନିଜର ଅବଦାନ ପାଇଁ ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂହ ବାଲ୍ ପୁରସ୍କାର ୨୦୧୭ ପାଇବେ ।

## ୬୦% ଇଞ୍ଜିନିୟରିଂ ଗ୍ରାଜୁଏଟ ବେକାର

ଦେଶର ବିଭିନ୍ନ ବୈଷୟିକ ଅନୁଷ୍ଠାନରୁ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ କରୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୦% ବେକାର ରହୁଥିବା ଜଣାଯାଇଛି। ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ ରିପୋର୍ଟ ଅନୁଯାୟୀ ଦେଶରେ ବୈଷୟିକ ଅନୁଷ୍ଠାନରୁ ପ୍ରତିବର୍ଷ ୮ଲକ୍ଷ ଛାତ୍ରଛାତ୍ରୀ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରୁଛନ୍ତି। ଏମାନଙ୍କ ମଧ୍ୟରୁ ମାତ୍ର ୧୫% ଛାତ୍ରଛାତ୍ରୀ ନ୍ୟାସନାଲ ବୋର୍ଡ ଅଫ ଆକ୍ରିଡିସନ (ଏନବିଏ) ଅନୁମୋଦିତ ୩୨୦୦ ଅନୁଷ୍ଠାନରେ

ଇର୍ଣ୍ଣର୍ଷିପ୍ କରୁଛନ୍ତି। ଏହାର କାରଣ ହେଉଛି ଦେଶର ବୈଷୟିକ ଶିକ୍ଷାନୁଷ୍ଠାନର ମାନଦଣ୍ଡରେ ତାରତମ୍ୟ। ଏହି ତାରତମ୍ୟକୁ ଦୂର କରିବା ପାଇଁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ବୈଷୟିକ ଶିକ୍ଷାରେ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛି। ଏହି ଅନୁଯାୟୀ ବୈଷୟିକ ଶିକ୍ଷାନୁଷ୍ଠାନରେ ପାଠ ପଢ଼ିବା ପାଇଁ ଦେଶବ୍ୟାପୀ ଏକକ ପ୍ରବେଶିକା ପରୀକ୍ଷା କରାଯିବ। ୨୦୧୮ ଜାନୁଆରୀରୁ ବୈଷୟିକ ଅନୁଷ୍ଠାନରେ ନାମ ଲେଖା ପାଇଁ ଜାତୀୟ ପ୍ରବେଶିକା ପରୀକ୍ଷା (ଏନଇଇଟିଆଇ) ନାମରେ ଏକକ ପରୀକ୍ଷା କରାଯିବ। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ବୈଷୟିକ ଅନୁଷ୍ଠାନରେ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହେବେ। ମେଡିକାଲ ପାଠ୍ୟକ୍ରମରେ ନାମ ଲେଖା ପାଇଁ ହେଉଥିବା ଏନଇଇଟିକୁ ମଧ୍ୟ ଏନଟିଏସ୍ ପରିଚାଳନା କରିବ। ଏନଟିଏସ୍ ବର୍ଷକୁ ଦୁଇଥର ଏହିସବୁ ପରୀକ୍ଷା ପରିଚାଳନା କରିବ। ୨୦୨୨ ସୁଦ୍ଧା ବୈଷୟିକ ଅନୁଷ୍ଠାନର ୫୦% କାର୍ଯ୍ୟକ୍ରମ ଏନବିଏ ଦ୍ୱାରା ଅନୁମୋଦିତ ହୋଇଥିବ।

## ପୁଣି ଟାଟା ହାତକୁ ଯିବ ଏୟାରଇଣ୍ଡିଆ !

ଭାରତରେ ଇଂରେଜମାନଙ୍କ ସମୟରୁ ପ୍ରଥମେ ବେସାମରିକ ବିଭିନ୍ନ ପରିବହନ କମ୍ପାନୀ ଟାଟା ହିଁ ଆରମ୍ଭ କରିଥିଲା। ଏବେ ପୁଣି ଥରେ ଟାଟା ଏହି ବ୍ୟବସାୟକୁ ଆପଣାଇବାକୁ ଯାଉଛି । ପୂର୍ବରୁ ଟାଟା ଇଣ୍ଡିଗୋ ଏୟାରଲାଇନ୍ସ ଓ ଏୟାର ଏସିଆ ମାଧ୍ୟମରେ ବ୍ୟବସାୟ କରିଛି । ଯଦି ଟାଟା ଏୟାରଇଣ୍ଡିଆକୁ କିଣି ନିଏ ତେବେ ଇତିହାସ ଦୋହରାଇବ । ଅର୍ଥାତ ସମଗ୍ର ଭାରତ ବର୍ଷରେ ଏହି ବ୍ୟବସାୟ କ୍ଷେତ୍ରରେ ଟାଟା ଏକ ପ୍ରକାର ଦବଦବା ଜାହିର କରିବ । ୧୯୩୨ ମସିହାରେ ଜେଆରଡି ଟାଟାଙ୍କ ଦ୍ୱାରା ପ୍ରତିଷ୍ଠା ଟାଟା ସନ୍ସ ପ୍ରତିଷ୍ଠା କରିଥିଲା ଟାଟା ଏୟାରଲାଇନ୍ସ । ୧୯୪୬ରେ ଟାଟା ଏୟାରଲାଇନ୍ସ ଏୟାରଇଣ୍ଡିଆରେ ପରିଣତ ହୋଇଥିଲା । ୧୯୫୩ରେ ଏହାକୁ ରାଷ୍ଟ୍ରାୟତ୍ତ କମ୍ପାନୀ ଭାବେ ଘୋଷଣା କରାଯାଇଥିଲା । ଏବେ ପୁଣି ଥରେ ଏହି କମ୍ପାନୀ ଟାଟା ହାତକୁ ଯିବ । ଅର୍ଥାତ ଘୂରି ଘାରି *୬୬* ବର୍ଷ ପରେ ପୁଣି ଥରେ ଟାଟା ଏହି କମ୍ପାନୀର ମାଲିକାନାସତ୍ତ୍ୱ ସମ୍ଭାଳିବ ।

## ନ୍ୟାଟ ଗ୍ରିଡ ନିକଟରେ ପ୍ୟାନ୍ ଓ ଟିକସଦାତାଙ୍କ ତଥ୍ୟ


କେନ୍ଦ୍ର ସରକାର ଆତଙ୍କବାଦ ବିରୁଦ୍ଧରେ ଯେଉଁ ଲଢ଼େଇ ଆରମ୍ଭ କରିଛନ୍ତି ସେଥିରେ ନ୍ୟାଟଗ୍ରିଡ୍ ସାମିଲ ହୋଇଛି। ସବୁ ଲୋକଙ୍କର ପ୍ୟାନ୍, ଆଧାର ଓ ଟିକସ ସମ୍ପର୍କିତ ତଥ୍ୟ ନ୍ୟାଟଗ୍ରିଡ୍‌କୁ ଉପଲବ୍ଧ କରାଯିବ। ହାୱାଲା ମାଧ୍ୟମରେ ଅର୍ଥ କାରବାର ହେଉଥିବାରୁ ଏହାକୁ ରୋକିବା ପାଇଁ ପ୍ୟାନ୍ ସହ ଆଧାର ସଂଶ୍ଲିଷ୍ଟ କରାଯାଇଛି। ତେବେ କିଛି ଲୋକଙ୍କର କୌଣସି ରୋଜଗାର ନଥିବାବେଳେ ସେମାନେ ମଧ୍ୟ ପ୍ରଚୁର ଟଙ୍କା କାରବାର କରୁଛନ୍ତି। ଏହି ଟଙ୍କା ଦେଶ ବିରୋଧୀ ତତ୍ତ୍ୱ ବିରୋଧୀ କାର୍ଯ୍ୟରେ ଲାଗୁ ଥିବା ସନ୍ଦେହ କରାଯାଉଛି।

## ସରକାରୀ ଯୋଜନା ପାଇଁ ଆଧାର କାର୍ଡ ବାଧ୍ୟତାମୂଳକ

ସେପ୍ଟେମ୍ବର ୩୦ ପରେ ସମସ୍ତ ସରକାରୀ ଯୋଜନା ଓ ସୁବିଧା ସୁଯୋଗ ହାସଲ କରିବା ନିମନ୍ତେ ହିତାଧିକାରୀଙ୍କ ପାଇଁ ଆଧାର କାର୍ଡ ବାଧ୍ୟତାମୂଳକ ହେବ । କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା କୌଣସି ସାମାଜିକ କଲ୍ୟାଣ ଯୋଜନାର ସୁବିଧା ପାଇବାକୁ ହେଲେ ଆଧାର ଜରୁରୀ। ଯେଉଁମାନଙ୍କ ଆଧାର ନଥିବ ଜୁନ୍ ୩୦ ପରେ ସେମାନଙ୍କୁ ଏଭଳି ଯୋଜନାର ଫାଇଦା ମିଳିବ ନାହିଁ ବୋଲି ପୂର୍ବରୁ କୁହାଯାଇଥିଲା। ତେବେ କେନ୍ଦ୍ର ସରକାର ଏହି ଅବଧି ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

## ଜୁଲାଇ ପହିଲାରୁ ଆଧାର ସହ ପ୍ୟାନ୍ ବାଧ୍ୟତାମୂଳକ

ଆସନ୍ତା ପହିଲାରୁ ଯେଉଁମାନଙ୍କର ପ୍ୟାନ୍ କାର୍ଡ ଅଛି ବା ଆଗକୁ ପ୍ୟାନ୍ କାର୍ଡ କରିବେ ସେମାନଙ୍କ ପାଇଁ ଆଧାର ଲିଙ୍କ୍ କରିବା ବାଧ୍ୟତାମୂଳକ। ଏଥିନେଇ ଅର୍ଥମନ୍ତ୍ରାଳୟ ପକ୍ଷରୁ ଆଜି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ମୁତାବକ ଯେଉଁମାନଙ୍କର ପୂର୍ବରୁ ପ୍ୟାନ୍ କାର୍ଡ ଅଛି ସେମାନେ ନିଜକୁନିଜ ଅନ୍‌ଲାଇନ୍‌ରେ ଆୟକର ବିଭାଗର ୱେବସାଇଟ୍ ଖୋଲି ଆଧାର ଲିଙ୍କ୍ କରିବା ପାଇଁ କୁହାଯାଇଛି। ଦେଶରେ ପ୍ରାୟ ୨୫ କୋଟିରୁ ଅଧିକ ପ୍ୟାନ୍ କାର୍ଡଧାରୀ ଅଛନ୍ତି। ସେହିପରି ୧୧୧ କୋଟିରୁ ଅଧିକ ଲୋକ ଆଧାର ପାଇସାରିଛନ୍ତି। ତେବେ ଏଯର୍ପ୍ୟନ୍ତ ମାତ୍ର ୨ କୋଟି ପ୍ୟାନ୍ କାର୍ଡଧାରୀ ପ୍ୟାନ୍ ସହ ଆଧାର ଲିଙ୍କ୍ କରିଛନ୍ତି। ଅନ୍ୟମାନେ ଆଧାର ଲିଙ୍କ୍ କରିନାହାଁନ୍ତି। ସରକାର ସନ୍ଦେହ କରୁଛନ୍ତି ଯେ, ଜଣେ ବ୍ୟକ୍ତି ଏକାଧିକ ପ୍ୟାନ୍ କାର୍ଡ ବ୍ୟବହାର କରୁଛନ୍ତି। ତେଣୁ ଆୟକର ଫାଙ୍କିବା ପାଇଁ ଚାଲିଥିବା ଏଭଳି କାରବାରକୁ ରୋକିବା ନିମନ୍ତେ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି।



ବିଜ୍ଞାନ ବିଚିତ୍ରା

# କେତେକ ଔଷଧୀୟ ବୃକ୍ଷ ଏବଂ ତାର ବ୍ୟବହାର



ଡକ୍ଟର ପ୍ରେମଚାନ୍ଦ ମହାନ୍ତି




**ଅଶ୍ୱଗନ୍ଧା** (Withania Somnifera) ଏହା ସୋଲାନେସି ପରିବାର ଅନ୍ତର୍ଭୁକ୍ତ ଯାହାକୁ ସଂସ୍କୃତରେ ଭାଗିଗନ୍ଧା, ବରାହକର୍ଣ୍ଣି, କାମପ୍ରିୟାଙ୍କରି ବା ଗନ୍ଧପାଠୀ କହନ୍ତି। ଏହା ଏକ ବହୁବର୍ଷ ଗଛ ଯାହାର ଉଚ୍ଚତା ୧.୫ ମିଟର ତଥା ଏହାର ଛତ୍ର ୧ ମିଟର ପରିଧିର ହୋଇଥାଏ। ଏହାର କାଣ୍ଡ ସବୁଜ ଓ ସିଧା ଏବଂ ପତ୍ର ଅଣ୍ଡାକାର,ସବୁଜ ତଥା ଏକାନ୍ତର ଅଟେ। ଫୁଲ ଗୁଡିକ ଛୋଟ, ଇଷତ ସବୁଜ ଓ ଧଳା ମିଶ୍ରିତ, ଧଳା ଫଳିକାଶୀର୍ଷ ଯୁକ୍ତ ଏବଂ ଅବୃନ୍ତ ଭାବେ କାଣ୍ଡରେ ଲାଗି ରହିଥାଏ। ଫଳ ଗୁଡିକ ଲାଲ ରଙ୍ଗର ଯାହା ଏକ ପତଳା ଆସ୍ତରଣ ମଧ୍ୟରେ ରହିଥାଏ। ମଞ୍ଜିର ଆକାର ୧-୨ ମିମି ମଧ୍ୟରେ ହୋଇଥାଏ ଯାହା ହଳଦିଆ ରଙ୍ଗର ଅଣ୍ଡାକାର ହୋଇଥାଏ।ଚେରସବୁ ମସୃଣ ,୧୦-୨୦ ମିମି ମୋଟା ଓ ୪୦ ସେମି ଲମ୍ବ ହୋଇଥାଏ। ଏହାର ଚେରରେ ସୋମନିନ୍, ଉଇଥାନିନ୍, ସୋମନିଫେରିନ୍, ସିଉଡୋଟ୍ରପିନ, ଆନାଫେରିନ ଏବଂ ଟ୍ରପିନ୍ ନାମକ ଆଲକାଲଏଡ୍ ଥାଏ। ତେଣୁ ଏହାକୁ ଏକ ଯୌନୋଦ୍ଦୀପକ, ସ୍ନାୟୁ ଉତ୍ତେଜକ ଏବଂ ନିଦ ସୃଷ୍ଟିକାରୀ ଔଷଧ ଭାବେ ଏଡ୍ସ, ଦୁର୍ବଳତା, ସ୍ନାୟୁରୋଗ , ବୃଦ୍ଧାବସ୍ଥା ରୋଗ , ଇନ୍ଦ୍ରିୟ ଶିଥିଳତା ଓ ସ୍ମୃତି ଶକ୍ତି ଲୋପ ଭଳି ଶାରୀରିକ ଅକ୍ଷମତା ଚିକିତ୍ସା ପାଇଁ ଉପଯୋଗ କରାଯାଏ। ଅଶ୍ୱଗନ୍ଧା ଚେର ସହ କଳା.ମୁଗ, ଲଙ୍କା ଓ ଗିଞ୍ଜିଳି ମଞ୍ଜିକୁ ବାଟି ଗରମ ଗୁଡ ସହିତ ମିଶ୍ରିତ କରି ଅଶ୍ୱଗନ୍ଧା ଲେହ୍ୟ ପ୍ରସ୍ତୁତ କରାଯାଏ ଯାହାକୁ ଇନ୍ଦ୍ରିୟ ଶିଥିଳତା ଦୂର କରିବାକୁ ଦିଆଯାଏ। ଯଦି ପ୍ରତ୍ୟେହ ଗରମ ଦୁଧ ସହ ଅଶ୍ୱଗନ୍ଧା ଚେରକୁ (୧୦ ଗ୍ରାମ) ଗୁଣ୍ଡ କରି ଖାଇଲେ ୨ ସପ୍ତାହ ମଧ୍ୟରେ ପତଳା ଲୋକ ମୋଟା ଓ ମୋଟା ଲୋକ ପତଳା ହୋଇ ସୁନ୍ଦର ଓ ସ୍ୱାସ୍ଥ୍ୟବାନ ହୋଇ ବାହାରିବ। ୧ କେଜି ଗାଈଘିଅ ସହ ୨୫୦ ଗ୍ରାମ ଅଶ୍ୱଗନ୍ଧା ଗୁଣ୍ଡ ଓ ଗରମ କ୍ଷୀର ମିଶ୍ରିତ କରି ଚକ୍ରଦାଥମ୍ ତିଆରି ହୁଏ ଯାହାକୁ ଛୋଟ ଶିଶୁଙ୍କ ସର୍ବାଙ୍ଗୀନ ଉନ୍ନତି କଳ୍ପେ ଦିଆଯାଏ।ରୋଗିଣା ଶିଶୁ ଓ ବୟସ୍କ ବ୍ୟକ୍ତିଙ୍କୁ ଆଲବୋସାଙ୍ଗ ଦିଆଯାଏ ଯାହାର ମୁଖ୍ୟ ଉପାଦାନ ଅଶ୍ୱଗନ୍ଧା ଅଟେ। ସ୍ନାୟବିକ ଦୁର୍ବଳତା ଦୂର କରିବାକୁ ପ୍ରତିଦିନ ଖାଇବାପରେ ଏକ ଚାମଚ ଅଶ୍ୱଗନ୍ଧା ଚେରକୁ କ୍ଷୀର ସହ ସିଝାଇ ପାନ କରିବାକୁ କୁହାଯାଏ। ସେହିପରି ସମ ପରିମାଣର ଅଶ୍ୱଗନ୍ଧା ଚେର ଯଷ୍ଟିମଧୁ ଓ ଅର୍କପୁଷ୍ପୀ ସହ ମିଶାଇ ବଟିକା ଆକାରରେ ଖାଇଲେ ଦେହ ଦୁର୍ବଳତା ଦୂର ହୁଏ ଓ ସ୍ନାୟୁ ମଜଭୁତ ହୁଏ। ଡାଇବେଟିକ ଅଲସର ଓ ଆଂଠୁଗଂଠି, ପିଠି ଯନ୍ତ୍ରଣା ଦୁର କରିବାକୁ  ଅଶ୍ୱଗନ୍ଧା ଚେର ପତ୍ର ସହ ଅଦାରସକୁ ବାଟି ପ୍ରଲେପ ଆକାରରେ ଦେଲେ ଉପଶମ ମିଳେ। ଘାଆ, ବଥ ଓ ବେଡସୋରରୁ ସହଜ ଉପଶମ ପାଇଁ ଅଶ୍ୱଗନ୍ଧା ପତ୍ରକୁ ବାଟି ପ୍ରଲେପ ଆକାରରେ ଦିଆଯାଏ। ଜ୍ୱର ରୋଗରୁ ରକ୍ଷା ପାଇବାକୁ ଅଶ୍ୱଗନ୍ଧା ଚେର ଓ ପତ୍ରକୁ ସତେଜ କ୍ଷୀର ସହ କ୍ୱାଥ ରୂପେ କିମ୍ବା ଜୁସ୍ ଆକାରରେ ପାନ କରାଯାଇପାରେ। ଆମବାତ , ସନ୍ଧିବାତ ଓ ସ୍ନାୟବିକ ଦୁର୍ବଳତାର ଉପଚାର ପାଇଁ ୧୦ ଗ୍ରାମ ଅଶ୍ୱଗନ୍ଧା ଚେରର ଗୁଣ୍ଡ, ଶୁଖିଲା ଅଦାଗୁଣ୍ଡ ସହ ପ୍ରତିଦିନ ୨୦୦ ମିଲି କ୍ଷୀର ସହ ପାନ କରିବାକୁ କୁହାଯାଏ। ନିଦ୍ରାହୀନତା ଦୂର କରିବାକୁ ରାତିରେ ଶୋଇବା ପୂର୍ବରୁ ଏକ ଚାମଚ ଅଶ୍ୱଗନ୍ଧା ଚେରର ଗୁଣ୍ଡ ସହ ଚିନି ଓ ଗାଈଘିଅ ମିଶ୍ରିତ କରି ଖାଇବାକୁ କୁହାଯାଏ। କାଶ, କଫ, ଶ୍ୱାସ ଓ ଯକ୍ଷ୍ମା ରୋଗୀ ଦିନକୁ ୨-୩ ଥର କରି ଅଶ୍ୱଗନ୍ଧା ଚେରର ଗୁଣ୍ଡ ସହ ଚିନି, ଲହୁଣୀକୁ ମିଶାଇ ଗାଈ କିମ୍ବା ମେଣ୍ଢା କ୍ଷୀର ସହ ପିଇବାକୁ ଦିଆଯାଏ।

**ଘି କୁଆଁରି** (Aloe Vera) ସମଗ୍ର ବିଶ୍ୱରେ ଆଜି ପ୍ରସାଧନ ସାମଗ୍ରୀଭାବେ ହେଉ ବା ଔଷଧୀୟ ଗୁଣ ଯୋଗୁଁ ହେଉ ଘି କୁଆଁରି ଏକ ପ୍ରମୁଖ ଉପାଦାନ ରୂପେ ପରିଗଣିତ ହେଉଛି। ଏହାକୁ ତେଲୁଗୁରେ ଖଲବନ୍ଦା, ତାମିଲରେ କଟ୍ଟରଭାଜା ଓ କନ୍ନଡରେ ଲୋଳେସାରା ବୋଲି କୁହାଯାଏ।



ବଡି ଲୋସନ୍, କ୍ରିମ୍ ଓ ମସ୍‌ଚାରାଇଜର୍‌ର ପ୍ରମୁଖ ଉପାଦାନ ରୂପେ ଘିକୁଆଁରିକୁ ନିଆ ଯାଇଥାଏ। ସେହିପରି ସାଧାରଣ ଜଳାପୋଡା,କୁଣ୍ଡାଇହେବା ବା ଅନ୍ୟ ଚର୍ମରୋଗ ପାଇଁ ଏଥିରୁ ତିଆରି ଅଏଂଟମେଂଟକୁ ବ୍ୟବହାର କରାଯାଏ। ପେଟ ଭିତରର ଅଲସର୍ ଓ କୋଷ୍ଠକାଠିନ୍ୟତା ଦୂର କରିବାକୁ ଏହାର ଜୁସ୍ ପାନ କରାଯାଇଥାଏ। ଗବେଷଣାରୁ ଜଣା ଯାଇଛି ଯେ ଘିକୁଆଁରି ଷ୍ଟାଫାଇଲୋକକସ୍ ଜୀବାଣୁ ବିପକ୍ଷରେ ଅସ୍ତ୍ର ଭାବେ କାର୍ଯ୍ୟ କରେ। ଏହାକୁ ଚାଷ କରିବା ଅତି ସହଜ କାରଣ ଏହା ଯେ କୌଣସି ମୃତ୍ତିକା ଓ ଜଳବାୟୁରେ ବଢିପାରେ। ଏହା ଗରମ, ଆର୍ଦ୍ର ଥଣ୍ଡା ଏବଂ ଅତି ବର୍ଷା କିମ୍ବା ବର୍ଷାହୀନ ଅଂଚଳରେ ବି ଭଲ ବଢିପାରେ। ଏହା ଲିଲିଏସି ପରିବାରର ରସାଳ ,ସବୁଜ ଏବଂ ଗୁଚ୍ଛହୋଇ ବଢିଥାନ୍ତି ଯାହାର ତଳ ଅଂଶ ମୋଟା ଏବଂ ଉପର ଅଂଶ ଗୋଜିଆ ହୋଇଥାଏ।ଏଥିରୁ ଜେଲ ବାହାର କରିବାକୁ ହେଲେ ପ୍ରଥମେ ତାକୁ ସଫା କରି ୨-୩ ଘଂଟା ପାଇଁ ପାଣିରେ ବତୁରାଇବାକୁ ପଡେ। ପରେ ତାର ଚୋପା କାଢି ଦିଅନ୍ତୁ। ଭିତରୁ ବାହାରିଥିବା ଜେଲକୁ ପ୍ରସେସିଂ କରି କୋଷ ପ୍ରାଚୀର ଓ ଅନ୍ୟ ମଇଳା ସବୁକୁ ବାହାର କରି ଦିଆଯାଏ। ବୋତଲରେ ଭରିବା ପୂର୍ବରୁ ତାକୁ ବର୍ଣହୀନ ଓ ଷ୍ଟେରିଲାଇଜ୍ କରିବାକୁ ହୁଏ। ଏହି ଜେଲ୍ ପ୍ରକୃତରେ ପଲିସାକାରାଇଡ୍‌ର ଏକ ମୁସିଲେଜ୍ ବା କ୍ଲେଦ ଅଟେ। ଏହା ଚର୍ମକୁ ମସୃଣ, ଓଦା ରଖି ସୁରକ୍ଷା ପ୍ରଦାନ କରିଥାଏ। ଏଥିରେ ଥିବା କେତେକ ଉପାଦାନ ଯନ୍ତ୍ରଣା ଦୂର କରିବାରେ ମଧ୍ୟ ସହାୟତା କରିଥାଏ। ଯଦି ଆଖି ଲାଲ ପଡି ପୀଡା ଦେଉଥାଏ ଓ ଲେଞ୍ଜରା ବାହାରୁଥାଏ ତେବେ ଗୋଟିଏ ସଫା କନାରେ ଏକ ଚାମଚ ଜେଲ୍ ଓ ଏକ ଚାମଚ ବୋରିକ୍ ପାଉଡର ମିଶାଇ କନାକୁ ଓଦା କରି ଶୋଇବା ଅବସ୍ଥାରେ ଆଖି ଉପରେ ପଟି ଆକାରରେ କିଛି କିଛି ସମୟ ବ୍ୟବଧାନରେ ପ୍ରାୟ ୧୫ ମିନିଟ ପର୍ଯ୍ୟନ୍ତ ଦିଅନ୍ତୁ। ନିଶ୍ଚିତଭାବେ ସୁଫଳ ପାଇବେ। ଚର୍ମରେ କ୍ଷତ ହୋଇଥିଲେ କିମ୍ବା ପୋଡି ଯାଇଥିଲେ ଅଥବା ପ୍ରଚଣ୍ଡ ରୌଦ୍ରତାପରେ ଶିଝି ଯାଇଥିଲେ ତା ଉପରେ ୧ କପ୍ ଜେଲ ସହ ଉଷୁମ ପାଣି ମିଶାଇ ପ୍ରଲେପ ଆକାରରେ ଦିଆଯାଏ। ଘି କୁଆଁରି ଜେଲ ସହିତ ଭିଟାମିନ ଇ ତେଲ ଓ ମୁଲତାନି ମାଟିର ପ୍ରଲେପକୁ ମୁହଁରେ ଲଗାଇଲେ ତ୍ୱଚା ସୁନ୍ଦର ହେବା ସହ ଗୋରା ଦେଖାଯାଏ। ଗାଁ ଗହଳିରେ ଘିକୁଆଁରିକୁ ଘାଆ କିମ୍ବା ବଥ ପାଚୁ ନ ଥିଲେ କିମ୍ବା ପୀଡା ଦେଉଥିଲେ ନିମ୍ନମତେ ବ୍ୟବହାର କରାଯାଏ।ଏହାକୁ ଗୋଟା ଆକାରରେ ଚୁଲି ନିଆଁ ଉପରେ ଧରି ରଖାଯାଏ ଯେପରିକି ଏହାର ଉପର ଚୋପା ପୋଡିଯାଇ ଭିତର ଅଂଶ ଶିଝିଯିବ। ଏହାକୁ ଘା କିମ୍ବା ବଥ ଉପରେ ଦେଇ ତା ଉପରେ ଏକ ପାନପତ୍ର ଦେଇ ସଫା କନାରେ ବାନ୍ଧି ଦିଆଯାଏ। ୩ ଦିନପରେ ପଟି ଖୋଲିଲେ ବଥ ଫାଟିଯିବା ଦେଖା ଯାଏ ଓ ତା ସହ ପୁଜ, ରକ୍ତ ମଧ୍ୟ ବାହାରକୁ ଚାଲି ଆସେ। ନାରୀମାନଙ୍କ ଧବଳ ସ୍ରାବ ହେଉଥିଲେ ଅଧ କପ୍ ଜେଲକୁ ଏକ ବ୍ରୋଞ୍ଜ ପାତ୍ରରେ ରଖି ଅଳ୍ପ ପାଣି ମିଶାଇ ୭ ଥର କାଢନ୍ତୁ ଓ ରଖନ୍ତୁ। ତାପରେ ଏଥିରେ କିଛି ଦହି ଓ ଗୁଡ ମିଶାଇ ଦିନକୁ ୩ ଥର କରି ପାନକଲେ ସୁଫଳ ମିଳେ ବୋଲି କୁହାଯାଏ। କିନ୍ତୁ ମନେ ରଖିବେ ଯେ କେତେକଙ୍କ ଦେହରେ ଘିକୁଆଁରି ଆଲର୍ଜି ସୃଷ୍ଟି କରିଥାଏ ଓ ଏହାକୁ ପାଟି ବାଟେ ଗ୍ରହଣ କଲେ ପେଟ ବ୍ୟଥା ହୋଇଥାଏ। ଏ କ୍ଷେତ୍ରରେ ଏହାର ବ୍ୟବହାରକୁ କମ୍ କରିବା କିମ୍ବା ନ ବ୍ୟବହାର କରିବା ଉଚିତ।

**ସତୀ** (Kaempferiagalanga linn) ସଂସ୍କୃତରେ ଏହାକୁ ସତୀ ବା ଚନ୍ଦ୍ରମୁଲ୍ଲିକା ଏବଂ ହିନ୍ଦୀରେ ଚନ୍ଦ୍ରମୂଳା ,କାଚୁରା ,ତାମିଲ୍‌ରେ କାଚୋଳମ୍, କାଚୁରିକିଝାଙ୍ଗୁ ଓ ତେଲୁଗୁରେ କାଚୋରାମ, କେଚିଲିଗାଡାଲୁ, ଗୁଜୁରାଟିରେ କାଚୁର କୁହାଯାଏ। ଏହି ଗଛଟି ବର୍ଷସାରା ସବୁ ସମୟରେ ବଢି ପାରେ। ଏହା ମାଂସାଳ, କନ୍ଦିଳ ଏବଂ ଚେରଗୁଡିକ ଛୋଟ ଛୋଟ କନ୍ଦା ଯୁକ୍ତ ହୋଇଥାଏ। କାଣ୍ଡଗୁଡିକ ଛୋଟ ଅଟେ। ପତ୍ର ଗୁଡିକ ଛୋଟ ଡେମ୍ଫଯୁକ୍ତ ଓ ତାର ଧାର



ମଣ୍ଡଳାକାର, ପୁଷ୍ପ ସ୍ତବକଟି ଶୀର୍ଷରେ ଛୋଟ କାଣ୍ଡରେ ସଂଯୁକ୍ତ ଥାଏ। ବୃତି ମଣ୍ଡଳଟି ବର୍ତ୍ତୁଳାକାର ହୋଇ ଏକ ପାର୍ଶ୍ୱରେ ମେଲା ହୋଇଥାଏ। ଫୁଲଗୁଡିକ ଧଳା ରଙ୍ଗର , ଗର୍ଭାଶୟ ୩ କକ୍ଷ ବିଶିଷ୍ଟ ଅଟେ। ମଞ୍ଜିଗୁଡିକ ମଣ୍ଡଳାକାର ହୋଇ ଜୀବଚୋଳ ବିଦୀର୍ଣ ଅବସ୍ଥାରେ ଥାଏ। ଏହାର ଧାବକ କନ୍ଦରେ ୨.୫-୪% ତେଲ ଥାଏ ଯାହା ୨୫% ଇଥାଇଲ ସିନାମେଟ୍, ୩୦% ଇଥାଇଲ୍ ପାରା ମିଥକ୍ସିସିନାମେଟ, ପାରା ମିଥକ୍ସି ସିନାମିକ ଏସିଡ ,୪-ବୁଟାଇଲ୍ ମେନ୍ଥଲ୍, ଡିଏଫ୍ ଫେଲାଣ୍ଡ୍ରିନ୍ , ଡାଇହାଇଡ୍ରୋ ଡିଏଫ୍ ସେସ୍କୁଇଫେଲାଣ୍ଡ୍ରିନ୍ , ପେଂଟାଡେକେନ୍ ଏବଂ ୧,୮ ସିନିଅଲ୍‌କୁ ନେଇ ଗଠିତ। ଏହାର ଔଷଧୀୟ ଗୁଣ ଗୁଡିକ ମଧ୍ୟରେ ମୁଖ୍ୟତଃ ଏକ କୃମିନାଶକଭାବେ ଏହାର ସୁଖ୍ୟାତି ରହିଛି। ପ୍ରତ୍ୟହ ୧ ଗ୍ରାମ୍ ସତୀ ଚୂର୍ଣ

ସହ ଗୋଲ ମରିଚ ଓ ବଚ ଗୁଣ୍ଡକୁ ମହୁ ସହିତ ମିଶାଇ ସକାଳୁ ଖାଇଲେ ୨-୩ ଦିନ ମଧ୍ୟରେ କୃମି ସବୁ ମରିଯାନ୍ତି। ଶିଶୁ ମାନଙ୍କ କ୍ଷେତ୍ରରେ ୫ ମିଲି ସତୀ ଗଛର କନ୍ଦା ରସକୁ ଗୋଲ ମରିଚ ଓ ବଚ ସହିତ ଡାଳିମ୍ବ ଚୋପା ରସ ମିଶାଇ ଦେଲେ କୃମି ସହିତ ସମସ୍ତ ପେଟ ରୋଗରୁ ମୁକ୍ତି ମିଳିଥାଏ। ଯଦି ସବୁଦିନ ସତୀ ଫଳକୁ ଶୁଖାଇ ଗୁଣ୍ଡ କରି ୧ ଚାମଚ ରେ କିଛି ମହୁ ମିଶାଇ ଶିଶୁମାନଙ୍କୁ ଦିଆଯାଏ ତେବେ ଏହା ସେମାନଙ୍କ ପାଇଁ ଟନିକ ଭଳି କାମ କରି ରୋଗ ପ୍ରତିରୋଧକ ଶକ୍ତି ବଢାଏ। ବୁଢିମାଁମାନେ ଶିଶୁମାନଙ୍କୁ ପେଟ ରୋଗରୁ ଆରାମ ଦେବାକୁ ସତୀ, ଅଦା ଓ ଲେମ୍ବୁ ରସର ମିଶ୍ରଣକୁ ପ୍ରତ୍ୟହ ୧୦ ମିଲି ହିସାବରେ ସକାଳୁ ଖାଲି ପେଟରେ ଦେଇଥାନ୍ତି। ସତୀ କନ୍ଦାର ରସ ସହିତ ଦ୍ରୋଣପୁଷ୍ପୀ ଫୁଲ ରସ ଓ ଏମ୍ବେଲା ମଞ୍ଜି ରସକୁ ଦିନରେ ଥରେ ହିସାବରେ ୧ ସପ୍ତାହ ନେଲେ ସମସ୍ତ କୃମିଦୋଷରୁ ମୁକ୍ତି ମିଳିଥାଏ। କାଶ ଓ କଫରୁ ରକ୍ଷା ପାଇବାକୁ ସତୀ ଗଚର କନ୍ଦା ସହ ପାନପତ୍ର କିମ୍ବା ମହୁ ସହ ଚୋବାଇ ଖାଇଲେ ଆରାମ ମିଳିଥାଏ। କଙ୍କଡା ବିଛା କାମୁଡିଲେ କ୍ଷତ ସ୍ଥାନରେ ସତୀ ରସ ଓ ତାର ପତ୍ରର ପ୍ରଲେପ ଦେଲେ ବିଷ କାଟି ନ ଥାଏ। ଯଦି ଅନେକ ଦିନ ଧରି ବାନ୍ତି ଛାଡୁ ନ ଥାଏ ତେବେ ମହୁ ସହିତ ସତୀ ପାଉଡରକୁ ଦିନକୁ ୩ ଥର ଖାଆନ୍ତୁ ଉପଶମ ମିଳିବ। ଏକଫାଳିଆ ମୁଣ୍ଡ ବ୍ୟଥା ଦୂର କରିବାକୁ ସତୀ ଗଛର ଚେରକୁ ବାଟି ଗୋ କ୍ଷୀରରେ ମିଶାଇ ପ୍ରଲେପାକାରରେ ମୁଣ୍ଡରେ ଦେଲେ ଆରାମ ମିଳିଥାଏ। ଯଦି ରଣାସାପ ଦଂଶନ ଯୋଗୁଁ କ୍ଷତ ହୋଇଥାଏ ତେବେ ଡାକ୍ତରଙ୍କ ପାଖକୁ ତ ନିଶ୍ଚୟ ଯିବେ ତା ସହିତ ଘରୋଇ ଚିକିତ୍ସା ରୂପେ ସେହି ସ୍ଥାନକୁ ଭଲକରି ଧୋଇ ସତୀ ପତ୍ରକୁ ବାଟି ପ୍ରଲେପ ଭାବେ ଲଗାନ୍ତୁ। ଅଜୀର୍ଣ ହେଉଥିଲେ ସତୀ ଫଳରୁ ତିଆରି କ୍ୱାଥକୁ କିଛି ଦିନ ପାଇଁ ବ୍ୟବହାର କରନ୍ତୁ।

**କୁଡାଜାମ୍ (Hollarrhena Antidysenterica)** ଏହା ଆପୋସାଇନେସି ପରିବାର ଅନ୍ତର୍ଭୁକ୍ତ। ଏହାର ସଂସ୍କୃତ ନାମ ହେଲା କଳିଙ୍ଗମ୍, ଗିରିମାଳିକା, ବତ୍ସକମ୍, ମଲ୍ଲିକାପୁଷ୍ପମ୍ ଆଦି। ତାମିଲରେ ଭେପାଲା କନ୍ନଡରେ କୋଡାସିଜେ, କୋଙ୍କଣୀରେ ଡାଭୋକୁଡା ଓ ହିନ୍ଦୀରେ କୁଡାଜାମ୍ ବୋଲି କୁହାଯାଏ। ଏହି ଗଛର ଉଚ୍ଚତା ୦.୬ ରୁ ଆରମ୍ଭ କରି ୧୮ ମିଟର ହୋଇପାରେ। ଡାଳ ଗୁଡିକ ସରୁ , ପତ୍ରଗୁଡିକ ଗୋଲାକାର ହୋଇ ବିପରୀତ ଦିଗରେ ରହିଥାନ୍ତ ଯାହାର ଲମ୍ବ ୩୦ ସେମି ମଧ୍ୟରେ ହୋଇଥାଏ। ଫୁଲସବୁ ସୁଗନ୍ଧଯୁକ୍ତ ଧଳା ରଙ୍ଗର ହୋଇଥାନ୍ତି ଯାହାର ବୃତି ମଣ୍ଡଳ ୫ ପାଖୁଡା ବିଶିଷ୍ଟ ଓ ଫନେଲ ଆକାରର। କେଶର ସବୁ ଗୁଚ୍ଛହୋଇ ଫୁଲର ତଳ ଅଂଶରେ ଲାଗିଥାନ୍ତି। ପରାଗପେଟିକା ଏକ କୋନ୍ ଭଳି କେଶରଠୁ ଅଲଗା ହୋଇ ରହେ। ଫଳ ସବୁ ଜୋଡା ଜୋଡା ହୋଇ ସମାନ୍ତରାଳଭାବେ ରହିଥାନ୍ତି ଯାହାର ମଞ୍ଜିଗୁଡିକ ଲାଲ ଓ ଧୂସର ରଙ୍ଗର ହୋଇଥାନ୍ତି। ଏଥିରେ ମୁଖ୍ୟ ଉପାଦାନ ରୂପେ କୋନେସାଇନ୍ ନାମକ ଆଲକାଲଏଡ୍ ଥାଏ। ଏହାଛଡା କୋନାମିନ୍, କର୍ଚ୍ଚୁର୍ଚାଇନ୍, କୋନାରିନିନ୍, କୋନେସିମିନ୍ , କୁର୍ଚାଇନ୍, ହୋଲାରିନିନ୍ ଏବଂ ଆଇସୋକୋନେସିମିନ ଭଳି ଅନ୍ୟ ଆଲକାଲଏଡ୍ ମଧ୍ୟ ଥାଆନ୍ତି।ଏହାର ଛାଲିକୁ ସ୍ୱେଦ ନିବାରକ , ଝାଡାବାନ୍ତି ରୋକିବା , କୃମିନାଶକ, ପେଟ ଦରଜ ହେବା ରୋକିବା ଓ ଏକ ଟନିକ ଭାବେ ବ୍ୟବହାର କରାଯାଏ। ଯଦି ତରଳ ଝାଡା ହେଉଥାଏ ତେବେ ୩ ଗ୍ରାମ୍ କୁଡାଜାମ୍ ମଞ୍ଜିକୁ ଗୁଣ୍ଡ କରି ଲହୁଣୀ, ପାଣି ବା କ୍ଷୀର ସହ ମିଶ୍ରିତ କରି ଦିନକୁ ୩ ଥର ଦେଲେ ଝାଡା ବନ୍ଦ ହୋଇଯାଏ। ଏହାର କ୍ୱାଥ ତିଆରି କରିବାକୁ ୨୫ ଗ୍ରାମ୍ ଛାଲିକୁ ୨୦୦ ମିଲି ପାଣିରେ ମିଶାଇ ଗରମ କରାଯାଏ ଯଦ୍ୱାରା ଏହାର ପରିମାଣ ୫୦ମିଲିକୁ ଖସି ଆସିବ। ଶିଶୁମାନଙ୍କ କ୍ଷେତ୍ରରେ ୫ ଗ୍ରାମ୍ ମଞ୍ଜିକୁ ଗୁଣ୍ଡ କରି ଏହାକୁ ତିଆରି କରାଯାଏ। ଅନ୍ୟ ଏକ ପ୍ରଣାଳୀରେ ଛାଲି,ମଞ୍ଜି ଓ ମୁସ୍ତାକା କନ୍ଦାକୁ ବାଟି ମହୁ ସହ ଖାଇବାକୁ ହୋଇଥାଏ। କୁଡାଜାମ ସହ ଶୁଖିଲା ଅଦା, ଶୁଦ୍ଧ ଅର୍କ, ମୁସ୍ତାକା, ଗୋଲମରିଚ ଓ ବଚକୁ ବାଟି ଖାଇଲେ ବି ଝାଡା ବନ୍ଦ ହୋଇଥାଏ। ନାଳ ରକ୍ତ ଝାଡା ରୁ ଉପଶମ ପାଇଁ ୧୨୦ ଗ୍ରାମ୍‌ର ଗଛ ଚେରକୁ ୮୮୦ ମିଲି ପାଣି ମିଶାଇ ତାହାର ଆୟତନ ୬୦ ମିଲି ହେଲା ପର୍ଯ୍ୟନ୍ତ ଫୁଟାଯାଏ। ଥଣ୍ଡା ହେଲାପରେ ଏହାର ରଙ୍ଗ ଇଷତ ଲାଲ ହେଲା ପର୍ଯ୍ୟନ୍ତ ଡାଳିମ୍ବ ରସ ମିଶାଯାଏ। ଏଥିରୁ ୫ ମିଲି କରି ଦିନକୁ ୨ ଥର ଲେଖାଁଏ ଖାଇବାକୁ କୁହାଯାଏ। ଆନ୍ତ୍ରିକ ଝାଡା ହେଉଥିଲେ ୩ ଗ୍ରାମ କୁଡାଜାମ୍ ମଞ୍ଜି ବା ଚେର ଗୁଣ୍ଡକୁ ମହୁ ସହ ଖାଇବାକୁ କୁହାଯାଏ। ଅର୍ଶ ରୋଗ ପାଇଁ କୁଡାଜାମ ମଞ୍ଜିର ଗୁଣ୍ଡକୁ ମହୁ ସହ କ୍ୱାଥ କରି ଦିଆଯାଏ। ଯଦି ଏପରି ରୋଗୀର ରକ୍ତସ୍ରାବ ହେଉଥାଏ ତେବେ ୮-୧୦ ବର୍ଷ ପୁରୁଣା ଗଛର ଛାଲିକୁ ଗୁଣ୍ଡ କରି ଆଖୁରସ ସହିତ ମିଶାଇ ଦିଆଯାଏ। ଏହାକୁ ଅଜୀର୍ଣ ଓ ଚର୍ମ ରୋଗ ଭଲ କରିବାକୁ ବି ପ୍ରୟୋଗ କରାଯାଏ। ସାଧାରଣ ଅର୍ଶ ରୋଗୀ ଏହାର ମଞ୍ଜି ସହିତ ତ୍ରିଫଳା ଚୂର୍ଣ୍ଣକୁ ମିଶାଇ କ୍ଷୀର ସହିତ ଖାଇଲେ ସୁଫଳ ମିଳିଥାଏ। ଯଦି ମଳତ୍ୟାଗ ବେଳେ ରକ୍ତ ପଡୁଥାଏ ତେବେ ଏହି ଗଛର ଛାଲି ସହିତ ଜିଞ୍ଜିଲି ମଞ୍ଜିକୁ ଗୁଣ୍ଡ କରି କ୍ଷୀର ସହିତ ନିଅନ୍ତୁ। ପ୍ରତିଦିନ ୨୦ ମିଲି କୁଡାଜାରିଷ୍ଟ ରସ ଗ୍ରହଣ କଲେ ମଧ୍ୟ ରକ୍ତକ୍ଷରଣରୁ ରକ୍ଷା ମିଳେ। ଅର୍ଶ ରୋଗୀଙ୍କ ପାଇଁ ଅନ୍ୟ ଏକ ଉପଚାର ହେଲା ୫ ଗ୍ରାମ୍ କୁଡାଜାମ୍ ଚେର କିମ୍ବା ଛାଲିକୁ ଗୁଣ୍ଡ କରି ୨୪୦ ମିଲି କ୍ଷୀର ସହ ମିଶାଇ ଫୁଟାନ୍ତୁ। ଥଣ୍ଡା ହେଲା ପରେ ସେଥିରେ କିଛି ଦହି ମିଶାନ୍ତୁ ପରଦିନ ସେଥିରୁ ଲହୁଣିକୁ କାଢ଼ି ତାକୁ ଔଷଧ ରୁପେ ପ୍ରତିଦିନ କିଛି କିଛି ନିଅନ୍ତୁ। ଏଠାରେ ଦହି ମିଶାଇବାର କାରଣ ହେଲା ସେଥର ମଧ୍ୟକୁ ଲାକ୍ଟୋବାସିଲସ୍ ଜୀବାଣୁକୁ ଆଣିବା। ଯଦି ଦାନ୍ତ ପୋକ ଖାଏ କିମ୍ବା ମାଢି ପାଚି ପୂଜ ବାହାରେ କିମ୍ବା ପାଟିରୁ ଦୁର୍ଗନ୍ଧ ବାହାରୁ ଥାଏ ତେବେ ଏହି ଉଦ୍ଭିଦ ର ମଞ୍ଜିକୁ ଭାଜି ତା ସହିତ ପୋଡା କୁଣ୍ଡା କୁ ଭଲଭାବେ ଗୁଣ୍ଡ କରି ତାକୁ ମଞ୍ଜନ ଆକାରରେ ବ୍ୟବହାର କଲେ ଉପରୋକ୍ତ ଲକ୍ଷଣ ସବୁରୁ ମୁକ୍ତି ମିଳିଥାଏ।

**ବିଭାଗୀୟ ମୁଖ୍ୟ ( ରସାୟନ ବିଜ୍ଞାନ )**
**ଏନ୍ ଏ ସି ମହାବିଦ୍ୟାଳୟ , ବୁର୍ଲା**
**ମୋ ୯୪୩୭୧୨୭୮୨୦**

# ଜି.ଏସ୍.ଟି. ରାଷ୍ଟ୍ରୀୟ ଏକତାର ଭାବନାକୁ ଦୃଢ଼ତର କରିବ

(ଗୋଟିଏ ଦେଶ, ଗୋଟିଏ ବଜାର, ଗୋଟିଏ ଟିକସ)

ସ୍ୱାଧୀନତା ପର ଠାରୁ ସବୁଠୁ ବଡ଼ ଟିକସ ସଂସ୍କାର-ଜିଏସ୍‌ଟି-ଏକ ରାଷ୍ଟ୍ର,ଏକ କର, ଏକ ବଜାର ସ୍ୱପ୍ନକୁ ବାସ୍ତବ ରୂପ ଦେବ । ଜିଏସଟି ଦ୍ୱାରା ସମସ୍ତ ଅଂଶଧାରୀ ଶିଳ୍ପ, ସରକାର ଏବଂ ଉପଭୋକ୍ତା ଲାଭବାନ ହେବେ। ଏହା ବସ୍ତୁ ଏବଂ ସେବା ବ୍ୟୟ ହ୍ରାସ କରିବ ଏବଂ ଅର୍ଥନୀତିର ସମୃଦ୍ଧିରେ ସହାୟକ ହେବ। ବସ୍ତୁ ଏବଂ ସେବାକୁ ବିଶ୍ୱସ୍ତରୀୟ ପ୍ରତିଯୋଗୀତାମୂଳକ କରିବା ସହ ମେକ୍ ଇନ୍ ଇଣ୍ଡିଆ ଅଭିଯାନକୁ ପ୍ରୋତ୍ସାହନ ଦେବାରେ ସହାୟକ ହେବ। ଜିଏସ୍‌ଟି ସମ୍ପୂର୍ଣ୍ଣ ଭାବେ ପ୍ରଯୁକ୍ତି ପରିଚାଳିତ ହେବ ଏବଂ ମାନବୀୟ ହସ୍ତକ୍ଷେପକୁ ହ୍ରାସ କରିବାରେ ସହାୟକ ହେବ । ଏବେ ଲୋକେ ଗୋଟିଏ ଦେଶ ଗୋଟିଏ ଟିକସ୍ ବ୍ୟବସ୍ଥାରେ ନିଜକୁ ସାମିଲ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ପୂର୍ବରୁ ୧୭ ପ୍ରକାର ଟିକସ୍ ଦେବାକୁ ପଡୁଥିବା ବେଳେ ଲୋକେ ଏବେ ଗୋଟିଏ ମାତ୍ର ଟିକସ୍ ବ୍ୟବସ୍ଥାକୁ ଗଲେ, ଯାହାର ନାଁ ହେଲା ଜିଏସ୍‌ଟି। ଜିଏସ୍‌ଟି ଅଧୀନରେ ୫%, ୧୨%, ୧୮% ଓ ୨୮% ଭଳି ୪ଟି ଟିକସ ସ୍ଲାବ୍‌ର ବ୍ୟବସ୍ଥା କରାଯାଇଛି।

ଜୁନ୍ ୩୦ମଧରାତ୍ରରୁ କେବଳ ଜମ୍ମୁ- କଶ୍ମୀରକୁ ଛାଡ଼ି ସମଗ୍ର ଦେଶରେ ସାମଗ୍ରୀ ଓ ସେବା କର ବା ଜିଏସ୍‌ଟି'ର ପ୍ରଚଳନ ହୋଇଛି। ଜିଏସ୍‌ଟି ହେଉଛି **ଗୁଡ୍ ଆଣ୍ଡ ସିମ୍ପଲ୍ ଟ୍ୟାକ୍ସ**। ଏହା ଟିକସ ଆତଙ୍କରାଜ ଓ ଇନ୍‌ସପେକ୍ଟର୍ ରାଜ୍‌ର ଅବସାନ ଘଟାଇ ବ୍ୟବସାୟୀଙ୍କୁ ସହାୟକ ହେବ। ଏବେ ବିଲ୍ ନଥାଇ କାରବାର ହେବନି କି ଅଣ୍ଡର୍ ଇନ୍‌ଭୟେସ୍ ହେବନି। ଜିଏସ୍‌ଟି ସ୍ୱଚ୍ଛ ଓ ଉତ୍ତମ ବ୍ୟବସ୍ଥା ଯାହା କଳାଧନ ଓ ଦୁର୍ନୀତିକୁ ରୋକି ନୂଆ ପ୍ରଶାସନିକ ସଂସ୍କୃତି ଆଣିବ। ଭାରତୀୟ ପଣ୍ୟ ବିଶ୍ୱ ବଜାରର ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇପାରିବ। ଆମଦାନୀ ସହ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବା ପାଇଁ ଘରୋଇ ଶିଳ୍ପ ସକ୍ଷମ ହେବ।

ଅର୍ଥନୀତିକ ଦକ୍ଷତା ବଢ଼ିବ, ଟିକସ ଆଦାୟ ବା ସଂଗ୍ରହ ସହଜସାଧ୍ୟ ହେବ। ଘରୋଇ ଓ ବିଦେଶୀ ନିବେଶ ବଢ଼ିବ। ମୂଲ୍ୟଯୁକ୍ତ କର ବା ଭାଟ୍ ପ୍ରଚଳନ ବେଳେ ମଧ୍ୟ କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। କିନ୍ତୁ ଅସୁବିଧାଗୁଡ଼ିକୁ ସଜଡ଼ାଯାଇପାରିବ।

**ପୂର୍ବରୁ ଦେଉଥିବା ଟିକସ** - ଅବକାରୀ ଶୁଳ୍କ, ସେବା କର, କେନ୍ଦ୍ରୀୟ ବିକ୍ରି କର, ସରଚାର୍ଜ ଓ ସେସ୍, ମୂଲ୍ୟଯୁକ୍ତ କର, ସୌଖୀନ ଟିକସ, ପ୍ରବେଶ କର, ମନୋରଞ୍ଜନ କର, ଲଟେରୀ କର, ସୀମା ଶୁଳ୍କ ଓ ଅନ୍ୟାନ୍ୟ। କିନ୍ତୁ ଏବେ ଗୋଟିଏ ଟିକସ। ସାଧାରଣ ଲୋକଙ୍କ କ୍ରୟ କ୍ଷମତାକୁ ଦୃଷ୍ଟିରେ ରଖି ଅନେକ ସାମଗ୍ରୀ ଉପରୁ ଜିଏସ୍‌ଟି ଛାଡ଼ କରାଯାଇଛି କିମ୍ବା




୫% ରଖାଯାଇଛି। ଜିଏସ୍‌ଟି ପ୍ରଚଳନରେ ଯେପରି ଗରିବ ଓ ସାଧାରଣ ଲୋକ ସବୁଠାରୁ ଅଧିକ ଲାଭବାନ ହେବେ ତାହା ସୁନିଶ୍ଚିତ କରାଯାଇଛି। କ୍ଷୁଦ୍ର ବ୍ୟବସାୟୀଙ୍କର ଯେପରି ଅସୁବିଧା ନହୁଏ ତାହାକୁ ମଧ୍ୟ ଧ୍ୟାନରେ ରଖି ନିୟମ ତିଆରି ହୋଇଛି। ଜିଏସ୍‌ଟି ରେଜିଷ୍ଟ୍ରେସନ୍, ଟିକସ ପେମେଣ୍ଟ, ରିଟର୍ଣ୍ଣ ଫାଇଲିଂ ଓ ଟିକସ ରିଫଣ୍ଡ୍ ପାଇଁ ଏକକ ପଦ୍ଧତି ଅଣାଯାଇଛି। ଟିକସ ଉପରେ ଟିକସ ଯେପରି ନପଡ଼େ ତାହା ସିମ୍‌ଲେସ୍ ଟ୍ୟାକ୍ସ କ୍ରେଡିଟ୍ ଫ୍ଲୋ ଦ୍ୱାରା ନିଶ୍ଚିତ କରାଯାଇଛି। ରପ୍ତାନିକୁ ପ୍ରତିଯୋଗିତାକ୍ଷମ କରାଇବାକୁ ଟ୍ୟାକ୍ସ ନ୍ୟୁଟ୍ରାଲାଇଜେସନ୍‌ର ବ୍ୟବସ୍ଥା ହୋଇଛି। ସ୍ମଲ୍ ସ୍କେଲ୍ ସପ୍ଲାୟର୍ସଙ୍କୁ ଜିଏସ୍‌ଟି ପରିସରକୁ ଅଣାଯାଇନଥିବାରୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ଶସ୍ତା ହେବ।

ଜିଏସଟି ପ୍ରଚଳନ ଦ୍ୱାରା ଦେଶରେ ଏକକ ଜାତୀୟତା ସୃଷ୍ଟି ହୋଇଛି। ଭାରତ ଏକ ମ୍ୟାନୁଫାକଚରିଂ ହବ୍ ହେବା ସମ୍ଭାବନା ସୃଷ୍ଟି ହୋଇଛି। ଜିଏସ୍‌ଟି ଲାଗୁ କରାଯାଇ ନିବେଶ ଓ ରପ୍ତାନୀ ବୃଦ୍ଧି ପାଇଁ ଦ୍ୱାର ଉନ୍ମୁକ୍ତ କରାଯାଇଛି। ସମଗ୍ର ଦେଶରେ ଏକା ପ୍ରକାର ଆଇନ, ପଦ୍ଧତି ଓ ଟିକସ ହାର ପ୍ରଚଳନ ହେବା ଦ୍ୱାରା ବ୍ୟବସାୟ କରିବା ସହଜ ହୋଇଛି। ସାମଗ୍ରୀ ଓ ସେବାର ଶ୍ରେଣୀ ବିଭାଜନ କରାଯାଇଥିବାରୁ ଟିକସ ପ୍ରଶାସନ ସରଳ ଓ ସୁନିର୍ଦ୍ଦିଷ୍ଟ ହୋଇଛି। ଦେଶ ମଧ୍ୟରେ ସାମଗ୍ରୀ ଓ ସେବାର ମୁଭ୍‌ମେଣ୍ଟକୁ ଅବାଧ କରାଯାଇଛି। ବ୍ୟବସାୟ ପ୍ରତିଯୋଗିତା ବଢ଼ିବାରୁ ଗ୍ରାହକ ବିଭିନ୍ନ ସାମଗ୍ରୀ ଓ ସେବା ଅପେକ୍ଷାକୃତ ଶସ୍ତାରେ ପାଇ ଲାଭବାନ ହେବେ। ସର୍ବୋପରି ଜିଏସ୍‌ଟି ରାଷ୍ଟ୍ରୀୟତା ଓ ଏକତାର ଭାବନାକୁ ଦୃଢ଼ତର କରୁଛି।

## ଜିଏସ୍‌ଟି ହେଲ୍ପ ଡେସ୍କ

ଜିଏସ୍‌ଟି ସଂକ୍ରାନ୍ତରେ ସମସ୍ୟା ଦୂର କରିପାରିବା ପାଇଁ ଉଭୟ ଇ-ମେଲ୍ ଏବଂ ଫୋନ୍ କରିପାରିବେ:

ଇ-ମେଲ ଠିକଣା- cbsecmitra.helpdesk@icegate.gov.in ଟୋଲ୍ ଫ୍ରି' ନଂ:୧୮୦୦ ୧୨୦୦ ୨୩୨। ସେହିପରି ଜିଏସ୍‌ଟିଏନ୍ ହେଲ୍ପ ଡେସ୍କକୁ ମଧ୍ୟ ଲୋକମାନେଇ-ମେଲ୍: helpdesk@gst.gov.in, ଟୋଲ ଫ୍ରି' ନମ୍ବର: ୦୧୨୦୪୮୮୮୯୯୯,ଇ-ମେଲ: @askGST_GOI, @askGSTech ରେ ଯୋଗାଯୋଗ କରିପାରିବେ।



# ଓଡ଼ିଶା, ଓଡ଼ିଆ ସାହିତ୍ୟ ଓ ରବୀନ୍ଦ୍ରନାଥ

ସଂତୋଷ କୁମାର ରଥ

ଆଜିକୁ ପ୍ରାୟ ଶହେ ବର୍ଷ ତଳେ ୧୯୧୩ ମସିହାରେ କବିଗୁରୁ ରବୀନ୍ଦ୍ରନାଥ ପାଇଥିଲେ ସାହିତ୍ୟ କ୍ଷେତ୍ରରେ ନୋବେଲ ପୁରସ୍କାର। ସେହିଦିନଠୁଁ ଆଜିଯାଏଁ ସମଗ୍ର ଭାରତବର୍ଷରେ ଏକ ନୂତନ କାବ୍ୟସ୍ୱରର ଅଭ୍ୟୁଦୟ ଘଟିଥିଲା ରବୀନ୍ଦ୍ରନାଥଙ୍କୁ କେନ୍ଦ୍ରକରି। ରବୀନ୍ଦ୍ରନାଥଙ୍କ ପ୍ରତିଭାର ବିବିଧତା ଓ ବୈଚିତ୍ର୍ୟ ଯେକୌଣସି ସଚେତନ ସାରସ୍ୱତ ପ୍ରେମୀଙ୍କୁ ଏବେ ବି ଆଶ୍ଚର୍ଯ୍ୟ ଚକିତ କରେ। ସେ ଏକାଧାରାରେ ଥିଲେ ଜଣେ କବି, କଥାକାର, ନାଟ୍ୟକାର, ଚିତ୍ରଶିଳ୍ପୀ ଓ ସଙ୍ଗୀତଜ୍ଞ। ଏତଦ୍‌ଭିନ୍ନ ଗ୍ରାମୋଦ୍ୟୋଗ ମାଧ୍ୟମରେ ଗ୍ରାମୀଣ ଭାରତର ସର୍ବାଙ୍ଗୀନ ଉନ୍ନତି ଥିଲା ତାଙ୍କ ଜୀବନର ଅନ୍ୟତମ ଲକ୍ଷ୍ୟ। ପାଶ୍ଚାତ୍ୟ ଶିକ୍ଷାର ନକାରାତ୍ମକ ଦିଗ ତାଙ୍କୁ ବିମର୍ଷ କରୁଥିଲା। ଏଣୁ ଏକ ସର୍ବାଙ୍ଗୀନ ଓ ସର୍ବତୋମୁଖୀ ନୂତନ ଶିକ୍ଷା ବ୍ୟବସ୍ଥାର ଅଭୀପ୍ସାରେ ସେ ସୃଷ୍ଟିକଲେ ଶାନ୍ତି ନିକେତନ। ଶାନ୍ତି ନିକେତନ ସୃଷ୍ଟି ହେଲା ୧୯୦୧ ମସିହାରେ କେବଳ ଛଅଜଣ ଛାତ୍ରଙ୍କୁ ନେଇ। ସହର ଠାରୁ ଦୂରରେ ଗଢ଼ିଉଠିଥିବା ଏଇ ଆବାସିକ ବିଦ୍ୟାଳୟରେ, ସେ ଆପଣାର ପ୍ରିୟ ପୁତ୍ରକୁ ବି ଏକତମ ଛାତ୍ର ଭାବରେ ଶିକ୍ଷାଦାନ କରୁଥିଲେ। ଶିକ୍ଷା, ସଂସ୍କୃତି, ସାହିତ୍ୟ ଓ ସଂଗୀତ ଏଠି ସବୁ ଏକାଠି ଶିଖିବାକୁ ମିଳୁଥିଲା। ଶାନ୍ତି ନିକେତନର ସେହି ବିଦ୍ୟାଳୟ ୧୯୨୧ ବେଳକୁ ହେଲା ବିଶ୍ୱଭାରତୀ, 'ଯତ୍ର ବିଶ୍ୱ ଭବତ୍ୟେକ ନୀଡ଼ମ୍' ଯେଉଁଠି ସାରା ପୃଥିବୀର ସବୁ ମଣିଷ, ଗୋଟିଏ ବସାରେ ଏକାଠି।

ଓଡ଼ିଶା ସହ ରବୀନ୍ଦ୍ରନାଥଙ୍କ ସଂପର୍କ ଖୁବ୍ ପୁରୁଣା। ରବୀନ୍ଦ୍ରନାଥଙ୍କ ପିତାମହ ଦ୍ୱାରିକାନାଥ ଠାକୁର ଓଡ଼ିଶାର ପଣ୍ଡୁଆ ଜମିଦାରୀ କ୍ରୟ କରିଥିଲେ ଡ଼େଲହାଉସୀଙ୍କ କାଳରେ। ରବୀନ୍ଦ୍ରନାଥ ଯୌବନ କାଳରେ ଅନେକ ଥର ଓଡ଼ିଶା ଆସିଛନ୍ତି। ତାଙ୍କ ଲିଖିତ ଛିନ୍ନପତ୍ର ନାମ ପତ୍ରାବଳୀ ସଂଗ୍ରହରୁ ଏକଥା ଜଣାପଡ଼େ। ସେଠାରେ ତରୁଣ କବି ଓଡ଼ିଶାର ଜୀବନ ଚିତ୍ର ଓ ଜୀବନ୍ତ, ପ୍ରକୃତି ସଂପର୍କରେ ମୁଗ୍ଧ ଦୃଷ୍ଟିରେ ବର୍ଣ୍ଣନା କରିଛନ୍ତି। ଓଡ଼ିଶାର ଦାରିଦ୍ର୍ୟ ସହ ଶିଳ୍ପ ନିପୁଣତା ତାଙ୍କୁ ଆଶ୍ଚର୍ଯ୍ୟ କରିଛି। ପରେ ମହାତ୍ମାଗାନ୍ଧୀଙ୍କ ସହ ଭାରତର ଅବସ୍ଥା ସଂପର୍କରେ ଆଲୋଚନା ବେଳେ ରବୀନ୍ଦ୍ରନାଥ ଏଇ କଂକାଳସାର ମଣିଷ ଓ ସେମାନଙ୍କ ସୌନ୍ଦର୍ଯ୍ୟବୋଧ ସଂପର୍କରେ ଗାନ୍ଧିଜୀଙ୍କୁ କହିଛନ୍ତି ଉଦାହରଣ ଛଳରେ।

ଭୌଗୋଳିକ ଦୃଷ୍ଟିରୁ ଓଡ଼ିଶା ବଂଗ ମାଟିର ପଡ଼ୋଶୀ। ରୀତିନୀତି ଆହାର ବିହାର, ବିଚାର ଓ ପରିଚ୍ଛଦରେ ବଂଗ ଓ ଓଡ଼ିଶା ସଗୋତ୍ରୀୟ। ତଥାପି ଊନବିଂଶ ଶତାବ୍ଦୀରେ ରାଜନୀତିକ ଓ ଭାଷିକ କାରଣରୁ ବିଦ୍ୱେଷର ଏକ ଦୃଢ଼ ପ୍ରାଚୀର ଗଢ଼ି ଉଠିଥିଲା ଦୁଇଜାତି ମଧ୍ୟରେ। ଚୈତନ୍ୟ ଓ ଜଗନ୍ନାଥ ପାଇଁ ବଂଗଳାର ପ୍ରତିଟି ମଣିଷ ଓଡ଼ିଶାଙ୍କୁ ତାଙ୍କ ତୀର୍ଥାଟନର ପ୍ରଥମ କ୍ଷେତ୍ର ମନେକରନ୍ତି ଏବେବି। ଠିକ୍ ସେମିତି ଓଡ଼ିଶାର ଦିନ ମଜୁରିଆ କଲିକତାକୁ କର୍ମକ୍ଷେତ୍ର ରୂପେ ବାଛି ନେଇଛି କେଉଁଦିନରୁ। ଭାଷା ଓ ସାହିତ୍ୟ ସଂପର୍କ ପାଇଁ ଏଇ ସାଂସ୍କୃତିକ ଓ ସାମାଜିକ ସଂପର୍କ ବି ଏକତମ କାରଣ ହୋଇପଡ଼ିଛି। ଓଡ଼ିଶାର ସାହିତ୍ୟିକ ମହଲରେ ରବୀନ୍ଦ୍ରନାଥ ଏଣୁ ଏକ ପ୍ରିୟ ପ୍ରେରଣାଦାୟୀ ନାମ ହୋଇ ପଡ଼ିଛି ସେଇ କାଳରୁ।

ଔପନିବେଶିକ ବିଶ୍ୱରେ ରବୀନ୍ଦ୍ରନାଥଙ୍କ ସାହିତ୍ୟରେ ନୋବେଲ ପୁରସ୍କାର ପ୍ରାପ୍ତି ଏକ ବିସ୍ମୟକର ଘଟଣା। ପାଶ୍ଚାତ୍ୟ ଓ ପ୍ରାଚ୍ୟର ଏଇ ସଂଘର୍ଷର କାଳରେ ପ୍ରାଚ୍ୟ ସାହିତ୍ୟ ପ୍ରତି ଏହା ଏକ ସ୍ୱୀକୃତି। ରହସ୍ୟମୟତା, ସୁଫିଆନା ପ୍ରେମ ପୁଣି ପ୍ରକୃତିର ପୁଲକ-ପ୍ରଦ ସହଭାଗୀତାର ରସାଳ ଓ ଲଳିତ ଉପସ୍ଥାପନା ରବୀନ୍ଦ୍ରନାଥଙ୍କୁ ବିଶ୍ୱଦରବାରରେ ଦେଇଛି ସ୍ୱତନ୍ତ୍ର ପରିଚିତି। ଭାରତୀୟ ଭାଷାମାନଙ୍କରେ ରଚିତ ସାହିତ୍ୟ ଏ ପ୍ରେରଣା ଓ ପ୍ରଭାବରୁ ଦୂରସ୍ଥ ରହିବା ଅସମ୍ଭବ। କବି ମଧୁସୂଦନ ରାଓ ଓଡ଼ିଆ ସାହିତ୍ୟରେ ବ୍ରାହ୍ମଧର୍ମର ସଂଗୀତ ମାଧ୍ୟମରେ ଉପନିଷେଦୀୟ ଚିନ୍ତା, ନିରାକାର ପରମପୁରୁଷ, ତାଙ୍କ ରହସ୍ୟମୟ ଆଗମନ, ପ୍ରକୃତି ଭିତରେ ପରିପ୍ରକାଶକୁ ନେଇ ଓଡ଼ିଆ ପାଠକ ମହଲରେ ନୂଆ ଏକ ଭକ୍ତି ଭାବଧାରା ଉଦ୍ରେକ କରିସାରିଥିଲେ। ରବୀନ୍ଦ୍ରନାଥଙ୍କ ରଚନାର ଏହାଥିଲା ସଂପୂର୍ଣ୍ଣ ସମଧର୍ମା। ଭକ୍ତକବିଙ୍କ ନଦୀପ୍ରତି, ଜୀବନପ୍ରତି ପ୍ରଭୃତି କବିତା ସହ ରବୀନ୍ଦ୍ରନାଥଙ୍କ କବିତାକୁ ତୁଳନା କଲେ ଉଭୟଙ୍କ ଜୀବନ ଦର୍ଶନର ନିବିଡ଼ତା ଅନୁଭବ କରିହୁଏ। ନନ୍ଦକିଶୋର ବଳଙ୍କ ପଲ୍ଲୀପ୍ରୀତି, ପ୍ରଭାତ ସଂଗୀତ, ସଂଧ୍ୟାସଂଗୀତରେ ପ୍ରକାଶିତ ପ୍ରକୃତି ବର୍ଣ୍ଣନା ଅନେକ ଦୃଷ୍ଟିରୁ ରବୀନ୍ଦ୍ରନାଥଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ପ୍ରେରଣାର ଫଳ। ରବୀନ୍ଦ୍ରନାଥଙ୍କ ରଚନା ପ୍ରତି ଗଭୀର ଅନୁରକ୍ତିର ଏତେ ଉଦାହରଣ ସତ୍ତ୍ୱେ ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ରବୀନ୍ଦ୍ର ସାହିତ୍ୟ ଓଡ଼ିଆରେ ଅନୁଦିତ ହୋଇଥିଲା ସବୁଠୁ କମ୍। ପ୍ରାୟତଃ ଓଡ଼ିଆ ପାଠକ ମୂଳ ବଂଗଳା ଭାଷାରେ ହିଁ ରବୀନ୍ଦ୍ରନାଥଙ୍କୁ ପଢୁଥିଲେ। ରବୀନ୍ଦ୍ରନାଥଙ୍କୁ ପଢ଼ିବା ପାଇଁ ଅନେକ ବୁଦ୍ଧିଜୀବୀ ଶିଖୁଥିଲେ ବଂଗଳା ଭାଷା। ଓଡ଼ିଆ, ବଂଗଳା ଓ ହିନ୍ଦୀ ଏ ତିନୋଟି ଭାଷା ଶିଖିବା ସେକାଳ ଯେମିତି ଓଡ଼ିଆ ଶିକ୍ଷିତ ସମାଜର ଏକତମ ସର୍ବନିମ୍ନ ଅଭୀପ୍ସା।

ସତ୍ୟବାଦୀର କବିକୁଳ ରବୀନ୍ଦ୍ରନାଥଙ୍କ ପ୍ରତି ପ୍ରଥମରୁ ହିଁ ଶ୍ରଦ୍ଧାଶୀଳ। ପଣ୍ଡିତ ଗୋପବନ୍ଧୁ ଦାସ ଶାନ୍ତି ନିକେତନ ପରିଭ୍ରମଣ କରି ରବୀନ୍ଦ୍ରନାଥଙ୍କୁ ଭେଟିଥିଲେ। ଆବାସିକ ଶିକ୍ଷା, ଗ୍ରାମୋଦ୍ୟୋଗ ଓ ଭାରତୀୟ ପ୍ରାଚୀନ ଶିକ୍ଷା ବ୍ୟବସ୍ଥା ସଂପର୍କରେ ଶାନ୍ତି ନିକେତନରେ ହିଁ ହୋଇଥିଲା ଉଭୟଙ୍କ ମଧ୍ୟରେ

ସୁଦୀର୍ଘ ଆଲୋଚନା। ଗୋପବନ୍ଧୁ କହିଥିଲେ ବନବିଦ୍ୟାଳୟ କଥା ଓ କବି ରବୀନ୍ଦ୍ରନାଥ କହିଥିଲେ ନିଜ ଶାନ୍ତି ନିକେତନର ସ୍ୱପ୍ନ। ଉଭୟଙ୍କ ବିଚାରଧାରାର ସୌସାଦୃଶ୍ୟ ଉଭୟଙ୍କୁ ନିବିଡ଼ କରିଥିଲା। ପଣ୍ଡିତ ଗୋଦାବରୀଶ କିଶଳୟ, କଳିକା, ଆଲେଖିକା, ଗୀତାୟନର ନାମକରଣ ବେଳେବେଳେ ରବୀନ୍ଦ୍ରନାଥଙ୍କୁ ମନେପକାଏ। କିନ୍ତୁ ଗୋଦାବରୀଶ ମିଶ୍ର ଥିଲେ ଓଡ଼ିଆ ଭାଷା ଓ ଜନଜୀବନର ଯଥାର୍ଥ ରୂପକାର। ତାଙ୍କ କବି ଦୃଷ୍ଟିରେ ଯଦିଓ ରବୀନ୍ଦ୍ରନାଥଙ୍କ ପ୍ରଭାବ ଲକ୍ଷ୍ୟ କରାଯାଇପାରେ। ଠିକ୍ ସେମିତି କବି ପଦ୍ମଚରଣ, ଲକ୍ଷ୍ମୀକାନ୍ତ ଓ ନାରୀକବି କୁନ୍ତଳା କୁମାରୀ ସାବତ ଓଡ଼ିଶାରେ ରବୀନ୍ଦ୍ର ଚେତନାର ଏକ ଏକ ଧାରା। ଲକ୍ଷ୍ମୀକାନ୍ତଙ୍କ ଜୀବନ ସଂଗୀତ, ଜୀବନ ଦେବତା ଇତ୍ୟାଦି ଉକ୍ତି ମଧ୍ୟରେ ପାଠକ ରବୀନ୍ଦ୍ରନାଥଙ୍କ ସ୍ରଷ୍ଟା ଓ ସୃଷ୍ଟିର ରହସ୍ୟମୟ ପ୍ରେମ ଲକ୍ଷ୍ୟ କରିପାରେ। ଠିକ୍ ସେମିତି କୁନ୍ତଳା କୁମାରୀଙ୍କ ପ୍ରକୃତି ଦୃଷ୍ଟି ଓ ଚିରନ୍ତନ ବିରହ ମଧ୍ୟରେ ରବୀନ୍ଦ୍ରନାଥଙ୍କ ଉତ୍ତରାଧିକାର ସୁରକ୍ଷିତ।

କବି ମାନସିଂହ ଓ ଗଡ଼ନାୟକ ଓଡ଼ିଆ ସାହିତ୍ୟରେ ରବୀନ୍ଦ୍ରନାଥଙ୍କ ସାର୍ଥକ ଉତ୍ତରାଧିକାରୀ। ତା ଆଗରୁ ସବୁଜ ଯୁଗର କବିମାନେ ବିଶେଷକରି ଅନ୍ନଦା ଶଙ୍କର ରାୟ, କାଳିନ୍ଦୀଚରଣ ପାଣିଗ୍ରାହୀ ଓ ବୈକୁଣ୍ଠନାଥ ପଟ୍ଟନାୟକ ରାବୀନ୍ଦ୍ରିକ କାବ୍ୟସ୍ୱରର ପ୍ରଚାର ଓ ପ୍ରସାରରେ ଓଡ଼ିଆ କାବ୍ୟଜଗତକୁ ସମୃଦ୍ଧ କରିଛନ୍ତି। ସବୁଜ କବିମାନଙ୍କର ଉଦ୍ଦାମତା, ସୁଦୂର ପ୍ରୀତି, ବାର୍ତ୍ତମାନିକ ଜୀବନ ପ୍ରତି ଐକାନ୍ତିକ ମୋହ ରବୀନ୍ଦ୍ରନାଥଙ୍କ କବିତାର ଏକ ଏକ ଗୁଣ। ରୋମାଣ୍ଟିକ କବିର ସକଳ ବନ୍ଧନରୁ ମୁକ୍ତି ଓ ଜୀବନର ଜୟଗାନ ସବୁଜ କବିତାର ମୂଳକଥା। କିନ୍ତୁ ମାନସିଂହ ଓ ଗଡ଼ନାୟକଙ୍କ ରଚନାରେ ଯେଉଁ ଐତିହ୍ୟ ପ୍ରୀତି ଓ ସାଧାରଣ ମଣିଷର ଅସହାୟତା ସତ୍ତ୍ୱେ ଅସାଧାରଣ ଜୀବନାନୁଭବ ରବୀନ୍ଦ୍ରନାଥଙ୍କ ସାହିତ୍ୟ ଦୃଷ୍ଟିର ସମଧର୍ମୀ। ଓଡ଼ିଆ କବିତାକୁ ଛନ୍ଦମୁକ୍ତି ଆଣିଥିବା ନୂତନ ପୟାରଛନ୍ଦ ରବୀନ୍ଦ୍ରନାଥଙ୍କ କବିତାର ଅନ୍ୟଏକ ବିଶିଷ୍ଟ୍ୟଦାନ। ଓଡ଼ିଆ କବିତାର ସବୁଜ କବିମାନେ ଓ ସବୁଜୋତ୍ତର କାଳରେ ମାୟାଧର ମାନସିଂହ, ବୈକୁଣ୍ଠନାଥ ପଟ୍ଟନାୟକ, ରାଧାମୋହନ ଗଡ଼ନାୟକ, ବିନୋଦଚନ୍ଦ୍ର ନାୟକ, ସଚ୍ଚି ରାଉତରାୟ ପ୍ରଭୃତି କବିମାନେ ଯେଉଁ ନୂତନ ଛାନ୍ଦସିକତାର ପ୍ରବର୍ତ୍ତନ କରିଛନ୍ତି। ଏହାର ମୁଖ୍ୟ ଶ୍ରେୟ ରବୀନ୍ଦ୍ରନାଥଙ୍କ ପାଖକୁ ଯିବା ଉଚିତ୍। ଆଧୁନିକ ଓଡ଼ିଆ କବିତାରେ କବି ସଚ୍ଚିଦାନନ୍ଦ ରାଉତରାୟ, ବିନୋଦଚନ୍ଦ୍ର ନାୟକ ଓ ବୈକୁଣ୍ଠନାଥ ପଟ୍ଟନାୟକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କବି ରବୀନ୍ଦ୍ରନାଥଙ୍କ ଠାରେ ଅନେକତଃ ଋଣୀ। ୧୯୨୦ରୁ୧୯୫୦ ଯାଏଁ ଓଡ଼ିଆ କାବ୍ୟ ଭାଷାରେ ଯେଉଁ ନୂତନ ପରିବର୍ତ୍ତନ ଆସିଲା, ଗୀତି କବିତା କ୍ଷେତ୍ରରେ ଆସିଲା ଯେଉଁ ଛାନ୍ଦସିକ ପରିବର୍ତ୍ତନ ମାଟି ଓ ମଣିଷ ପ୍ରତି ମୋହ, ଉପେକ୍ଷିତ ମଣିଷର ଜୀବନ ଗାଥା ପ୍ରତି ଆଗ୍ରହ, ଏ ସମସ୍ତର ଶ୍ରେୟ ନିଶ୍ଚୟ ରବୀନ୍ଦ୍ରନାଥଙ୍କର।

ଆଜି ଓଡ଼ିଶା ଓ ରବୀନ୍ଦ୍ରନାଥଙ୍କ କଥା ଆଲୋଚନା କଲାବେଳେ ଜାତିଗତ ଅସ୍ମିତା ଭୁଲି ଏକଥା ନିଶ୍ଚୟ କହିବା ଉଚିତ୍ ଯେ, ୧୯୧୫ରୁ ୧୯୫୦ ଯାଏଁ ଓଡ଼ିଆ କାବ୍ୟସ୍ୱରରେ ରବୀନ୍ଦ୍ରନାଥଙ୍କ ପ୍ରତିଧ୍ୱନି ହିଁ ଗୁଞ୍ଜରିତ। କିନ୍ତୁ ଆଶ୍ଚର୍ଯ୍ୟ କଥା, କଥା ସାହିତ୍ୟ ବିଶେଷକରି ଉପନ୍ୟାସରେ ଓଡ଼ିଶାର ସାହିତ୍ୟିକମାନଙ୍କୁ ରବୀନ୍ଦ୍ରନାଥ ସେତେଟା ପ୍ରଭାବିତ କରିପାରିନାହାନ୍ତି। ଫକୀରମୋହନ ଯେଉଁ ଉପନ୍ୟାସର ପରଂପରା ଆରମ୍ଭକଲେ କାଳନ୍ଦୀଚରଣଙ୍କ ମାଟିର ମଣିଷ ବେଳକୁ ତାହା ଅଧିକ ପ୍ରତିବଦ୍ଧ ହୋଇ ଓଡ଼ିଆ ସମାଜର ଯଥାର୍ଥ ଚିତ୍ର ପ୍ରଦର୍ଶନରେ ସମର୍ଥ ହେଲା। ରାଧାନାଥ ତିଆରି କରିଥିବା ଖଣ୍ଡକାବ୍ୟ ଓ କଥାକାବ୍ୟର ପରଂପରା ବୋଧହୁଏ ଓଡ଼ିଆ ମାଟିରେ ସେତେଟା ସୁଦୃଢ଼ ନଥିଲା। ଏଣୁ ଗୀତିକବିତା, ନୃତ୍ୟନାଟିକା, ଦୀର୍ଘକବିତା, ଗାଥାକବିତାର ଇତ୍ୟାଦି ବିଦେଶାଗତ କାବ୍ୟ ପ୍ରରୂପର ନୂତନ ପରିଚୟ ସୃଷ୍ଟିରେ ଓଡ଼ିଆ କବିମାନଙ୍କୁ ରବୀନ୍ଦ୍ରନାଥଙ୍କ କାବ୍ୟସତ୍ତା ଆକର୍ଷିତ କଲେ। ପୁଣି ସାଧୁଭାଷା ଓ ପ୍ରଚଳିତ ଜନସାଧାରଣ ଭାଷାର ମଧୁର ସମ୍ମିଶ୍ରଣ ରବୀନ୍ଦ୍ରନାଥ ଯେଉଁ ସାହିତ୍ୟିକ ଭାବାଦର୍ଶଟିଏ ବଂଗଳା ଭାଷାରେ ପ୍ରତିଷ୍ଠାପିତ କଲେ, ଓଡ଼ିଆ କବିମାନେ ତାହାପ୍ରତି ସହଜରେ ହେଲେ ଆକୃଷ୍ଟ। କିନ୍ତୁ ରାବୀନ୍ଦ୍ରିକ ପ୍ରତିଭାର ଚମକ ଆସ୍ତେ ଆସ୍ତେ ଓଡ଼ିଶାରେ ମ୍ଳାନ ପଡ଼ିଲା। ଷାଠିଏ ପରବର୍ତ୍ତୀ ଆଧୁନିକ ଓଡ଼ିଆ କବିମାନେ ବିଶେଷକରି ଗୁରୁପ୍ରସାଦ ମହାନ୍ତି, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ସୌଭାଗ୍ୟ ମିଶ୍ର ରାୟ, ରାଜେନ୍ଦ୍ର କିଶୋର ପଂଡ଼ା, ଆପଣାର ସୃଜନାଦର୍ଶ ସୁଦୂର ବିଦେଶରୁ ହିଁ ଆହରଣ କଲେ। ଓଡ଼ିଶା ଓ ରବୀନ୍ଦ୍ରନାଥଙ୍କ ସାରସ୍ୱତ ସଂପର୍କ ଏବେ ଏକ ଇତିହାସର ଘଟଣା। ତେବେ ତାହା ଦୀର୍ଘ ପଚାଶ ବର୍ଷ ଓ ଓଡ଼ିଆ ସାହିତ୍ୟର ସାରସ୍ୱତ ଇତିହାସ।

**ବଲାଙ୍ଗୀର**

**ଦୂରଭାଷ : ୯୮୬୧୦୬୫୮୦୧**

# ସୁ-ଡୋକୁ

ସୁ-ଡୋକୁ ଏକ ଗାଣିତିକ ଧନ୍ଦା। ନିମ୍ନରେ ପ୍ରଦତ୍ତ ଧନ୍ଦାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡି ଗୁଡିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ। ସଂଖ୍ୟା ଗୁଡିକ ୧ ଠାରୁ ୯ ମଧ୍ୟରେ ହୋଇଥିବ।

| | | | | | | | | |
|---|---|---|---|---|---|---|---|---|
| 3 | | | | | 5 | 2 | 6 | 8 |
| | 5 | 4 | | 8 | 7 | | | |
| | 1 | 8 | | | 3 | 4 | 5 | 7 |
| 7 | 2 | | 5 | 1 | | 8 | | 6 |
| | 8 | 1 | 3 | | 9 | | 2 | |
| 4 | | | | 7 | | | 1 | 3 |
| 8 | | 7 | 9 | | | 6 | 4 | |
| | | | 7 | 2 | | | 8 | |
| 9 | 6 | 2 | | | 8 | 1 | | 5 |

ସୁ-ଡୋକୁ ଉତ୍ତର ୨୦ ପୃଷ୍ଠାରେ

(ଏବେ, କେବେ, କୋଉଠି- ୫୭)

# ଧର୍ମ ଓ ଧାରଣା

ସତ୍ୟନାରାୟଣ ସାମନ୍ତରାୟ(ସତ୍ୟକଞ୍ଚ)



ଗତମାସର ଲେଖା "ଅନ୍ୟଏକ ଶ୍ରୀୟା" ପଢ଼ି କିଛି ପାଠକ ଫୋନ୍ କରିଥିଲେ। ସମସ୍ତେ କହିଲେ ଭଲ ହୋଇଛି। ପ୍ରଶଂସା କଲେ। ଏମିତି ପ୍ରତିମାସରେ ଲେଖୁଥା'ନ୍ତୁ ବୋଲି କେହି କେହି ବି କହିଲେ। ଅବଶ୍ୟ ଏବେକା ପାଠକ-ମରୁଡ଼ି ସମୟରେ ଗୋଟିଏ ଲେଖକ ପାଇଁ ଏତକ ଯଥେଷ୍ଟ। ଏହା ପରବର୍ତ୍ତୀ ଲେଖା ପାଇଁ ପ୍ରେରଣା ଦିଏ। ଭାବନା ଦାନା ବାନ୍ଧେ। ମାତ୍ର, ଲେଖକଟିଏ ଏହା କଦାପି ଚାହେଁ ନାହିଁ। ଲେଖକଟିଏ ଚାହେଁ ତା' ଲେଖାଟି ସମସ୍ତେ ପଢ଼ନ୍ତୁ। ପ୍ରଶଂସା ବଦଳରେ ମତାମତ ଦିଅନ୍ତୁ। ସମାଲୋଚନା କରନ୍ତୁ। ଭୁଲ୍ ବାହାର କରନ୍ତୁ। ଲେଖା ପାଇଁ ଗାଳି କରନ୍ତୁ। କାରଣ ଲେଖକଟିଏ ଲେଖେ କେବଳ ତା ନିଜ ପାଇଁ ଓ ତା' ନିଜ ମନର ଓରିମନା ମେଣ୍ଟାଇବା ପାଇଁ। ନିଜ ପାଇଁ ଲେଖି ସିଏ ଅନ୍ୟ ଉପରେ ତାକୁ ଲଦି ଦିଏ। ନିଜ ପାଇଁ ଲେଖି ଅନ୍ୟ ଉପରେ ଯଦି ଜୋରଜବରଦସ୍ତ ଏହାକୁ ଲଦି ଦିଆଯାଏ, ତେବେ ସେଥିରୁ ଭୁଲ୍ ବାହାର କରିବା ଓ ସମାଲୋଚନା କରିବାର ଦାୟିତ୍ୱ ନିଶ୍ଚୟ ପାଠକର।

ଏ ପରିପ୍ରେକ୍ଷୀରେ ଜଣେ ପାଠିକା ମୋତେ ଫୋନ୍ କରିଥିଲେ। ଭଲ ଲାଗିଲା ବୋଲି ଏ ପ୍ରସଙ୍ଗର ଅବତାରଣା କରୁଛି। ବହେ ଶୋଧିଲେ। ସତ୍ୟବାନଙ୍କ ମୃତ୍ୟ ମୃତ୍ୟୁ ନୁହଁ ଏହା ଅଂଶୁଘାତଜନିତ ଚେତନାହାନୀ ବୋଲି ଦର୍ଶାଇଥିବାରୁ ସିଏ ଏହାକୁ ସମାଲୋଚନାକରି ଏହାଦ୍ୱାରା ଧର୍ମୀୟଭାବନା ହାନି ହେଉଛି ବୋଲି ଅଭିଯୋଗ କଲେ। ତାଙ୍କୁ ବୁଝେଇବାକୁ ଚେଷ୍ଟାକଲି। ଜ୍ୟେଷ୍ଠମାସରେ ଅଂଶୁଘାତ ହୁଏ। ପ୍ରଚଣ୍ଡଖରାରେ ପରିଶ୍ରମକଲେ ଅଂଶୁଘାତର ସମ୍ଭାବନା ଅଧିକ ବୋଲି ଡାକ୍ତରମାନେ କହିଲେଣି। ତେଣୁ ଖରାବେଳେ କାମ କରିବାକୁ ସରକାର ମନା କରୁଛନ୍ତି। ମଲାମଣିଷ କେବେ ବି ବଞ୍ଚେନି। ବେହୋସ୍ ମଣିଷ ବଞ୍ଚେ। ଯମ ଏକ ପ୍ରକ୍ଷେପିତ ଚରିତ୍ରବୋଲି ଯେତେ ବୁଝେଇଲେ ମଧ୍ୟ ସିଏ ବୁଝିଲେ ନାହିଁ। ଓଲଟି ସମଲୋଚନାକୁ ଅଧିକରୁ ଅଧିକ ତୀର୍ଯ୍ୟକକରି ଫୋନ୍ କାଟିଦେଲେ। ଫୋନ୍ କାଟିଦେଲେ ସିନା, କିନ୍ତୁ ଚିରନ୍ତନ ସତ୍ୟଟିଏ ମୋ ପାଖରେ ସବୁଦିନ ପାଇଁ ଉନ୍ମୋଚିତ କରିଦେଲେ। ତାହାହେଲା, ପ୍ରଶଂସା ପାଠକ ହୃଦୟର ବିଗଳିତ ପ୍ରତିଧ୍ୱନି ହୋଇଥିବାବେଳେ ମତାମତ କିମ୍ବା ସମାଲୋଚନା ଲେଖକ ପାଇଁ ଫଲ୍‌ଗୁର ପ୍ରସ୍ରବଣ।

ଧର୍ମକୁ ନେଇ ବିବାଦ କାଳକାଳରୁ। ପ୍ରକୃତରେ ଧର୍ମକୁ ନେଇ ବିବାଦ ହୁଏ ନାହିଁ। ଧର୍ମ ଚିରନ୍ତନ, ଶାଶ୍ୱତ, ନିର୍ବିକାରସତ୍ତା। ଧର୍ମରେ ପରିବର୍ତ୍ତନ ହୁଏ ନାହିଁ କି ବିବାଦ ହୁଏ ନାହିଁ। ଜଳର ଧର୍ମ ନିମ୍ନଗାମୀ । ଏଥିରେ ପରିବର୍ତ୍ତନ ହୋଇଛି କି? ଅଗ୍ନିର ଧର୍ମ ଦାହିକାଶକ୍ତିରେ ପରିବର୍ତ୍ତନ ହୋଇଛି କି? ମା' ର ମମତାରେ ପରିବର୍ତ୍ତନ ହୋଇଛି କି? ଯଦି ନୁହେଁ, ତେବେ ଧର୍ମରେ ପରିବର୍ତ୍ତନ କେମିତି ହେଲା? ଧର୍ମର ସଂକୀର୍ଣ୍ଣ ବିଚାର ହେଉଛି ଧାରଣା। ଧାରଣାରେ ପରିବର୍ତ୍ତନ ହୁଏ। ବିବାଦ ହୁଏ ଧାରଣାକୁ ନେଇ। ଧାରଣା ହେଉଛି ନିଶା। ନିଶା ମଣିଷକୁ କାବୁ କଲାଭଳି ଧାରଣା ଧର୍ମୀୟ ଭାବନାକୁ ବାନ୍ଧି ରଖିଛି। ଅନେକ ଧାରଣା ମଣିଷମନକୁ ଏମିତି ଭାବରେ ଜଡ଼େଇ ଧରିଛି ଯୋଉଥିରୁ ସିଏ ଚାହିଁଲେ ବି ନିଜକୁ ମୁକ୍ତ କରିପାରୁନି। ଏମିତିରେ ପ୍ରସଙ୍ଗଟିଏ ମନେପଡ଼େ। ଜଣେ ଗୁରୁ ଥିଲେ। ତାଙ୍କର ଗୋଟିଏ ଆଶ୍ରମ ଥିଲା। ଥରେ ସେ ଆଶ୍ରମକୁ ଜଣେ ଶିଷ୍ୟର ଜିମା ଦେଇ ତପସ୍ୟା କରିବାକୁ ହିମାଳୟ ଚାଲିଗଲେ। ଶିଷ୍ୟ ସେ ଆଶ୍ରମର ଗୁରୁ ହେଲେ।

ଚାଳିଶି ବର୍ଷ ପରେ ଗୁରୁ ହିମାଳୟରୁ ଫେରି ଦେଖିଲେ ସିଏ ଯୋଉ ଗ୍ରାମରେ ରହୁଥିଲେ ତାର ଘୋର ପରିବର୍ତ୍ତନ ଘଟିଛି। ଶଗଡ଼ଗାଡ଼ି ସ୍ଥାନରେ ଟ୍ରକ୍ ଚାଲିଛି। ରାସ୍ତାସବୁ ପିଚୁ ହୋଇଗଲାଣି। ପାଖ ଜଙ୍ଗଲ କଟାଯାଇ କୋଠାଘର ହେଲାଣି। ଗାଁ ମଝିରେ ଗୋଟିଏ ହାଟ ବି ହେଉଛି। ଏସବୁ ଦେଖି ତାଙ୍କୁ ଆଶ୍ଚର୍ଯ୍ୟ ଲାଗିଲା। କେତେ ଶିଘ୍ର କେତେ ପରିବର୍ତ୍ତନ! ଶିଷ୍ୟଙ୍କୁ ସାଥୀରେ ଧରି ଗୁରୁ ହାଟ ଭିତରକୁ ଗଲେ। ହାଟରେ ଅନେକ ପଦାର୍ଥ ବିକା ହେଉଥାଏ। ତା' ଭିତରେ କିଛି ଲୋକ ବିଲେଇମାନଙ୍କୁ ମଧ୍ୟ ବିକ୍ରି କରୁଥା'ନ୍ତି। ଲୋକମାନେ ବିଲେଇ କିଣୁଥା'ନ୍ତି। ଆଉ ଜଣେ ବିଲେଇ ବିକାଳି କହୁଥାଏ ଏଠାରୁ ଗୁରୁବିଲେଇ ନିଅନ୍ତୁ। ପ୍ରକୃତରେ ଗୁରୁବିଲେଇ ବିକୁଥିବା ଲୋକ ପାଖରେ ବହୁତ ଗହଳି ଓ ଲୋକେ ଅଧିକ ପାଇସା ଦେଇ ଗୁରୁବିଲେଇ କିଣୁଥା'ନ୍ତି। ଏସବୁ ଦେଖି ଗୁରୁ ଆଶ୍ଚର୍ଯ୍ୟ ହେଲେ ଓ ଶିଷ୍ୟଙ୍କୁ ଏ ବିଷୟରେ ପଚାରିଲେ। ଶିଷ୍ୟ କହିଲେ, ଆପଣ ଧ୍ୟାନ କଲାବେଳେ ବିଲେଇଟିକୁ ଖୁଣ୍ଟରେ ବାନ୍ଧି ଧ୍ୟାନ କରୁଥିଲେ। ତେଣୁ ଲୋକମାନେ ସକାଳେ ଓ ସନ୍ଧ୍ୟାରେ ଧ୍ୟାନ କଲାବେଳେ ବିଲେଇକୁ ଖୁଣ୍ଟରେ ବାନ୍ଧି ଧ୍ୟାନ କରୁଛନ୍ତି।

ଏ ଏକ ଅଜବ ପରମ୍ପରା! ଗୁରୁଙ୍କର ମନେ ପଡ଼ିଲା, ତାଙ୍କର ଗୋଟିଏ ବିଲେଇ ଥିଲା। ସକାଳେ ଓ ସନ୍ଧ୍ୟାରେ ସିଏ ଧ୍ୟାନରେ ବସିଲାବେଳେ ବିଲେଇଟି ତାଙ୍କ କୋଳରେ ପଶିଯାଇ ତାଙ୍କୁ ବିରକ୍ତ କରୁଥିଲା। ସେ ଧ୍ୟାନ କରିପାରୁନଥିଲେ। ତେଣୁ ଧ୍ୟାନରେ ବସିଲାବେଳେ ସେ ତାକୁ ଖୁଣ୍ଟରେ ବାନ୍ଧି ଦେଉଥିଲେ। କାରଣଟା ସିଏ କାହାକୁ କହିନଥିଲେ। ଏକଥା ତାଙ୍କ ଶିଷ୍ୟ ଦେଖିଥିଲେ। ସିଏ ଗୁରୁ ହେଲାପରେ ଏହାକୁ ତାଙ୍କ ଶିଷ୍ୟପ୍ରଶିଷ୍ୟମାନଙ୍କଠାରେ ପ୍ରବର୍ତ୍ତନ କଲେ। କ୍ରମେ ଏହା ଲୋକସମାଜକୁ ବ୍ୟାପିଯାଇ ଏକ ପରମ୍ପରାରେ ପରିଣତ ହୋଇଯାଇଛି ଦେଖି ଗୁରୁ ଆଶ୍ଚର୍ଯ୍ୟ ହେଲେ। ଗୁରୁ ବିଲେଇ ହେଉଛି ସେହି ଗୁରୁ ରଖିଥିବା ବିଲେଇର ବଂଶଧର।

ଆମ ଧର୍ମୀୟଭାବନା ଭିତରେ ଏମିତି ଅନେକ ପରମ୍ପରା ରହିଛି, ଯାହାକୁ ନା ବୁଝି ହେଉଛି ନା ବୁଝେଇ ହେଉଛି। ବିଲେଇକୁ ବିଲେଇ କହିଲେ ଧର୍ମୀୟ ଭାବନା କିପରି କ୍ଷୁର୍ଣ୍ଣ ହେବ? ବିଲେଇକୁ ଖୁଣ୍ଟରେ ବାନ୍ଧି ଧ୍ୟାନ କରିବା ଅପେକ୍ଷା ବିଲେଇ ମୋଟେ ନରଖି ଧ୍ୟାନ କଲେ କ୍ଷତି କଣ?

ବେଗୁନିଆ, ଜି- ଖୋରଧା।
ଦୂରଭାଷ : ୯୪୩୮୭୩୪୮୧୬



# ବିଫଳତା

**ସମରଜିତ୍ ପଟ୍ଟନାୟକ**

ଆମେ,ସମସ୍ତେ ଜାଣୁ ଯେ ଅକୃତକାର୍ଯ୍ୟତା ହିଁ କୃତକାର୍ଯ୍ୟତାର ଶୀର୍ଷଦେଶରେ ପହଁଚାଇ ଦେବାର ଏକମାତ୍ର ପାହାଚ। ଆମର ମନ ଭିତରେ ଜନ୍ମରୁ ଏହା ଲୁକ୍କାୟିତ ଅବସ୍ଥାରେ ରହିଛି ଯେ ଉପରକୁ ଉଠିବାକୁ ହେଲେ ଅକୃତକାର୍ଯ୍ୟତାର ମୂଳଦୁଆରୁ ହିଁ କଠିନ ଉଦ୍ୟମ ଆରମ୍ଭ କରିବାକୁ ହେବ। ଆଶ୍ଚର୍ଯ୍ୟଜନକ ଭାବେ ଏବେ କିନ୍ତୁ ଯୁଗ ବଦଳିବା ସଂଗେ ସଂଗେ ଚିନ୍ତାଧାରା ଅନେକ ବଦଳି ଗଲାଣି। ଏବେ ଫେଲ୍ ହେବାଟା ଆଉ ଗୋପନ କରି ରଖିବାକୁ କେହି ପସନ୍ଦ କରୁ ନାହାଁନ୍ତି। ବରଂ ଦୃଢ଼ କଣ୍ଠରେ କଠିନ ଆତ୍ମବିଶ୍ୱାସର ସହିତ ସମସ୍ତଙ୍କ ଆଗରେ ତା ପ୍ରକାଶ କରିଦେଉଛନ୍ତି ଏବଂ ସେ ଖୁବ୍ ଶୀଘ୍ର କଠିନ ମନୋବଳ ଓ ଅଧ୍ୟବସାୟ ବଳରେ ଏହି ପରୀକ୍ଷାରେ କୃତକାର୍ଯ୍ୟ ହେବେ ବୋଲି ଘୋଷଣା କରୁଛନ୍ତି।ଯାହାକୁ ମନୋବିଜ୍ଞାନୀମାନେ Shame - free failure ବୋଲି କହୁଛନ୍ତି। ପାଇଲଟ୍ ପ୍ରିୟଙ୍କା ଲୁଥ୍ରା କହନ୍ତି - "ଆଗେ ଫେଲ୍ ହେବା ବା ଅକୃତକାର୍ଯ୍ୟ ହେବା ନେଇ ଅନେକ ଚର୍ଚ୍ଚା ହେଉଥିଲା, ସମାଲୋଚନା ହେଉଥିଲା, ଏବେ କିନ୍ତୁ ଆଉ ତା ହେଉ ନାହିଁ। ଏବେ ମଣିଷ ବାସ୍ତବତାକୁ ହୃଦୟଙ୍ଗମ କରିସାରିଲାଣି। ଅକୃତକାର୍ଯ୍ୟତା ଭିତରୁ କିପରି କୃତକାର୍ଯ୍ୟତାକୁ ହାସଲ କରାଯାଇ ପାରିବ ସେ ବିଷୟରେ ଗବେଷଣା କରାଗଲାଣି। ବିବାହରେ ବିଫଳତା ହେଉ କି ବ୍ୟବସାୟରେ ବିଫଳତା ହେଉ- ଏ ବିଷୟରେ ଏବେ ପୃଥିବୀର ଲୋକମାନେ ନିର୍ଭିକ ଭାବେ ସମସ୍ତଙ୍କ ଆଗରେ ଏହାକୁ ପ୍ରକାଶ କରୁଛନ୍ତି ଓ ଗର୍ବ ଅନୁଭବ କରୁଛନ୍ତି। ଦୂରଦର୍ଶନ ହେଉଛି ଏମିତି ଏକ ସଂସ୍ଥା ଯେଉଁଠି ଅନେକ ସାକ୍ଷାତକାରରେ ଫେଲ୍ ହେଲାପରେ ବି ମନ ସ୍ଥିର ଓ ଦୃଢ଼ କରି ଯେ ପୁନଃ ପୁନଃ ସାକ୍ଷାତକାରରେ ଭାଗ ନିଏ ସେ ହିଁ ବିଜୟ ଲାଭକରେ। ଅନେକ ବିଫଳତା ପରେ ଯେ କଠିନ ମନୋବଳ ଓ ଅଧ୍ୟବସାୟର ଅବଲମ୍ବନ କରେ ସେହିଁ ସଫଳତାର ଶୀର୍ଷରେ ପହଂଚି ପାରେ। ହାଭାର୍ଡ଼ ବିଜିନେସ୍ ସ୍କୁଲର ପ୍ରଫେସର ରବର୍ଟ କାଲାନ୍ ବିଶ୍ୱାସ କରନ୍ତି ଯେ ଆଜିକାଲି ବିଫଳତାର କାହାଣୀ ଗୁଡ଼ିକ ସଫଳତାର କାହାଣୀ ଅପେକ୍ଷା ବହୁଗୁଣରେ ଆମୋଦଦାୟକ। ବିଫଳତାର କାହାଣୀରେ ବିଫଳତାର କାରଣ ଅନୁଧ୍ୟାନ କରି ତାକୁ ସୁଧାରି ନେଇ ପାରିଲେ ହିଁ ସଫଳତା ମିଳେ।

ବିଖ୍ୟାତ ଦାର୍ଶନିକ ରୋମାନ୍ Krznaricଙ୍କ ଦ୍ୱାରା ଲିଖିତ ବହି 'Empathy'ରେ କହିଛନ୍ତି- ବିଫଳତାର କାହାଣୀ ଆଜିକାଲି ଯୁବ ସମାଜକୁ ସଫଳତାର ଶୀର୍ଷରେ ପହଂଚାଇବାରେ ପ୍ରେରଣା ଦେଇଥାଏ। ନୂଆଦିଲ୍ଲୀ କେନ୍ଦ୍ରୀୟ ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ର କୁନାଲ ବିଜେକର କହନ୍ତି- 'ମୁଁ ଶ୍ରେଣୀରେ ଫେଲ ହୋଇଥିଲି -ମନରେ କଷ୍ଟ ହୋଇଥିଲା ସତ କିନ୍ତୁ ମୁଁ ଆଦୌ ଲଜ୍ଜିତ ହୋଇ ନଥିଲି ବରଂ ମୁଁ ମନରେ ଦୃଢ଼ ସଂକଳ୍ପ ବଦ୍ଧ ହେଲି, କଠିନ ଅଧ୍ୟବସାୟ କରି ନିଶ୍ଚେ ଭଲ କରିବି ଓ ଶେଷରେ ସେଇଆ ହିଁ ହେଲା।'

Life Hack Innovation ସଂସ୍ଥାର ସିଇଓ ଅଜିତ୍ ବାବୁ କହନ୍ତି - ମୋର ଜନ୍ମରୁ Dyslexia ଥିବାରୁ ପ୍ରଥମେ ପ୍ରଥମେ ମୋର ପଢ଼ାପଢ଼ି ଆଶାଜନକ ହେଉନଥିଲା ଓ ସେଇ ସମୟରେ ମୁଁ ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ଫେଲ ହୋଇଥିଲି। ମୁଁ ମୋଟେ ଲଜ୍ଜିତ ବା ବିଚଳିତ ହୋଇ ନଥିଲି ବରଂ ଦୃଢ଼ ମନୋବଳ ନେଇ ପାହାଚ ପରେ ପାହାଚ ଚଢ଼ି ଆଜି ଶୀର୍ଷ ସ୍ଥାନରେ ପହଂଚିପାରିଛି। ତାଙ୍କ ଭାଷାରେ ଆଜିକାଲିର ବିଫଳତା ହେଉଛି Bussiness Management ରେ ହାଭାର୍ଡ଼ ଡ଼ିଗ୍ରୀ।

ମାନେଜମେଣ୍ଟଗୁରୁ ଜୋନାଥେନ୍ ଉଇଲିୟମସ୍ ଆମେରିକାର ମିଚିଗାନ୍ ସହରରେ ଗୋଟିଏ Failure Laboratory ଖୋଲିଛନ୍ତି। ପୃଥିବୀର ବିଭିନ୍ନ ପ୍ରାନ୍ତରୁ ବିଫଳତାର ବିଭିନ୍ନ ଅଙ୍ଗେଲିଭା କାହାଣୀ ନେଇ ଅନେକ ଲୋକ ଏଇ ଲାବୋରେଟରୀକୁ ଆସନ୍ତି। ସେମାନଙ୍କର ବିଫଳତାର କାହାଣୀ ବର୍ଣ୍ଣନା କରନ୍ତି। କିପରି ପୁଣି ସେମାନେ ଚେଷ୍ଟାକରି ସଫଳତାର ଶୀର୍ଷ ସ୍ଥାନରେ ପହଂଚିପାରିଛନ୍ତି- ସେ କଥା ବି ବର୍ଣ୍ଣନା କରନ୍ତି। ଏ ସବୁ ବିଷୟ ଆଲୋଚନା ପରେ ଆବଶ୍ୟକସ୍ଥଳେ ଉଇଲିୟମସ୍ଙ୍କ ଠାରୁ ଉପଯୁକ୍ତ ସଫଳତାର ମନ୍ତ୍ର ଗ୍ରହଣକରି ସେମାନେ ଫେରିଯାଇଥାନ୍ତି।

ବିଶ୍ୱବ୍ୟାଙ୍କ ପ୍ରତିବର୍ଷ ଫେଲ୍ ଫେୟାର୍ ନାମକ ଏକ ଉତ୍ସବ ପାଳନ କରିଥାଆନ୍ତି। ଏହି ଉତ୍ସବରେ ବିଫଳତାକୁ ସମ୍ମାନ ଜଣାଯାଏ ଓ ନୂତନ ଆବିର୍ଭାବର ସଂମ୍ଭାବନାକୁ ସ୍ୱାଗତ କରାଯାଏ।କାନଡ଼ାରୁ ପ୍ରତିବର୍ଷ 'Engineers without borders' ପତ୍ରିକାରେ ଫେଲୁଅର୍ ରିପୋର୍ଟ ବୋଲି ଗୋଟିଏ ରିପୋର୍ଟ ପ୍ରତି ଇସୁରେ ସ୍ଥାନ ପାଇଥାଏ।
ହାଭାର୍ଡ଼ ବିଜିନେସ୍ ସ୍କୁଲର ପ୍ରଫେସର୍ ରବର୍ଟ କାପଲନ୍ ପ୍ରତିବର୍ଷ ବିଫଳତା ଉପରେ ଭାଷଣ ଦିଅନ୍ତି ଓ ତାଙ୍କର ଛାତ୍ରମାନଙ୍କୁ ନିଜ ନିଜର ବିଫଳତାର କାହାଣୀ ସବୁ ଲିପିବଦ୍ଧ କରି ତାଙ୍କୁ ଦେବାକୁ ଅନୁରୋଧ କରିଥାଆନ୍ତି।

ତେଣୁ ପିଲାମାନେ- "ପରୀକ୍ଷାରେ ବା ଅନ୍ୟ କୌଣସି କାର୍ଯ୍ୟରେ ଫେଲ୍ ହୋଇଗଲେ ଆଦୌ ବିଚଳିତ ହୁଅନାହିଁ"। ବରଂ କଠିନ ପରିଶ୍ରମ କରି କିପରି ସଫଳତାକୁ ଆପଣେଇ ପାରିବ ସେ ଚେଷ୍ଟାରେ ଆଗେଇ ଯିବା ହେଉଛି ବୁଦ୍ଧିମାନର କାମ। ଇଂରାଜୀରେ ଗୋଟିଏ ପ୍ରବାଦ ଅଛି- "Failure is the pillar of the scucess"।

ମୋ : ୯୮୬୧୧୨୧୨୦୫



# ଆଚମ୍ବିତ କଥା

ଶିବମିଶ୍ର

ବଡ଼ ଦେଉଳର କାଳିଆ ଠାକୁରେ, ବଳିଆ ଠାକୁରେ ଦୁଇଭାଇ ସେଦିନ ଠିକଣା ସମୟରେ ମଣୋହିଶାଳାକୁ ଗଲାବେଳକୁ ସେଠାରେ 'ଠା' ପାଇଁ କିଛି ବ୍ୟବସ୍ଥା ହୋଇନଥିଲା କି କେହି କୁଆଡ଼େ ଦିଶୁନଥିଲେ। ଏହାଦେଖି ବଡ଼ଭାଇ ଚୁପ୍‌ହୋଇ ବସି ରହିଲାବେଳେ ଭୋକବିକଳିଆ ସାନଭାଇ ବାରଂବାର, ଦୁଆର ଆଡ଼କୁ ନଜର ପକାଇ ଅଥୟ ହେଲାପରି ଜଣାପଡୁଥିଲେ। ଏମିତି କିଛି ସମୟ ଗଲାପରେ ବଡ଼ଭାଇ ସେଠାରୁ ଚାଲିଯିବା ପାଇଁ ବସିଲାଥାନରୁ ଉଠିଲାବେଳେ, ସାନଭାଇ କହିଲେ, ଆପଣ ଟିକେ ଅପେକ୍ଷା କରନ୍ତୁ, ମୁଁ ଯାଇ ରୋଷେଇଶାଳ ଦେଖିଆସୁଛି। ଏତିକିବେଳେ ତାଂକ ଗେଲବସରୀ ସାନଭଉଣୀ ଆସି କହିଲେ- ଆଜି ଆମ ଭୋଜରେ ବିଳମ୍ବ ହେବ। କାରଣ ଏଠାକୁ ଏଇ କିଛି ସମୟ ମଧ୍ୟରେ ଜଣେ ବିଶିଷ୍ଟ ଅତିଥି ଆସିବେ। ତାଙ୍କର କାର୍ଯ୍ୟକ୍ରମ ଶେଷ ହେଲେ ଯାଇ ଆମକୁ ଭୋଜନ ମିଳିବ। ସାନଭାଇ ପଚାରିଲେ କାହିଁକି ? ଭଉଣୀ କହିଲେ କାହିଁକି ନା- ସେ ଅତିଥି ଆମ ଭାଉଜଂକ ହାତରନ୍ଧା ଖାଇବେ। ତେଣୁ ମନ୍ଦିର ପ୍ରଶାସକଂକ ନିର୍ଦ୍ଦେଶରେ ଭାଉଜ ଯାଇଛନ୍ତି ଅତିଥିଂକ ପାଇଁ ଷୋଳଅନ୍ନ ଚଉଷଠୀ ବ୍ୟଞ୍ଜନ ପ୍ରସ୍ତୁତ କରିବାକୁ। ସେ ସେଠାରୁ ଫେରିଲେ ଆମ ରୋଷେଇଶାଳ ଦ୍ୱାର ଖୋଲିବ। ବଡ଼ଭାଇ ପଚାରିଲେ ସେ ବିଶିଷ୍ଟ ଅତିଥି ଜଣକ କିଏ ? ଭଉଣୀ କହିଲେ- ଆମ ଦେଶର ପ୍ରଧାନମନ୍ତ୍ରୀ। ସିଏ ଆସିବେ ବୋଲି ରାଜଧାନୀରେ ଥିବା ତାଂକ ଦପ୍ତରଠାରୁ ଆମର ଏଇ କ୍ଷେତ୍ର ଯାଏଁ ପ୍ରାୟ ଦୁଇହଜାର କୋଶର ରାସ୍ତାରେ ସାଧାରଣ ଜନତାଂକ ଗତାଗତକୁ ଗତ କାଲିଠାରୁ ନିଷେଧ କରାଯାଇ, ପ୍ରତି ଦୁଇ ତିନି ହାତରେ ଜଣେ ଜଣେ ବନ୍ଧୁକ ଧରା ଚଉକିଆଂକୁ ଠିଆ କରାଯାଇଛି। ରାସ୍ତା ଦୁଇକଡ଼ର ଗଛମାନଙ୍କରେ ରଂଗ ବୋଳାଯାଇଛି। ଠାଏ ଠାଏ ତୋରଣମାନ ବନ୍ଧାଯାଇଛି, ହେଲେ ମଜାକଥା ଜାଣିଛ ଭାଇ ବିଶ୍ୱସ୍ତ ସୂତ୍ରରୁ ଶୁଣିବାକୁ ମିଳୁଛି- ଆତଂକବାଦୀମାନଂକ ଅତର୍କିତ ଆକ୍ରମଣ ଭୟରେ ପ୍ରଧାନମନ୍ତ୍ରୀ ସେଇ ସଡ଼କ ପଥରେ ନଆସି ଏକ ସ୍ୱତନ୍ତ୍ର ବ୍ୟୋମଯାନରେ ଆସିବେ। ଏହି ସମୟରେ ଆକାଶରେ ଘୁଁ ଘୁଁ ଶବ୍ଦ ଶୁଣାଗଲା।

ପ୍ରଧାନମନ୍ତ୍ରୀ କ୍ଷେତ୍ରରେ ପହଂଚିବା ପରେ ସରକାରୀ ଅଫିସର ମନ୍ଦିର ପ୍ରଶାସକ ଏବଂ ଅନ୍ୟମାନେ ତାଂକୁ ସଂବର୍ଦ୍ଧନା ଜଣାଇ ଏଠାରେ ଥିବା ଅତିଥି ଭବନକୁ ପାଛୋଟି ନେଲେ। ସ୍ୱତନ୍ତ୍ର ତାଲିମପ୍ରାପ୍ତ ଜଗୁଆଳୀମାନେ ତିନିଦିନ ଆଗରୁ ସେ ଭବନକୁ ଚାରିପଟୁ ଘେରି ରହିଥିଲେ। ଅତିଥି ଭବନରେ ପ୍ରଧାନମନ୍ତ୍ରୀଙ୍କ ସହିତ ଆଲୋଚନା କଲାବେଳେ ଅଫିସର୍ ବାବୁମାନେ କହିଲେ- ଏଠାରେ ଥିବା ଦେଉଳଟି ଖୁବ୍ ପୁରାତନ ହୋଇଥିବାରୁ, ସେଥିରେ କିଛି କିଛି ପଥର ଖସିଲାଣି। ଏହାଛଡ଼ା ଠାକୁରଂକ ପୂଜା ଅର୍ଚ୍ଚନା ପାଇଁ କସ୍ତୁରୀ ମିଳିବା ଏବେ ଅସମ୍ଭବ ହେଲାଣି। ପୁଣି ନିତିଦିନିଆ ଭୋଗଲାଗି ଖାଣ୍ଟି ଗୁଆଘିଅ ଆଉ ମାଟି କୁଡୁଆର ଅଭାବ ଦେଖାଦେଲାଣି। ପ୍ରଧାନମନ୍ତ୍ରୀ କହିଲେ- ଏସବୁ ସମସ୍ୟା କେହି ତାଂକୁ ଅବଗତ କରାଇନାହାନ୍ତି, ତାଂକ ନଜରକୁ ଆଣି ନାହାନ୍ତି। ତେବେ ଏମିତି ତୁଣ୍ଡରେ କହିଦେଲେ ହେବନାହିଁ ଏଥିପାଇଁ ମନ୍ଦିରର ମୁଖ୍ୟ ଏକଲିଖିତ ଦରଖାସ୍ତ ଦିଅନ୍ତୁ ତା'ପରେ ସେ ବିଚାର କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଲେ।

ପ୍ରଧାନମନ୍ତ୍ରୀ ଭୋଜନ କରି ସାରିବା ପରେଡ଼ାକ୍ତରଂକ ପରାମର୍ଶକ୍ରମେ କିଛି ସମୟ ବିଶ୍ରାମ ନେଲାପରେ ଗୁଳି ଭେଦୁ ନଥିବା ଏକ ବିଦେଶୀ ମଟର ଗାଡ଼ିରେ ଯାଇ ମନ୍ଦିର ସିଂହଦ୍ୱାରରେ ପହଂଚିଲେ। ସେଠାରେ ମନ୍ଦିରର ପ୍ରଶାସକ, ସେବକମାନେ ଠାକୁରଂକ ଅଗଂଲାଗି ପାଟବସ୍ତ୍ର ଆଉ ଫୁଲମାଳ ଦେଇ ତାଂକୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରି ରହିଥିଲେ। ସେହି ସମୟରେ ପ୍ରଧାନମନ୍ତ୍ରୀଂକ ବ୍ୟକ୍ତିଗତ ସଚିବ ଆସି ପ୍ରଧାନମନ୍ତ୍ରୀଂକ କାନରେ କ'ଣ କହିଲେ କେଜାଣି- ପ୍ରଧାନମନ୍ତ୍ରୀ, ମନ୍ଦିର ଗୁମୁଟ ଭିତରକୁ ଯିବାପାଇଁ ଉଠାଇଥିବା ଗୋଡ଼କୁ ପଛକୁ ଫେରାଇ ଦେଇ ତୁରନ୍ତ ସେଠାରୁ ବାହୁଡ଼ିଗଲେ। ଏତିକିବେଳକୁ ଠାକୁରଂକ ମୁଖ୍ୟ ସେବକ ମନ୍ଦିର ଭିତରକୁ ଆସି କହିଲେ- ରତ୍ନସିଂହାସନ ଉପରେ ତିନି ଠାକୁର ଅଛନ୍ତି ହେଲେ ମନ୍ଦିରର ମୁଖ୍ୟ କାଳିଆ ସାଆନ୍ତେ ଦିଶୁନାହାନ୍ତି, ତାଂକ ଆସ୍ଥାନ ଖାଲିପଡ଼ିଛି। ଏକଥା ଶୁଣି ଭକ୍ତମାନଂକ ଭିତରେ ଏକ ରକମର ଚାଂଚଲ୍ୟ ଖେଳିଗଲା। ଠାକୁର ଗଲେ କୁଆଡ଼େ ? ଏ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ସେମାନେ ମନ୍ଦିର ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିବାରୁ ପୋଲିସବାହିନୀ ତାଂକୁ ଅଟକାଇବାରେ ଲାଗିଲେ। କିଛି ସମୟ ପରେ ପ୍ରଧାନମନ୍ତ୍ରୀଙ୍କ ବିମାନ ରାଜଧାନୀ ମୁହାଁ ହୋଇ ଆକାଶରେ ଉଡ଼ିଲା ବେଳକୁ, ଠାକୁରଂକ ମୁଖ୍ୟ ସେବକ ପୁଣି ଧାଇଁ ଆସି କହିଲେ- ଆଉ ବ୍ୟସ୍ତ ହେବାର କାରଣ ନାହିଁ- ମହାପ୍ରଭୁ ତାଂକ ଆସ୍ଥାନକୁ ଫେରିଆସିଲେଣି। ଅପୂର୍ଣ୍ଣ ଦିଶୁଥିବା ରତ୍ନ ସିହାଂସନ, ଏବେ ଚତୁର୍ଦ୍ଧା ମୂର୍ତ୍ତିକୁ ନେଇ ପୂର୍ଣ୍ଣ ହୋଇଗଲାଣି। ତାଂକ କଥା ଶୁଣି ଭକ୍ତମାନେ ଶାନ୍ତ ହୋଇଗଲେ ସିନା ହେଲେ ମହାପ୍ରଭୁ କିଛି ସମୟ ପାଇଁ ମନ୍ଦିର ଛାଡ଼ି କୁଆଡ଼େ ଯାଇଥିଲେ, ଆଉ ପ୍ରଧାନମନ୍ତ୍ରୀ ମନ୍ଦିର ଭିତରକୁ ନଯାଇ, ହଠାତ୍ ଫେରିଗଲେ କାହିଁକି ? ଏଇ ଦୁଇଟି ପ୍ରଶ୍ନ ସମସ୍ତଙ୍କ ମନରେ ଗୋଳେଇ ଘାଣ୍ଟି ହେବାକୁ ଲାଗିଲା।

ତା'ପରଦିନ ଖବରକାଗଜରୁ ଜଣାପଡ଼ିଲା- ଠାକୁରେ ଯେତେବେଳେ ମନ୍ଦିରରୁ ଉଭାନ ହୋଇଯାଇଥିଲେ, ସେତେବେଳେ

ଦେଶର ରାଜଧାନୀର ରାଜରାସ୍ତାରେ କିଟିକିଟି କଳାରଂଗର ଏକ ବିଚିତ୍ର ଜୀବ ବିନା ଗୋଡ଼ରେ ଚାଲୁଥିବାର ଦେଖାଯାଇଥିଲା। ସେହି ଜୀବଟି ପ୍ରଧାନମନ୍ତ୍ରୀଙ୍କ ଦପ୍ତର ଯାଏଁ ଯିବାପରେ ହଠାତ୍ ଅନ୍ତର୍ଦ୍ଧାନ ହୋଇଯାଇଥିଲା। ଠିକ୍ ଏହି ସମୟରେ ପ୍ରଧାନମନ୍ତ୍ରୀଙ୍କ ଦପ୍ତର ଟେବୁଲ ଉପରେ ଏକ ଦରଖାସ୍ତ ଥୁଆ ହୋଇଥିବାର ଦେଖିବାକୁ ମିଳିଥିଲା। ତେବେ ଏଇ ଦରଖାସ୍ତ କିଏ ଆଣି ଏଠାରେ କେତେବେଳେ ଥୋଇଲା ତାହା କେହି ଜାଣିପାରିନଥିଲେ। ଖବରକାଗଜରେ ପ୍ରକାଶିତ ଏହି ସଂବାଦର ଶିରୋନାମା ଥିଲା- "ଆଚମ୍ବିତ କଥା"

**ବାଣପୁର, ଖୋର୍ଦ୍ଧା**

---

# ଏ ଦେହ ଥିଲେ.....



**ଡ. ରାଜକିଶୋର ପାଢ଼ୀ**

'ଏ ଦେହ ଥିଲେ ସର୍ବ ପାଇ' କେଡ଼େ ସରଳ କଥା। ଈଶ୍ୱରଙ୍କ ଲୀଳା, ଗୁଣ, ତାଙ୍କର ସକଳ ଐଶ୍ୱର୍ଯ୍ୟ ଓ କେତେ ଦର୍ଶନ, ଆଧ୍ୟାତ୍ମିକତାର ଚର୍ଚ୍ଚା ଭିତରେ ଦେହର ଗୁରୁତ୍ୱ ସନ୍ଥକବି ଜଣକ ଭୁଲି ନାହାନ୍ତି। ଧର୍ମ ସାଧନା ପାଇଁ ଶରୀରକୁ ପ୍ରାଥମିକତା ଦିଆଯାଇଛି। ଅନ୍ନମୟ ପିଣ୍ଡ ରକ୍ଷା ନକଲେ ହଂସଧ୍ୱନି ଶୁଭିବ ନାହିଁ, ତପସ୍ୟା କରିବ କିଏ!

ସେଇ ଶରୀର, ଅନିତ୍ୟ, ଅସାର। ଖାଲି ଶରୀର ନୁହେଁ, ଶରୀର ସହ ସଂସାର ଓ ସଂପର୍କ ଅନିତ୍ୟ, ଅଳୀକ, ମିଥ୍ୟା, କ୍ଷଣଭଂଗୁର ବୋଲି କେତେ ଚେତାବନୀ ଆମକୁ ଶୁଣେଇ ଦିଆଯାଇଛି। 'ମନବୋଧ ଚଉତିଶା'ରେ ମନକୁ କେତେ ଗଭୀର ଭାବେ ଚିଆଁଇ ଚେତେଇ ଦିଆଯାଇଛି। ହେଇଛି କ'ଣ। ମନ ବୁଝିଚି ନା ଅବୁଝା ରହିଚି ଚିରଦିନ। ଗୋଟିଏ ଅର୍ଥରେ ସେସବୁ ଅଳୀକ ନିଶ୍ଚୟ। ତେବେ କ'ଣ ଅଳୀକ ନୁହେଁ ଯେ! ଏଇ ବିଶ୍ୱବ୍ରହ୍ମାଣ୍ଡ, ଆମ ପ୍ରିୟ ପୃଥିବୀ କୋଟି କୋଟି ବର୍ଷରେ ଏଇପରି ତିଷ୍ଠି ଥିବ ନା କେତେ ଧ୍ୱଂସ ଓ ସର୍ଜନାର ବାଟରେ ବ୍ରହ୍ମାଣ୍ଡ ବଦଳି ଯାଉଥିବ। ଆମେ ଯେଉଁ ସମୟକୁ ବଂଚନ୍ତି, ସାଂପ୍ରତିକ କହନ୍ତି, କେତେ ଆପେକ୍ଷିକ, ନଗଣ୍ୟ। ତେଣୁ ଭଂଗୁରତାକୁ କେଉଁ ଅବିନାଶୀପଣରେ ଆମେ ମାର୍ଜିତ ଓ କାଳାତୀତ କରିପାରିବା? ସବୁତ କାଳର ଅଧୀନ। ସେଇଥିପାଇଁ ଯେଉଁ ଦୁର୍ଲଭ ଜୀବନଟି ମିଳିଛି, ତାକୁ ଭୋଗିବା ପାଇଁ, ବଂଚିବା ପାଇଁ ଉପଯୋଗ କରିବା ପାଇଁ, ସକଳ ସଂଭାବନାକୁ ରୂପ ଦେବାପାଇଁ ଆମକୁ ଜୀବନର ଆଲୁଅ ଜଳୁଥିବା ଆଧାରଟିକୁ ସୁରକ୍ଷିତ, ସୁସ୍ଥ, ସୁନ୍ଦର ଓ କର୍ମାନୁକୂଳ କରିରଖିବାକୁ ହେବ। ତାକୁ ହେୟ, ତୁଚ୍ଛ, ମୂଲ୍ୟହୀନ, ଅପ୍ରାସଙ୍ଗିକ କହି ଆମେ ସୃଷ୍ଟିର ଅବମାନନା କରନ୍ତି। ଏଇ ଅନିତ୍ୟତା ଭିତରେ ନିତ୍ୟତାର ସ୍ପର୍ଶଟିଏ ଅନୁଭବ କରିହୁଏ। ଆଧାରଟିଏ ଦୀପଟିଏ ପାଇଁ ଯେପରି ଅପରିହାର୍ଯ୍ୟ, ନିତ୍ୟତାର ରାସପାଇଁ ଅନିତ୍ୟତାର ମଂଚଟିଏ, ଘଟଟିଏ ଖୁବ୍ ଦରକାର। ସେଇ ଘଟପ୍ରତି ଶ୍ରଦ୍ଧା, ସମ୍ମାନବୋଧ ପୋଷଣ କରିବା ଓ ତା'ର ସୁଯତ୍ନ କରିବା ଦୋଷାବହ କିପରି! ତା'ପ୍ରତି ଏତେ ବିରାଗ କାହିଁକି! ମାଟିଘଟରେ ଫୁଲ, ଫଳ, ଫସଲର ନିତ୍ୟ ସମ୍ଭାର। ଜୀବନର ସେଇ ଆଧାରଟିକୁ ପରମ ଶ୍ରଦ୍ଧାରେ ଗ୍ରହଣ କରିବାରେ ଅପରାଧ କାହିଁ!

ସବୁ ସାଧନପାଇଁ, ତପସ୍ୟାଲାଗି, ପ୍ରାପ୍ତି ନିମିତ୍ତ ଦେହଟି ଆଗେ ଦରକାର। ଦେହ ଥିଲେ ତ ସବୁ ମିଳିବ। ତା'ର ବିରୋଧୀ ହେଲେ ସବୁଯାକ ଯୋଗ ଶେଷ ହେଇଯିବ। ସନ୍ଥକବି କେତେ ବୈରାଗ୍ୟର ରସୋତ୍ତୀର୍ଣ୍ଣ ବାଣୀ ଶୁଣେଇଛନ୍ତି। ମାତ୍ର ଅନୁରାଗ ପ୍ରତି ଅସହିଷ୍ଣୁ ନୁହଂନ୍ତି। ଅନୁରାଗରେ ଲାଳିତ ଦେହଟି ଥିଲେ ସେଇ ପାର୍ଥିବତା ଭିତରେ ପରମଟି ଆସନପାତି ବସିଥାଏ। ସେଇ ଦୁଇପକ୍ଷୀ ଗୋଟିଏ ଗଛରେ ସହାବସ୍ଥାନ କରନ୍ତି। ଭୁଂଜୁଥିବା ପକ୍ଷୀଟି ଅଛି ବୋଲିତ ଭୁଂଜୁନଥିବା ପକ୍ଷୀର ଧାରଣାଟିଏ ପ୍ରତିଭାତ ହେଉଛି। ଜଳ ଅଛି ସେଥିରେ ସୂର୍ଯ୍ୟଚନ୍ଦ୍ରଙ୍କ ଛାଇ ପଡ଼ୁଛି। ଦର୍ପଣଟିଏ ପରି ଦେହରେ ଦେହାତୀତର ଛାୟାପାତ ହେଉଛି। ଆମେ ସେଇ ଛାୟାକୁ ଦେଖି ମୁଗ୍ଧ ହେଉଛନ୍ତି। ନିଜର ହୀନମନ୍ୟତା ଚାଲିଯାଉଛି, ଆମେ ଜାଣୁଛୁ, ଆମେ ଗୋଟିଏ ଶୁଷ୍କ ନଈ ନୁହନ୍ତି। ଜୀବନର ଜଳାଧାର ଏ ଦେହ। ସେଇ ଜଳାଧାରରେ ଦିବ୍ୟ ପୁରୁଷର ଛାଇଟି ସଦା ପ୍ରତିବିମ୍ବିତ। ଧାରରୁ ଜଳ ଶୁଖିଗଲେ, ସବୁ ଅର୍ଥହୀନ। ସେଇ ଧାରଟିକୁ ଯେତେ ସମୟ ସଂଭବ ଅପ୍ରତିହତ, ନିରାମୟ ଓ ନିୟତ କରି ରଖାଯାଇପାରେ। ତାକୁ ଠାକୁରଙ୍କୁ ପୂଜା କଲାପରି ପୂଜା ପଛେ କରାନଯାଉ, ଭଲପାଇ ହେବ ଓ ତା'ର ସୁରକ୍ଷା ଶେଷ ମୁହୂର୍ତ୍ତ ଯାଏ କରାଯାଇପାରିବ।

ଦେଉଳରେ ଦେବଦେବୀଙ୍କୁ ପୂଜା କଲାବେଳେ ଦେଉଳପ୍ରତି ଆମେ ସଂଭ୍ରମ ପ୍ରକାଶ କରନ୍ତି। ତା'ର କଳାକୃତି, ସୌନ୍ଦର୍ଯ୍ୟ, ଭାସ୍କର୍ଯ୍ୟର ସୂକ୍ଷ୍ମାତିସୂକ୍ଷ୍ମ ପ୍ରକାଶକୁ ଶ୍ରଦ୍ଧାରେ, ବିସ୍ମୟରେ ଦେଖନ୍ତି। ଦେବଦେବୀଙ୍କ ସେଇ ଆସ୍ଥାନ ବା ଆଳୟପରି ଆମର ଏଇ ତଥାକଥିତ ଦେହ ପ୍ରକୃତରେ ଦେବାଳୟଟିଏ। ଦେବଦେବୀଙ୍କ ଆରାଧନା କି ନୀରାଜନା ବେଳେ ଦେବାଳୟ କ'ଣ ନିଗୃହୀତ ହେଇରହେ!

**କୋଟପୁର, ଯାଜପୁର- ୭୫୫୦୦୮**
**ଦୂରଭାଷା :୯୯୩୭୫୫୧୫୭୭**



# ଜଙ୍ଗଲି

ସମରେନ୍ଦ୍ର ବଳିଆରସିଂହ

ଗପ ହେଲେ ବି ସତ। ଗପ ବି ସତ ହୋଇପାରେ। ହୁଏତ ସତକଥାକୁ ନେଇ ଗପ ଲେଖାଯାଇପାରେ! ହୁଏତ କଳ୍ପନା ବି ବାସ୍ତବ ରୂପ ନେଇପାରେ! ହଁ ସେଇଭଳି କିଛି ହେଇଚି। 'ଜଙ୍ଗଲ ବୁକ୍'ର ପ୍ରସିଦ୍ଧ 'ମୋଗ୍‌ଲି' ଚରିତ୍ର ସତ ହେଇଯାଇଚି। ସିଏ ଥିଲା ପୁଅ, ଇଏ କିନ୍ତୁ ଝିଅ। ଉତ୍ତରପ୍ରଦେଶ ବାହାରିଚର କଟର୍ନିଆ ଘାଟ ଜଙ୍ଗଲରୁ ମିଳିଛି ଜଙ୍ଗଲି ଝିଅ ବା ମୋଗଲି ଗାର୍ଲ। ବୟସ ମାତ୍ର ୮ ବର୍ଷ। ସିଏ ଜଙ୍ଗଲରେ ଥିଲା ପଶୁପକ୍ଷୀଙ୍କ ମେଳରେ ରହୁଥିଲା। ସିଏ ମଣିଷ କିନ୍ତୁ ପଶୁ ପରି ଆଚରଣ। ଯେ ଦେଶେ ଯାଇ, ସେ ଫଳ ଖାଇ। ଯୋଉ ଜଂଗଲ ଥିଲା ତା'ର ଆବାସ, ସେଇ ଜଂଗଲର ପରିବେଶ ଅନୁଯାୟୀ ସେ ବଢ଼ିଥିଲା। କେତେବେଳେ ହାତରେ ତ କେତେବେଳେ ଗୋଡ଼ରେ ଖାଉଥିଲା, କହୁଣି ଆଉ ଆଣ୍ଠୁରେ ଭରା ଦେଇ ଚାଲୁଥିଲା। ମାଂକଡ଼ଙ୍କ ଭଳି ଏ ଗଛରୁ ସେ ଗଛକୁ ଡ଼େଉଁଥିଲା। ତେବେ ସେ କେମିତି ସେ ଜଂଗଲକୁ ଗଲା, କିଏ ତାକୁ ସେଠି ଛାଡ଼ିଲା, କିଛି ଜଣାପଡୁନି, କାରଣ ଏ ଝିଅକୁ ମଣିଷର ଭାଷା ଜଣାନାହିଁ, ତାକୁ ଜଣାଅଛି ଜଂଗଲର ଭାଷା, ପଶୁପକ୍ଷୀଙ୍କର ଭାଷା। 'ଜଙ୍ଗଲ ବୁକ୍' ଫିଲ୍ମରେ ଆପଣ ଦେଖିଥିବେ, ମୋଗଲି ଆଉ ପଶୁପକ୍ଷୀମାନେ ମଣିଷର ଭାଷାରେ କଥା ହେଉଥିଲେ। ହାଃ ହାଃ ଆମମାଂନକ ବୁଝିବା ପାଇଁ ଫିଲ୍ମରେ ମଣିଷର ଭାଷା ବ୍ୟବହାର ହୋଇଥିଲା। ତେବେ ଉତ୍ତରପ୍ରଦେଶର କଟର୍ନିଆ ଘାଟ ଜଂଗଲରୁ ମିଳିଥିବା ଝିଅ ପଶୁପକ୍ଷୀମାନଙ୍କ ସାଂଗରେ ଯେଉଁ ଭାଷାରେ କଥା ହେଉଥିଲା, ତାହା କେବଳ ସେ ହିଁ ଜାଣେ। ଆଶ୍ଚର୍ଯ୍ୟ ଲାଗୁଚି, ହିଂସ୍ର ପଶୁମାନେ ଜଙ୍ଗଲରେ ଥିବାବେଳେ ସେ କେମିତି ଘଂଚ ଜଙ୍ଗଲ ଭିତରେ ବଂଚିରହିଥିଲା। ଅବଶ୍ୟ ତା' ଦେହରେ ଅନେକ କ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା।

ଜଂଲି ଝିଅ ଜଂଗଲରୁ ଜନପଦକୁ କେମିତି ଆସିଲା, ସେ ପ୍ରସଂଗ ଗଣମାଧମରେ ଚର୍ଚ୍ଚାର ବିଷୟ ହୋଇଥିଲା। ଗତ ଏପ୍ରିଲ ମାସ ପ୍ରଥମ ସପ୍ତାହରେ ଜଙ୍ଗଲି ଝିଅ ଉଦ୍ଧାର ପାଇବାର ଏକ୍ସକ୍ଲୁସିଭ୍ ଦୃଶ୍ୟ ଭାଇରାଲ ହୋଇଯାଇଥିଲା। ସିନିଅର ପୁଲିସ ଇନସପେକ୍ଟର ସୁରେଶ ଯାଦବ ମୋତିପୁର ରେଂଜ ଅଂଚଳରେ ପାଟ୍ରୋଲିଙ୍ଗ କରୁଥିବାବେଳେ ଏ ଝିଅକୁ ଆବିଷ୍କାର କରିଥିଲେ। ସେ ଆଶ୍ଚର୍ଯ୍ୟ ହେଇଗଲେ, ଛୋଟ ପିଲାଟେ ମାଂକଡ଼ମାନଙ୍କ ଘେରରେ କେମିତି ଅଛି? ଭାବିଲେ ତାକୁ କ'ଣ ମାଂକଡ଼ମାନେ ଜନପଦରୁ ଉଠେଇ ଆଣିଛନ୍ତି? ତେବେ ସେଇ ସମୟ ଭାବିବାର ସମୟ ନଥିଲା, କାରଣ ଟିକେ ବିଳମ୍ବ କଲେ ମାଂକଡ଼ମାନେ ତାକୁ ସେଠାରୁ ନେଇ ଚାଲିଯିବେ! ତା'ପରେ ଇନସପେକ୍ଟର ସାର୍ ଝିଅଟିକୁ ମାଂକଡ଼ମାନଙ୍କ କବଳରୁ ଉଦ୍ଧାର କରିବାକୁ ଚାହିଁଲେ। ତେବେ ମାଂକଡ଼ମାନେ ଏଥିରେ ତାଂକୁ ପ୍ରତିରୋଧ କଲେ, ଝିଅଟି ବି ତାଂକ ସହ ଆସିବାକୁ ଚାହୁଁନଥିଲା। ତେବେ କୌଣସି ମତେ ମାଂକଡ଼ମାନଙ୍କ କବଳରୁ ସେ ମୋଗଲି ଗାର୍ଲକୁ ଉଦ୍ଧାର କରି ଆଣି ଏ ହସପିଟାଲରେ ଭର୍ତ୍ତି କଲେ। ତା'ପରେ ତା'ର ଚିକିତ୍ସା ଚାଲିଲା। ତା' ଦେହରେ ହୋଇଥିବା କ୍ଷତଗୁଡ଼ିକ ଧୀରେ ଧୀରେ ଭଲ ହେବାରେ ଲାଗିଚି। ପୂର୍ବ ଅପେକ୍ଷା ତା' ଅବସ୍ଥାରେ ଯଥେଷ୍ଟ ସୁଧାର ଆସିଛି। ଝିଅଟିକୁ ଏବେ ମଣିଷର ନାଁ ମିଳିଚି; ମୋଗଲି ଗାର୍ଲରୁ ସେ ହେଇଚି 'ଏହସାସ୍'। ଏହାପରେ ଉତ୍ତରପ୍ରଦେଶ ଜୋନପୁରର ଏକ ଗରିବ ଦମ୍ପତ୍ତି ରମଜାନ ଅଲ୍ଲୀ ଶାହ ଓ ନଜମା ଦାବି କଲେ ଯେ, ମୋଗଲି ଗାର୍ଲ ହଉଚି ସେମାନଙ୍କର ଝିଅ। ଗତବର୍ଷ ମାର୍ଚ୍ଚ ମାସରେ ସେମାନେ ବଜାର ଯାଇଥିବାବେଳେ ଝିଅ କୁଆଡ଼େ ହଜିଯାଇଥିଲା। ତେବେ ମାତ୍ର ବର୍ଷକ ଭିତରେ ୮ ବର୍ଷର ଝିଅ କେମିତି ମଣିଷର ଭାଷା ଭୁଲିଗଲା, ତାହା ଆଶ୍ଚର୍ଯ୍ୟ ଜନକ। ବର୍ତ୍ତମାନ ଏ ନେଇ ଅନୁସଂଧାନ ଚାଲିଚି। ହୁଏତ ଦମ୍ପତ୍ତିଙ୍କର ଡ଼ି.ଏନ୍.ଏ ପରୀକ୍ଷା ହେବାପରେ ସତ ଜଣାପଡ଼ିବ।

ଜଂଗଲରୁ ମୋଗଲିର ଆବିଷ୍କାର ଭଳି ଘଟଣା ଏହା ପ୍ରଥମ ନୁହେଁ। ଏଭଳି ଅନେକ ଘଟଣା ଏ ପୃଥିବୀ ପୃଷ୍ଠରେ ଦେଖିବାକୁ ମିଳିଛି। ସେଇ ମୋଗଲିମାନେ ଜଂଗଲରେ ହିଂସ୍ର ବନ୍ୟଜନ୍ତୁଙ୍କ ମେଳରେ ବହୁବର୍ଷ ଅତିବାହିତ କରିଥିଲେ। ଅନାୟାସରେ ବଡ଼ ବଡ଼ ଗଛରେ ଚଢ଼ିପାରୁଥିଲେ, ମାଂକଡ଼ ଓ ଅନ୍ୟାନ୍ୟ ଜୀବଜନ୍ତୁ ଏପରିକି ସାପମାନଙ୍କ ସହ ନିର୍ଭୟରେ ଖେଳୁଥିଲେ। ଆଚରଣ ଏକଦମ ପଶୁମାନଙ୍କ ଭଳି। ପଶୁପକ୍ଷୀମାନଙ୍କ ଭାଷାରେ କଥା ହେଉଥିଲେ, ସେମାନଙ୍କ ଭାଷା ବୁଝିପାରୁଥିଲେ ଜଙ୍ଗଲି ପିଲାମାନେ। ଜଂଗଲରୁ ଉଦ୍ଧାର କରାଯାଇ ସେମାନଙ୍କୁ କଥା କହିବା ଶିଖାଯାଇଥିଲା, ତା'ପରେ ସେମାନେ ପାଠ ବି ପଢ଼ିଥିଲେ। ମଣିଷ ଭଳି କେମିତି ରହିବାକୁ ହୁଏ, ସେସବୁ ଶିଖିଥିଲେ। ତେବେ 'ଜଙ୍ଗଲରେ ମଣିଷ ପିଲା' କେମିତି ପହଂଚିଯାଆନ୍ତି; ଏ ନେଇ ଅନେକ ପ୍ରଶ୍ନ ଉଠିଛି। କାରଣ ବାପା, ମା' କ'ଣ ଜାଣିଶୁଣି ସେମାନଂକ ଛୁଆକୁ ଏମିତି ଜଂଗଲରେ ଛାଡ଼ିଦଉଛନ୍ତି ନା ଜଂଗଲ ରାସ୍ତା ଦେଇ ଗଲାବେଳେ ଏ ପିଲା ଦୁର୍ଭାଗ୍ୟକ୍ରମେ ହଜିଯାଉଛନ୍ତି? କ'ଣ ହେଇପାରେ କାରଣ? ତେବେ ସବୁଠାରୁ ବଡ଼ ପ୍ରଶ୍ନ: ଅବୈଧ ବା ଅବାଂଛିତ ସନ୍ତାନକୁ କିଏ ଜଂଗଲରେ ଛାଡ଼ିଦଉଚି କି?

ପାଠକବଂଧୁ ୧୯୯୩ ମସିହା ଜୁଲାଇ ମାସରେ ଯେତେବେଳେ 'ଜଙ୍ଗଲ ବୁକ୍' ସିରିଏଲ ଦୂରଦର୍ଶନରେ ପ୍ରସାରିତ ହେଲା, 'ମୋଗଲି' ଚରିତ୍ର ଭାରି ପ୍ରସିଦ୍ଧ ହୋଇଗଲା। 'ଜଙ୍ଗଲ ଜଙ୍ଗଲ ବାତ୍ ଚଲି ହେ, ପତା

ଚଲା, ଚଢ଼ି ପେହେନକେ ଫୁଲ୍ ଖିଲା ହେ' ଗୀତଟି ପିଲାଙ୍କ ଭିତରେ ପୂରା 'ଭାଇରାଲ' ହେଇଗଲା। ଗପ ହେଲେ ବି ସତ ଭଳି ଲାଗୁଥିଲା। ଗପ ବି ସତ ହେଇପାରେ! ହୁଏତ ସତକଥାକୁ ନେଇ ଗପ ଲେଖାଯାଇଥାଇପାରେ! ହୁଏତ କଳ୍ପନା ସତରେ ପରିଣତ ହୋଇପାରେ! ସେଇଭଳି କିଛି ହେଇଚି 'ଜଙ୍ଗଲ୍ ବୁକ୍' କ୍ଷେତ୍ରରେ। ଜଙ୍ଗଲ ବୁକର ପ୍ରସିଦ୍ଧ ମୋଗଲି ଚରିତ୍ର ସତ ହେଇଯାଇଚି। ତେବେ ଆଉ ଟିକେ ମୂଳକୁ ଯିବା, ଏ ସମ୍ବନ୍ଧରେ କିଛି ତଥ୍ୟ ଜାଣିନବା, ପିଲାମାନଙ୍କ ପାଇଁ ଏହା ଆବଶ୍ୟକ। 'ଜଙ୍ଗଲ ବୁକ୍'ର ଲେଖକ ହେଉଛନ୍ତି ଜଣେ ବ୍ରିଟିଶ୍ ସାମ୍ବାଦିକ, କ୍ଷୁଦ୍ରଗଳ୍ପ ଲେଖକ, ଔପନ୍ୟାସିକ ତଥା କବି 'ରୁଡ଼୍ୟାର୍ଡ଼ କିପଲିଙ୍ଗ୍'। ସେ ଜନ୍ମ ହୋଇଥିଲେ ୧୮୬୫ ମସିହାରେ ଆଉ ତାଙ୍କର ମୃତ୍ୟୁ ଘଟିଥିଲା ୧୯୩୬ ମସିହାରେ। ଜଙ୍ଗଲ ବୁକ୍ ସମେତ ଆହୁରି ଅନେକ ବହି ସେ ଲେଖିଛନ୍ତି। ପିଲାମାନଙ୍କ ପାଇଁ ସେ ଲେଖିଥିବା ବହିଗୁଡ଼ିକ ଭାରି ମଜାଦାର। ଆଜିକାଲି ସିନା କାର୍ଟୁନ, ଫିଲ୍ମ ଦେଖିବାକୁ ପିଲାମାନେ ପସନ୍ଦ କରୁଛନ୍ତି, କିନ୍ତୁ ବହି ପଢ଼ାରେ ଯେଉଁ ଆନନ୍ଦ, ତାହା ଆଉ କେଉଁଥିରେ ନାହିଁ। କିପଲିଙ୍ଗଙ୍କର ବହିଗୁଡ଼ିକରେ ସେଇ ଆନନ୍ଦ ଭରି ରହିଥିଲା, ଏକଦମ ନିଶାଗ୍ରସ୍ତ କରିଦେବ। ୧୯୦୭ ମସିହାରେ ସାହିତ୍ୟ ପାଇଁ ତାଂକୁ ନୋବେଲ ପୁରସ୍କାର ମିଳିଥିଲା। ତେବେ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଜଙ୍ଗଲ ବୁକର ଏଇ ଲେଖକ ରୁଡ଼୍ୟାର୍ଡ଼ କିପଲିଙ୍ଗ ଭାରତରେ ଜନ୍ମଗ୍ରହଣ କରିଥିଲେ ଏବଂ ଜୀବନର ପ୍ରଥମ ୬ ବର୍ଷ ସେ ଭାରତରେ କଟେଇଥିଲେ। ତେଣୁ ଜଙ୍ଗଲ ବୁକର କାହାଣୀର ମୂଳଉତ୍ସ ହେଉଚି ଭାରତୀୟ ଜଙ୍ଗଲ ଓ ପରିବେଶ। ଜଙ୍ଗଲ ବୁକ୍ ପ୍ରକାଶିତ ହେବାର ଏତେ ବର୍ଷପରେ ଏହାର ଲୋକପ୍ରିୟତା ଆହୁରି ବଢ଼ି ବଢ଼ି ଚାଲିଚି। ଏଇ କାହାଣୀକୁ ନେଇ ଅନେକ ସିରିଏଲ ଓ ଫିଲ୍ମ ପ୍ରସ୍ତୁତ ହେଇଛି। ଗତବର୍ଷ ମଧ୍ୟ ଏକ ଫିଲ୍ମ ରିଲିଜ୍ ହେଇ ଆଶାତୀତ ସଫଳତା ଲାଭ କରିଛି। ତେବେ ଏସବୁର ମୂଳ ହେଉଛି ଭାରତୀୟ ଜଂଗଲ ଓ 'ଜଂଗଲ ବୁକ୍'ର ଲେଖକ ରୁଡ଼୍ୟାର୍ଡ଼ କିପଲିଙ୍ଗ୍।

**'ବିଷ୍ଣାମ୍ବା, ଏମ୍-୨୩, ବିଡ଼ିଏ କଲୋନୀ, ଖୋର୍ଦ୍ଧା- ୭୫୨୦୫୫**
**ଦୂରଭାଷ: ୯୪୩୭୨୩୨୮୯୮**

### ୧୪ ପୃଷ୍ଠାର ସୁ-ଡୋକୁ ପ୍ରଶ୍ନର ଉତ୍ତର

| | | | | | | | | |
|---|---|---|---|---|---|---|---|---|
| 3 | 7 | 9 | 1 | 4 | 5 | 2 | 6 | 8 |
| 6 | 5 | 4 | 2 | 8 | 7 | 9 | 3 | 1 |
| 2 | 1 | 8 | 6 | 9 | 3 | 4 | 5 | 7 |
| 7 | 2 | 3 | 5 | 1 | 4 | 8 | 9 | 6 |
| 5 | 8 | 1 | 3 | 6 | 9 | 7 | 2 | 4 |
| 4 | 9 | 6 | 8 | 7 | 2 | 5 | 1 | 3 |
| 8 | 3 | 7 | 9 | 5 | 1 | 6 | 4 | 2 |
| 1 | 4 | 5 | 7 | 2 | 6 | 3 | 8 | 9 |
| 9 | 6 | 2 | 4 | 3 | 8 | 1 | 7 | 5 |

# ନିଃଶ୍ୱାସକୁ ଏଠି ବିଶ୍ୱାସ ନାହିଁ

**ଅଜୟ କୁମାର ସେଠୀ**




ନିଃଶ୍ୱାସକୁ ଏଠି ବିଶ୍ୱାସ ନାହିଁ
ସ୍ୱାର୍ଥପାଇଁ ଆଜି ମଣିଷ ଜାତିଟା
ନର୍କର ପଥକୁ ଯାଏ ଓହ୍ଲାଇ।।
ଭଲ, ମନ୍ଦ କିଛି ବୁଝିପାରେନା
ନିଜର ଇଚ୍ଛାକୁ ପୂରା କରିବାକୁ
ଅସତ୍ୟ ବାଟରୁ ଫେରି ଆସେନା।।
ମୁଁ ରାହୁ ତାକୁ ଗିଳି ଚାଲିଛି
ଅହଂକାର ଅର୍ଥ ବୁଝିନପାରେ ସେ
ମୋର ମୋର ବୋଲି ସବୁ କହୁଛି।।
ଜାଣିଛି ଜୀବନ ଦିଦିନ ଖେଳ,
କାଳ ପୂରିଯିବ ଖେଳ ସରିଯିବ
ବୁଝିବାକୁ ତାକୁ ନଥିବ ବେଳ।।
ପର ସୁଖ ଶିରୀ ସହିପାରେନା
ନିଜ ଔକାତଠାରୁ ଅଧିକ ଦେଖାଇ
ଛଳନା ଜାଲରୁ ମୁକ୍ତିପାଏନା।।
ପର ପାଇଁ ସିଏ ଗାତ ଖୋଳଇ
ଭାବିଥାଏ କିଏ ଖାଲରେ ପଡ଼ିବ
ଶେଷରେ ସେ ଖାଲେ ନିଜେ ପଡ଼ଇ।।
କାମ, କ୍ରୋଧ, ମାୟା, ମୋହେ ମାତିଛି
ଅଧର୍ମ ରାସ୍ତାରେ ବାଟ ଚାଲୁ ଚାଲୁ
ଧର୍ମ ଫାଶୀଖୁଣ୍ଟେ ନିଜେ ଝୁଲୁଛି।।
ବିପଦରେ ଈଶ୍ୱରଙ୍କୁ ଖୋଜୁଛି
ସୁଖ ମିଳିଗଲେ ସବୁ ଭୁଲିଯାଇ
ପର ସର୍ବନାଶ ନିତି କରୁଛି।।
ସବୁଠି ବୁଲୁଛି ସମୟ ଆଖି,
ଯାହା କରୁଅଛେ ସବୁ ସେ ଦେଖୁଛି
ସିଏ ପରା ପାପ ପୁଣ୍ୟର ସାକ୍ଷୀ।।
ନିଃଶ୍ୱାସକୁ ଏଠି ବିଶ୍ୱାସ ନାହିଁ
ଈଶ୍ୱରଙ୍କ ଠାରେ ମନ ରଖିଥିଲେ
ସବୁ ଦୁଃଖ, ଶୋକ ଯିବ ଦୂରେଇ
ସୁଖର ସୂରୁଯ ଆସିବ ଉଇଁ।।

**ସା- ଅଂଜିରା, ପୋ- ଓହ୍ଲାଣ**
**ଭାୟା- ନିରାକାରପୁର, ଜି- ପୁରୀ**
**ଦୂରଭାଷ :୯୯୩୭୧୯୮୮୭୮**

# ସକାଳ ବନ୍ଦନା- ସଂଜ ପ୍ରାର୍ଥନା

ରମେଶ ମଙ୍ଗରାଜ



ଜୟ ଜଗନ୍ନାଥ କାଳିଆ ସାଆନ୍ତ
ଅପୂର୍ବ ତୁମରି ଲୀଳା
ବାରମାସେ ପ୍ରଭୁ ଭକତ ପାଇଁକି
କରୁଛ ତେର ଯାତରା ।।୦।।

ଦୁନିଆ ଭିତରେ ସଂସାର ଚଳଣି
ଖଞ୍ଜିଅଛ ନିଜପାଇଁ
ସ୍ନାନପୂର୍ଣ୍ଣିମାରେ ଗାଧୋଇ ପାଧୋଇ
ଅଣସରେ ଯାଅ ଶୋଇ
ଗୁଣ୍ଡିଚା ଯାତରେ ତିନୋଟି ରଥରେ
ବିଜେକର ଚକାଡ଼ୋଳା ।।୧।।

ଜୟ ଜଗନ୍ନାଥ..........

ଗୁଣ୍ଡିଚାରେ ଗଡ଼େ ବୟାଳିଶି ଚକ
ବାହୁଡ଼ାଇ ବୟାଳିଶି
ରଥ ଟାଣିଦେଲେ ଧନ୍ୟହୁଏ ଭକ୍ତ
ତରେ ନର୍କ ଚଉରାଶି
ରଥରେ ବାମନ ରୂପେ ଦେଖାଦେଇ
ଭକ୍ତ ସହ କର ଖେଳା ।।୨।।

ଜୟ ଜଗନ୍ନାଥ...........

**କବି ଓ କବିତା ଭବନ**
**ମହୁଲ/ ଅଙ୍ଗାରପଡ଼ା/ ଖୋର୍ଦ୍ଧା- ୭୫୨୦୫୪**
**ମୋ- ୯୧୭୮୬୨୬୨୮୦**

# ଶୁଭ ସକାଳ

ଗୋବିନ୍ଦଚନ୍ଦ୍ର ମହାରଣା



ପୂରୁବ ଆକାଶେସିନ୍ଦୂରା ଫାଟିଲା
ଦିଗ ଦିଶେ ନିରିମଳ
ତାରା ଗଲେ ଲୁଚି ପାହିଗଲା ରାତି
ଆସିଲା ଶୁଭ ସକାଳ।
ସୂରୁଜ କିରଣ ମୁରୁଜ ବୁଣିଲା
ଆଲୋକିତ ହେଲା ଧରା
ନିରବ ନିସ୍ତବ୍ଧ ଜୀବଜଗତଟା
ମୁଖରିତ ହେଲା ପରା।
ବସା ଛାଡ଼ି ପକ୍ଷୀ ଦଳଦଳ ହୋଇ
ଆକାଶରେ ଗଲେ ଉଡ଼ି
କୁଆ ରଡ଼ିକଲା କୁକ୍କୁଟ ଡ଼ାକିଲା
ଉଠ ସର୍ବେ ଶେଯଛାଡ଼ି।
ନାନା ଜାତି ଫୁଲ ଫୁଟି ମହକିଲେ
ଆହ୍ଲାଦିତ ହେଲା ମନ
ଦେବ ମନ୍ଦିରରୁ ଶୁଭିଲାଣି ଶଙ୍ଖ
ଘଣ୍ଟ କାହାଳୀର ସ୍ୱନ।
ହଳ ଲଙ୍ଗଳକୁ ଧରି ଚଷାପୁଅ
କ୍ଷେତକୁ ଗଲା ବାହାରି
ଗାଆଁ ପୋଖରୀରେ ଗାଧୁଆ ତୁଠରେ
ଲାଗିଲାଣି ଭିଡ଼ଭାରି।
ଛୋଟ ଛୋଟ ଶିଶୁ ଖେଳକୁଦେ ମାତି
ଦିଶୁଛନ୍ତି ହସହସ
ଛାତ୍ରଛାତ୍ରୀ ନିଜ ନିତ୍ୟକର୍ମ ସାରି
ପାଠ ପଢ଼ିବାକୁ ବସ।
ନୂଆ ଆଶା ନୂଆ ପୁଲକ ଜାଗିଛି
ନବ ପ୍ରଭାତର ପର୍ବେ
ନୂଆ ମନନେଇ ଉତ୍ସାହିତ ହୋଇ
କାମ କରିଯିବା ସର୍ବେ।

**ମଙ୍ଗଳା ନଗର, ଲେନ୍- ୧,**
**ଖୋର୍ଦ୍ଧା ଦୂରଭାଷ - ୯୪୩୮୭୩୪୬୪**

# ସରଗ ଦୁଆରେ ଗଢ଼ିଦେ କାଳିଆ ଆଉ ଏକ ଶ୍ରୀମନ୍ଦିର

**ଶାନ୍ତନୁ କୁମାର ଷଡ଼ଙ୍ଗୀ**

ଜୀବନରେ କେବେ ତୋ ଆଖିରୁ ପରା
ଝରିନାହିଁ ଥରେ ଲୁହ;
କାହିଁକି ଝରିବ ତୋ ଆଖିରୁ ଲୁହ
ମନରେତ ନାହିଁ କୋହ।।
ଶ୍ରୀମନ୍ଦିର ଆଜି ଲୋକ ସମାଗମ
ନପାଉଛି ଥଳକୂଳ;
ମୂକ ପାଲଟିଛ ସଂସାର ପାଇଁକି
ଲୋକ ମଲେ ମାଳମାଳ।।
ଅଧର୍ମ ଶାଗୁଣା ଉଡୁଛି ଆକାଶେ
ଧରଣୀ କମ୍ପୁଛି ପରା;
ଧରଣୀର ବକ୍ଷ ବିଦୀର୍ଣ୍ଣ ହୋଇଛି
ହୋଇଛି ସେ ଆତ୍ମହରା।।
ତୋର ହାତଟେକା ଖୁଦ କଣିକାକୁ
ନାହିଁତ ଭରସା ମୋର;
ତୋର ବଡ଼ପଣ ଲୋଡ଼ାନାହିଁ ମୋର
ଯିବି ସରଗ ଦୁଆର।
ଏଇ ଶ୍ରୀମନ୍ଦିରେ ଛତିଶ ପଉଟି
ଭୋଗ ତ ଖାଇ ବସିଛୁ;
କାହାରି ଦୁଃଖକୁ ନଶୁଣୁଛୁ ତୁହି
କାହା ଦୁଃଖ ତୁ ଶୁଣୁଛୁ ?
ଅନାଥ ହୋଇତ ବଡ଼ଦାଣ୍ଡେ ତୋର
ବୁଲୁଅଛି ପରାଆଜି;
ସାଜିଛିତ ଆଜି ଦାଣ୍ଡର ଭିକାରୀ
ନିଦ ମୋ ଯାଇଛି ହଜି।।
ଗରିବ ପିଠିଟା କୋରଡ଼ା ମାଡ଼ରେ
ରକ୍ତ ବୁହେ ଝରଝର;
ଦିନେ କେବେ ତୁହି ଭାବିଛୁ ତା କଥା
ସଭିଏଁ ତୋହର ପରା।।
ଘର ସଂସାରତ କରିଚାଲୁ ତୁହି
ଲକ୍ଷ୍ମୀଛଡ଼ା' କିଂତୁ ହେଲୁ;
ଦାନ ଦୁଇମୁଠା ପାଇଲୁନି ତୁହି
ଦୁନିଆ ସାରା ବୁଲିଲୁ।।
ସିଂହାସନପରେ କାହିଁକି ବସିଛୁ
କିଦୁଃଖ ବୁଝୁଛୁ ତୁହି;
ଧନ୍ୟରେ ଠାକୁର ନୀରବତ ରହି
କମ୍ପୁଅଛି ଆଜି ମହୀ।।
ଅରାତି ଆସୁଛି ଧରିନେବ ତୋତେ
ହୁସିଆର ହୋଇଯାଆ;
କଳିତ ପ୍ରବେଶି ସଂସାରକୁ ସିଏ
ନଦେଲା ଟିକିଏ ରାହା।।
ସରଗ ଦୁଆରେ ଗଢ଼ିଦେ କାଳିଆ
ଆଉ ଏକ ଶ୍ରୀମନ୍ଦିର;
ଭକତଂକ ଦୁଃଖ ହେଲା ଅପ୍ରମିତ
ଭୁଲିଲେ ଆପଣା ପର।।

ମହିଳୋ: ଭାୟା- କାଦୁଅପଡ଼ା,
ଜି: ଜଗତ୍‌ସିଂହପୁର- ୭୫୪୧୦୬
ମୋ- ୯୨୩୮୯୬୪୬୯୦

# ପରମାତ୍ମା

**ଶ୍ରୀମତୀ ରୀତା ପାଢ଼ୀ**

ପରମାତ୍ମା ନୁହେଁ ଏକ ଶବ୍ଦ
ଯାହାକୁ କି ପାଇବ ବହିରେ,
ପରମାତ୍ମା ନୁହେଁ ଏକ ମୂର୍ତ୍ତୀ,
ଯାହାକୁ କି ପୂଜିବ ମନ୍ଦିରେ।।

ପରମାତ୍ମା ନୁହେଁ ଏକ ବ୍ୟକ୍ତି,
ଯାହାକୁ କି ସମାଜେ ପାଇବ।
ପରମାତ୍ମା ଅଟେ ତ ଜୀବନ,
ଯାହା ନିଜ ଭିତରେ ମିଳିବ।।

ଜୀବନଟା ଅଟେ ଏକ ପ୍ରତିଧ୍ୱନି,
ଭଲ, ମନ୍ଦ, ମିଛ, ସତ ଲେଉଟିକି ଆସେ।
ଏଣୁ...........
ବନ୍ଧୁ ଜୀବନରେ କିଛି ଭଲକାମ କରି,
ଅପେକ୍ଷାରେ ରୁହ ପୁଣିଫେରିବ ସେ ପାଶେ।।

ମାର୍ଫତ - ସତ୍ୟ ନାରାୟଣ ପାଢ଼ୀ, ନବୀନାବାଗ, ଖୋରଧା
ଦୂରଭାଷ : ୯୮୬୧୩୨୪୯୧୭

# ଲାଳଗ୍ରନ୍ଥି



ଡା ଧନେଶ୍ୱର ସାହୁ
ଏମ୍.ବି.ବି.ଏସ୍.ଏମ.ଏସ

## ଏହା କ'ଣ ?

ଏହା ଶରୀରର ଏକ ପ୍ରକାର ଗ୍ରନ୍ଥି ଯିଏ ଲାଳ ତିଆରି କରନ୍ତି।

ଏହା କେତେ ପ୍ରକାରର ?

ଏହା ଚାରିପ୍ରକାରର।

**୧. ପାରୋଟିଡ଼ ଗ୍ରନ୍ଥି -**

- ଏହା ଦୁଇଟି। ଏହା ମୁହଁର ଦୁଇପାଖରେ ଜାଇଗୋମାଟିକ ଆର୍ଚ ତଳେ ଓ କାନ ସାମନାରେ ରୁହେ।
- ଏହା ୨୦-୩୦% ଲାଳ ତିଆରି କରେ।
- ଏହା ଲାଳ ସିରସ।

**୨. ସବମାଣ୍ଡିବୁଲାର ଗ୍ରନ୍ଥି -**

- ଏହା ଦୁଇଟି। ୱାଲନଟ ଆକାରର। ଏହା ତଳ ଯଥ ତଳେ ଓ ପାଟିତଳ ପଛପଟେ ପାଟି ବାହାରେ ଥାଏ।
- ଏହା ୬୫- ୭୦% ଲାଳ ତିଆରି କରେ।
- ଏହାର ଲାଳ ସିରସ ଓ ମ୍ୟୁକସ।

**୩. ସବଲିଙ୍ଗୁଆଲ ଗ୍ରନ୍ଥି -**

- ଏହା ଦୁଇଟି। ଏହା ଆଗପଟ ପାଟିତଳେ ଜିଭ ଓ ମାଣ୍ଡିବୁଲ ମଝିରେ ଥାଏ।
- ୫% ଲାଳ ତିଆରି କରେ।
- ଏହାର ଲାଳ ସିରସ ଓ ମ୍ୟୁକେସ।

**୪. ଛୋଟ ଲାଳ ଗ୍ରନ୍ଥି -**

- ଏହା ୬୦୦ରୁ ୧୦୦୦। ଏହା ପାଟି, ଲିପସ, ଜିଭ, ପାଲେଟରରେ ଥାଏ। ସେଇଗ୍ରନ୍ଥିଗୁଡ଼ିକୁ ଲେବିଆଲ୍ ବକାଲ, ଗ୍ଲସୋପାଲାଟାଇନ୍, ପାଲାଟାଇଟ୍, ପୋସ୍ଟେରିଅର୍ ଟଙ୍ଗ୍, ଆନ୍ତେରିଅର ଟଙ୍ଗ୍ ଆଦି କୁହାଯାଏ।
- ଏହାର ଲାଳ ମ୍ୟୁକେସ ଓ ସିରସ।

## ଏହାର କାମ କ'ଣ ?

ଏହା ଲାଳ ତିଆରି କରେ।

## ଦିନକୁ କେତେ ଲାଳ ତିଆରି ହୁଏ ?

୧୫୦୦ ମି.ଲି।

## ଲାଳରେ ସବୁ କ'ଣ କ'ଣ ଅଛି ?

- ଜଳ ୯୮% ଏହା ରଙ୍ଗହୀନ।
- ଇଲୋକ୍ଟ୍ରୋଲାଇଟସ- ଅଧିକାଂଶ ସୋଡ଼ିୟମ୍, ପୋଟାସିଅମ୍, କ୍ଲୋରାଇଡ୍, ବାଇକାର୍ବୋନେଟ୍।
- ମ୍ୟୁକସ
- ସାଧାରଣ ଭାବରେ ଲାଳ ସାମାନ୍ୟଏସିଡ଼ିକ (୬.୭୫- ୭ ପି.ଏଚ୍)
- ଡ଼ାଇଜେସ୍ଟିଭ୍ ଏନଂଜାଇମ୍ ଯଥା ସାଲିଭାରି ଆମାଇଲେଜ ବା ଟାଇଆଲିନ, ଲିଙ୍ଗୁଆଲ ଲାଇପେଜ, ଲାଇସୋଜାଇମ
- ଶ୍ୱେତ ରକ୍ତକଣିକା।
- ଏପିଥେଲିଆଲ ସେଲସ
- ଗ୍ଲାଇକୋପ୍ରୋଟିନସ
- ଆଇ.ଜି.ଏ ଡ଼ିଫେନ୍‌ସିନ୍‌ସ - ଜୀବାଣୁ ଓ ଭୂତାଣୁ ଠାରୁ ରକ୍ଷାକରନ୍ତି।
- ଆଣ୍ଟିବ୍ୟାକ୍ଟେରିଆଲ କଂପାଉଣ୍ଡସ
- ମେଟାବୋଲିକ ୱେଷ୍ଟ - ଇଉରିଆ, ଇଉରିକ ଏସିଡ଼।

## ଲାଳର କାମ କ'ଣ ?

- ପାଟିକୁ ଓଦା ରଖେ।
- ଶୁଖିଲା ଖାଦ୍ୟ ଓଦା କରେ। ଗରମ ଖାଦ୍ୟ ଥଣ୍ଡା କରେ।
- ଲାଳ ଖାଦ୍ୟରେ ଗୋଳାଇ ହୋଇ ଟେଷ୍ଟବଡ଼କୁ ଉତ୍ତେଜିତ କରେ।
- ଅଧିକ ବାଇକାରବୋନେଟ ଆଇଅନ ଯୋଗୁ ପାଟିର ଜିନିଷ ସବୁକୁ ବଫର କରେ।
- ଖାଦ୍ୟ ହଜମ କରେ - ଆଲଫା ଆମାଇଲେଜ ୧-୪ ଗ୍ଲାଇକୋସାଇଡ଼ ବଣ୍ଡ ଭାଙ୍ଗେ। ଲିଙ୍ଗୁଆଲ ଲାଇପେଜ ଫ୍ୟାଟ ହଜମ କରେ।
- ପାଟିର ବ୍ୟାକ୍ଟେରିଆର ଫ୍ଲୋରା କଣ୍ଟ୍ରୋଲ କରେ।
- ନୂଆ ଦାନ୍ତ ମିନରାଲାଇଜେସନ କରେ। ପ୍ରକ୍ୟାରିଅସ ଏନାମେଲକୁ ରିପେୟାର କରେ।
- ଦାନ୍ତକୁ ରକ୍ଷା କରେ।
- ପାଟିକୁ ସଫା ରଖେ।
- ଖାଦ୍ୟ ଓଦାକରି ଚୋବାଇବା ଓ ଗିଳିବାରେ ସାହାଯ୍ୟ କରେ।

## ଲାଳଗ୍ରନ୍ଥିର ରୋଗ ସବୁ କ'ଣ କ'ଣ

୧. ସିଆଲୋଆଡିନାଇଟିସ୍- ଲାଳଗ୍ରନ୍ଥି ଇନଫେକସନ ହେବା। ଜୀବାଣୁ, ଭୂତାଣୁ ଦ୍ୱାରା।

୨. ସିଆଲୋଲିଥିଆସିସ - ଲାଳଗ୍ରନ୍ଥିରେ ପଥର ହେବା।

୩. ଯୋଗ୍ରେନସ ସିଣ୍ଡ୍ରୋମ - ଯେତେବେଳେ ଶ୍ୱେତରକ୍ତ କଣିକା ଲାଳଗ୍ରନ୍ଥି, ଲୁହଗ୍ରନ୍ଥି, ତେଲଗ୍ରନ୍ଥିର ସ୍ୱାସ୍ଥ୍ୟକର ସେଲ ଉପରେ ଟାରଗେଟ କରେ। ଏହା ସାଧାରଣତଃ ଆଟୋଇମ୍ୟୁନ ଡ଼ିସଅଡ଼ରସ ଯଥା ଲୁପ୍‌ସରେ ପିଡ଼ୀତ ସ୍ତ୍ରୀଲୋକଙ୍କୁ ହୁଏ।

୪. କ୍ୟାନସର ହୋଇନଥିବା ଟ୍ୟୁମର - ପ୍ରିଓମେରଫିକ ଆଡ଼ିନୋମା

୫. କ୍ୟାନସର ହୋଇଥିବା ଟ୍ୟୁମର

୬. ଲାଳଗ୍ରନ୍ଥିର ସିସ୍ଟ

## ଲାଳଗ୍ରନ୍ଥି ରୋଗର ସଂକେତ ଓ ଲକ୍ଷଣ କ'ଣ କ'ଣ ?

ରୋଗ ଅନୁସାରେ ସଂକେତ ଓ ଲକ୍ଷଣ

- ସିଆଲୋଆଡ଼ିନାଇଟିସ୍:-
  - ଗାଲରେ ଫୁଲା, ପାଟିରେ ଫୁଲା, ଚିବୁକ ତଳେ ଫୁଲା।
  - ପାଟିକୁ ପୂଜ ଆସେ, ଗନ୍ଧହୁଏ।
  - ଜ୍ୱର, ମୁଣ୍ଡବିନ୍ଧା
  - ଲାଳଗ୍ରନ୍ଥିରେ ହାତ ମାରିଲେ ଦରଜ ଲାଗେ।
  - ଲାଳଗ୍ରନ୍ଥିରେ କଷ୍ଟ ଅନୁଭବ ହୁଏ।
- ସିଆଲୋଲିଥିଆସିସ୍:-
  - ଜିଭତଳେ, ଲାଳନଳୀରେ କଷ୍ଟଦାୟକ ଫୁଲା।
  - ଗାଲରେ, ଲାଳନଳୀରେ କଷ୍ଟଦାୟକ ଫୁଲା।
  - ଲାଳନଳୀ ଚିପିଲେ ଦରଜ ଲାଗେ।
  - ଲାଳନଳୀରେ ପଥର ଯୋଗୁଁ ଇନଫେକସନ ହୁଏ। ଲାଳନଳୀରୁ ପାଟିକୁ ପୂଜ ଯାଏ।
- ଯୋଗ୍ରେସନ ସିଣ୍ଡ୍ରୋମ:-
  - ଶୁଖିଲା ପାଟି।
  - ଶୁଖିଲା ଆଖି।
  - ଦାନ୍ତ ପୋକଖାଏ।
  - ପାଟିରେ ଘା' ହେବା।
  - ଗଣ୍ଠି କଷ୍ଟ ଓ ଫୁଲା ହେବା।
  - ଶୁଖିଲା କାଶ ହେବା।
  - ଦୁର୍ବଳ ଲାଗିବା।
  - ଲାଳଗ୍ରନ୍ଥି ଫୁଲିଯାଏ।
  - ବାରମ୍ବାର ଲାଳଗ୍ରନ୍ଥି ଇନଫେକସନ ହୁଏ।
- କ୍ୟାନସର ହୋଇନଥିବା ଟ୍ୟୁମର:- ପ୍ଲିଓମରଫିକ ଆଡ଼ିନୋମା
  - ଲାଳଗ୍ରନ୍ଥି ଜାଗାରେ କଷ୍ଟହୀନ ଫୁଲା।
  - ଫୁଲା ଧିରେ ଧିରେ ବଡ଼ହୁଏ।
  - ବଡ଼ହୋଇ ଅସୁବିଧା ସୃଷ୍ଟିକରେ। ଯାହା ଫଳରେ ଚୋବାଇବାକୁ କଷ୍ଟହୁଏ। କର୍କଶ ଗଳା ହୁଏ, ଗିଳିବାକୁ କଷ୍ଟହୁଏ। କଥା କହିବାରେ ଅସୁବିଧା ହୁଏ।
  - ହାତ ଫୁଲା ଜାଗାରେ ମାରିଲେ ଦରଜ ଲାଗେନି।
- କ୍ୟାନସର ହୋଇଥିବା ଲାଳଗ୍ରନ୍ଥି: -
  - ଲାଳଗ୍ରନ୍ଥି ଜାଗାରେ ଫୁଲା।
  - ଲାଳଗ୍ରନ୍ଥି ଜାଗାରେ ବ୍ୟଥା ଲାଗିରହିବା।
  - ଢୋକିବାରେ କଷ୍ଟହେବା।
  - ପାଟି ଖୋଲିବାକୁ ଅସୁବିଧା ହେବା।
  - ଗୋଟିଏ ପଟ ମୁହଁର ମାଂସପେଶୀ ଦୁର୍ବଳ ହେବା।
- ଲାଳଗ୍ରନ୍ଥିରେ ସିସ୍ଟ ହୋଇଥିଲେ: -
  - ହଳଦିଆ ମ୍ୟୁକସ ପାଟିକୁ ଯାଏ।
  - ଖାଇବାରେ କଷ୍ଟହୁଏ।
  - କହିବାରେ କଷ୍ଟହୁଏ।
  - ଗିଳିବାରେ କଷ୍ଟହୁଏ।
  - ଲାଳଗ୍ରନ୍ଥିରେ ଫୁଲା ଦେଖାଯାଏ।

## ଲାଳଗ୍ରନ୍ଥିର ନିଦାନ:-

- ସଙ୍କେତ ଓ ଲକ୍ଷଣ ଦେଖି।
- ଲାଳଗ୍ରନ୍ଥିର ଅଲଟ୍ରାସାଉଣ୍ଡ କରି।
- ଲାଳଗ୍ରନ୍ଥିର ଏମ୍.ଆର୍.ଆଇ କରି।
- ଲାଳଗ୍ରନ୍ଥିର ସି.ଟି ସ୍କାନକରି।
- ଲାଳଗ୍ରନ୍ଥିର ବାଇଓପସି କରି।
- ଲାଳଗ୍ରନ୍ଥି ନଳୀର ଏକ୍‌ସରେ କରି। - ସିଆଲୋଗ୍ରାମ।
- ଦାନ୍ତର ଏକସରେ କରି।

## ଲାଳଗ୍ରନ୍ଥି ରୋଗର ଚିକିତ୍ସା:-

ଚିକିତ୍ସା ରୋଗ ଉପରେ ନିର୍ଭର କରେ।

- ଅଧିକ ପାଣି ପିଇଲେ, ସୁଗାର ଫ୍ରି ଲେମନଜୁସ ପିଇଲେ ଲାଳ ଅଧିକ ବାହାରେ।
- ଲାଳଗ୍ରନ୍ଥିରେ ଗରମ ମ୍ୟାସେଜ କଲେ ଇନଫେକସନ ଓ ଲାଳଗ୍ରନ୍ଥି ପଥରରେ ଉପସମ ମିଳେ।
- ଆଣ୍ଟିବାଇଓଟିକ
- ଅପରେସନ
- ରେଡ଼ିଏସନ
- ଲିଥୋଟ୍ରିପ୍‌ସି- ପଥର ଗୁଣ୍ଡ କରିବା।
- ଦାନ୍ତର ଯତ୍ନ ନେବା।

କୌଣସି ଲୋକର ଲାଳଗ୍ରନ୍ଥି ଫୁଲିଲେ, ଦରଜ ଲାଗିଲେ, ବିନ୍ଧାହେଲେ, ଲାଳନଳୀରେ ପଥର ଖସିଲାପରି ଲାଗିଲେ, ଲାଳବାହାରିବାରେ ପରିବର୍ତ୍ତନ ଲକ୍ଷ୍ୟକଲେ, ପାଟି ଦୁର୍ଗନ୍ଧ ହେଲେ, ଜ୍ୱର ମୁଣ୍ଡବିନ୍ଧା ହେଲେ, ଦାନ୍ତ ପୋକ ଖାଇଲେ ଡ଼ାକ୍ତର ପରାମର୍ଶ କରି ଚିକିତ୍ସା କରିବା ଦରକାର। ଠିକ୍ ସମୟରେ ଚିକିତ୍ସା ନକଲେ ଅସୁବିଧାରେ ପଡ଼ିପାରନ୍ତି।

**ପୂର୍ବତନ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ, ଖୋର୍ଦ୍ଧା**



# ନିର୍ଯ୍ୟାତିତା ମହିଳା ବିଜ୍ଞାନୀ: ହାଇପୋସିଆ

ଡ. ରାମଚନ୍ଦ୍ର ଦେଓ

ଗ୍ରୀକ୍ ସାମ୍ରାଜ୍ୟର ପତନ ପରେ ଆଲେକଜାଣ୍ଡ୍ରିୟା ହୋଇଉଠିଥିଲା ଜ୍ଞାନ- ବିଜ୍ଞାନ ଚର୍ଚ୍ଚାର ଏକ ପୀଠସ୍ଥଳ। ଆଲେକଜାଣ୍ଡାରଙ୍କ ମୃତ୍ୟୁପରେ ତାଙ୍କର ସେନା ନାୟକମାନେ ଯେ ଯାହାର ସୁବିଧା ସ୍ଥାନରେ ନିଜ ନିଜର କର୍ତ୍ତୃତ୍ୱ ବିସ୍ତାର କରିବାରେ ବ୍ୟସ୍ତ ରହିଲେ। ସେତେବେଳେ ପ୍ରଥମ ଟଲେମୀ ସାଇପ୍ରସ (ବର୍ତ୍ତମାନର ପାଲେସ୍ତାଇନ), ସିରିଆର କିୟଦଂଶ ସହିତ ମିଶର ଭୂଖଣ୍ଡ ଦଖଲ କଲେ। ତାଙ୍କରି ପୃଷ୍ଠ ପୋଷକତାରେ ଆଲେକଜାଣ୍ଡ୍ରିୟା ଗଢ଼ିଉଠିଲା ବୈଜ୍ଞାନିକ ଗବେଷଣା ଓ ବିଦ୍ୟା ଚର୍ଚ୍ଚାର ଏକ ମିଉଜିୟମ। ସାହିତ୍ୟ, ଗଣିତ, ଜ୍ୟୋତିର୍ବିଜ୍ଞାନ, ଚିକିତ୍ସାବିଦ୍ୟା ଆଦି ନାନା ବିଷୟର ଅନୁଶୀଳନ ହେଉଥିଲା ସେଠାରେ। ମିଉଜିଅମ୍ ଗ୍ରନ୍ଥାଗାରରେ ସଂରକ୍ଷିତ ହୋଇଥିଲା ଚାରିଲକ୍ଷରୁ ଊର୍ଦ୍ଧ୍ୱ ଅମୂଲ୍ୟ ପୁସ୍ତକମାନ।

ଥିଓନ ଥିଲେ ଆଲେକଜାଣ୍ଡ୍ରିୟାର ସୁପ୍ରସିଦ୍ଧ ଗଣିତଜ୍ଞ। ପୂର୍ବସୂରୀ ଗଣିତଜ୍ଞମାନଙ୍କ ଗ୍ରନ୍ଥର ସଂପାଦନା ଓ ଟୀକା ଭାଷା ରଚନାରେ ତାଙ୍କର ଖ୍ୟାତି ଥିଲା ଅନେକ। ଇଉକ୍ଲିଡ୍‌ଙ୍କ ଏଲିମେଣ୍ଟସ ଓ ଟଲେମୀଙ୍କ ଆଲମାଜେଷ୍ଟ ଗ୍ରନ୍ଥ ଉପରେ ରଚିତ ତାଙ୍କର ଟୀକାଗୁଡ଼ିକ ତାଙ୍କୁ ଖ୍ୟାତିର ଚରମ ସୀମାରେ ପହଞ୍ଚାଇ ଦେଇଥିଲା। ସୁଇଡ଼ାସଙ୍କ ମତରେ ସେ ଥିଲେ ପ୍ୟାପାସେରଙ୍କ ସମସାମୟିକ ଅର୍ଥାତ୍ ସେ ଜନ୍ମ ହୋଇଥିଲେ ଆନୁମାନିକ ୩୪୦ ଖ୍ରୀଷ୍ଟାବ୍ଦରେ। ଆଲେକଜାଣ୍ଡ୍ରିୟାର ବିଜ୍ଞାନ ଚର୍ଚ୍ଚା ଇତିହାସର ପ୍ରାୟ ଶେଷ ଲଗ୍ନରେ ଥିଓନଙ୍କ କୁଳମଣ୍ଡନ କରି ଜନ୍ମ ନେଇଥିଲେ ହାଇପୋସିଆ। ସାର୍ଥକ ପିତାଙ୍କ ଉପଯୁକ୍ତ କନ୍ୟାର ଜନ୍ମ ସମ୍ଭବତଃ ୩୭୦ ଖ୍ରୀଷ୍ଟାବ୍ଦରେ ହୋଇଥିଲା। ତୁଳସୀ ଦୁଇପତ୍ରରୁ ବାସିଲାପରି ଅନିନ୍ଦ୍ୟ ସୁନ୍ଦରୀ ହାଇପୋସିଆଙ୍କ ପ୍ରତିଭାର ପରିଚୟ ମିଳିଥିଲା ତାଙ୍କର ଶୈଶବରୁ। ପିତା ଥିଓନ ଥିଲେ ପ୍ରତିଭାବାନ ଗଣିତଜ୍ଞ। ଦୁହିତା ହାଇପୋସିଆଙ୍କର ମଧ୍ୟ ଗଣିତ ପ୍ରତି ଥିଲା ପ୍ରବଳ ଆକର୍ଷଣ। ଶିଶୁ ପୁତ୍ରୀର ଗଣିତ ପ୍ରତି ଆଗ୍ରହ ଦେଖି ଥିଓନ ତା ଶିକ୍ଷାର ଦାୟିତ୍ୱ ନିଜ ହାତରେ ତୁଲାଇବାକୁ ମନସ୍ଥ କଲେ। ପିତା ନିକଟରୁ ଉପଯୁକ୍ତ ଶିକ୍ଷାଲାଭ କରି ହାଇପୋସିଆ ଅଳ୍ପକାଳ ମଧ୍ୟରେ ଗଣିତ ଓ ଦର୍ଶନ ବିଦ୍ୟାରେ ପାରଦର୍ଶିନୀ ହୋଇଉଠିଲେ। ଉଚ୍ଚଶିକ୍ଷା ପାଇଁ ପରବର୍ତ୍ତୀ ସମୟରେ ସେ ଏଥେନ୍‌ସ ଓ ଇଟାଲୀକୁ ମଧ୍ୟ ଯାଇଥିଲେ। ଥିଓନ ବୁଝିଥିଲେ ପ୍ରତିଭାର ଦୌଡ଼ରେ ତାଙ୍କ ଜନ୍ମିତ ସନ୍ତାନ ତାଙ୍କୁ ପଛରେ ପକାଇଦେବାକୁ ସକ୍ଷମ ହୋଇପାରିଛି। ସେଇଥିପାଇଁ ଟଲେମୀଙ୍କ ଆଲମାଜେଷ୍ଟ (Almagest) ସଂପାଦନା ସମୟରେ ହାଇପୋସିଆଙ୍କ ସାହାଯ୍ୟ ନେବାକୁ ସେ ଶ୍ରେୟ ମଣିଥିଲେ।

ହାଇପୋସିଆଙ୍କ ପୂର୍ବରୁ ପୃଥିବୀରେ କୌଣସି ମହିଳା ଗଣିତଜ୍ଞ ଥିଲେ କି ନାହିଁ ସେ ସମ୍ବନ୍ଧରେ ଇତିହାସ ଅଦ୍ୟାବଧି ନିରବ। ତେଣୁ ହାଇପୋସିଆଙ୍କୁ ବିଶ୍ୱର ପ୍ରଥମ ମହିଳା ଗଣିତଜ୍ଞର ଶିରୋପା ଦିଆଯିବାରେ ଦ୍ୱିମତ ହେବାର କାରଣ ନାହିଁ।

ହାଇପୋସିଆଙ୍କ ଅଧିକାଂଶ ରଚନା ଆମର ଦୃଷ୍ଟିଗୋଚରକୁ ଆସିପାରି ନାହିଁ। ତାର କାରଣ ହେଉଛି ୩୯୦ ଖ୍ରୀଷ୍ଟାବ୍ଦରେ ବିଶପ ଥିଓଫିଲାସ ଆଲେକଜାଣ୍ଡ୍ରିୟାର ବିଶାଳ ଗ୍ରନ୍ଥାଗାରଟିର ଏକାଂଶ ଧ୍ୱଂସ କରିଦେଇଥିଲେ। ବାକି ଅଂଶ ଧ୍ୱଂସ ହୋଇଥିଲା ୬୪୦ ଖ୍ରୀଷ୍ଟାବ୍ଦରେ। ସମ୍ଭବତଃ ସେଇ ଧ୍ୱଂସ ଲୀଳାରେ ହାଇପୋସିଆଙ୍କ ରଚନାଗୁଡ଼ିକ ଚିରକାଳ ପାଇଁ ବିଲୁପ୍ତ ହୋଇଯାଇଛି।

ହାଇପୋସିଆ ଯେ କେବଳ ଜଣେ ଗଣିତଜ୍ଞ ଥିଲେ ତାହା କହିବା ଠିକ୍ ନୁହେଁ, ଜ୍ୟୋତିର୍ବିଜ୍ଞାନରେ ମଧ୍ୟ ସେ ପ୍ରତିଭାର ସ୍ୱାକ୍ଷର ରଖିଯାଇଛନ୍ତି। ଇଉଡ଼କସାଶଙ୍କ ମତରେ ହାଇପୋସିଆ ତରଳ ବସ୍ତୁର ଘନତ୍ୱ ମାପ କରିବାର ଯନ୍ତ୍ର ହାଇଡ୍ରୋମିଟର ଏବଂ ଆକାଶରେ ଥିବା ଜ୍ୟୋତିଷ୍କମାନଙ୍କୁ ଚିହ୍ନିତ କରିବାର ଯନ୍ତ୍ର ଆଷ୍ଟ୍ରୋଲ୍ୟାବ ଉଦ୍ଭାବନ କରିଥିଲେ। ଏଷ୍ଟ୍ରୋନୋମିକାଲ କ୍ୟାନନ (Astronomical Cannon) ପୁସ୍ତକ ଜ୍ୟୋତିର୍ବିଦ୍ୟା ଉପରେ ତାଙ୍କର ଏକ ଉଲ୍ଲେଖନୀୟ ପୁସ୍ତକ। ଗଣିତପରି ଜ୍ୟୋତିର୍ବିଜ୍ଞାନର ଇତିହାସରେ ମଧ୍ୟ ହାଇପୋସିଆଙ୍କ ପୂର୍ବରୁ କୌଣସି ମହିଳା ଜ୍ୟୋତିର୍ବିଦ୍‌ଙ୍କ ନାମ ଶୁଣାଯାଏ ନାହିଁ। ବିଶ୍ୱର ପ୍ରଥମ ମହିଳା ଜ୍ୟୋତିର୍ବିଦ୍‌ଙ୍କୁ ସମ୍ମାନ ଜଣାଇବା ପାଇଁ ଚନ୍ଦ୍ରରେ ୪୧ କିଲୋମିଟର ଲମ୍ବ ଏବଂ ୨୮ କିଲୋମିଟର ପ୍ରସ୍ଥ ଗୋଟିଏ ଗହ୍ୱରର ନାମ ତାଙ୍କ ନାମରେ ନାମିତ କରାଯାଇଛି। "ରୂପ ଓ ଗୁଣରେ ସରସ୍ୱତୀ" କଥାଟା ହାଇପୋସିଆଙ୍କ ପାଇଁ ପ୍ରକୃତରେ ପ୍ରଯୁଜ୍ୟ। ତାଙ୍କର ଏଇ ଅନିନ୍ଦ୍ୟରୂପ ଓ ଗୁଣଗାରିମା ତାଙ୍କୁ ଅନେକଙ୍କ ନିକଟରେ ଈର୍ଷାର କାରଣ କରାଇଥିଲା। ନବ୍ୟପ୍ଲେଟୋନିୟ ଗୋଷ୍ଠୀର ନେତା ଇସିଡ଼ୋରାସଙ୍କ ସହିତ ସେ ପରିଣୟ ସୂତ୍ରରେ ଆବଦ୍ଧ ହୋଇଥିଲେ। ପରବର୍ତ୍ତୀ କାଳରେ ସେ ଏଇ ଗୋଷ୍ଠୀର ନେତ୍ରୀର ପଦ ମଧ୍ୟ ଅଳଙ୍କୃତ କରିଥିଲେ। ଆଲେକଜାଣ୍ଡ୍ରିୟାରେ ପ୍ଲେଟୋନିଷ୍ଟ ସ୍କୁଲ ପ୍ରଧାନ ଶିକ୍ଷିକା ପଦରେ ଅଧିଷ୍ଠିତା ଥିଲେ ସେ। ତାଙ୍କର ବହୁମୁଖୀ ପ୍ରତିଭାରେ ଆକୃଷ୍ଟ ହୋଇ ବହୁ ବିଦେଶୀ ଶିକ୍ଷାର୍ଥୀ ଶିକ୍ଷାଲାଭ ପାଇଁ ତାଙ୍କ ନିକଟକୁ ଆସୁଥିଲେ।

ରୋମରେ ସେତେବେଳେ ଖ୍ରୀଷ୍ଟଧର୍ମର ପ୍ରସାର ବହୁଳ ମାତ୍ରାରେ ଥିଲା। ରୋମର ସମ୍ରାଟ ମଧ୍ୟ ଖ୍ରୀଷ୍ଟଧର୍ମର ପୃଷ୍ଠପୋଷକତା କରୁଥିଲେ। ଗ୍ରୀକମାନଙ୍କ ପ୍ରତି ଖ୍ରୀଷ୍ଟିୟାନମାନଙ୍କର ଘୃଣା ଓ ବିଦ୍ୱେଷଭାବ ରହିଥିଲା। ଖ୍ରୀଷ୍ଟାନମାନଙ୍କ ନିକଟରେ ଗ୍ରୀକମାନେ ଥିଲେ ବିଧର୍ମୀ। ଜଣେ ଗ୍ରୀକ ମହିଳାଙ୍କ ଖ୍ୟାତି ସେ ସମୟର ଖ୍ରୀଷ୍ଟାନ ଧର୍ମଯାଜକଙ୍କ ନିକଟରେ ଅସହ୍ୟ

ହୋଇଉଠିଲା । ସେଇଠୁ ଆରମ୍ଭ ହେଲା ଷଡ଼ଯନ୍ତ୍ର । ସେଣ୍ଟ- ସିରିଲ ଖ୍ରୀଷ୍ଟଧର୍ମର ଅବମାନନା ହେଉଛି ବୋଲି ପ୍ରଚାରକରି ଦେଶବାସୀଙ୍କୁ ଉତ୍‌କ୍ଷିପ୍ତ କଲେ । ସେ କହିଲେ ପୌତ୍ତଳିକାବାଦୀ ବିଧର୍ମୀ ଗ୍ରୀକ ମହିଳା ହାଇପୋସିଆ ଖ୍ରୀଷ୍ଟାନମାନଙ୍କର ଶତ୍ରୁ । ତାର ପ୍ରଭାବରେ ଖ୍ରୀଷ୍ଟଧର୍ମ ବିପନ୍ନ । ତାଙ୍କ ବିରୁଦ୍ଧରେ ଆରମ୍ଭ ହେଲା ବିଚାରର ଏକ ପ୍ରହସନ । ବିଚାରରେ ହାଇପୋସିଆଙ୍କୁ ଦୋଷୀ ସାବ୍ୟସ୍ତ କରାଗଲା ଏବଂ ଆଦେଶ ହେଲା- "Craped her naked body with oyster shells."

୪୧୫ ଖ୍ରୀଷ୍ଟାବ୍ଦରେ ବଧ୍ୟ ଭୂମିରେ ଉପସ୍ଥିତ କରାଗଲା ଆଲେକଜାଣ୍ଡ୍ରିୟାର ଗୌରବ ଥିଓନ ତନୟା ହାଇପୋସିଆଙ୍କୁ । ସେ ସମୟରେ ତାଙ୍କର ଅବସ୍ଥା ଯେ କ'ଣ ଥିଲା ତାହା କୌଣସି ଦିନ ମିଳିବା ସମ୍ଭବ ନୁହେଁ । କାରଣ ଏକ ଦଳ ପୈଶାଚିକ ମଣିଷର ଉଲ୍ଲାସ ମଧ୍ୟରେ ତାଙ୍କର ବ୍ୟାଥାତୁର ସ୍ୱର କାହାରି କର୍ଣ୍ଣ ଗହ୍ୱରରେ ଆଲୋଡ଼ନ ସୃଷ୍ଟି କରିବା ପାଇଁ ସମର୍ଥ ହୋଇପାରିନଥିଲା । ସେଇ କାପୁରୁଷ ବୁଦ୍ଧିହୀନ ପଶୁ ପ୍ରବୃତ୍ତି ମଣିଷଙ୍କର ପଥର ମାଡ଼ରେ ଭୂମିଶାୟୀ ହୋଇଥିଲା ବିଶ୍ୱର ପ୍ରଥମ ମହିଳା ଗଣତଜ୍ଞଙ୍କର ନିଷ୍ପ୍ରାଣ ଶରୀର । ଅକାଳରେ ଲିଭିଗଲା ହାଇପୋସିଆଙ୍କ ଜୀବନଦୀପ ।

ହାଇପୋସିଆ ଥିଲେ ଆଲେକଜାଣ୍ଡ୍ରିୟାର ସର୍ବଶେଷ ଉଲ୍ଲେଖଯୋଗ୍ୟ ଗଣିତଜ୍ଞ । ତାଙ୍କର ଶୋଚନୀୟ ମୃତ୍ୟୁର ସଙ୍ଗେ ସଙ୍ଗେ ଏକ ହଜାର ବର୍ଷର ପ୍ରାଚୀନ ଗ୍ରୀକ ଓ ଗ୍ରେକୋ- ରୋମକ ବିଜ୍ଞାନର ପରିସମାପ୍ତି ଘଟିଥିଲା । ଆରମ୍ଭ ହେଲା ଇଉରୋପୀୟ ଅନ୍ଧକାର ଯୁଗର କାହାଣୀ । ଆଲେକଜାଣ୍ଡ୍ରିୟାର ଐଶ୍ୱର୍ଯ୍ୟପୂର୍ଣ୍ଣ ଗ୍ରନ୍ଥାଗାରର ଧ୍ୱଂସର ସଙ୍ଗେ ସଙ୍ଗେ ହାଇପୋସିଆଙ୍କ ବହୁମୂଲ୍ୟ ରଚନାଗୁଡ଼ିକ ବିଲୀନ ହୋଇଯାଇଛି ଚିରଦିନ ପାଇଁ । ତେଣୁ ଏଇ ବିଦୂଷୀ ନାରୀର ଗାଣିତିକ ପ୍ରତିଭାର ପ୍ରକୃତ ମୂଲ୍ୟାଙ୍କନ କୌଣସି ଦିନ ହେବା ସମ୍ଭବପର ନୁହେଁ ।

ଆଲେକଜାଣ୍ଡ୍ରିୟାର ବିଶୋପ ସେଦିନ ହାଇପୋସିଆଙ୍କୁ ପୃଥିବୀରୁ ବିଲୋପ କରିବାକୁ ଚାହିଁଥିଲେ । ସେ ତାଙ୍କର ମର ଶରୀରକୁ ନଷ୍ଟ କରିବାକୁ ସକ୍ଷମ ହୋଇଥିଲେ ମଧ୍ୟ, ତାଙ୍କର ଗୁଣଗାରିମା ମାନବ ସମାଜ ପାଇଁ ତାଙ୍କର ଅବଦାନକୁ ଲୁପ୍ତ କରିବାର କ୍ଷମତା ତାଙ୍କର ନଥିଲା । ଆଧୁନିକ ସଭ୍ୟ ସମାଜ ନିକଟରେ ହାଇପୋସିଆ ଚିର ବନ୍ଦିତ । ଏଇ ପ୍ରତିଭାମୟୀ ନାରୀର ନାମ ଆଜି କେବଳ ପୃଥିବୀରେ ନୁହେଁ, ଚନ୍ଦ୍ରଲୋକରେ ମଧ୍ୟ ଅମର ହୋଇରହିଛି । ସେଠାରେ ହାଇପୋସିଆ କ୍ରେଟର ବା ଗହ୍ୱରର ନିକଟବର୍ତ୍ତୀ ୧୪୧ କିଲୋମିଟର ଲମ୍ବା ଗୋଟିଏ ଛୋଟ ନଦୀ ପରି ପରିସରର ନାମ ରଖାଯାଇଛି । "ରିମେ ହାଇପୋସିଆ" । ମାନବ ସମାଜରେ ଗଣିତ ଓ ଜ୍ୟୋତିର୍ବିଜ୍ଞାନର ଆଦର ଯେତେଦିନ ରହିଥିବ, ହାଇପୋସିଆଙ୍କ ଜୀବନ ଚରିତ ତା ସହିତ ନିଶ୍ଚିତ ଭାବରେ ଉଦ୍‌ଘୋଷିତ ହେଉଥିବ ।

**ସଂପାଦକ, ଆମ ପରଶମଣି,**
**ବାବୁସାହି, ବାରିପଦା- ୭୫୭୦୦୧**
**ଦୂରଭାଷ : ୯୪୩୭୪୯୧୨୧୪**

---

# ମଧୁବାବୁଙ୍କ ମହନୀୟତା

ଜଗନ୍ନାଥ ମୁଦୁଲି

୧୯୦୫ ମସିହାରେ ମଧୁବାବୁ କଟକଠାରେ ଉତ୍କଳ ଟ୍ୟାନେରୀ ନାମରେ ଗୋଟିଏ ଜୋତା କାରଖାନା ବସାଇଥିଲେ । ଓଡ଼ିଆ କାରିଗରମାନେ ଗୋରୁ, ମଇଁଷି, ଗୋଧି, କୁମ୍ଭୀର ଆଦି ପ୍ରାଣୀମାନଙ୍କ ଚମଡ଼ାରୁ ଖୁବ୍ ସୁନ୍ଦର ଓ ମଜବୁତ୍ ଜୋତା ତିଆରି କରୁଥିଲେ । ଦେଶ ବିଦେଶରେ ଏହି ଜୋତାପାଇଁ ଓଡ଼ିଶାର ଖୁବ୍ ନାଁ ଡ଼ାକଥିଲା । କାମରେ ଖଇଚା ଦେଖିଲେ ମଧୁବାବୁ ବିଡ଼ା ବିଡ଼ା ଜୋତା ପୋଡ଼ି ଦେଉଥିଲେ । ସେଥିପାଇଁ ମଧୁବାବୁଙ୍କୁ ଟଙ୍କାପଇସାର ଘୋର ଅଭାବ ସହିବାକୁ ପଡ଼ିଥିଲା । ଫଳସ୍ୱରୂପ ୧୯୨୬ ମସିହାରେ ୨,୫୦,୦୦୦ ଟଙ୍କାରେ କାରଖାନାଟି ନିଲାମ ହୋଇଗଲା । ସେଦିନ ଦୁଃଖରେ ଭାଙ୍ଗିପଡ଼ି ମଧୁବାବୁ ୮ ଘଣ୍ଟା ବେହୋସ୍ ହୋଇଯାଇଥିଲେ ।

ମଧୁବାବୁଙ୍କ ମୃତ୍ୟୁର ଏକ ସପ୍ତାହ ପୂର୍ବରୁ ତାଙ୍କ ପାଖକୁ କେହି ଜଣେ ୮୦୦ ଟଙ୍କାର ମନିଅର୍ଡ଼ର ପଠାଇଥିଲେ । ମଧୁବାବୁଙ୍କ ଅବସ୍ଥା ସେତେବେଳେ ଶୋଚନୀୟ । କିନ୍ତୁ କଟକର କେଉଟ ସାହିରେ ନଳକୂପଟିଏ ନଥିବାରୁ ସେଠାରେ ବାରମ୍ବାର ହଇଜା ବ୍ୟାପୁଥିବା କଥା ସେ ମନେରଖିଥିଲେ ଏବଂ ସେହି ମନିଅର୍ଡ଼ର ଟଙ୍କାକୁ ତତ୍‌କ୍ଷଣାତ୍ ନଳକୂପ ଖୋଳାଇବାକୁ ପଠାଇଥିଲେ । ମୃତ୍ୟୁପରେ (୪-୨-୧୯୩୪) ତାଙ୍କୁ କଟକର ଗୋରାକବର ଠାରେ ସମାଧି ଦିଆଗଲା ।

**ଗାନ୍ଧୀନଗର, ଜଟଣୀ**

# ଗୁରୁଶିଷ୍ୟ ପରମ୍ପରାର ପର୍ବ ବ୍ୟାସ ପୂର୍ଣ୍ଣିମା

**ଗୋଲଖ ଚନ୍ଦ୍ର ଦାସ**



ଗୁରୁ ପୂର୍ଣ୍ଣିମା ବା ବ୍ୟାସ ପୂର୍ଣ୍ଣିମା ଏକ ପ୍ରାଚୀନ ଭାରତୀୟ ପର୍ବ । ଯେଉଁ ସମୟରୁ ଚାରିବେଦକୁ ସ୍ଥାପିତ କରାଯାଇ ଭାରତୀୟ ସଂସ୍କୃତିକୁ ଉଜ୍ଜିବିତ ରଖାଗଲା ସେହି ଦିନ ଠାରୁ ଏହି ପରମ୍ପରା ଚାଲି ଆସୁଛି । ମହର୍ଷି ବେଦବ୍ୟାସ କେବଳ ଚାରିବେଦକୁ ସଂଗୃହିତ କରିନାହାଁନ୍ତି ସେ ମଧ୍ୟ ଭାରତୀୟ ଆଧ୍ୟାତ୍ମିକ ପରମ୍ପରାର ସର୍ବଶ୍ରେଷ୍ଠ କୃତି ଅଷ୍ଟାଦଶ ପୁରାଣ ଓ ମହାଭରତ ରଚନା କରିଥିଲେ । ସେଥିପାଇଁ ମହର୍ଷି ବ୍ୟାସଙ୍କୁ ଆଦିଗୁରୁ କୁହାଯାଏ । ସାରା ବିଶ୍ୱର ମାନବଜାତିକୁ ଏହି ମହାନ ସମ୍ପଦ ଅର୍ପଣ କରିବା ସହିତ ବ୍ୟାସଦେବ ତାଙ୍କର ଶିଷ୍ୟମାନଙ୍କ ଉପରେ କୃପା ଏବଂ ଆଧ୍ୟାତ୍ମକ ଜ୍ଞାନର ବର୍ଷା କରିଥିଲେ । ମହର୍ଷି ବେଦବ୍ୟାସଙ୍କ ମାର୍ଗ ଅନୁସରଣ କରି ତାଙ୍କର ଶିଷ୍ୟମାନେ ଆଧ୍ୟାତ୍ମିକ ପରିପକତ୍ୱା ପ୍ରାପ୍ତ ହେଲେ ଏବଂ ଶ୍ରୀଗରୁଙ୍କ ପ୍ରତି ନିଜର କୃତଜ୍ଞତା ଜ୍ଞାପନ କରିବା ପାଇଁ ଉପାୟ ଚିନ୍ତାକଲେ । ସେମାନେ ବେଦବ୍ୟାସଙ୍କ ଠାରୁ ଯାହା ପ୍ରାପ୍ତ କଲେ ସେହି ଋଣ କିପରି ପରିଶୋଧ କରିବେ ସେଥିପାଇଁ ଗୁରୁଙ୍କୁ ଯଥାଚିତୋ ସମ୍ମାନ କରିବାକୁ ହେବ । ସେମାନେ ଏକ ଦିନ ସ୍ଥିର କଲେ । ଯେଉଁଦିନ ଶ୍ରୀଗୁରୁଙ୍କୁ ଉପଢୌକନ ଓ ଭେଟି ପ୍ରଦାନ କରାଯାଇ ସମ୍ମାନିତ କରାଯିବ । ଯେଉଁ ଦିବସକି ସମସ୍ତ ଶିଷ୍ୟମାନଙ୍କୁ ଜଣାପଡିବ ଏହି ଦିନ ଶ୍ରୀଗୁରୁ ଦକ୍ଷିଣା କଲେ ତାହା ଶ୍ରୀଗୁରୁଙ୍କ ନିକଟରେ ପହଁଚି ପାରିବ । ସେଥିପାଇଁ ସେମାନେ ଆଷାଢ ପୂର୍ଣ୍ଣିମା ଦିନକୁ ଧାର୍ଯ୍ୟକଲେ । ଏହି ଦିନ ଅନ୍ୟପୂର୍ଣ୍ଣିମା ଅପେକ୍ଷା ଚନ୍ଦ୍ର ଅଧିକ ପୂର୍ଣ୍ଣ ଓ ଦିପ୍ତିମାନ ଦେଖାଯାଆନ୍ତି । ତେଣୁ ଏହି ଦିନକୁ ଗୁରୁପୂର୍ଣ୍ଣିମା ବା ବ୍ୟାସ ପୂର୍ଣ୍ଣିମା କୁହନ୍ତି ।

ସେଥିପାଇଁ ମହର୍ଷି ବ୍ୟାସଙ୍କୁ ଆଦିଗୁରୁ କୁହାଯାଏ । ସେହି ଦିନଠାରୁ ସବୁ ସଂପ୍ରଦାୟରେ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳନ କରାଯାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଗୁରୁ ଏକ ତତ୍ତ୍ୱ । ଗୁରୁ ତ ଭିନ୍ନ ଭିନ୍ନ ଦେଖାଯାନ୍ତି କିନ୍ତୁ ଗୁରୁତତ୍ତ୍ୱ ଏକ । ଜାତି,ମତ,ପନ୍ଥର ଉର୍ଦ୍ଧ୍ୱକୁ ଉଠି ବିଭିନ୍ନ ସଂଗଠନ ଓ ବିଦ୍ୟାଳୟମାନଙ୍କରେ ମଧ୍ୟ ଗୁରୁ ପୂର୍ଣ୍ଣିମା ମହୋତ୍ସବ ଶ୍ରଦ୍ଧାର ସହିତ ପାଳନ କରାଯାଏ । ଆମର ଜୀବନରେ ଗୁରୁଙ୍କ ସ୍ଥାନ କଣ ? ଗୁରୁପୂର୍ଣ୍ଣିମା ସେହି ବିଷୟରେ ସ୍ୱଷ୍ଟ ପାଠ ପଢାଇଥାଏ ।

ଗୁରୁଦେବ ଯିଏ ସାଧନା ବତାନ୍ତି,ଯିଏ ସାଧନା ଶିଖାନ୍ତି,ସାଧନା କରାନ୍ତି ଓ ଆନନ୍ଦ ଅନୁଭୂତି ପ୍ରଦାନ କରିଥାନ୍ତି । ଗୁରୁଙ୍କର ଧ୍ୟାନ ଶିଷ୍ୟର ଭୌତିକ ଶୁଖ ଉପରେ ନଥାଏ,ଥାଏ କେବଳ ଆଧ୍ୟାତ୍ମିକ ଉନ୍ନତି ଉପରେ । ଗୁରୁହିଁ ଶିଷ୍ୟକୁ ସାଧନା କରିବା ପାଇଁ ପ୍ରେରିତ କରିଥାନ୍ତି । ସାଧନାରେ ସୃଷ୍ଟି ହୋଇଥିବା ବାଧାବିଘ୍ନକୁ ମଧ୍ୟ ଦୂର କରିଥାନ୍ତି । ଗୁରୁ ହିଁ ଶିଷ୍ୟକୁ ଶିଖରସ୍ଥାନରେ ପହଁଚାଇବା ସମସ୍ତ ମାର୍ଗ ଦେଖାଇଥାନ୍ତି । ଗୁରୁ କୃପା ଦ୍ୱାରା ସବୁ ଅସମ୍ଭବ ସମ୍ଭବରେ ପରିଣତ ହୋଇଥାଏ । ଗୁରୁଙ୍କ ସଙ୍କଳ୍ପବିନା ଏତେ ବଡ ଶିବଧନୁ ଉଠାଇବା କଣ ସମ୍ଭବ ହୋଇଥାନ୍ତା । ସେହିପରି ଗୁରୁ ମିଳିଗଲେ ସବୁ କାମ ସହଜରେ ହୋଇ ପାରିବ । ଗୁରୁ ପ୍ରାପ୍ତି ସାଧକର ପ୍ରଥମ ଧେୟ ଅଟେ । ଗୁରୁପ୍ରାପ୍ତି ହେଉଛି ଈଶ୍ୱର ପ୍ରାପ୍ତି । ଈଶ୍ୱର ପ୍ରାପ୍ତି ଅର୍ଥାତ ମୋକ୍ଷପ୍ରାପ୍ତି । ମୋକ୍ଷପ୍ରାପ୍ତି ଅର୍ଥାତ ନିରନ୍ତର ଆନନ୍ଦଦାୟକ । ଗୁରୁ ଆମଙ୍କୁ ଏହି ଅବସ୍ଥାରେ ପହଁଚାଇଥାନ୍ତି ।

ଆମ ଜୀବନର ପ୍ରଥମ ଗୁରୁ ହେଉଛନ୍ତି ମାତା ପିତା । ଯିଏ ଆମକୁ ପାଳି ପୋଷି ଏତେବଡ କରିଛନ୍ତି । ଏଇ ତେଲ ଲୁଣ ଦୁନିଆରେ ପ୍ରଥମକରି ସେମାନେ ଆମକୁ ଚାଲିବା,କହିବା ଓ ଖାଇବା ଶିଖାଇଛନ୍ତି । ତେଣୁ ମାତା ପିତାଙ୍କ ସ୍ଥାନ ବହୁ ଉଚ୍ଚରେ । ଜୀବନର ବିକାଶରେ ଉଚିତ୍ ମାର୍ଗ ହିଁ ଗୁରୁ ଦେଖାଇଥାନ୍ତି । ଭବିଷ୍ୟତର ନିର୍ମାଣ ହିଁ ଗୁରୁଙ୍କ ଦ୍ୱାରା ହୋଇଥାଏ ।

ମଣିଷ ମନରେ ଥିବା ଅଜ୍ଞାନ ରୂପି ବିଷକୁ ଦୁର କରିବା ପାଇଁ ଗୁରୁଙ୍କର ବିଶେଷ ଯୋଗଦାନ ଥାଏ । ମହର୍ଷି ବାଲ୍ମିକୀଙ୍କର ପୂର୍ବନାମ ଥିଲା ରତ୍ନାକର । ନିଜର ପରିବାର ପୋଷଣ ପାଇଁ ଅନେକ ଦୁର୍ଷ୍କର୍ମ କରୁଥିଲେ । ସେହି ଦସ୍ୟୁ ରତ୍ନାକର ପରବର୍ତ୍ତି ସମୟରେ ରାମାୟଣ ପରି ମହାକାବ୍ୟ ରଚନା କରିଛନ୍ତି । ଏହା କେବଳ ସମ୍ଭବ ହୋଇଛି ଗୁରୁଙ୍କର ଆର୍ଶିବାଦ ଯୋଗୁଁ । ଗୁରୁ ରୂପୀ ନାରଦ ତାଙ୍କର ହୃଦୟ ପରିବର୍ତ୍ତନ କରିବାରୁ ଏହା

ସମ୍ଭବ ହୋଇଛି । ପଞ୍ଚତନ୍ତ୍ର କାହାଣୀ ଆମ ସମସ୍ତଙ୍କୁ ଜଣା । ବିଷ୍ଣୁଶର୍ମା ନାମକ ପଣ୍ଡିତ ରାଜା ଅମର ଶକ୍ତିଙ୍କର ତିନି ଅଜ୍ଞାନୀ ପୁତ୍ରଙ୍କୁ କାହାଣୀ ଏବଂ ଅନ୍ୟ ମାଧ୍ୟମରେ ଜ୍ଞାନୀ ବନାଇ ଦେଲେ । ଗୁରୁ ଶିଷ୍ୟଙ୍କ ସମ୍ବନ୍ଧ ସେତୁ ସମାନ ଅଟେ ।  ଗୁରୁଙ୍କ କୃପା ଯୋଗୁଁ ଶିଷ୍ୟ ଲକ୍ଷ୍ୟ ମାର୍ଗରେ ସହଜରେ ପହଁଚି ଥାଏ । ସ୍ୱାମୀ ବିବେକାନନ୍ଦ ପିଲାବେଳୁ ପରମାତ୍ମାଙ୍କୁ ପାଇବା ପାଇଁ ଇଚ୍ଛା କରୁଥିଲେ । ତାଙ୍କର ଇଚ୍ଛା ସେତେବେଳେ ପୂର୍ଣ୍ଣହେଲା ଯେତେବେଳେ ତାଙ୍କୁ ଗୁରୁ ପରମହଂସଙ୍କର ଆର୍ଶିବାଦ ମିଳିଲା । ଗୁରୁଙ୍କ କୃପା ଯୋଗୁଁ ଆତ୍ମା ସହିତ ସାକ୍ଷାତକାର ହୋଇପାରୁଛି । ଛତ୍ରପତି ଶିବାଜୀଙ୍କ ଉପରେ ତାଙ୍କର ଗରୁ ସମର୍ଥଗୁରୁ ରାମଦାସଙ୍କ ପ୍ରଭାବ ନିରନ୍ତର ରହୁଥିଲା । ଗୁରୁଙ୍କର ଏକ ବଚନ ମନୁଷ୍ୟ ଜୀବନ ଘୋର ପରିବର୍ତ୍ତନ ଆଣୁଥିଲା । କବୀର ଦାସ ମଧ୍ୟ ଗୁରୁ ଭକ୍ତିର ଶ୍ରେଷ୍ଠ ନିଦର୍ଶନ ଦେଇଛନ୍ତି । ତାଙ୍କ ରଚିତ ଦୋହାରେ ଗୁରୁଙ୍କ ବିଷୟରେ ବିଷଦଭାବେ ଉଲ୍ଲେଖ କରିଛନ୍ତି । ଦିନେ ସନ୍ଥ ରାମାନନ୍ଦ ଜୀ ଗଙ୍ଗା ସ୍ନାନରେ ଯାଇଥିଲେ । ପାହଚରେ ଓହ୍ଲାଇବା ସମୟରେ ତାଙ୍କର ପାଦ କବୀରଙ୍କ ଦେହରେ ବାଜି ଗଲା । ତେଣୁ ତାଙ୍କ ମୁହଁରୁ  ସଙ୍ଗେସଙ୍ଗେ ରାମରାମ ଶବ୍ଦ ବାହାରି ପଡିଲା । ଏହି ଶବ୍ଦକୁ କବୀର ଦାସ ଦୀକ୍ଷାମନ୍ତ୍ର ରୂପେ ଗ୍ରହଣ କରିନେଲେ ଏବଂ ରାମାନନ୍ଦଙ୍କୁ ନିଜର ଗୁରୁରୂପେ ସ୍ୱୀକାର କରିନେଲେ । ଗୁରୁଙ୍କ ସ୍ଥାନ ଇଶ୍ୱରଙ୍କ ଠାରୁ ଶ୍ରେଷ୍ଠ ଅଟେ । ଆମ ସଭ୍ୟ ସମାଜର ଆଧାର ସ୍ତମ୍ଭ ଗୁରୁ ଅଟନ୍ତି । ଏପରି ଅନେକ ଗୁରୁ ଅଛନ୍ତି ଯିଏକି ଶିଷ୍ୟମାନଙ୍କୁ ଏପରି ଶିକ୍ଷା ପ୍ରଦାନ କରିଛନ୍ତି ବା ଏପରି ମାର୍ଗ ଦେଖାଇଛନ୍ତି ତାଙ୍କର ଶିଷ୍ୟମାନେ ରାଷ୍ଟ୍ରର ଧାରାକୁ ବଦଳାଇ ଦେଇଛନ୍ତି । ଆଚାର୍ଯ୍ୟ ଚାଣକ୍ୟ ହେଉଛନ୍ତି ସେହିପରି ଜଣେ ମହାନ ବିଭୂତୀ । ଯିଏକି ନିଜର ବିଦ୍ୟା,ବୁଦ୍ଧି ଓ କ୍ଷମତା ବଳରେ ଭାରତର ଇତିହାସ ଧାରାକୁ ବଦଳାଇ ଦେଲେ । ଗୁରୁ ଚାଣକ୍ୟ କୁଶଳ ରାଜନୀତିଜ୍ଞ ଏବଂ ବିଶିଷ୍ଟ ଅର୍ଥଶାସ୍ତ୍ରୀଭାବେ ସାରା ବିଶ୍ୱରେ ପରିଚିତ । ତାଙ୍କର ବୀରଶିଷ୍ୟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କୁ ନିଜର ବିଚିକ୍ଷଣ ବୁଦ୍ଧିଦ୍ୱାରା ସିଂହାସନରେ ବସାଇ ନିଜର ବିଲକ୍ଷଣ ପ୍ରତିଭାର ପରିଚୟ ଦେଇଛନ୍ତି ।  ଯେଉଁଥିପାଇଁକି ସାରାବିଶ୍ୱ ଚକିତ ହୋଇ ପଡିଥିଲା ।  ଗୁରୁ ସନ୍ଦିପନି ଏବଂ ତାଙ୍କର ଶିଷ୍ୟ କୃଷ୍ଣ-ସୁଦାମା,ଗୁରୁ ବଶିଷ୍ଠ ଏବଂ ତାଙ୍କର ଶିଷ୍ୟ ଶ୍ରୀରାମ, ଲକ୍ଷ୍ମଣ,ଭରତ ଓ ଶତ୍ରୁଘ୍ନ,ଭଗବାନ ପର୍ଶୁରାମ ଓ ତାଙ୍କ ଶିଷ୍ୟ କର୍ଣ୍ଣ,ବାଲ୍ମୀକି ଏବଂ ତାଙ୍କର ଶିଷ୍ୟ ଲବ-କୁଶ ଏହିପରି ଅନେକ ଗୁରୁ ଶିଷ୍ୟର ଉଦାହରଣରେ  ଭାରତୀୟ ସଂସ୍କୃତି ଋଦ୍ଧିମନ୍ତ ।  ଗୁରୁକୃପା ବିନା ଶିଷ୍ୟର ଇଶ୍ୱର ପ୍ରାପ୍ତି ହୋଇନଥାଏ । ଆଜି ଭାରତୀୟ ଧର୍ମ,ସଂସ୍କୃତି, ରାଷ୍ଟ୍ର ଏବଂ ସମାଜ ସଙ୍କଟରେ । ଏହାକୁ ରକ୍ଷା କରିବାର ଦାୟିତ୍ୱ ଗୁରୁଶିଷ୍ୟ ପରମ୍ପରା ଉପରେ । ରାଷ୍ଟ୍ରଗୁରୁ ସମର୍ଥ ରାମଦାସ ଏବଂ ହିନ୍ଦୁତ୍ୱ ସ୍ୱରାଜ୍ୟର ପ୍ରତିଷ୍ଠାତା ଛତ୍ରପତି ଶିବାଜୀ ମହାରାଜ ଏହି ପରମ୍ପରାର ଏକ ଆଦର୍ଶମୂର୍ତ୍ତିମନ୍ତ ପ୍ରତୀକ ।

**ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା**
**୪, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର**
**ମୋ-୯୮୬୧୦୨୮୫୫୩**

# କୃତଜ୍ଞତା ଓ କୃତଘ୍ନତା



ଇଂ ଯଜ୍ଞ ପ୍ରକାଶ ଦାସ

ଆମେ ସମସ୍ତେ କିଛି ନା କିଛି ଯନ୍ତ୍ରଣାର ଶିକାର ହେଉଅଛେ। ଆମର ପ୍ରାଚୀନ ଋଷିମୁନୀଗଣ କହିଛନ୍ତି- 'ଯନ୍ତ୍ରଣାର କାରଣ ହେଉଛି- କୃତଘ୍ନତା।' ଯାହାଠାରୁ ଆମେ କିଛି ପାଇଛୁ, ତାଙ୍କୁ ଧନ୍ୟବାଦ ଦେବା, ତାଙ୍କର ଅସୁବିଧା ସମୟରେ ସାହାଯ୍ୟ କରିବା, ଦୁଃଖର ବେଳାରେ ଧୈର୍ଯ୍ୟ ପ୍ରଦାନ କରିବା- କୃତଜ୍ଞତା ଅଟେ। ତାହା ନକରିବା କୃତଘ୍ନତା ଅଟେ। ବେଦ, ଉପନିଷେଦ୍ ଆଦି ସତ୍‌ଶାସ୍ତ୍ର ମନୁଷ୍ୟକୁ କୃତଜ୍ଞ ହେବାପାଇଁ ଉପଦେଶ ଦେଇଛନ୍ତି। କୃତଜ୍ଞତା ହେଉଛି ପୂଣ୍ୟ। କୃତଘ୍ନତା ହେଉଛି ପାପ।

ଆମେ ଯେତେବେଳେ ଜନ୍ମ ହେଉ, ସେତେବେଳେ ଆମ୍ଭମାନଙ୍କୁ ପାଣି, ପବନ, ସୂର୍ଯ୍ୟକିରଣ, ଖାଦ୍ୟପଦାର୍ଥ ଆଦି ଅନାୟାସରେ ମିଳେ। ପରମପିତା ପରମାତ୍ମା ଆମକୁ ଅନେକ ଅଦ୍ଭୁତ ଯନ୍ତ୍ର ଖଞ୍ଜା ହୋଇଥିବା ମନୁଷ୍ୟ ଦେହ ଦେଇଛନ୍ତି। ବୃକ୍ଷଲତା, ଔଷଧି, ବନସ୍ପତି ଆଦି ପ୍ରଦାନ କରିଛନ୍ତି। ଏସବୁ ଆମକୁ ମାଗଣା ମିଳିଛି। ଯେଉଁ ମନୁଷ୍ୟ ପରମାତ୍ମାଙ୍କ ପ୍ରତି କୃତଜ୍ଞ ନହୋଇ ତାଙ୍କ ପ୍ରଦତ୍ତ ପଦାର୍ଥଗୁଡ଼ିକ ଭୋଗକରେ- ସେ କୃତଘ୍ନ। ଈଶ୍ୱର ଭକ୍ତିର ଅର୍ଥ କ'ଣ ? ଈଶ୍ୱର ଭକ୍ତି ହେଉଛି- ମହାଦାନୀ ପରମେଶ୍ୱରଙ୍କ ପ୍ରତ୍ୟେକ ଦାନକୁ ଗ୍ରହଣ କରିବାବେଳେ ତାଙ୍କପ୍ରତି ପ୍ରଣିପାତ ହେବା। କହିବା- "ହେ ପ୍ରଭୋ ! ତୁମର ଦାନପାଇଁ କି ବା ପ୍ରତିଦାନ ଦେବି ? ମୋ ହୃଦୟରେ ପ୍ରେମ ଓ ଭକ୍ତିର ଯେଉଁ ସୁଗନ୍ଧି ରହିଛି ତାହା ହିଁ ମୋର ନଗଣ୍ୟ ପ୍ରତିଦାନ। ମୋତେ ଶକ୍ତିଦିଅ ଯେପରି ମୁଁ ଅନ୍ୟର ଜୀବନନିର୍ବାହରେ ସହାୟକ ହେବି। ମୋର ମନୋବଳ ଦୃଢ଼ହେଉ ଯେ ମୁଁ ପ୍ରତ୍ୟେକ ମୁହୂର୍ତ୍ତରେ ତୁମର ପ୍ରଦତ୍ତ ପଦାର୍ଥ ଭୋଗ କରୁଅଛି ବୋଲି ସ୍ମରଣ ରଖିବି। ପୁଣି ଅନୁଭବ କରିବି ଯେ ତୁମେ ଦେଇଥିବା ପଦାର୍ଥ ଏହି ଜୀବନପାଇଁ ଉଦ୍ଦିଷ୍ଟ। ତେଣୁ ଦେହ ତ୍ୟାଗ କରିବା ସମୟରେ ସେସବୁ ମଧ୍ୟ ତ୍ୟାଗ କରିବି।"

ଅନ୍ୟର ଦାନ ଗ୍ରହଣକରି କୃତଜ୍ଞତା ଜ୍ଞାପନ ନକରିବା ପାପ। ସେହି ପାପକୁ କୃତଘ୍ନତା କୁହାଯାଏ। ଆମ ଚାରିପଟେ ଥିବା ପଶୁପକ୍ଷୀମାନେ ମୁହଁ ତଳକୁ କରିଚାଲିଥାନ୍ତି। ସେମାନେ ଲଜ୍ଜିତ ଅଟନ୍ତି। ମନୁଷ୍ୟ ଯଦି ସେମାନଙ୍କ ହୃଦୟର ଭାଷାକୁ ଜାଣିପାରନ୍ତା, ସେ ବୁଝିପାରନ୍ତା ଯେ ସେମାନେ ପୂର୍ବ ଜନ୍ମରେ ଅନ୍ୟମାନଙ୍କ ଦାନକୁ ମାଗଣା ଗ୍ରହଣକରି ସେମାନଙ୍କ ପ୍ରତି କୃତଜ୍ଞ ହୋଇନାହାନ୍ତି। ଆବଶ୍ୟକ ସମୟରେ ଅନ୍ୟକୁ ସାହାଯ୍ୟଦେଇ ନାହାନ୍ତି। ସେଥିପାଇଁ ସେ ଅନ୍ଧକାରମୟ ବନ୍ଦୀଶାଳାକୁ ଆସିଛନ୍ତି। ପଶୁପକ୍ଷୀଙ୍କ ଦେହ ବନ୍ଦୀଶାଳା ନୁହେଁ ତ ଆଉ କ'ଣ ?

**ରାଉରକେଲା**
**ଦୂରଭାଷ : ୮୮୯୫୫୦୦୪୫୪**

# ସ୍ମୃତି - ଅନୁଭୂତି...

**ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା**

ଜଗତରେ କେହି ବି ପୂର୍ଣ୍ଣଜ୍ଞାନର ଅଧିକାରୀ ହୋଇନଥାଏ। ପ୍ରତି ମୁହୂର୍ତ୍ତରେ ଆପଣା ଭିତରେ ଅନୁରାଗୀ ସମର୍ପିତ ପୂଜାରୀ, ଜିଜ୍ଞାସା ଥିଲେ ଅନୁଭବ କରୁଥାଏ ଯେ, "ମୋର ଆହୁରି କିଛି ଜାଣିବା ବାକି ରହିଛି"। ତାହା ସହିତ ଏହା ବି ସତ ଯେ ତାହା ଚରିତାର୍ଥ କରିବା ସକାଶେ ଆୟୁଷ୍କାଳ ଊଣା ପଡ଼ିଥାଏ। ଭାଷା- ଭାରତୀର କରୁଣାରୁ ଯେଉଁ ପଲ୍ଲବଗ୍ରାହୀ ସମର୍ଥତା ପାଇଛି ତାହାରି ଆଧାରରେ ଭରତମୁନୀଙ୍କର ନାଟ୍ୟଶାସ୍ତ୍ରର ଭାଷ୍ୟରଚନା, ଭାରତୀୟ ସଂଗୀତ ଶାସ୍ତ୍ର, ତାର ପରମ୍ପରା, ନୃତ୍ୟ, ଚିତ୍ରକଳାର ଭାବ- ନିବନ୍ଧ ରଚନା ହେତୁ ଶାସ୍ତ୍ର ମନ୍ଦିର ଦର୍ଶନ କରିଛି ସିନା ଦେବଦର୍ଶନ ଓ ଦେବକୃପା ଲାଭ କରିନାହିଁ। ହୁଏତ ମାତା ଶାରଦା ସରସ୍ୱତୀ, ସର୍ବଶ୍ରେଷ୍ଠ କବି, ଗାୟକ, ଶିଳ୍ପ ଅପ୍ରମେୟ ଅରୂପ ଅଣାକାର ପୁରୁଷୋତ୍ତମ, ପରମ ଶାଶ୍ୱତ ନଟନଟୀ ମାତା ଉମା- ମହେଶ୍ୱର ନଟରାଜ ତାହା ମୋର ପରଜନ୍ମର ବିଧାନଭାବରେ ରଖିଛନ୍ତି।

ମୁଁ ଅନୁଭବ କରିଛି, ଜୀବନ ନାଟକ ନୁହେଁ। କିନ୍ତୁ, ନାଟକର ଜରିଆରେ ଜୀବନ ଓ ସମାଜର ସତ୍ୟ ଅଶିବ ବିନାଶନ ହେତୁ ପ୍ରଜ୍ଞାପିତ ହୋଇଥାଏ। ତାହା ଫଳରେ ସମାଜ ଅବଶ୍ୟ ଅନୁପ୍ରେରିତ ହୋଇଥାଏ। ନାଟକ ମଂଚାୟନ ସକାଶେ କିଛି ନିରୂପିତ ପ୍ରସଙ୍ଗର ଆଧାରରେ, କିଛି ଭାବ, ମାନସିକତା, ସମକାଳୀନ ଯଥାର୍ଥ ବ୍ୟକ୍ତ କରିଥିବା ଏକ ନାଟକ ଗ୍ରନ୍ଥ ସର୍ବାଗ୍ରେ ଆବଶ୍ୟକ। ତାର ଆଧାର ଦୃଷ୍ଟାନ୍ତ ଭାବରେ ପୌରାଣିକ, ଐତିହାସିକ, ଅଖ୍ୟାନାଶ୍ରୟୀ ବି ହୋଇପାରିବ। ଯାହାର ଅନ୍ତରାତ୍ମାରେ ନିହିତ ସମକାଳୀନ ଯଥାର୍ଥ ଚିନ୍ତନ ଅଧିକ ହୃଦ୍ୟ ଓ ଉପାଦେୟ ହେବ। ତାର ସଫଳ ପରିବେଷଣ ସକାଶେ ମାର୍ଗଦର୍ଶୀ ଜଣେ ବୋଧମର୍ମଜ୍ଞ ନିର୍ଦ୍ଦେଶକ, ଯେ ପାତ୍ରୋଚିତ ଅଭିନେତା ଅଭିନେତ୍ରୀ ଚୟନ କରନ୍ତି, ନଟନଟୀ, ସେମାନଙ୍କର ଗୁରୁ, ରୂପସଜ୍ଜାର ଶିଳ୍ପୀ, ଆଲୋକ ଓ ଶବ୍ଦ ସଂଚାଳନର ଜ୍ଞାତା ଐକ୍ୟତାନିକ, ଦୃଶ୍ୟ ବିନ୍ୟାସୀ ମଂଚ; ତାହା ପରମ ଆବଶ୍ୟକ। ସେଭଳି ବ୍ୟବସ୍ଥାରେ ନାଟକ ମଂଚାୟନ ଶ୍ରମସାପେକ୍ଷ ଥିଲା। ତେବେ, ତାହା ଜଣକର ନୁହେଁ ସମୂହର ପରିପୂରକ ସହଯୋଗର ଫଳ ବୋଲି ବିଚାର କରାଯାଉଥିଲା। ବର୍ତ୍ତମାନ ନାଟକ ପରିବେଷଣର ପରିବର୍ତ୍ତିତ ବା ବିକଶିତ ସ୍ଥିତିରେ ଏକଦୃଶ୍ୟ ମଂଚରେ ବି ସମୂହ ସହଯୋଗର ପ୍ରାଧାନ୍ୟ ବଳବତ୍ତର ହୋଇରହିଛି। ତାକୁ ଅସ୍ୱୀକାର କରି ହେବନାହିଁ। ତଥାପି ବି ନାଟକର ପରିଚୟ ତାର ରଚନାକାର ନାଟ୍ୟକାରଙ୍କର କୃତି ଭାବରେ ହିଁ ମର୍ଯ୍ୟାଦିତ ହୋଇଥାଏ। କାଳିଦାସଙ୍କର ନାଟକ, ସେକ୍ସପିୟର, ରବୀନ୍ଦ୍ରନାଥ, ବାଦଲ ସରକାର, କାଳୀଚରଣ, ଭଂଜକିଶୋର ଆଦିଙ୍କର ନାଟକ ବୋଲି ନାଟ୍ୟକାର ସ୍ମରଣୀୟ ହୋଇରହିଥାଆନ୍ତି। ସେ ବଦଳି ଯାଆନ୍ତି ନାହିଁ। କିନ୍ତୁ, ପ୍ରତ୍ୟେକ ମଂଚାୟନରେ ଅନ୍ୟମାନେ ବଦଳି ଯାଆନ୍ତି, ବିସ୍ମୃତ ହୋଇଯାଆନ୍ତି। ତେବେ ପରିବେଷଣ ସମୟକ୍ରମରେ ପରିମାର୍ଜିତ, ଅଧିକ ପ୍ରଭାବଶାଳୀ ବି ହୋଇଥାଏ। ଏହା ବି ମୋର ଅନୁଭବ। ମୁଁ ଏଲ୍‌ହାବାଦରେ ବାଦଲ ସରକାରଙ୍କର "ବାକୀ ଇତିହାସ"ର ହିନ୍ଦୀରେ ରୂପାନ୍ତରିତ ନାଟକ ଦେଖିଛି। ପ୍ରମୁଖ ଭୂମିକାରେ ଦୀନେଶ ଠାକୁର, ସୁପ୍ରିୟା ପାଠକଙ୍କ ଭଳି ସିଦ୍ଧ ପୋଖତ କଳାକାର। ସେହି ନାଟକ ବଲାଙ୍ଗୀରରେ ନାଟ୍ୟ ସଂସ୍ଥା "ରଙ୍ଗକାର" ଯେତେବେଳେ ନାଟକର ତତ୍ତ୍ୱଦର୍ଶୀ ଭାଇ ଶ୍ରୀ ବ୍ରଜମୋହନ ମିଶ୍ରର ନିର୍ଦ୍ଦେଶନାରେ ମଂଚସ୍ଥ ହେଲା, ସେତେବେଳେ ତାର ଓଡ଼ିଆ ରୂପାନ୍ତର ମୁଁ କରିଥିଲି। ମୋର ଅନୁଭବ ଯେ, ଏଲହାବାଦଠାରୁ ବଲାଙ୍ଗୀରରେ ତାର ମଂଚାୟନ ଅଧିକ ସଫଳ ସାର୍ଥକ ଓ ପ୍ରଭାବଶାଳୀ ହୋଇଥିଲା। ମୁଁ ଉଭୟ ପ୍ରସ୍ତୁତି ପର୍ବର ସହଭାଗୀ ଦ୍ରଷ୍ଟା ଥିଲି। ଅଭିନ୍ନାତ୍ମ ମିତ୍ର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କଥାକାର, ନାଟ୍ୟକାର କମଲେଶ୍ୱର ଜୀଙ୍କ ସହିତ ତାଙ୍କର ବିଶ୍ୱବିଦ୍ୟାଳୟ ଛାତ୍ରାବାସରେ ଥିଲି ଏବଂ ନାଟକର ଅଭ୍ୟାସ ପ୍ରକ୍ରିୟା ସ୍ୱ.ବୀରେନ୍ଦ୍ର ନାରାୟଣ ଦେବ ସାହୀଙ୍କ ଆବାସର ଉପର ଛାତରେ ଚାଲିଥିଲା। ବର୍ତ୍ତମାନ କେବଳ ବାଦଲ ସରକାର ମନେ ରହିଛନ୍ତି ସିନା ଅନ୍ୟାନ୍ୟ ସହଯୋଗୀମାନଙ୍କୁ ଆପାତତଃ ଭୁଲି ଯାଇଛି। ଏହା ସତ୍ୟ।

ସେଦିନ ବମ୍ବେରେ ପ୍ରଣମ୍ୟ ବାବୁଜୀ ଅପୂର୍ବ ସାରସ୍ୱତ ସର୍ଜନା ପ୍ରତିଭାର ଅଧିକାରୀ ଡ଼. ହରିବଂଶ ରାୟ "ବଚ୍ଚନ" ଆମକୁ ଏକ ଭିନ୍ନ ରୀତିରେ ସେହି ସତ୍ୟ ପ୍ରଜ୍ଞାପିତ କରିଥିଲେ। "ତାର ସପ୍ତକ"ର କବି ଶ୍ରୀ ଶମ୍ଭୁନାଥ ସିଂହ ମୁମ୍ବାଇରେ "ନବଗୀତ ଆନ୍ଦୋଳନ"ର ସଂଗୋଷ୍ଠୀ ସମାରୋହର ଆୟୋଜନ ଡ଼. ଧର୍ମବୀର ଭାରତୀଙ୍କ ପୌରାହିତ୍ୟରେ କରିଥିଲେ। ମୋ ସହିତ ପ୍ରିୟ ଭାଇ କବି ସମ୍ପକାର, ଦି.ଗୋରା ମହାନ୍ତି ନିମନ୍ତ୍ରିତ ହୋଇ ସପରିବାର ଅହମଦାବାଦରୁ ଆସିଥିଲେ। ଆମେ ଦୁଇପଟୁ ଦାଦରରେ ପହଂଚି ୱର୍ଲିରେ "ଜୟନ୍ତୀ ନିବାସ"ରେ ଆତିଥ୍ୟ ଗ୍ରହଣ କରିଥିଲୁଁ। ଅକସ୍ମାତ ହିନ୍ଦୀର ଲେଖକ ନାଟ୍ୟକାର, ଇଂରାଜୀ ଅଧାପକ ସ୍ୱର୍ଗତ ବୀର ରାଜା ସହିତ ଦେଖାହେଲା। ସେ ଏଲହାବାଦ ବିଶ୍ୱ ବିଦ୍ୟାଳୟରେ ଡ଼କ୍ଟର ବଚ୍ଚନଙ୍କର ଛାତ୍ର। ସେତେବେଳେ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରେ ଇଂରାଜୀ ବିଭାଗ ରିଡ଼ର ଥିଲା। ମୁମ୍ବାଇ ଆସିଥିଲା। "ମେରୀ ଜିଜ୍ଞାସାଏଁ ଉନକା ସମାଧାନ" ଶୀର୍ଷକ ତାର ପ୍ରାୟ ତିନିଶହ ପୃଷ୍ଠାର ପୁସ୍ତକ ସକାଶେ ବଚ୍ଚନଜୀଙ୍କ ସାକ୍ଷତାକାର ନିମନ୍ତେ ଆସିଥିଲେ। ସେହି ଗ୍ରନ୍ଥ ବଚ୍ଚନଜୀଙ୍କୁ ଆତ୍ମୀୟ ଅନ୍ତରଙ୍ଗତାରେ ବୁଝିବା ସକାଶେ ଏକ ଅନବଦ୍ୟ ଗ୍ରନ୍ଥ। ୱର୍ଲି ଛକରେ ମୋତେ ହଠାତ୍ ଭେଟି "ଦାଦା, ଆପ ମିଲ ଗୟେ, ତୋ ମେରା କାମ ଆସାନ ହୋଗୟା। ନହୀଁ, ମାନୋ ବନ ଗୟା" କହି ମୋ ସହିତ "ଜଲସା"ରେ ଉପସ୍ଥିତ

ହେଲା । ଜଲସାର ଦୁଇଟି ପ୍ରବେଶ ପଥ । ଗୋଟାଏରେ କବିଙ୍କୁ ଭେଟିବାକୁ ସାହିତ୍ୟକାର ବନ୍ଧୁ, ପ୍ରକାଶକ, ପ୍ରଶଂସକ ଆସୁଥିଲେ ଓ ଅନ୍ୟଟି ଅମିତାଭର ସିନେମା ସଂକ୍ରାନ୍ତ ନିର୍ମାତା, ନିର୍ଦ୍ଦେଶକ, ପ୍ରଯୋଜକ, ପ୍ରେସ୍ ଆଦି ।

ମୋତେ ବୀର ସାଙ୍ଗରେ ଦେଖି "ବଚ୍ଚନଜୀ ବୀରକୁ ଚିହ୍ନିଲେ ସିନା, ମୋତେ ମୋର କିଶୋର ବୟସରେ ମଧୁଶାଳା" ରୂପାନ୍ତରଣ ପରେ ଆଉ ଦେଖିନଥିଲେ, ମାତ୍ର ଚିଠିପତ୍ରରେ ଯୋଗାଯୋଗ ଅବ୍ୟାହତ ରହିଥିଲା । ତାଙ୍କର ଦିଲ୍ଲୀରେ ୱେଲିଙ୍ଗଟନ କ୍ରୀସେଂଟ ରହଣି ଓ ଅନେକ ପରେ ମୁମ୍ବାଇରେ । ଅନେକ ଦିନ ତାହା ଭିତରେ ବିତି ସାରିଥିଲା । ପରିଚୟ ପାଇ ଭାରି ଖୁସିହେଲେ । ତୁମ୍ହାରୀ ରଚନାଏଁ ଧର୍ମଯୁଗ, ସାରିକା, ନବନୀତ, ଭାରତୀୟ ବିଦ୍ୟାଭବନ ପ୍ରକାଶନ ଆଦି ମେଁ ଦେଖତା ହୁଁ । କ୍ୟା ଅବ ଲଖନଊ ମେଁ ହୋ ?" ଉତ୍ତରରେ ମୁଁ ବଲାଙ୍ଗୀରରେ ହିଁ ରହିଛି ବୋଲି କହିଲି । ତେବେ ମଝିରେ ମଝିରେ ବାବୁଜୀ ଅମୃତଲାଲ ନାଗରଙ୍କୁ ଭେଟିବାକୁ ଅନ୍ୟାନ୍ୟ ସାରସ୍ୱତ କାର୍ଯ୍ୟକ୍ରମରେ ଲକ୍ଷ୍ନୌଯାଇ ସଂସ୍ଥାନ ସୂତ୍ରରେ ବୀର ଆଉ ମୁଦ୍ରାରାକ୍ଷସ ସହିତ ପରିଚୟ... ବୀର ଠାରୁ ତାର ଅଭିଳାଷ ଶୁଣି ସହର୍ଷ ସ୍ୱୀକାର କଲେ ସିନା କବି ସୁଲଭ ବିନମ୍ର ଉଦାର ଗୁଣରେ ପଦେ କହିଲେ- "ମୁଝମେଁ ବୈସେ କ୍ୟା ହୈ ଜୋ ! ଇସସେ ସାହିତ୍ୟ କୋ କ୍ୟା ଭୀ ମିଲେଗା ?".... ଅଧିକ ପଲ୍ଲବିତ କରିବି ନାହିଁ । ସାକ୍ଷାତ୍କାର ମଝିରେ ବୀର ଭାରି ସହଜରେ ପଚାରିଦେଲା- "ଜଲସାର ଦୁଇଟି ପ୍ରବେଶ ଦ୍ୱାର । କାଳେ ସଫଳତମ ଖ୍ୟାତିପ୍ରାପ୍ତ ଅମିତାଭଙ୍କର ଖ୍ୟାତିରେ ଆପଣଙ୍କର ମର୍ଯ୍ୟାଦା ଝାଉଁଳି ଯିବବୋଲି, ସେମିତି ହୋଇଛି କି ?" କବି କିଛି ଉତ୍ତର ନଦେଇ ମୁରୁକି ହସି କିଛି ସମୟ ମୌନ ହୋଇପଚାରିଦେଲେ- "ବୀର ଫିଲହାଲ କରତେ କ୍ୟା ହୋ ?" ବୀର କହିଲା "ଅଧ୍ୟାପକୀ" । ବାବୁଜୀ ପଚାରିଲେ- "କହାଁ, କିସ ବିଭାଗ ମେଁ ହୋ ?" ମୁଁ ତରକିଲି । ସବୁ ଜାଣିଥିଲେ ବି ଏମିତି ଏକ ପ୍ରଶ୍ନ କଲେ କେମିତି । ବୀର ଅପ୍ରତିଭ ହୋଇ କହିଲା- "ଜୀ ଲଖନଊ ବିଶ୍ୱବିଦ୍ୟାଳୟ କେ ଅଂଗ୍ରେଜୀ ବିଭାଗ ମେଁ ରିଡ଼ର ହୁଁ ।" ଇଂରାଜୀ ସାହିତ୍ୟରେ କେଂଟନ ବିଶ୍ୱବିଦ୍ୟାଳୟରୁ ସେକ୍ସପିୟରଙ୍କ ଉପରେ ଗବେଷଣା କରି ଉଚ୍ଚ ପ୍ରଶଂସିତ ହୋଇଥିବା । ଏଲହାବାଦ ବିଶ୍ୱ ବିଦ୍ୟାଳୟରେ ଇଂରାଜୀ ବିଭାଗାଧ୍ୟକ୍ଷ ରହିଥିବା ତଥା "ଓଥେଲୋ", "ମ୍ୟାକବେଥ୍", ହିନ୍ଦୀରେ ଭାଷାନ୍ତରିତ କରିଥିବା ସେ ସାରସ୍ୱତ ମହାପୁରୁଷ ପଚାରିଲେ- "ଅଂଗ୍ରେଜୀ ନାଟକକାର ତୋ ଜରୁର ହୋଁଗେ ?" ବୀର ସ୍ତମ୍ଭିତ ହୋଇ ଉତ୍ତର ଦେଲା । "ସେକ୍ସପୀୟର...." ବାବୁଜୀ ମଝିରେ ପଚାରିଦେଲେ । "ଠିକ ହୈ ଠିକ ହୈ । ଉନକା କୋଇ ନାଟକ ବତାଓ ।" ବୀର କହିଲା- "ଓଥେଲୋ" ! ଓ ପୁଣି "ଠିକ ହୈ, ଠିକ ହୈ" କହି ସେ ଯାହା କହିଲେ ଉଲ୍ଲେଖ କରୁଛି । ଯାହା ଆମେ ଦୁହେଁ କେବଳ ବିନୀତା ମୌନତାରେ ଶୁଣିଗଲୁଁ । ବାବୁଜୀ କହିଲେ- ଦେଖୋ ବୀର "ଓଥେଲୋ" ଜବକି ଏକ ନାଟକ ହୈ, ଉସକା ମଂଚାୟନ ତୋ କହୀଁ ନା କହୀଁ ସବସେ ପହେଲା ହୁଆ ହୋଗା" । ଉସମେ "ଓଥେଲୋ", "ଡ଼େସଡ଼ୋମିନା" କା ରୋଲ କିହ୍ନୋନେ ଅଦା କିୟାଥା ?" ବୀର ତାଙ୍କୁ କେବଳ ଅନେଇ ରହିଥିଲା ଓ କବି କେବଳ ଏତିକି କହିଲେ- "ଚିହ୍ନୀସ୍ଥିତି ମେରୀ ଔର ଅମିତାଭ କି ! ବଚ୍ଚନଜୀ ଭାଇ ଅମିତାଭର ଖ୍ୟାତି ସାଫଲ୍ୟରେ ପ୍ରସନ୍ନ ହୋଇଛନ୍ତି ସିନା ଅମିତାଭ ସକାଶେ ତାର ମହତ୍ତ୍ୱପୂର୍ଣ୍ଣ ପରିଚୟ ।" ମୁଁ କବି ହରିବଂଶ ରାୟ "ବଚ୍ଚନ"ଙ୍କର ପୁଅ । ମୋର ସବୁକିଛି ପ୍ରଭୁକୃପା ଓ ବାବୁଜୀଙ୍କର ଆଶୀର୍ବାଦର ଫଳ ।

ବୀର ତାର ସଫଳତମ ସାକ୍ଷାତ୍କାର "ମେରୀ ଜିଜ୍ଞାସା ଏଁ ଉନକା ସମାଧାନ ବିଶାଳ ଗ୍ରନ୍ଥରେ ଲିପିବଦ୍ଧ କରିଛି ।

କବିପଣରେ ଅମରତାର ଅଧିକାରୀ ହେବା ବିନୀତ ଆଳସ୍ୟ ରହିତ ତପସ୍ୟାର ତଦ୍‌ଗତ ପ୍ରୀତିରେ ସମ୍ଭବ । ଭୂମି ଓ ଭୂମାକୁ ଭଲ ନପାଇ ହୁଏତ କିଏ ଆଉ କଣ କଣ ପଦ ପ୍ରତିଷ୍ଠାରେ ଆସୀନ ହୋଇପାରିବ ସିନା କବି ହୋଇପାରିବ ନାହିଁ ।

**କବି କୁଟୀର, ବଲାଙ୍ଗୀର**
**ଦୂରଭାଷ : ୯୪୩୭୪୩୦୦୧୬**

# ଆସ ଲଗାଇବା ଗଛ

**ଶମ୍ଭୁନାଥ ଦାସ**



ଗଛ ଦେଇଥାଏ ଫଳ-ଫୁଲ ଭାଇ
ଦେଇଥାଏ ପୁଣି ଜାଳ,
ପଥର ପଥିକ ହୋଇଣ ହତାଶ
ରାହା ଖୋଜେ ଗଛତଳ ।

ଗଛ ଦେଇଥାଏ ରୋଗୀମାନଙ୍କର
କେତେକ ଔଷଧ ସେବନ,
କେତେ ଦରକାରୀ ସରଞ୍ଜାମ ସାଥେ
ଦେଇଥାଏ ବାସସ୍ଥାନ ।

ପରିବେଶକୁ କରଇ ନିର୍ମଳ
ଦିଏ ପୁଣି ଅମ୍ଳଜାନ,
ଖରା - ବରଷାର ସାଥି ଆମ ଗଛ
ସୀମା ନାହିଁ ତା'ର ଗୁଣ ।

ଆସ ଆସ ଭାଇ- ଭଉଣୀ ସଭିଏଁ
ଲଗାଇବା ଆମେ ଗଛ,
ସବୁଜ ସୁନ୍ଦର କରିଦେବା ବନ୍ଧୁ
ଆମ ଘର ଆଗପଛ ।

ପ୍ରାଣୀ ଓ ଉଦ୍ଭିଦ ସମାନ ଜୀବନ
ଗଛକଟା ମନୁ ପୋଛ,
ଧର୍ମ ଯଦି ଆମେ କରିବା ଅର୍ଜନ
ଆସ ଲଗାଇବା ଗଛ ।

ମୁଖ୍ୟ ସଂପାଦକ- 'ଅଭିଯାନ'
୧୭୫- ଏ/୧, ବିଶ୍ୱଲକ୍ଷ୍ମୀ ତାଲା ରୋଡ଼
କୋଲକାତା- ୭୦୦୦୬୦
ଦୂରଭାଷ : ୦୯୦୩୮୩୯୭୧୩୫



# ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା

ଇଂ ସତ୍ୟବ୍ରତ ରଥ

ଜାପାନୀ ଝିଅମାନେ ପ୍ରଜାପତି ପଛରେ ଧାଇଁବାକୁ ଓ ପୁଅମାନେ ଗୁଡ଼ି ଉଡ଼ାଇବାକୁ ଭଲ ପାଆନ୍ତି। ବିଭିନ୍ନ ରଙ୍ଗର ବିଭିନ୍ନ ଆକୃତିର ପ୍ରାୟ ସାତଲକ୍ଷ ଗୁଡ଼ି ଜାପାନ୍‌ରେ ପ୍ରତିବର୍ଷ ବିକ୍ରି ହୋଇଥାଏ। ଦିନେ ଶିନୋସୁକେ ନାମକ ଜଣେ ବାଳକ ସକାଳବେଳା ନୂଆ ଗୁଡ଼ିଟିଏ କିଣିଥିଲା। ସାନ ଭଉଣୀ ସାଚିୟୋକୁ କହିଲା - ଆଜି ପାଗ ଭଲ ଅଛି। ପବନର ବେଗ ବି ଠିକ୍ ଅଛି। ମୁଁ ଉପରବେଳା ଗୁଡ଼ି ଉଡ଼େଇବାକୁ ଯିବି। ତୁ ମୋ ସାଙ୍ଗରେ ଚାଲେ ମୁଁ ଭାରି ଖୁସି ହେବି।

ଭାଇ ଭଉଣୀ ଦୁହେଁ ପରସ୍ପରକୁ ଖୁବ୍ ଭଲ ପାଉଥିଲେ। ତେଣୁ ସାଚିୟୋ ଭାଇ କଥାରେ ରାଜି ହୋଇଗଲା। ଠିକ୍ ସମୟରେ ଦୁହେଁ ସମୁଦ୍ର କୂଳକୁ ଗଲେ। ନଟେଇରୁ ସୂତା ଛାଡ଼ି ଶିନୋସୁକେ ଗୁଡ଼ି ଉଡ଼ାଇଲା। ମାଛ ଆକାରର ଗୁଡ଼ିଟି ପ୍ରାୟ ଦୁଇଶହ ଫୁଟ ଉଚ୍ଚରେ ଉଡ଼ିଲା। ଭଉଣୀ ଗୁଡ଼ିଟିର ଗତିବିଧିକୁ ଲକ୍ଷ୍ୟ କରୁଥିଲା। ହଠାତ୍ ସାଚିୟୋ ଅନ୍ୟମନସ୍କ ହୋଇପଡ଼ିଲା। କହିଲା - "ଭାଇ ଆଜି ବାର ତାରିଖ। ମୋର ମନେ ନଥିଲା। ଏବେ ମୋର ସାମି ମାନାମି ମ୍ୟାଡ଼ାମ୍‌ଙ୍କ କଥା ଖୁବ୍ ମନେ ପଡୁଛି। ଗଲା ମାସ ବାର ତାରିଖରେ ସେ ମରିଯାଇଥିଲେ। ତାଙ୍କର ସ୍ନେହଭରା ଚାହାଣି. ମିଠାମିଠା କଥା ଓ ଆଦରଣୀୟ ବ୍ୟବହାର ମୋ ମନକୁ ବ୍ୟସ୍ତ କରୁଛି। ତୋ ଗୁଡ଼ି ମୋତେ ଆନନ୍ଦ ଦେଇପାରୁନି।"

ଶିନୋସୁକେ ଗୁଡ଼ି ଉଡ଼ାଇବା ବନ୍ଦ କଲା। ଭଉଣୀର ପିଠିକୁ ଥାପୁଡ଼ାଇ ଦେଇ କହିଲା - "ମୋ ସୁନା ଭଉଣୀ ! ତୁ ଆଜି ଭାବପ୍ରବଣ ହୋଇପଡ଼ିଛୁ। ଆଚ୍ଛା ତୁ ସେଇ ମ୍ୟାଡ଼ାମ୍‌ଙ୍କ କଥା କହୁଛୁ ଯିଏ କେତେ ମାସ ପୂର୍ବେ ମାଆଙ୍କୁ ସାକ୍ଷାତ୍ କରିବାକୁ ଆସିଥିଲେ ?"

ସାଚିୟୋ କହିଲା - "ହଁ ଭାଇ ! ତାଙ୍କଭଳି ସ୍ନେହୀ, ଆଦରଣୀୟ ମ୍ୟାଡ଼ାମ୍ ଆମ ସ୍କୁଲରେ ନାହାଁନ୍ତି। ପ୍ରତିମାସରେ ସେ ଚାରିଜଣ ମାଆଙ୍କୁ ସାକ୍ଷାତ୍ କରିବାକୁ ଯାଆନ୍ତି। ମାଆମାନଙ୍କ ସାଙ୍ଗରେ ମନଖୋଲି କଥାବର୍ତ୍ତା ହୁଅନ୍ତି। ତାଙ୍କ ପାଠ ପଢ଼ାଇବା ଢ଼ଙ୍ଗ ଅଲଗା। କୌଣସି ଝିଅ ଯଦି ପାଠ ବୁଝିନପାରିଲା, ସେ ତାକୁ ପାଖକୁ ଡ଼ାକି ଆଉଥରେ ବୁଝାଇ ଦିଅନ୍ତି। ପାଠ ପଢ଼ାଇବା ସଙ୍ଗେ ସଙ୍ଗେ ସେ ଆମମାନଙ୍କୁ କହନ୍ତି ଯେ - ମନଦେଇ ପାଠ ପଢ଼ିବା ତୁମର ପ୍ରଥମ କାମ। ଗୁରୁଜନମାନଙ୍କ ସେବା କରିବା ତୁମର ପବିତ୍ରକାମ। ତା'ପରେ ନିଜ ନିଜର ଟେକ ରଖିବା ପାଇଁ କିଛି ନୂଆ କାମ କରିବା ପାଇଁ ତୁମେମାନେ ଲାଗିପଡ଼ିବା ଉଚିତ୍। ବିଦ୍ୟା, ବୁଦ୍ଧି ଓ ବଳ ସାହାଯ୍ୟରେ ତୁମେ ନିଶ୍ଚୟ କିଛି କାମ କରିପାରିବ। ମନେରଖ- ସମୟ ବଡ଼ ବଳବାନ୍। ସମୟର ସଦୁପଯୋଗ କଲେ ଉନ୍ନତି ପଥରେ ଯିବାକୁ ବାଟ ପାଇବ।"

ଭାଇ ଭଉଣୀ ଦୁହେଁ ଘରକୁ ଫେରିଲେ। ଫେରିବାରେ ସାମାନ୍ୟ ବିଳମ୍ବ ହେଲେ ମାଆ ବ୍ୟସ୍ତ ହୋଇପଡ଼ିବେ। ତେଣୁ ଭାଇ ଭଉଣୀ ଚାଲିବାର ବେଗ ବଢ଼ାଇ ଦେଲେ। ଜାପାନ୍ ଗୋଟେ ଦେଶ ଯେଉଁଠି ପାଞ୍ଚମିନିଟ୍ ବିଳମ୍ବକୁ ଦୋଷବୋଲି ଧରାଯାଏ। ଦୈନିକ କାର୍ଯ୍ୟକ୍ରମରେ ସାମାନ୍ୟ ବ୍ୟତିକ୍ରମ ହେଲେ ଅପମାନିତ ହେବାକୁ ପଡ଼େ। ଭଉଣୀ ଭାଇ ହାତରୁ ନଟେଇଟି ନେଇ ଧରିଲା। କଅଁଳ ସ୍ୱରରେ କହିଲା - "ଭାଇ ! ଆମେ କେତେ ଅଯୋଗ୍ୟ। ପାଠ ପଢୁଛେ ବୋଲି ଆମକୁ କେହି କିଛି କହୁନାହାଁନ୍ତି। ମାଆ ଆମକୁ କେତେ ସ୍ନେହ କରୁଛନ୍ତି। ଆମ ପାଇଁ କେତେ କଷ୍ଟ ସହୁଛନ୍ତି। ତାଙ୍କର ବାଆଁ ଗୋଡ଼ଟି କେତେ ଅଚଳ। ଘୁଷୁରି ଘୁଷୁରି ଘରର ସବୁ କାମ କରୁଛନ୍ତି। ବାପା ଯେତିକି ରୋଜଗାର କରୁଛନ୍ତି ସେଥିରେ ଘର ଖର୍ଚ୍ଚ ଚଳିଯାଉଛି। ଏତିକି ରୋଜଗାର ପାଇଁ ସେ ଦିନକୁ ଏଗାର ଘଣ୍ଟା ପରିଶ୍ରମ କରୁଛନ୍ତି। ମାଆଙ୍କ ପାଇଁ ଗୋଟେ ହାତଚାଳିତା ଚକଗାଡ଼ି (ଷ୍ଟ୍ରଲର୍) ସେ କିଣି ପାରୁନାହାନ୍ତି। ସେଥିପାଇଁ ତାଙ୍କ ମନ ଦୁଃଖ। ମୁଁ କିଛ କରିପାରୁନି କି ତୁ କିଛି କରିପାରୁନୁ।"

ଶିନୋସୁକେ କହିଲା - "ମୁଁ ସେକଥା ଅନୁଭବ କରିଛି। ଭାବିଛି, ଆର ମାସ ଆରମ୍ଭରୁ ମୁଁ ଗୋଟେ ଛୋଟ ଗୁଡ଼ି କାରଖାନାରେ ଦିନକୁ ଘଣ୍ଟାଏ କାମ କରିବି। ସ୍କୁଲ ଛୁଟି ହେଲାପରେ ଖେଳବୁଲ ସମୟରେ ମୁଁ କାମ କରିବି। ବାପା ଦିନକୁ ମୋତେ ଗୋଟେ ୟେନ୍ (ଭାରତୀୟ ମୁଦ୍ରାରେ ୬୨ ପଇସା) ହାତ ଖର୍ଚ୍ଚ ଦେଉଛନ୍ତି। ମୁଁ ତା'କୁ ସଞ୍ଚିକରି ରଖିବି। ଭାବୁଛି ଗୋଟେ ବର୍ଷ ଭିତରେ ମୁଁ ମାଆଙ୍କ ପାଇଁ ଷ୍ଟ୍ରଲର କିଣିପାରିବି। ତୁ ଏକଥା ମାଆଙ୍କୁ କିମ୍ବା ବାପାଙ୍କୁ କହିବୁ ନାହିଁ।"

କେତେ ବର୍ଷ ବିତିଗଲା। ସାଚିୟୋର ପାଠପଢ଼ା ସରିଲା। ମାଆ ଓ ଶିକ୍ଷୟତ୍ରୀଙ୍କ ପ୍ରତି ତା'ର ଅନାବିଳ ଶ୍ରଦ୍ଧା, ଭକ୍ତି ଓ ସମ୍ମାନ ଥିବାରୁ ବୋଧହୁଏ ସମୟ ସାଚିୟୋ ମଥାରେ ଆଶୀର୍ବାଦ ଢ଼ାଳିଦେଲା। ମାନାମି ମ୍ୟାଡ଼ାମ୍‌ଙ୍କ ପ୍ରେରଣା ତା'କୁ ବାଟ ଦେଖାଇଲା। ବହୁଦିନ ପରିଶ୍ରମ କରି ସେ ଯେଉଁ ଷ୍ଟ୍ରଲର୍‌ର ନମୁନା ତିଆରି କରିଥିଲା, ତା'କୁ ଗୋଟେବ୍ୟବସାୟିକ କମ୍ପାନୀ ଆଦରରେ ଗ୍ରହଣ କଲା ଏବଂ ସାଚିୟୋକୁ ଏକ ଉଚ୍ଚପଦବୀରେ ଚାକିରୀ ଦେଇଥିଲା। ସାଚିୟୋର ପରାମର୍ଶକ୍ରମେ ସେହି ଷ୍ଟ୍ରଲର୍‌ର ନାମ ରଖାଯାଇଥିଲା 'ମାନାମି'।

ସେହି ବ୍ୟବସାୟିକ କମ୍ପାନୀ ମାନାମି ଷ୍ଟ୍ରଲର୍‌ର ଚିତ୍ର ସହିତ କ୍ଷୁଦ୍ର ଗଳ୍ପଟିଏ ଦେଇଥିଲା - ପିତାମାତା ଓ ଗୁରୁଜନଙ୍କର ସ୍ନେହ, ଶ୍ରଦ୍ଧା ଓ ପ୍ରେରଣାର ପ୍ରତିଦାନ ଦେବା ଗୋଟାଏ ଜନ୍ମରେ ସମ୍ଭବ ନୁହେଁ।

**କଲେଜ ରୋଡ୍, ବାଙ୍କୀ, କଟକ**

# ଅନ୍ତର୍ଦାହର ଅଭିବ୍ୟକ୍ତି

**ରତ୍ନାକର ଦାସ**

ଛନ୍ଦାର ସେ ପ୍ରଶ୍ନିଳ ଆଖି ଓ ଅନାହତ ସ୍ୱର, ମା'ର ହୃଦୟକୁ ଘାଣ୍ଟି ଚକଟି ପକାଉଥିଲା । ଅନେକ ଥର ଏଣୁ ତେଣୁ କହି ଝିଅ ସହିତ ଛଳନା କରିଥିବା ଜନ୍ମଦାତ୍ରୀ ଆଜି ନିଷ୍ଠୁର ସତ୍ୟକୁ ଅଟକାଇ ପାରି ନ ଥିଲେ ।

- ତୋ ବାପା ଏମିତି ଜଣେ ମଣିଷ, କାହାର ଅନୁନୟ ବିନୟ ଶୁଣି ଦୟା ଦେଖାଇବା ତାଙ୍କ ଜନ୍ମ ଜାତକରେ ନ ଥିଲା । ଯେଉଁ ଘଟଣାକୁ ଶୁଣିଲେ ଆମର ସର୍ବାଂଗ ଥରିଉଠେ, ସେଇଭଳି ଘଟଣାକୁ ଘଟାଇବାରେ ସେ ଥିଲେ ମୁଖ୍ୟ ।

- ଏଣୁ ତେଣୁ କ'ଣ ମେଞ୍ଚାଏ ବକି ଯାଉଛୁ ମା ! ମତେ ସିଧା ସଳଖ କହ ମା, ମୋ ମୁଣ୍ଡଛୁଇଁ କହ, ମୋ ବାପା କ'ଣ କରିଥିଲେ । ଝିଅ ଛନ୍ଦାର ଏକାନ୍ତ ଜିଦ୍ ଆଗରେ ଦୋଷୀ ଭଳି ସଂକୁଚିତ ହୋଇ ଯାଇଥିଲେ ମା' ହାରାମଣି । କଥାଟା ଉଚ୍ଚାରଣ କଲାବେଳକୁ ଶ୍ୱାସରୁଦ୍ଧ ହୋଇ ଆସୁଥିଲା ତାଙ୍କର । ସେ ଅପଲକ ନୟନରେ ଚାହିଁ ରହିଥିଲେ ଝିଅର ସେଇ ଆକାଂକ୍ଷିତ ମୁଖ ମଣ୍ଡଳକୁ । ଧୀରେ ଧୀରେ ତାଙ୍କର ସେ ନିଷ୍ପ୍ରଭ ଆଖିରେ ଲୁହମାନେ ଜକେଇ ଆସୁଥିଲେ କଳା ବାଦଲରେ ବର୍ଷା ଜମାଟ ବାନ୍ଧିଲା ଭଳି । କେଇଟୋପା ମଧ୍ୟ ଗଡ଼ି ଆସିଲାଣି ତାଙ୍କ ଅଜାଣତରେ ।

ସେ ଅବାକ୍ ହୋଇଗଲା । ମା' ମୁହଁରୁ ତା' ପ୍ରଶ୍ନର ଉତ୍ତର ଶୁଣିବାକୁ ଭୁଲିଯାଇ ମା'ର ସେ ଲୁହଭର୍ତ୍ତି ଆଖି ଦୁଇକୁ ଦେଖି ଛନ୍ଦା ଭାବି ଚାଲିଲା ଆକାଶରୁ ପାତାଳ ଯାଏ । ଅନ୍ୟମାନଙ୍କଠାରୁ ସେ ଯାହା ଶୁଣିଛି ତାହା ଯେ ନିଶ୍ଚିତ ସତ୍ୟ, ଏହି ସିଦ୍ଧାନ୍ତରେ ପହଞ୍ଚିଲା ଛନ୍ଦା ।

ମା' ପଣତରେ ମା'ର ଆଖି ଲୁହକୁ ପୋଛି ଉତ୍ତର ପାଇବା ପରିବର୍ତ୍ତେ ତାଙ୍କୁ ସାନ୍ତ୍ୱନା ଦେଲା - ମୁଁ ବଂଚିଥିବା ଯାଏ ତତେ ଆଉ କିଛି ପଚାରିବିନି ମୋ ବାପାଙ୍କ ସଂପର୍କରେ । ତୁ ଆଦୌ ସେ ନେଇ କିଛି ବ୍ୟସ୍ତ ବିବ୍ରତ ହଅନା ମା !

ମା' ହାରାମଣିର ଶ୍ୱାସରୁଦ୍ଧ ହେଇ ଯାଉଥିଲା ଛନ୍ଦା ଯେତେବେଳେ ଉତ୍ସୁକତାର ସହିତ ପଚାରୁଥିଲା ତା' ବାପାର ପରିଚୟ ସଂପର୍କରେ । କିନ୍ତୁ ସେ ଯେତେବେଳେ ଶୁଣିବାର ଆଗ୍ରହକୁ ଅବଦମିତ କରି ମା'ର ଅନ୍ତର୍ଦାହକୁ ଅନୁଭବ କରୁଥିଲା, ସେଇବେଳେ ମା' ହାରାମଣି କହିଚାଲିଲା....

ମୁଁ ଯେଉଁଦିନ ଭାଂଗିଦେଲି ହାତର ଶଂଖା ଆଉ ପୋଛିଦେଲି ମଥାର ସିନ୍ଦୂରକୁ, ମୋ ଗର୍ଭରେ ଥାଇ ତୁ ସେଇଦିନ ମତେ ବହୁତ ଗୋଇଠା ମାରୁଥିଲୁ । ମୁଁ ଜାଣି ପାରୁ ନ ଥିଲି ତୁ ମୋର ବୈଧବ୍ୟକୁ ସ୍ୱୀକାର ନ କରି ମୋ ସହିତ ସ୍ୱର ମିଳାଇ ବିଳାପ କରୁଥିଲୁ କି ପିତୃହନ୍ତାର ପ୍ରତିଶୋଧ ପାଇଁ ମୋ ଉଦର ଫଟାଇ ବାହାରକୁ ଆସିବାକୁ ଚେଷ୍ଟା କରୁଥିଲୁ ।

ଏତିକି କଥାରେ ଛନ୍ଦାର ଆଖି ଛଳଛଳ ହୋଇଗଲା । ମା' ହାରାମଣି କିନ୍ତୁ ନିରବଚ୍ଛିନ୍ନ ଭାବେ କହି ଚାଲିଥିଲା ସ୍ୱାମୀ ବୃତ୍ତାନ୍ତର ଅବଶିଷ୍ଟାଂଶ ।

ତୋ ବାପା ଚାକିରି ଖୋଜିବାକୁ ଯାଇ ଯାହା ପାଖରେ ପହଞ୍ଚିଲା, ସିଏ ତୋ ବାପାର ଚେହେରା ଦେଖି ମନେମନେ ବହୁତ ଖୁସିହେଲା । ଲୋଭ ଦେଖେଇଲା । ଥରକରେ କୋଡ଼ିଏ, ତିରିଶ, ପଚାଶ, ହଜାର ମିଳିବ । ମାସକରେ ପାଞ୍ଚ ସାତଟା ଏମିତି ରୋଜଗାର ହୋଇପାରେ । କାମଟା କ'ଣ ବୋଲି ତୋ ବାପା ପଚାରି ହେଲା ଯେ, ସିଏ ଅନ୍ୟ ପାଞ୍ଚ ସାତ ଜଣକୁ ଆଂଗୁଳି ଦେଖାଇ କହିଲା - ଏମାନଙ୍କ ପାଖରୁ ବୁଝିନବୁ ।

ସେମାନେ ତୋ ବାପାଙ୍କୁ ତାଙ୍କ ଦଳରେ ମିଶାଇ ଦଳ ପକ୍ଷରୁ ସ୍ୱାଗତ କଲେ । ଧାଁ ଦୌଡ଼ର ଅଭ୍ୟାସ କରାଇଲେ, ଶିଖାଇଲେ କାଏଦା କୌଶଳ। ଯେଉଁଦିନ ତାଙ୍କୁ ଶପଥ କରାଇ ତାଙ୍କ ହାତରେ ଧରାଇଦେଲେ ମଣିଷ ହାଣିବାର ଭୁଜାଲି, ତତକ୍ଷଣାତ୍ ସିଏ ମୁର୍ଚ୍ଛା ଗଲେ । ଚେତା ଫେରିବା ପରେ ସିଏ ନିଜକୁ ଆବିଷ୍କାର କଲେ ଏକ ଘରୋଇ ହସ୍‌ପିଟାଲରେ ।

ମା... ! ମା... ବୋଲି ଚିତ୍‌କାର କରି ଉଠିଲା ଝିଅ ଛନ୍ଦା । ମା' ପାଟିର ହାତ ଦେଇ କହିଲା ଥାଉ ମା ! ମତେ ଆଉ ସେ ବିଭତ୍ସଭରା କାହାଣୀ କହି ମୋର ଲକ୍ଷ୍ୟ ତଥା ଉଦ୍ଦେଶ୍ୟରେ ବାଧା ସୃଷ୍ଟି କରନା । ମୁଁ ଯିବି, ସେଇଠିକୁ ଯିବି, ଗରିବ ନିରୀହ ମଣିଷଙ୍କ ରକ୍ତ ଶୋଷି ବଡ଼ଲୋକର ଆଖ୍ୟା ପାଉଛନ୍ତି ଯେଉଁମାନେ, ସୁରକ୍ଷା ଦେବାରେ ପୋଷାକ ପିନ୍ଧି ଭକ୍ଷକ ସାଜୁଛନ୍ତି ଯେଉଁମାନେ, ସେମାନଙ୍କ ଆମେ ଶିଖାଇଦେବୁ ଆମେ ବି ବନ୍ଧୁକ ଧରିପାରୁ, ଫୁଟାଇପାରୁ ଗୁଳି ।

ହାରାମଣି ପଛରୁ ଯେତେ ଡ଼ାକୁଥିଲେ ବି ଛନ୍ଦା ଦୌଡୁଥିଲା ଦ୍ରୁତ ବେଗରେ । କିଛି ସମୟ ପରେ ସିଏ ଅଦୃଶ୍ୟ ହୋଇଗଲା ଯେ ନାଲିଆ ରଂଗର ଗାଡ଼ିଟିଏ ଧାଉଁଥିଲା ଧୂଳି ଉଡ଼ାଇ ।

**ଆବାହକ - ପ୍ରତିଭା ପ୍ରଣାମ ମଞ୍ଚ**
**ଶଂଖୋ, ଆନନ୍ଦପୁର, କେନ୍ଦୁଝର**

## ସେଲ୍‌ଫି ମୃତ୍ୟୁରେ ଭାରତର ବିଶ୍ୱ ରେକର୍ଡ

**ସେଲ୍‌ଫି ନେଲା ବେଳେ ପ୍ରାଣ ହରାଇବା ସଂଖ୍ୟା ବିଚାରକୁ ନେଲେ ବିଶ୍ୱରେ ଭାରତ ୧ ନମ୍ବର୍ ସ୍ଥାନରେ ରହିଛି। ୨୦୧୪ ମାର୍ଚ୍ଚରୁ ୨୦୧୬ ସେପ୍ଟେମ୍ବର ସୁଦ୍ଧା ଭାରତରେ ୭୬ଟି ସେଲ୍‌ଫିଜନିତ ମୃତ୍ୟୁ ହୋଇଛି। କାର୍ନେଜି ମେଲୋନ୍ ୟୁନିଭରସିଟି ଏବଂ ଇନ୍ଦ୍ରପ୍ରସ୍ଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନଫ- ର୍ମେସନ୍, ଦିଲ୍ଲୀ ପକ୍ଷରୁ କରାଯାଇଥିବା ମିଳିତ ଗବେଷଣାରୁ ଏହା ଜଣାପଡ଼ିଛି।**



# ଠାର ଭାଷା

ଡ଼ାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ଆପଣମାନଙ୍କ ମଧ୍ୟରୁ ଅନେକ ଟେଲିଭିଜନରେ ବଧିରମାନଙ୍କ ପାଇଁ ଉଦ୍ଦିଷ୍ଟ ସମ୍ବାଦ ପରିବେଷଣ ଶୁଣିଥିବେ ଏବଂ ଦେଖିଥିବେ। ଏହି ପରିବେଷଣରେ ପରଦା ପଛରେ ଥାଇ ସମ୍ବାଦଟି ପଢ଼ିଥାଆନ୍ତି ଓ ଅନ୍ୟଜଣେ ହସ୍ତଚାଳନ ଦ୍ୱାରା ଭାଷାରେ ବ୍ୟକ୍ତ ସମ୍ବାଦକୁ ଠାରଭାଷାକୁ ରୂପାନ୍ତରିତ କରିଥାଆନ୍ତି। ସୁତରାଂ ଠାରଭାଷା ସାଂକେତିକ। ଏହା ପ୍ରଦର୍ଶିତ ହୋଇଥାଏ ହାତ ଏବଂ ଆଙ୍ଗୁଠି ଚାଳନା ମାଧ୍ୟମରେ। ଠାରଭାଷାକୁ ଇଂରାଜୀରେ 'ସାଇନ୍ ଲାଙ୍ଗୁଏଜ୍' ବୋଲି କୁହାଯାଏ।

ପୃଥିବୀର ଆମେ ମଣିଷମାନେ ପାଖାପାଖି ୭୦୦୦ଟି ଭାଷା ବ୍ୟବହାର କରିଥାଉ। ଏଥିମଧ୍ୟରୁ ୧୨୦ରୁ ବେଶୀ ହେଉଛି ଠାରଭାଷା। ଠାରଭାଷା ସାହାଯ୍ୟରେ ବଧିରମାନଙ୍କ ସହ ଭାବ ଆଦାନପ୍ରଦାନ କରାଯାଇଥାଏ। କାରଣ ଯେଉଁମାନେ ଶ୍ରୁତିହୀନ, ସେମାନଙ୍କ ନିକଟରେ ଉଚ୍ଚାରିତ ଭାଷା ନିରର୍ଥକ। ସେ ଯାହା ହେଉ, କେଉଁ ଭାଷା କେବେ ଭୂମିଷ୍ଠ ହୋଇପଡ଼ିଥିଲା, ତା'ର କୌଣସି ପ୍ରମାଣସିଦ୍ଧ ଦଲିଲ ନାହିଁ। ସେଥିପାଇଁ ଭାଷାର ଉତ୍ସକୁ ଖୋଜି ବାହାର କରିବା ଆଦୌ ସହଜ ନୁହେଁ। ତାହାହେଲେ, ଭାଷାଗୁଡ଼ିକ କେଉଁ ପ୍ରକାରରେ ବିକଶିତ ହୋଇଥାଆନ୍ତି ? କିପରି ସଂଘଟିତ ହୁଏ ସେଗୁଡ଼ିକର ଉତ୍ଥାନପତନ ?

କଥିତ ଭାଷା ହେଉ କି ଠାରଭାଷା ହୋଇଥାଉ, ଏକ ନୂତନ ଭାଷା ପ୍ରଧାନତଃ ପୂର୍ବପ୍ରଚଳିତ କୌଣସି ଏକ ଭାଷାର ସନ୍ତାନ। କିନ୍ତୁ ନିକାରାଗୁଆର ଠାରଭାଷା ପୂର୍ବପ୍ରଚଳିତ ଅନ୍ୟ କୌଣସି ଭାଷାରୁ ବିକଶିତ ହୋଇନଥିଲା। ନିକାରାଗୁଆର ଶିଶୁମାନେ ନିଜନିଜ ପରିବାରରେ ବ୍ୟବହାର କରିଆସୁଥିବା ଠାରଗୁଡ଼ିକରୁ ହିଁ ଏହା ଆପେ ଆପେ ବିକଶିତ ହୋଇଗଲା। ପୁଣି ଏହା ବିକଶିତ ହୋଇଗଲା ନିଜର ବ୍ୟାକରଣ ଓ ଅଭିଧାନଥାଇ। ସିକାଗୋ ବିଶ୍ୱବିଦ୍ୟାଳୟର ଭାଷା ଗବେଷିକା ମେରୀ କପ୍ପୋଲ୍ ଦର୍ଶାଇଛନ୍ତି ଯେ ହାତକୁ ନେଇ ବଙ୍କେଇ ହୋଇ ରହିଥିବା ମସ୍ତକ ସହ ଲଗେଇ ରଖିଦେଲେ ତାହା ନିଦ୍ରା ଯିବାର ସୂଚନା ପ୍ରଦାନ କରିଥାଏ। ଏଭଳି ଠାରଭାଷାକୁ ବୈଜ୍ଞାନିକମାନେ ଆବିଷ୍କାର କି ଉଦ୍‌ଭାବନ କରିନଥିଲେ। ଏହା ପରିଲକ୍ଷିତ ହୋଇଥିଲା ନିକାରାଗୁଆର ବଧିରମାନଙ୍କଠାରେ। ଏହି ପ୍ରଚଳିତ ପାରିବାରିକ ଠାରଗୁଡ଼ିକୁ ପରସ୍ପର ମଧ୍ୟରେ ବିନିମୟ କରି ଓ ସେଥିରେ ବ୍ୟାକରଣ ଯୋଗକରି ନିକାରାଗୁଆର ପିଲାମାନେ ଖୁବ୍ ଶୀଘ୍ର ବିକଶିତ କରେଇ ଦେଇଥିଲେ ଏକ ସାଧାରଣ ତଥା ଜଟିଳ ଠାରଭାଷା। ଏହାଥିଲା ସରଳ ଅଙ୍ଗଭଙ୍ଗୀ ପ୍ରଦର୍ଶନଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର। ଏହା ଫଳରେ ନିକାରାଗୁଆର ବଧିରଗୋଷ୍ଠୀଙ୍କ ପାଇଁ ପାରସ୍ପରିକ ଭାବ ଆଦାନପ୍ରଦାନ ଯଥେଷ୍ଟ ସୁଗମ ହୋଇଗଲା। "ବଧିରତା ହିଁ ହେଉଛି ଭାଷା ସୃଷ୍ଟି କରିବା ନିମନ୍ତେ ଏକ ଅପୂର୍ବ ତଥା ବାସ୍ତବ ସୁଯୋଗ" ବୋଲି ମତ ଦେଇଛନ୍ତି ଆନ୍ ସେଘାଂସ୍। ସେଘାଂସ ହେଉଛନ୍ତି ନିୟୁୟର୍କସ୍ଥିତ ବାର୍‌ନାର୍ଡ଼ କଲେଜର ପ୍ରଫେସର୍।

ତେବେ ବଧିରତା ଭଳି ଏକ ପ୍ରତିବନ୍ଧକ ବା ଶାରୀରିକ ଅକ୍ଷମତା କିମ୍ବା ଅନ୍ୟ କୌଣସି ବାହ୍ୟ ପ୍ରଭାବହିଁ ଭାଷାକୁ ଜନ୍ମ ଦେଇପାରେ ଓ ଏହାକୁ ଜୀବନ୍ତ ରଖିପାରେ। ଆମେରିକାସ୍ଥିତ କଲମ୍ବିଆ ବିଶ୍ୱବିଦ୍ୟାଳୟର ଟିଚରସ୍ କଲେଜ୍ରେ ଶିକ୍ଷାଦାନ କରିଥାନ୍ତି ପ୍ରଫେସର୍ ରଷ୍ଟି ରୋଜେନ୍। ସେ ନିଜେ ବଧିର। କିନ୍ତୁ ତାଙ୍କର ଅଧିକାଂଶ ଛାତ୍ର ଶୁଣିପାରିବା ନିମନ୍ତେ ସମର୍ଥ। ରୋଜେନ୍ ସେମାନଙ୍କୁ ଶିଖେଇଥାଆନ୍ତି ଆମେରିକୀୟ ଠାରଭାଷା; ଠିକ୍ ଗୋଟିଏ ଗୋଟିଏ ଇଂରାଜୀ ଭାଷା ଶେଖେଇବା ପ୍ରକାରେ। ଶ୍ରେଣୀର ଛାତ୍ରମାନେ ଉଭୟେ ଉଚ୍ଚାରିତ ଭାଷା ଓ ଠାରଭାଷାରେ ନିଜ ନିଜର ଭାବ ବ୍ୟକ୍ତ କରିଥାଆନ୍ତି। ହେଲେ ରୋଜେନ୍‌ଙ୍କ ଭାଷାନ୍ତରିକ ବା ଇଣ୍ଟରପ୍ରିଟର୍ ରୋଜେନ୍‌ଙ୍କ ଭାଷଣକୁ କଥିତ ଇଂରାଜୀ ଭାଷାକୁ ଅନୁବାଦକରି କହିଦିଅନ୍ତି ଛାତ୍ରମାନଙ୍କୁ। ସେ ବହୁବର୍ଷଧରି ଆମେରିକାନ୍ ସାଇନ୍ ଲାଙ୍ଗୁଏଜ୍ ଶିକ୍ଷା ଦେଇଆସୁଛନ୍ତି।

ଅଷ୍ଟ୍ରେଲିଆର 'ଆବୋରିଜିନ୍ସ' ବା ଆଦିମ ସଂପ୍ରଦାୟର ମହିଳାମାନେ ସାଂସ୍କୃତିକ ଚଳନି ପାଳନ ଅବସରରେ ଏକ ଠାର ଭାଷାର ବିକାଶ କରେଇବାରେ ସଫଳ ହୋଇଥିଲେ। ଉଦାହରଣସ୍ୱରୂପ, କୌଣସି ଏକ ପୁଅପିଲା କୈଶୋର ଅବସ୍ଥାରେ ପ୍ରଜନନକ୍ଷମ ହୋଇଗଲେ ସଂପ୍ରଦାୟର ମହିଳାମାନେ ଶୋକ ପାଳନ କରିଥାନ୍ତି। ଶୋକ ପାଳନ ସମୟରେ ସେମାନେ କୌଣସି କଥାବାର୍ତ୍ତା କରନ୍ତିନି। ଭାବ ବିନିମୟ କରିଥାନ୍ତି ସଂପୂର୍ଣ୍ଣ ମୌନରହି। ଏପରି ଶୋକବ୍ୟକ୍ତ କରିବାର ବାର୍ତ୍ତାଟି ହେଲା- ମୃତ୍ୟୁବରଣ କରିଗଲା ପିଲାଟିର ଶୈଶବ ଏବଂ ଭୂମିଷ୍ଠ ହୋଇପଡ଼ିଲା ଯୁବକଟିଏ। ହେଲେ ଶୋକପାଳନ ସମୟର ମହିଳାମାନଙ୍କ ମୌନତା ହିଁ ଜନ୍ମ ଦେଇଦେଲା ଏକ ନୂତନ ଭାଷାକୁ। ସେହି ଆଦିମ ସଂପ୍ରଦାୟରେ ପ୍ରଚଳିତ ଏକ ସାଂକେତିକ ଭାଷା ବା ଠାରଭାଷାକୁ।

ଆମେରିକୀୟ ଭାଷାବିତ୍ ଡ଼ାଭିଡ଼୍ ଆର୍ମ୍‌ଷ୍ଟ୍ରଙ୍ଗ୍ ଓ ସେର୍‌ମ୍ୟାନ୍ ଉଇଲ୍‌କକ୍ସ ବିଶ୍ୱାସ କରନ୍ତି ଯେ ଠାରଭାଷାରେ ପ୍ରଦର୍ଶିତ ହେଉଥିବା ମୌଳିକ ଅଙ୍ଗଭଙ୍ଗୀର ଜନ୍ମ ନେଇଛି ବାକ୍‌କ୍ଷମତା। କିନ୍ତୁ ଅନ୍ୟ ଗବେଷକମାନେ ଉପରୋକ୍ତ ବିଜ୍ଞାନୀଦ୍ୱୟଙ୍କ ତତ୍ତ୍ୱକୁ ଗ୍ରହଣ କରିବା ନିମନ୍ତେ ନାରାଜ। ଶେଷୋକ୍ତ ଗବେଷକମାନଙ୍କ ଯୁକ୍ତି ହେଉଛି, ମଣିଷମାନେ କଥାବାର୍ତ୍ତା କଲାବେଳେ ପ୍ରବୃତ୍ତିଗତ ଭାବରେ ବିଭିନ୍ନ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରିଥାନ୍ତି, ହାତ ଓ ମୁଣ୍ଡ ହଲେଇଥାନ୍ତି। ଏଥିରେ ସାଂସ୍କୃତିକ ବିଭିନ୍ନତାର କୌଣସି ପ୍ରଭାବ ନାହିଁ। ସେମାନେ ଏପରି କରିବା ଦ୍ୱାରା ଶ୍ରୋତାମାନଙ୍କର ବିଶେଷ

କୌଣସି ଫାଇଦା ହୋଇନଥାଏ। ଏବଂ ଦେଖନ୍ତୁ ଫୋନ୍‌ରେ କଥାବାର୍ତ୍ତା ହେବା ସମୟର କଥା। ସେହି ସମୟରେ ଦୂରରେ ଥାଇ ଫୋନ୍ ଧରିଥିବା ବ୍ୟକ୍ତି ଜଣକ ଆମକୁ ଦେଖିପାରୁନଥିଲେ ବି ଆମେ କଥାବାର୍ତ୍ତାର ପ୍ରସଙ୍ଗକୁ ଚାହିଁ ମୁରୁକିହସି ଦେଇଥାଉ, ହାତ ଓ ମୁଣ୍ଡ ହଲେଇଥାଉ, ଭ୍ରୁକୁଞ୍ଚନ କରିଥାଉ ଇତ୍ୟାଦି। ସୁତରାଂ ଅଙ୍ଗଭଙ୍ଗୀ ପ୍ରଦର୍ଶନ ଦ୍ୱାରା ଭାବ ଆଦାନପ୍ରଦାନ ବାକ୍‌ଶକ୍ତିର ପୂର୍ବଜ ନୁହେଁ, ବରଂ ଏହା ବାକ୍‌ଶକ୍ତି ବା କଥାବାର୍ତ୍ତାର ସହଯୋଗୀ- ଶବ୍ଦ ଉଚ୍ଚାରଣ ଓ ଅଙ୍ଗଭଙ୍ଗୀ ପ୍ରଦର୍ଶନ କ୍ରିୟାଶୀଳ ହୋଇଥାନ୍ତି ମିଳିତ ଭାବରେ।

ବ୍ୟବହୃତ ହେବାର ଆବଶ୍ୟକତା ନଥିଲେ ଭାଷାର ପତନ ହୋଇଥାଏ ଏବଂ କ୍ରମେ ଏହା ବିଲୁପ୍ତ ହୋଇଯାଏ। ଉଦାହରଣସ୍ୱରୂପ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ବିଭିନ୍ନ ରାଷ୍ଟ୍ରରୁ ଲୋକେ ଯାଇ ଆମେରିକାରେ ବସବାସ ଆରମ୍ଭ କରିଦେଇଥିଲେ। ସେମାନଙ୍କ ଭିତରୁ କିଏ ରଷ୍ ଭାଷାରେ କଥା ହେଉଥିଲେ ତ ଅନ୍ୟ କେଉଁମାନେ ଫରାସୀ, ଜର୍ମାନ୍ କିମ୍ବା ଅନ୍ୟ କୌଣସି ଇଉରୋପୀୟ ଭାଷାରେ। କିନ୍ତୁ କାଳକ୍ରମେ ରଷ୍, ଫରାସୀ, ଜର୍ମାନ୍ କି ଅନ୍ୟ ଭାଷାଗୁଡ଼ିକୁ ତଡ଼ି ପ୍ରଭୁତ୍ୱ ବିସ୍ତାର କରିପକାଇଲା ଇଂରାଜୀ ଭାଷା। ଏବେ ସେମାନଙ୍କ ଦାୟାଦମାନଙ୍କ ପ୍ରଥମ ଭାଷା ହେଉଛି ଇଂରାଜୀ, ଆମେରିକାରେ ରହି ସେମାନେ କଦବାକେମିତି ରଷ୍, ଫରାସୀ କି ଜର୍ମାନ୍ ଭାଷା ବ୍ୟବହାର କରୁଥିବେ କି ନା ସନ୍ଦେହ।

ବର୍ନାର୍ଡ୍ କଲେଜ୍‌ର ପ୍ରଫେସର୍ ଆନ୍‌ସେଘାଂସ୍ ଦୃଢ଼ ମତ ପୋଷଣ କରନ୍ତି ଯେ ଏକ ଭାଷାର ମୃତ୍ୟୁ ସଂସ୍କୃତିର ମୃତ୍ୟୁସହ ତୁଳନୀୟ। କାରଣ ଭାଷା ହିଁ ସଂସ୍କୃତିର ରକ୍ଷକ, ଭାଷା ନାହିଁ ତ ସଂସ୍କୃତି ନାହିଁ। ଭାଷାଟିଏ ମରିଗଲେ ବି ତାହା କୌଣସି 'ଜୀବାଶ୍ମ' ବା ଅବଶେଷ ଛାଡ଼ି ଯାଇନଥାଏ। ହେଲେ ଅନ୍ୟ କେତେକ ବିସ୍ମୟ ପ୍ରକାଶ କରି କହିଥାନ୍ତି, "ଭାଷାର ବିଲୁପ୍ତି କ'ଣ ସତରେ ସଂସ୍କୃତିର ବିଲୁପ୍ତି ? କୌଣସି ଏକ ଭାଷାର ବିଲୁପ୍ତି କ'ଣ ସତରେ ସ୍ଥାନୀୟ ସଂସ୍କୃତିକୁ ପ୍ରଭାବିତ କରିଥାଏ ?"

ସିକାଗୋ ବିଶ୍ୱବିଦ୍ୟାଳୟରେ ଭାଷାର ବିବର୍ତ୍ତନ ସମ୍ବନ୍ଧରେ ଗବେଷଣାରତ ରହିଛନ୍ତି ପ୍ରଫେସର୍ ସାଲିକୋକୋ ମୁଫ୍‌ଓ୍ୱେନି। ସେ ଭାରତୀୟମାନଙ୍କ କଥାବାର୍ତ୍ତାରେ ଇଂରାଜୀ ଭାଷାର ବ୍ୟବହାର ସଂପର୍କିତ ଏକ ଉଦାହରଣ ଅବତାରଣା କରିଛନ୍ତି। ତାଙ୍କର ଯୁକ୍ତି ହେଲା, ଭାରତର ସହରାଞ୍ଚଳଗୁଡ଼ିକର ଅନେକ ପରିବାର ନିଜସ୍ୱ ହିନ୍ଦୀ ଭାଷାକୁ ବ୍ୟବହାର ନକରି ବ୍ୟବହାର କରୁଛନ୍ତି ଇଂରାଜୀଭାଷା। ହେଲେ ସେମାନେ ନିଜ ନିଜର ସଂସ୍କୃତିକୁ ଜଳାଞ୍ଜଳି ଦେଇ ବ୍ରିଟିଶଙ୍କ ଆମେରିକୀୟ ସଂସ୍କୃତିକୁ ଗ୍ରହଣ କରିନେଇନାହାନ୍ତି। ମୁଫ୍‌ଓ୍ୱେନିଙ୍କ ମତରେ ଯେଉଁ ନୂତନ ସଂସ୍କୃତିଟି ବିକାଶ ଲାଭକରେ, ତାହା ଏକ ତୃତୀୟ ସଂସ୍କୃତି' ଓ ତାହା ଅର୍ଥ- ସାମାଜିକ କାରକଗୁଡ଼ିକ ଦ୍ୱାରା ପ୍ରଭାବିତ।

ତେବେ ଯେଉଁ କ୍ଷୁଦ୍ର ଗୋଷ୍ଠୀଟି ଠାର ଭାଷା ଉପରେ ନିର୍ଭରଶୀଳ, ସେମାନଙ୍କ ପାଇଁ ଏହାସହ ଖାପଖୁଆଇ ନେବା ଅପେକ୍ଷାକୃତ ଏକ ଜଟିଳ ସମସ୍ୟା। କାରଣ ସେମାନଙ୍କ କ୍ଷେତ୍ରରେ ଠାର ଭାଷାଟି ଭିନ୍ନକ୍ଷମ ଏକ ଆଶ୍ରୟଦଣ୍ଡ ନୁହେଁ, ବରଂ ଏହା ସେମାନଙ୍କ ଜୀବନର ଗୁଣାତ୍ମକମାନ ପାଇଁ ଅପରିହାର୍ଯ୍ୟ। ନିଜର ମାତୃଭାଷା ଉପରେ ପ୍ରତ୍ୟେକ ଶିଶୁର ମୌଳିକ ଅଧିକାର ଥିବାଭଳି ଠାରଭାଷା ଉପରେ ବି ରହିଛି ବଧିରମାନଙ୍କର ମୌଳିକ ଅଧିକାର।

ଶ୍ରୁତିବାନ୍ ଓ ଶ୍ରୁତିହୀନମାନଙ୍କ ଭିତରେ ରହିଥିବା ବ୍ୟବଧାନ ମଧ୍ୟରେ ଏକ ସେତୁ ସ୍ଥାପନ କରିବା ପାଇଁ ପ୍ରୟାସୀ ରହିଆସିଛନ୍ତି ପ୍ରଫେସର୍ ରଷ୍ଟି ରୋଜେନ୍। ବଧିର ହୋଇନଥିବା ଛାତ୍ରମାନଙ୍କୁ ଠାରଭାଷାକୁ ଏକ ବିଦେଶୀ ଭାଷା ଭାବରେ ଶିଖେଇ ଚାଲିଛନ୍ତି ସେ। ସେ ମଧ୍ୟ ଗୁରୁତ୍ୱ ଦେଇ କହିଛନ୍ତି ଯେ ଠାରଭାଷା ଓ କଥିତ ଭାଷା ଭିତରେ କୌଣସି ପ୍ରଭେଦ ନାହିଁ। ଠାର ଭାଷାର ମଧ୍ୟ ରହିଛି ଏକ ସ୍ୱତନ୍ତ୍ର ସୌନ୍ଦର୍ଯ୍ୟ ଓ ମର୍ଯ୍ୟାଦା।


**'ଅଭୀପ୍‌ସା'**

**ସେକ୍ଟର୍-୬, ପ୍ଲଟ୍ ନଂ- ୧୧୩୧**

**ଅଭିନବ ବିଡ଼ାନାସୀ, କଟକ- ୭୫୩୦୧୪**


# ନିବେଦନ




**ଶ୍ରୀମତୀ ଉଷାରାଣୀ ଶତପଥି**


ଆଖି ବୋଲି ଯେଉଁ ଦୁଇଟି ଅକ୍ଷର
ଲୁହର ନଈରେ ଭାସେ........
ତୁମ ଚକାଆଖି ଦେଖିବ କେମିତି
ଜଳଧିରେ ନଈ ମିଶେ....... (୦)

ଶରଧା ବାଲିରେ ଏତେ ଯେ ଶରଧା
ସେଇଠି ଅଟକି ଗଲି.......
ସିଂହ ଦୁଆରରେ ପତିତପାବନ
ହାତରେ ମୋ ଶୂନ୍ୟ ଝୁଲି.......
ଦରଶନ ଆଶା ମରମେ ମରମେ
ଚନ୍ଦନ ତୁଳସୀ ବାସେ...... (୧)

ଅବଢ଼ା ଅମୃତ ହୃଦୟେ କଳ୍ପିତ
ମରୁ ମରିଚୀକା ସମ.......
ଯାହାର ପରଶେ ପରାଣ ହରଷେ
ଦଣ୍ଡେ ନାହିଁ ଯନ୍ତ୍ରଣା.......
ଜିହ୍ୱାର ଲାଳସା ତୁମ ନାମ ସୁଧା
ଅନ୍ତରେ ଅନ୍ତରେ ମିଶେ........ (୨)


**ମଧୁସୂଦନ ନଗର**

**ପଲ୍ଲାହାଟ,ଖୋରଧା-୭୫୨୦୫୬**



# ବର୍ତ୍ତମାନ ଓ ପାରମ୍ପରିକ କଳାକାର

**(ଏକ ତୁଳନାତ୍ମକ ବିଶ୍ଳେଷଣ)**

**ଶ୍ରୀମତୀ ଚିନ୍ମୟୀ ମହାନ୍ତି**

କଳାକାରର କଳାପ୍ରେମ ଦର୍ଶକ ଓ ଶ୍ରୋତାଙ୍କର ଆନନ୍ଦ କଳା ପ୍ରଦର୍ଶନର ଏକ ସର୍ବବ୍ୟାପି ଓ ନିରନ୍ତର ପକ୍ରିୟା । ପ୍ରତ୍ୟେକ ମଣିଷ ଦର୍ଶକମାନଙ୍କ ପାଖରେ କଳାକାରଟିଏ ନ ହେଲେ ବି ତା'ର ବ୍ୟକ୍ତିଗତ ଜୀବନରେ ସେ ନିଜ ପାଇଁ ଗାଇବା ବା ବାଦ୍ୟ ବଜାରବା ବା ନାଚିବା ଇତ୍ୟାଦି କାର୍ଯ୍ୟ କରିଥାଏ । ସେହି ଦୃଷ୍ଟିରୁ ସେ ନିପୁଣ କଳାକାରକୁ ପ୍ରୋତ୍ସାହିତ କରିବା ତଥା ସମ୍ମାନ କରିବାକୁ ପଛାଇ ନ ଥାଏ । ସମୟାନୁସାରେ ସମାଜରେ ବିଭିନ୍ନ କଳାର ଚାହିଦା ବଢ଼ିବା ବା କମିବାରେ ଲାଗିଛି। ଯାହାର ଫଳସ୍ୱରୂପ କଳାକାରମାନଙ୍କର ଜୀବନ ଶୈଳୀ ଉପରେ ପ୍ରଭାବ ପଡ଼ିଛି । ପାଲା, ଦାସକାଠିଆ, ମେଲା ଓ ଓଡ଼ିଶୀ ସଂକୀର୍ତ୍ତନକୁ ଆମେ ଏବେ ପାରମ୍ପରିକ କଳା ଶ୍ରେଣୀ ଅନ୍ତର୍ଭୁକ୍ତ କରୁ । ଯାହାର ଚାହିଦା ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ କମିବାରେ ଲାଗିଛି । ଅର୍ଥାତ୍ ଏଥିରେ ଥିବା ସ୍ୱର, ତାଳ, ମାନ, ନୃତ୍ୟ, ରସ ତଥା ରାଗ ବର୍ତ୍ତମାନର ଯୁବପିଢ଼ିଙ୍କୁ ଆକୃଷ୍ଟ କରିପାରି ନାହିଁ । ଏ କଥା ବିଶ୍ଳେଷଣର ବିଷୟ। ଭବିଷ୍ୟତରେ ଏହାର ପରିଣାମ କ'ଣ ହୋଇପାରେ ? ଏବେ ପାରମ୍ପରିକ କଳାକାରର ଜୀବନଶୈଳୀ ଓ ବର୍ତ୍ତମାନ ଯୁଗର ଆଧୁନିକ କଳାକାରମାନଙ୍କ ଜୀବନଶୈଳୀର ତୁଳନାତ୍ମକ ତର୍ଜମା କରାଯିବା ଉଚିତ।

ମୁଁ ଜଣେ କଳାକାରର ପୁତ୍ର ବଧୂ। ମୋର ସ୍ୱର୍ଗବାସୀ ଶ୍ୱଶୁର ବାମନ ଚରଣ ମହାନ୍ତି। ଯେ ଜଣେ ଲୋକପ୍ରିୟ ମୃଦଙ୍ଗ ବାଦକ ଥିଲେ। ତା'ଙ୍କ ଜୀବନ ଶୈଳୀକୁ ଯେତେବେଳେ ଆଜିର କଳାକାରମାନଙ୍କ ସହିତ ତୁଳନା କରେ ମୋତେ ପାର୍ଥକ୍ୟଗୁଡ଼ିକ ଜଳଜଳ କରି ଦେଖାଯାଏ । ମୋର ଶ୍ୱଶୁର ଏକ ଦିନର ମୂଲ ପାଇଁ ୮ ରୁ ୧୦ ଘଣ୍ଟା ପରିଶ୍ରମ କରି ସନ୍ଧ୍ୟାରେ ଫେରନ୍ତି ଏବଂ ତା'ପରେ ୩ ରୁ ୪ ଘଣ୍ଟା ମୃଦଙ୍ଗ ଶିଖିବା, ଶିଖାଇବା ତଥା ନିମନ୍ତ୍ରଣ ରକ୍ଷାକରି ଅନ୍ୟ ଗାଁ ବା ସହରକୁ ଯାଇକରି ସଂକୀର୍ତ୍ତନ କରିବା ସହିତ ଆୟୋଜକଙ୍କ ପରିବାରର ମଙ୍ଗଳ କାମନା କରନ୍ତି। ଅନ୍ୟମାନଙ୍କ ସହିତ ଏକ ବନ୍ଧୁତ୍ୱର ଡୋରି ବାନ୍ଧି ଦେଇ ଫେରୁଥିଲେ । ସତରେ ବିଚାର କଲେ....

"ହରିନାମେ କି ରସ ଅଛି,
ପାନକଲା ଲୋକସିନା ଜାଣିଛି" ॥

ମୃଦଙ୍ଗ ସହିତ ତାଳ ଓ ମାନ କଳାର ମିଶ୍ରଣରେ ଏହାର ମଧୁରତା ସ୍ପର୍ଶ କରିହୁଏ। ଶ୍ରୀଚୈତନ୍ୟ ପ୍ରେମରେ ଛନ୍ଦି ହୋଇ କଳା ପ୍ରଦର୍ଶନ କରି ଆତ୍ମତୃପ୍ତି ଲାଭ କରିଥାନ୍ତି। ଅର୍ଥ ଓ ସମ୍ମାନଠାରୁ ଦୂରେଇ ରଖି ସେ ନିଜ କାର୍ଯ୍ୟରେ ମନୋନିବେଶ କରିଥାନ୍ତି। ମାତ୍ର ଆଜିର ଖ୍ୟାତନାମା ଗାୟକ, ବାୟକ, ନାଟ୍ୟକାର, ଗୀତିକାର ସେମାନଙ୍କଠାରୁ ଅଲଗା। ଆଜିକାର କଳାକାରମାନେ ନିଜର ନିପୁଣତାକୁ ଅର୍ଥ ତଥା ସମ୍ମାନରର ମାପ ଦଣ୍ଡରେ ମାପିବା ଆରମ୍ଭ କରିଦେଇଛନ୍ତି । ଏ କଥା ସତ୍ୟ ଯେ ଦର୍ଶକ ଓ କଳାକାରମାନଙ୍କ ଆତ୍ମୀୟତା, ଆୟୋଜକ ତଥା କଳାକାର ସମ୍ପର୍କ ଧିରେ ଧିରେ ବିପଥଗାମୀ ବା ବ୍ୟବସାୟୀକ ହୋଇଯାଇଛି ।

ଓଡ଼ିଶୀ ସଂକୀର୍ତ୍ତନ ଗାୟକ ଓ ବାୟକମାନଙ୍କ ମଧ୍ୟରେ ଭାଇଚାରା ଥାଏ, ସେମାନେ ଭିନ୍ନ ଭିନ୍ନ ଜାଗାର ଗୌରବ ତଥା ସମ୍ମାନ ପାଇଁ ନିଜ ଦଳ ସହ ଅନ୍ୟ ଦଳର ସଦସ୍ୟମାନଙ୍କ ମଧ୍ୟରେ ଭାଇଚାର ରଖିଥାନ୍ତି। ଯାହା ମୁଁ ଦେଖିବାକୁ ପାଇଥିଲି ମୁଁ ମୋର ଶ୍ୱଶୁରଙ୍କଠାରେ ଓ ତା'ଙ୍କ ସମକକ୍ଷ ସଦସ୍ୟ ମାନଙ୍କ ପାଖରେ । ବର୍ତ୍ତମାନ ସମାଜରେ କଳାକାରମାନଙ୍କ ମଧ୍ୟରେ ସଙ୍ଗ ବିବାଦ, ବ୍ୟକ୍ତିଗତ ବିବିଧତା, ନିପୁଣତାର ଚୋରି ତଥା ଅହଂକାରର କୂଟନୀତି ଚାଲିଥିବା କାହାକୁ ଅଛପା ନାହିଁ ।

ବର୍ତ୍ତମାନ ଯୁଗରେ କଳାକୁ ପେଷା ରୂପେ ଧରି କଳାକାରମାନେ ନିଜର ଶିକ୍ଷା କେନ୍ଦ୍ର ବା ତାଲିମ୍ କେନ୍ଦ୍ରଗୁଡ଼ିକ ଖୋଲି ଯୁବପିଢ଼ିକୁ କଳାକାର ହେବା ପାଇଁ ପ୍ରୋତ୍ସାହିତ କରିବା ମଧ୍ୟ ଏକ ବ୍ୟବସାୟରେ ପରିଣତ ହୋଇଛି । ଆଜି ପ୍ରତ୍ୟେକ ଜାତୀୟ ତଥା ରାଜ୍ୟ ସ୍ତରୀୟ କଳାକାରମାନେ ନିଜର ଅବସର ସମୟକୁ କଟାଇବା ପାଇଁ ଏପରି ଏକ ବାଟ ତିଆରି କରି ସାରିଛନ୍ତି ଯେଉଁଠି ଜଣେ ଉଦୀୟମାନ କଳାକାରର ନିପୁଣତା ତଥା ଆଗ୍ରହକୁ ପଛରେ ପକାଇ ଦକ୍ଷିଣାର୍ଥେ ଅର୍ଥ ସଂଗ୍ରହକୁ ବେଶି ଗୁରୁତ୍ୱ ଦିଆଯାଉଛି । ଫଳସ୍ୱରୂପ ଯୁବପିଢ଼ିର ଆଗ୍ରହ ତଥା ଚମତ୍କାର ଉଦୀୟମାନ କଳାକାର ଥିଲେ ମଧ୍ୟ ତା'ଙ୍କ ଅର୍ଥାଭାବ ତା'ଙ୍କୁ ଶିକ୍ଷିତ ହେବା ପାଇଁ ବାରଣ କରି ଦେଇଛି ।

ଓଡ଼ିଶୀ ସଂକୀର୍ତ୍ତନରେ ଏକ ଭିନ୍ନ ଧରଣର ଗୁରୁ ଓ ଶିଷ୍ୟ ସମ୍ପର୍କ; ଶିଷ୍ୟର ପରିଶ୍ରମ ଓ ଆଗ୍ରହ ହିଁ ଗୁରୁ ପାଇଁ ସବୁ କିଛି । ଓଡ଼ିଶୀ ସଂକୀର୍ତ୍ତନ ହେଉଛି ଗୀତ, ତାଳ, ମାନ ଓ ନୃତ୍ୟର ସମୀକରଣ । ସନାତନ ଧର୍ମର ଏକ ପରିବେଷଣ । ଏହା ଏକ ଚୈତନ୍ୟ ଧର୍ମ ତଥା କଳାର ମନୋରଞ୍ଜନ ପାଇଁ ନିଦର୍ଶନ ଯାହା ବର୍ତ୍ତମାନ ଯୁଗର କଳାକାରମାନଙ୍କ ପାଇଁ ଆଦର୍ଶ କୁହାଯାଇପାରିବ ।

**ଅଧ୍ୟାପିକା, ଶିକ୍ଷା ବିଭାଗ,ଏସ୍.ବି.ଡି.ଏମ୍. କଲେଜ୍,**
**କଣ୍ଟିଆ, ଜଟଣୀ, ଖୋରଧା**

# "ଭଗବଦ୍‌ଗୀତା ଏକ ଯୁଦ୍ଧ ଶାସ୍ତ୍ର କି ?"

ନାମଯଜ୍ଞ ମିଶ୍ର

'ଗୀତା ସୁଗୀତା ପରମପୁନୀତା'- ଶ୍ଳୋକରୁ ସ୍ପଷ୍ଟ ହୁଏ ଯେ ପ୍ରାଚୀନ କାଳରେ ଭଗବଦ୍‌ଗୀତାକୁ ଗାନ କରାଯାଉଥିଲା। ଏହାର ଶ୍ଳୋକାବଳିଗୁଡ଼ିକର ବିଭିନ୍ନ ଛନ୍ଦ ରଚନାରୁ ଏହା ଆହୁରି ସତ୍ୟ ପ୍ରମାଣିତ ହୁଏ। ଅଧୁନା ଏହାକୁ ଗାନ କରିବାର ମର୍ମଜ୍ଞଙ୍କର ଅଭାବ ହେତୁ ପାଠ କରାଯାଉଛି ଓ ଆମେ ଗୀତା ପାଠ ବୋଲି କହୁଅଛୁ। ଅନ୍ୟଥା ଏହାର ସାଂଗୀତିକତା ଅତ୍ୟନ୍ତ ମନୋହାରିଣୀ ଥିଲା।

"ସର୍ବୋପୋନିଷଦଗାବଦୋଗ୍ଧା ଗୋପାଳନନ୍ଦନ। ପାର୍ଥ ବତ୍ସ୍, ସୁଧୀ ର୍ଭୋକ୍ତା ଦୁଗ୍‌ଧଂ ଗୀତାମୃତ ମହତ୍।" ସର୍ବେଶ୍ୱର ଶିଶୁ ଶ୍ରୀକୃଷ୍ଣ ଗୁରୁ ସାନ୍ଦିପନିଙ୍କ ଆଶ୍ରମରେ ଶିକ୍ଷାକାଳରେ ସହସ୍ର ସହସ୍ର ମନ୍ତ୍ର ଦ୍ରଷ୍ଟା ଋଷିଙ୍କର ଯୁଗ ଯୁଗ ଧରି ସାଧନା କରି ଯେଉଁ ବେଦଶାସ୍ତ୍ର ଉପନିଷେଦ ରଚନା କରି ଯାଇଥିଲେ ତାକୁ ସେ (ଶ୍ରୀକୃଷ୍ଣ) ଚାରିଦିନରେ ଆୟତ୍ତ କରିପାରିଥିଲେ ତେଣୁ ଗୁରୁ ସନ୍ଦିପନୀ କହିଥିଲେ, "ତୁଇତ, ସକଳ ଶାସ୍ତ୍ରର ଆଧାର, ତୋର ଶାସ୍ତ୍ର ପାଠ କି ଦରକାର ?" ତେବେ କି ସାମାଜିକ ପରଂପରା ରକ୍ଷାର୍ଥେ ପ୍ରଭୁ ଶ୍ରୀକୃଷ୍ଣ ଗୁରୁ ଗୃହରେ ରହି ବିଦ୍ୟା ଅଧ୍ୟୟନ କରିଥିଲେ ଓ ସ୍ୱୀୟ ଅଲୌକିକ ଶକ୍ତି ବଳରେ ଗୁରୁଙ୍କର ମୃତ ପୁତ୍ରଙ୍କୁ ଜୀଆଇଁ ଆଣିଦେଇଥିଲେ। ମାନବ ସଭ୍ୟତା ଓ ସଂସ୍କୃତିକୁ ଉଚ୍ଚାଦର୍ଶକୁ ଘେନି ଯିବାକୁ ଘୋର ସଂଗ୍ରାମ ଭୂମିରେ ଅର୍ଜୁନଙ୍କୁ ଗୀତାମୃତ ଶୁଣାଇଥିଲେ। ଲକ୍ଷ୍ୟଥିଲା, " ଉଦାତ୍ତ ତେ ପୁରୁଷନାବଯାନଂ"। ଅର୍ଥାତ୍ ହେ! ପୁରୁଷ! ସର୍ବଦା ତୋର ଉର୍ଦ୍ଧ୍ୱକୁ ଗତିହେଉ।... ମାନବକୁ ତାର ପୂର୍ବ ସୁରୀସିଦ୍ଧ ସାଧକ ମନୁଜଙ୍କ ବିରଚିତ ଉପନିଷଦଗୁଡ଼ିକ ମାଧମରେ ହିଁ ବୁଝାଇହୁଏ। ତେଣୁ ଭଗବାନ ଶ୍ରୀକୃଷ୍ଣ ପୂର୍ବରଚିତ ସକଳ ଉପନିଷଦର ସାରକୁ ଦୋହନ କରି ଅର୍ଜୁନଙ୍କୁ ବଛା ରୂପେ ରଖି ଯେଉଁ ଗୀତାରୂପୀ ଦୁଗ୍ଧ ସୁଧୀମାନଙ୍କର ପାଇଁ ଦେଇଗଲେ ତାର ପଟାନ୍ତର ନାହିଁ। ଏଠି ପ୍ରଶ୍ନ ଉଠେ ଭଗବାନ ଶ୍ରୀକୃଷ୍ଣ ଖାଲି ପୂର୍ବ ପଠିତ ସବୁ ଉପନିଷେଦର ସାରକୁ ଆଣି 'ଗୀତାଦୁଗ୍ଧ' କଲେ ନା ତାଠୁ ଅଧିକ କିଛି ନିଜେ ବି ଦେଲେ। "ଦୁଗ୍ଧଂଗୀତାମୃତ ମହତ୍" ରୁ ସ୍ପଷ୍ଟହୁଏ ଯେ ସେ ସର୍ବ ଉପନିଷଦର ସାରକୁ ଆଣି ଏଭଳି ଅନିର୍ବଚନୀୟ ମସଲା ଭରିଦେଲେ ତାଙ୍କ ସ୍ୱକୀୟ ଶକ୍ତିରେ ଯେ ଗୀତା 'ଦୁଗ୍ଧ' ହୋଇ ନରହି ଗୀତା ମହନୀୟ ଅମୃତ ପାଲଟିଗଲା। ଅମୃତ ପାନ କଲେ ମୃତ୍ୟୁ ଭୟନଥାଏ। ଦେବତ୍ୱମେଳେ କିନ୍ତୁ ଏହା ସତ୍ତ୍ୱେ ଏହା ବ୍ୟାଧି ପୀଡ଼ନ, ଅଭିଶାପ ଆଦିର ଶିକାର ହେବାରୁ ନିଷ୍କୃତି ଦେଇନଥାଏ। କ୍ରୋଧ, ଈର୍ଷା, ପୀଡ଼ା, ଯନ୍ତ୍ରଣାର ସଦା ବିମୁକ୍ତି ଦେଇପାରେ ନାହିଁ। ଯାହାକି ପୁରୁଣାରୁ ଆମ୍ଭେମାନେ 'ଦେବ ଜଗତ୍' ବିଷୟରେ ଜାଣୁ। କିନ୍ତୁ ଗୀତାମୃତ ଏପରି ମହତ୍ ଅମୃତ ଯେ ଏହା ପାନକଲେ ମୃତ୍ୟୁର ଭୟତ ଅଚିରେ ଦୂରେଇ ଯାଏ। ଏ ସମସ୍ତ ଆଧିବ୍ୟାଧିକୁ ସଂପୂର୍ଣ୍ଣ ଲୋପକରି ମୋକ୍ଷଦାନ ଦେଇ ଆତ୍ମାକୁ ଈଶ୍ୱର ଅଙ୍ଗୀଭୂତ କରିଦିଏ।

ଗୀତାମୃତ ଯାହାଙ୍କର ସୁଖାରବିନ୍ଦୁରୁ ନିଃସୃତ ହେଲା ସିଏ ଭଗବାନ୍ ଶ୍ରୀକୃଷ୍ଣ। ଯାହାକୁ (ଅର୍ଜୁନଙ୍କୁ) ଆସ୍ୱାଦି ବାରି କିୟତ୍ ସୁଯୋଗ ଦେଲେ ବା ଯାହାକୁ ନିମିତ୍ତ କରି ଶୁଣାଇଲେ ସେ ପାଲଟିଗଲେ 'ଦ୍ୱିତୀୟକୃଷ୍ଣ'। ଯିଏ ଏହାକୁ ଗ୍ରନ୍ଥାକାରେ ପ୍ରଥିତ କଲେ ସେଇ ବେଦବ୍ୟାସ ହେଲେ "କୃଷ୍ଣଦୌପାୟନ" ଭାବରେ ପରିଚିତ। ଯିଏ ଏହାକୁ ପାଠକଲା ସେ ହେଲା କୃଷ୍ଣଭକ୍ତ। ଆଉ ଯିଏ ଏହାକୁ ମନନକରି "ଯୋଗକ୍ଷମେବହାମ୍ୟହଂ ...." ରୀତିରେ ନିମଜ୍ଜିତ ହୋଇଗଲା 'କୃଷ୍ଣାର୍ପିତୀ- ସୁତରାଂ ଗୀତା ଓ କୃଷ୍ଣ ଅଭିନ୍ନ ଏଥିରେ ସନ୍ଦେହ ରହିନପାରେ, ଗୀତାର ଉପଭୋକ୍ତିକୁ ଦେଖାଯାଏ "କୃଷ୍ଣମତଜଗତ୍"।

ଗତବର୍ଷ ସମ୍ବାଦପତ୍ରମାନଙ୍କରେ ପ୍ରକାଶ ପାଇଥିଲା ଯେ କୌଣସି ୟୁରୋପୀୟ ରାଷ୍ଟ୍ରରେ ଖ୍ରୀଷ୍ଟିୟାନ୍ ମିଶ୍‌ନାରୀମାନେ ଗୀତା ଏକ ଯୁଦ୍ଧଶାସ୍ତ୍ର ଓ ଏହାର ପ୍ରଚାର ପ୍ରସାର ରାଷ୍ଟ୍ରପକ୍ଷରେ ମାରାତ୍ମକ ବୋଲି କେଶ୍ କରିବାରୁ ସେଠାକାର କୋର୍ଟ୍ ଗୀତାର ପଠନ ପାଠନକୁ ନିଷେଧ କରି ଦେଇଥିଲେ। ପରବର୍ତ୍ତୀ ସମୟରେ କୃଷ୍ଣ ବୈଦାନ୍ତିକ ଗଣ ଲଢ଼ି କୋର୍ଟରେ ସିଦ୍ଧ କରିଥିଲେ ଯେ ଗୀତା ଏକ ଯୁଦ୍ଧଶାସ୍ତ୍ର ନୁହେଁ। ଏହା କୌଣସି ସଂକୀର୍ଣ୍ଣ ଧର୍ମଶାସ୍ତ୍ର ବି ନୁହେଁ ବରଂ ସର୍ବଧର୍ମ ସମନ୍ୱୟର ଆଧାତ୍ମିକ ଜିଜ୍ଞାସାକୁ ପ୍ରଶମିତକାରୀ ମହତ୍ ମାନବ ଶାସ୍ତ୍ର ଅଟେ। କୋର୍ଟ ନିଜ ନିଷେଧାଜ୍ଞା ଉଠାଇ ନେଇଥିଲେ ଓ ଆଜି ସମଗ୍ର ଇଉରୋପର ବହୁ ରାଷ୍ଟ୍ରରେ ଗୀତା ଏକ ପବିତ୍ର ଆଧାତ୍ମିକ ଶାସ୍ତ୍ର ଭାବରେ ପଠିତ ପାଠିତ ହେଉଅଛି। ଏପରିକି ଯୁକ୍ତରାଷ୍ଟ୍ର ଆମେରିକାର ସିନେଟ୍ ସଦନରେ ମଧ୍ୟ ବୋଲାଯାଉଛି ପବିତ୍ର ପ୍ରାରମ୍ଭିକ ବାଣୀ ଭାବରେ। ପ୍ରଶ୍ନ ଉଠେ 'ଗୀତା' କୁ 'ଯୁଦ୍ଧଶାସ୍ତ୍ର' କୁହାଯିବାର କାରଣ କଣ ? ଗୀତାର ଜନ୍ମ ଯୁଦ୍ଧକ୍ଷେତ୍ରରେ। 'ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ। ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବିତ ସଞ୍ଜୟ'ରୁ ଏହା ସ୍ପଷ୍ଟ। ଅବଶ୍ୟ କୋଟି ଅଶ୍ୱମେଧରେ ପବିତ୍ର ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ହିଂସାପ୍ରଣୋଦିତ ସଂଗ୍ରାମର ଅଭିଯୋଜନା ତତ୍‌କାଳୀନ ସଭ୍ୟ କ୍ଷତ୍ରିୟଂଗଣଙ୍କର ବୈଚାରିକ ଅଧୋଗତିକୁ ଯେ ନିର୍ଦ୍ଦେଶ କରୁଅଛି ଏହା ଏକ ଅନ୍ୟ ବିଷୟ। ତେବେ ସେହି ଯୁଦ୍ଧ ଭୂମିରେ ପ୍ରବେଶ ମାତ୍ରକେ ଯୁଜୁତ୍ସୁ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ନିଜ ଅହମିକା ଦର୍ଶାଇ ନନ୍ଦିଘୋଷକୁ ଉଭୟ ସେନାର ମଧ୍ୟସ୍ଥଳକୁ ନେଇଯିବାକୁ କହିଛନ୍ତି ଓ

କହିଛନ୍ତି, "ମୁଁ ଦେଖିବାକୁ ଚାହେଁ, ମୋ ଭଳି ଦିଗ୍‌ବିଜୟୀ ବୀର ସହ ଲଢ଼ିବାକୁ କେଉଁମାନେ ଆସ୍ପର୍ଦ୍ଧା କରିଆସିଛନ୍ତି।" କିନ୍ତୁ ଯୁଦ୍ଧର ମଧ୍ୟସ୍ଥଳରେ ପହଞ୍ଚି ସେଇ ଅର୍ଜୁନ ନିଜର ପ୍ରତିପକ୍ଷ ରୂପେ ଆପଣାର ଅଜା, ଗୁରୁ, ମାତୁଳ, ଭ୍ରାତୃଗଣ ଓ ତାଙ୍କର ସନ୍ତାନ ତଥା ମିତ୍ର ଜନଙ୍କୁ ଦେଖି ମମତ୍ୱବୋଧରେ ମୋହଗ୍ରସ୍ତ ହୋଇ ଅବଶ ହୋଇପଡ଼ିଛନ୍ତି ଓ ଯୁଦ୍ଧ ଛାଡ଼ି ବୈରାଗୀ ହୋଇଯିବାକୁ ସ୍ଥିର କରିଛନ୍ତି। ତାଙ୍କ ମୁହଁରୁ ବାହାରିପଡ଼ିଛି, "ହତ୍ୱାର୍ଥ କାମାଂସ୍ତୁ ଗୁରୁନିହୈବ ଭୁଞ୍ଜୀୟ ଭୋଗନ ରୁଧିର ପ୍ରଦିଗ୍ଧାନ୍।"..... ଏଇ ଯୁଦ୍ଧ ବିରାଗୀ ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ 'ଗୀତା' ଶୁଣାଇ ନିଜ ବିଶ୍ୱରୂପ ଦେଖାଇ ଏପରି ମୋହ କରିଦେଲେ ଯେ ସେ ଯୁଦ୍ଧରେ ପ୍ରବୃତ୍ତ ହୋଇ କୁରୁକୁଳର ବିନାଶର କର୍ଣ୍ଣଧାର ବନିଗଲେ। ତେଣୁ ଯୁଦ୍ଧରେ ପ୍ରବୃତ୍ତ କରିବାକୁ 'ଗୀତା'ର ସୃଷ୍ଟି ହେତୁ ଏହାକୁ କେତେକ 'ଯୁଦ୍ଧଶାସ୍ତ୍ର' ବୋଲି କହିବା ଭ୍ରମକରିବସନ୍ତି। ବିଶେଷତଃ ଶ୍ରୀକୃଷ୍ଣ କଥିତ ଗୀତାବାଣୀ 'ହତୋ ବା ପ୍ରାପ୍ୟସି ସ୍ୱର୍ଗ' ଜିତ୍ୱାବା ଭୋଗ୍ୟସେ ମହୀମ୍। ତସ୍ମାଦୁତିଷ୍ଠ କୌନ୍ତେୟ 'ଯୁଦ୍ଧାୟକୃତ ନିଶ୍ଚୟଃ।' ଉତ୍ତେଜନା ସୃଷ୍ଟି କରିବା ପାଇଁ ଯଥେଷ୍ଟ ଥିଲା।

ଯୁଦ୍ଧ ନକରିବା ଭଲକଥା। ଅହିଂସା ପରମଧର୍ମ। ତେବେ ପରମେଶ୍ୱର ଶ୍ରୀକୃଷ୍ଣ ଯାହାଙ୍କର ପରାପର ନାହିଁ ସେଇ ପ୍ରଭୁ ନାନା ଜ୍ଞାନ ବଖାଣି ଯୁଦ୍ଧ ବୈରାଗୀକୁ ଯୁଦ୍ଧରେ ପ୍ରବୃତ୍ତ କଲେ କାହିଁକି? ଗୀତା ଉପନିଷେଦ୍‌ର ଉପନିଷେଦ୍, ସଂହିତାର ସଂହିତା 'ମାନବ ସଂହିତା'। ଜଟିଳ ମାନବ ଜୀବନ ଭଳି ଏହାକୁ ବୁଝିବା କଷ୍ଟକର। ପୁରାଣ ଅନୁସାରେ ସୃଷ୍ଟିର ପ୍ରାରମ୍ଭରେ କଶ୍ୟପ ଋଷି ଦକ୍ଷ ପ୍ରଜାପତିଙ୍କର ତେରୋଟି କନ୍ୟାଙ୍କୁ ବିବାହ କରି ଜ୍ୟେଷ୍ଠ ଦିତିଙ୍କଠାରୁ ଦୈତ୍ୟମାନଙ୍କୁ ଜାତ କରିଥିଲେ। ଏ ଦୈତ୍ୟଗଣ ନିରଂକୁଶ ଭାବେ ପ୍ରକୃତିକୁ ଦୋହନ କଲେ ଓ ପ୍ରାଣୀମାନଙ୍କୁ ହତ୍ୟାକଲେ, ନିର୍ଯ୍ୟାତିତ କଲେ। ଏମାନେ "ପାପାୟ ପରପୀଡ଼ନାୟ" ନୀତି ସ୍ରୋତରେ ଭାସି ଆତଙ୍କର କାରଣ ହେଲେ। ସନ୍ତୁଳନ ରକ୍ଷାର୍ଥେ କଶ୍ୟପ ତାଙ୍କ ଦ୍ୱିତୀୟା ପତ୍ନୀ ଅଦିତିଙ୍କ ଗର୍ଭରୁ ଦେବତା ଗଣଙ୍କୁ ଜନ୍ମଦେଲେ। ଦିବ୍ ଧାତୁ ଦେବା ଅର୍ଥରେ ସୁତରାଂ ସୃଷ୍ଟି ଓ ପ୍ରାଣୀ ରକ୍ଷାର୍ଥେ ଦେବତାମାନେ ପରୋପକାର ସ୍ୱର୍ଗୀୟ ନୀତିନିଷ୍ଠ ରହି ନିଜକୁ ନିଃଶେଷ କରିବାରେ ପ୍ରବୃତ୍ତ ହେଲେ ନିଜକୁ ଜଳ, ଅଗ୍ନି, ବାୟୁ, ବୃକ୍ଷ, ରୂପରେ ପ୍ରବର୍ତ୍ତିତ କରି ସୃଷ୍ଟିର କଲ୍ୟାଣରେ ଲାଗିରହିଲେ। ତଥାପି ସୃଷ୍ଟିର ସନ୍ତୁଳନ ରହିଲା। ଦିନେ ସୃଷ୍ଟି କଲ୍ୟାଣରେ ରହିବା ବେଳେ ବେଳେ ସବୁକୁ ବିନାଶ କରିବାକୁ ମାଡ଼ିଆସିଲେ। ତେଣୁ ଭଗବାନଙ୍କ ନିର୍ଦ୍ଦେଶରେ କଶ୍ୟପ ଋଷି ସ୍ୱୀୟ ଅନ୍ୟତମା ପତ୍ନୀ ମନୁଙ୍କଠାରୁ ସୃଷ୍ଟିକଲେ ମାନବକୁ। ମାନବ ହେଲା ମଧ୍ୟମ ଗୁଣର ଅଧିକାରୀ। ସେ ପରୋପକାର ସଂଗେ ସଂଗେ ନିର୍ବିରୋଧ ଶରୀର ଯାତ୍ରା ଧର୍ମ ତ ଗ୍ରହଣ କରିନେଲା ଦେବତାଙ୍କ ଭଳି କିନ୍ତୁ ବିରୋଧ ଆସିଲେ ନିଜ ଜୀବନ ସଂଙ୍କଟରେ ପଡ଼ିଲେ ଦେବଙ୍କ ଭଳି ନିଜ ସ୍ଥିତି ନହୋଇ ଆତ୍ମନୋ ରକ୍ଷତେ ବିଶ୍ୱନୀତିରେ ଆତ୍ମ ରକ୍ଷା ସକାଶେ ସଂଗ୍ରାମ କରିବାକୁ ମଧ୍ୟ ପଛେଇଲେ ନାହିଁ। ଏହି ନୀତି ଅବଲମ୍ବନ କରି ଦୁଷ୍ଟଶକ୍ତିର ବିନାଶ ଓ ସନ୍ଥପାଳନ ମାନବର ସ୍ୱଧର୍ମ ପାଲଟିଗଲା। ଆପଣାର ସ୍ଥିତି ରକ୍ଷାନକରି ସେ ସନ୍ଥ ଓ ନିରୀହଙ୍କୁ ପାଳିବ କିପରି? ମାନବର ପ୍ରୋକ୍ତ ସ୍ୱଧର୍ମ ଯୋଗୁଁ ମାନବୀୟ ସଭ୍ୟତା ଓ ସଂସ୍କୃତି ଆଗେଇଲା। ସ୍ୱୟଂ ଭଗବାନ୍ ମଧ୍ୟ ଏହି ନୀତିକୁ ପ୍ରଶଂସା କରି ବେଳେ ବେଳେ ନିଜେ ମାନବ ଯୋନିରେ ଜନ୍ମଗ୍ରହଣ କରି ଏଇ "ମାନବୀୟ ସ୍ୱଧର୍ମକୁ" ପରିପୁଷ୍ଟ କଲେ। ଏହି ମାନବୀୟ ଧର୍ମ ଆତ୍ମରକ୍ଷା ସଂଗେ ପରୋପକାର, 'ନିର୍ବିରୋଧ ଶରୀର ଯାତ୍ରା' ସାଙ୍ଗକୁ 'ଆତ୍ମନୋରକ୍ଷତେ ବିଶ୍ୱ' ନୀତି ବିରୋଧରେ ଅର୍ଜୁନର ମୋହ ଯାହାକି ଶ୍ରୀକୃଷ୍ଣଙ୍କର ଭାଷାରେ, 'କ୍ଷୁଦ୍ରହୃଦୟ ଦୌର୍ବଲ୍ୟମ୍' କୁ ବିନାଶ କରି ତାକୁ ନିଜ ସ୍ଥିତି ରକ୍ଷା ସାଙ୍ଗକୁ ମାନବ ସମାଜକୁ ମାନବ ସଭ୍ୟତାକୁ ସର୍ବୋପରି ମାନବୀୟ ଧର୍ମକୁ କଳୁଷିତ କରୁଥିବା କୁରୁକୁଳଙ୍କର ବିନାଶ ନିମିତ୍ତ ଯୁଦ୍ଧରେ ପ୍ରବୃତ୍ତ କରିବାକୁ ଜ୍ଞାନପ୍ରଦାନ କରିଥିଲେ। କାରଣ ଯେ ମାନବିକତାକୁ ଏଡ଼ି ଅନ୍ୟପ୍ରତି ହିଂସା ଆଚରଣ କରେ ସେ ହେଉଛି 'ଆତତାୟୀ'। ଆତତାୟୀ ଗଣଙ୍କୁ ବିନାଶ ନକଲେ ମାନବ ସଭ୍ୟତା ଧ୍ୱଂସ ପାଇବ ଏବଂ ଆତତାୟୀଙ୍କୁ ବିନାଶ କରିବାକୁ ଭଗବାନ ଯାହାକୁ ସାମର୍ଥ୍ୟ ଦେଇଛନ୍ତି ସେ ଯଦି ନୀରବ ରହେ ସେ ପଥଭ୍ରଷ୍ଟ, ଅନାର୍ଯ୍ୟ, ଅମଣିଷ, ଓ ସମାଜ ଓ ସଭ୍ୟତା ପାଇଁ ସିଏ ବି ଏକ ଦୁଷ୍ଟ ଶକ୍ତିରେ ପରିଣତ ହୋଇ ନର୍କଗାମୀ ହୁଏ। ଅହେତୁକ ହିଂସାଚରଣ ଓ ଅନ୍ୟର ନିପୀଡ଼ନକୁ ନିଜ ଆଖି ଆଗରେ ଦେଖି ଯେଉଁ ସମର୍ଥ ପୁରୁଷ ସଂଗ୍ରାମକୁ ଡ଼ରିପଳାଏ ସେ କାପୁରୁଷ, ସ୍ୱଧର୍ମ ବିମୁଖ ପାପୀ ଅଟେ। ଈଶ୍ୱରଦତ୍ତ ଶକ୍ତିକୁ ସମାଜ ହିତାର୍ଥେ ନଲଗାଇ ଯେ ପଳାୟନବାଦୀ ସାଜେ ତାର ଗତି ନର୍କପଥକୁ ହୋଇଥାଏ। ତେଣୁ ଭଗବାନ ଗୀତାରେ କହିଛନ୍ତି-

"କୃତସ୍ତ୍ୱା କଶ୍ମଲଂମିଦଂ ବିଷମେ ସମୁପସ୍ଥିତମ୍।
ଅନାର୍ଯ୍ୟ ଜୁଷ୍ଟମ ସ୍ୱୀମର୍କୀର୍ତ୍ତିକରମର୍ଜୁନ।
କ୍ଲୈବ୍ୟଂମା ସ୍ମଗମ ପାର୍ଥ ନୈତତ୍ତ୍ୱ ୟ୍ୟୁପପଦ୍ୟତେ
କ୍ଷୁଦ୍ର ହୃଦୟଦୌର୍ବଲ୍ୟଂ ତ୍ୟକ୍ତୋତ୍ତିଷ୍ଠ ପରନ୍ତପ।"

ଅନ୍ୟ ଏକ ସ୍ଥାନରେ କହିଛନ୍ତି, "କିଂହନ୍ତୁଃ ଆଚତାୟିନଂ?" ଧର୍ଷଣ, ଲୁଣ୍ଠନ, ହତ୍ୟା, କଦାଚାରରେ ଯେଉଁମାନେ ପରର ସତ୍ତ୍ୱ ଅପହରଣ କରନ୍ତି ସେମାନେ ଆତତାୟୀ। ସେମାନଙ୍କର ମାନବିକ ସଂବେଦନା ନଥିବାରୁ ସେମାନେ ମାନବିକ ଅଧିକାର ପାଇବାକୁ ଯୋଗ୍ୟ ନୁହନ୍ତି। ଏଭଳି ଆତତାୟୀଙ୍କୁ ବିନାଶ କଲେ ଅଧର୍ମ ହୁଏନି, ବରଂ ସୃଷ୍ଟି ସୁରକ୍ଷା ଓ ମାନବ ସଭ୍ୟତାର ସୁରକ୍ଷା ହେତୁ ଧର୍ମ ମିଳେ। ମାତ୍ର ସବୁକିଛି ଶାନ୍ତ ସମାହିତ ଚିତ୍ତରେ କରିବାକୁ ହେବ, ବିଦ୍ୱେଷ ଚାଳିତ ହୋଇ ବା କ୍ଷୁଦ୍ର ହୃଦୟ ଦୌର୍ବଲ୍ୟଙ୍କର ବଶବର୍ତ୍ତୀ ନହୋଇ ଦେଖିବା ଏ କ୍ଷୁଦ୍ର ହୃଦୟ ଦୌର୍ବଲ୍ୟଂ କ'ଣ? ଜଣେ ବିଚାରପତି ଖୁବ୍ ନ୍ୟାୟୀ ଓ କଠୋର। ହତ୍ୟାକାରୀ, ଧର୍ଷଣକାରୀ ଓ ଲୁଣ୍ଠନକାରୀଙ୍କୁ ତୁରନ୍ତ ମୃତ୍ୟୁଦଣ୍ଡ ଦେଇଦିଅନ୍ତି। ଦୈବାତ୍ ଦିନେ ତାଙ୍କ ନିଜପୁତ୍ର ହତ୍ୟା, ଧର୍ଷଣ ଓ ଲୁଣ୍ଠନ ଏଇ ତିନି ଅପରାଧରେ ଅପରାଧୀ ହୋଇ ତାଙ୍କ ସମକ୍ଷକୁ ଅଣାଗଲା। ସେ ବିଧି ବ୍ୟବସ୍ଥା ଭୁଲିଯାଇ ଘୋଷଣା କଲେ, "ଏଇ ମୃତ୍ୟୁଦଣ୍ଡ ଅମାନବୀୟ ଯାକୁ ଉଠାଇ ଦିଆଯାଉ। ଅପରାଧୀଗଣଙ୍କୁ ସୁଧାରିବା ବ୍ୟବସ୍ଥା

କରାଯାଉ।" ନ୍ୟାୟ ତ ନ୍ୟାୟ ଏଠି ପକ୍ଷପାତ କାହିଁକି? ଏଇ 'ମମତ୍ୱ' ହେଲା "କ୍ଷୁଦ୍ର ହୃଦୟ ଦୌର୍ବଲ୍ୟଂ" ଅନେକ ଯୁଦ୍ଧରେ ନିର୍ବିଚାରରେ ଅସଂଖ୍ୟ ଶତ୍ରୁ ସେନାଙ୍କୁ ବିନାଶ କରିଥିବା ପରଂତପ ଅର୍ଜୁନ ଆଜି ଏ ମୋହ କବଳିତ ହୋଇ ବିଷାଦଯୋଗକୁ ଚାଲି ଯାଉଥିବାରୁ ଭଗବାନ ଶ୍ରୀକୃଷ୍ଣ ତାଙ୍କ ମୋହ ମୁକ୍ତି ପାଇଁ ଜ୍ଞାନ, କର୍ମ ଓ ଭକ୍ତି ଆଦି ନାନା ଯୋଗୁଁ ବିବୃତ କରିଥିଲେ। ପ୍ରତ୍ୟେକ ଜୀବ ମାତୃଗର୍ଭରୁ ହିଁ ନିଜ ସ୍ୱଧର୍ମ ଧରି ଆସିଥାଏ। ତାକୁ ପାଳିବା ହିଁ ତାର ଧର୍ମ। ଏହି ସ୍ୱଧର୍ମ ପାଳନର ନାନାବିଧ ଯୋଗ ରହିଥିଲେ ହେଁ ତନ୍ମଧ୍ୟରୁ ଜ୍ଞାନ, କର୍ମ ଓ ଭକ୍ତି ଯୋଗ ସର୍ବଶ୍ରେଷ୍ଠ। ଜୀବର ପରିମଣ୍ଡଳ ଓ ପରିସଂସ୍ଥା ଅନୁସାରେ ଏହା ପାଳନୀୟ। ଯିଏ ଗୃହସ୍ଥ ସେ ହେବ କର୍ମଯୋଗୀ, ଜ୍ଞାନୀ ହେବ ଜ୍ଞାନଯୋଗୀ ଓ ସନ୍ୟାସ ହେବ ଭକ୍ତଯୋଗର ଅନୁସାରୀ କିନ୍ତୁ ଏହି ତିନିଯୋଗର ଲକ୍ଷ୍ୟ ଏକ 'ଈଶ୍ୱର ପ୍ରାପ୍ତି' ଏବଂ ସବୁରି ଉପରଯୋଗୀ ହେଉଛି 'ଆତ୍ମସମର୍ପଣ'। ଲାଭାଲୋଭ, ଜୟାଜୟ, ବୀତରାଗ ଭୟ କ୍ରୋଧ ମାନସରେ ପ୍ରତ୍ୟେକେ 'ସ୍ଥିତଧି' ଅର୍ଥାତ୍ ମୋହମୁକ୍ତ ଓ ଅବିଚଳିତ ଭାବରେ ଆତ୍ମସମର୍ପଣ ପୂର୍ବକ ନିରହଙ୍କାର ଭାବରେ ଆପଣାକୁ କେବଳ ନିମିତ୍ତ ମାତ୍ର ଭବ ସାବ୍ୟସାଚୀ କରି ସ୍ୱୀୟ ଯୋଗକର୍ମ କରିଗଲେ ଈଶ୍ୱର ପ୍ରାପ୍ତି ଅବଶ୍ୟ ସମ୍ଭବ। ଏହାହିଁ ଗୀତାରେ ଭଗବାନ ଶୁଣାଇଛନ୍ତି। କହିବା ବାହୁଲ୍ୟ ଯେ ଅର୍ଜୁନ ଗୃହସ୍ଥ ଜୀବନର ଅର୍ଦ୍ଧେକରୁ ଅଧିକ ଭାଗ କ୍ଷତ୍ରିୟ କର୍ମରେ ବିତାଇ ସାରିଛନ୍ତି। ସ୍ୱଜନଙ୍କୁ ଯୁଦ୍ଧ କ୍ଷେତ୍ରରେ ଦେଖି ସାମୟିକ ଭାବେ ମୋହଗ୍ରସ୍ତ ମାତ୍ର ତାଙ୍କ ଜନ୍ମଜାତ ସ୍ୱଧର୍ମର କିଛି ପରିବର୍ତ୍ତନ ଘଟିନାହିଁ। ଏପ୍ରକାରର ଶ୍ମଶାନ ବୈରାଗ୍ୟ ଏକ ମୋହ ମାତ୍ର ଯାହାକି ସୃଷ୍ଟି ଓ ସମାଜର ଅନିଷ୍ଟ କାରକ ହୋଇଥାନ୍ତା। ପରବର୍ତ୍ତୀ ସମୟରେ ସୃଷ୍ଟି ଓ ମାନବ ସମାଜର ଅନିଷ୍ଟକାରୀ ହେବେ ବୋଲି ଯେଉଁ ଶ୍ରୀକୃଷ୍ଣ ଆପଣାର 'ଯଦୁବଂଶ'ର ଧ୍ୱଂସ ସାଧନ କରିଯାଉଥିଲେ ସେଇ ପରମନ୍ୟାୟୀ ପରମ ଈଶ୍ୱର ଅର୍ଜୁନର ସ୍ୱଧର୍ମଚ୍ୟୁତିକୁ ଦେଖି ଆଉ କ'ଣ ବା କହିଥାନ୍ତେ। ମାନବର ବାହ୍ୟ ଓ ଅଭ୍ୟନ୍ତରରେ ସଦାସର୍ବଦା , ସଦଅସଦ, ନ୍ୟାୟାନ୍ୟାୟ, ପ୍ରବୃତ୍ତି ନିବୃତ୍ତି, ଧର୍ମଅଧର୍ମର ସଂଗ୍ରାମ ଜାରିରହିଛି। ତଦ୍ ଜନିତ ବୈକଲ୍ୟରୁ ନିସ୍ତାର ନିମିତ୍ତ 'ଗୀତା' ଏକ ସର୍ବଶ୍ରେଷ୍ଠ ଶାସ୍ତ୍ର। ଗୀତା ଏକାଧାରାରେ ଧର୍ମଶାସ୍ତ୍ର, କର୍ମଶାସ୍ତ୍ର, ଜ୍ଞାନଶାସ୍ତ୍ର, ଭକ୍ତିଶାସ୍ତ୍ର, ଯୁଦ୍ଧଶାସ୍ତ୍ର ପୁଣି ବୈରାଗ୍ୟଶାସ୍ତ୍ର ଅର୍ଥାତ୍ ମାନବ ଜୀବନ ଯେଉଁ ଯେଉଁ ଚିନ୍ତନମାର୍ଗ ରହିଛି ସବୁରି ସମାହାର ଶ୍ରେଷ୍ଠ ମାନବ ଶାସ୍ତ୍ର ଅଟେ, ଯାହାର ଅନ୍ୟ ପଟାନ୍ତର ନାହିଁ। ଗୀତା କୌଣସି ସଂକୀର୍ଣ୍ଣ ମାର୍ଗ ବା ସଂପ୍ରଦାୟର ଧର୍ମଶାସ୍ତ୍ର ନୁହେଁ ମାନବୀୟ ଧର୍ମଶାସ୍ତ୍ର ଅଟେ ଏବଂ ଏହା ଈଶ୍ୱର ପ୍ରାପ୍ତିର ଆଚରଣ ଶିକ୍ଷାଦେଇ ଆସୁଛି। "ଯତଃ ପ୍ରବୃତ୍ତି ଭୂଣନାଂ ଯତଃ ସର୍ବମିଦଂ ତତଃ। ସ୍ୱକର୍ମଣ୍ୟାଂତମେ ଭ୍ୟେର୍ଚ୍ଚସିଦ୍ଧି ବିନ୍ଦେନ୍ତି ମାନବ।" ଏଇ ମର୍ମ ଗୀତାର ଆହ୍ୱାନ।

ବରପାଲିପଡ଼ା, ବଲାଙ୍ଗିର

# ପାଞ୍ଚଟି ପଦରେ ଆମରିସତ୍ୟ

ଅନିଲ ଚନ୍ଦ୍ର ଦାଶ

ଏ ଆମରିସତ୍ୟ ଆମ ପାଖେ ରହି
ଦିଏ ଦିବ୍ୟ ଚିନ୍ତାଧାରା,
ଏ ଆମରିସତ୍ୟ ସମାଜର ହିତ
ସ୍ଥିତି ଯା'ର ଅପାଶୋରା ।।୧।।

ଆମରି ସତ୍ୟରେ ଶିକ୍ଷା ଓ ସଂସ୍କୃତି
ରହିଅଛି ଯଥାସ୍ଥାନେ,
ଆମରିସତ୍ୟରେ ଶିଶୁ କଥା ଅଛି
ପିଲାଙ୍କ ମନକୁ କିଣେ ।।୨।।

ଆମରିସତ୍ୟରେ ସଦ୍‌ଭାବନାର
ମହତ ଗୁଣ ରହିଛି,
ଆମରି ସତ୍ୟରେ ବିଜ୍ଞାନ ବାରତା
ସଭିଙ୍କୁ ବାଣ୍ଟିଚାଲିଛି ।।୩।।

ଏ ଆମରିସତ୍ୟ ମହାନ୍ ପବିତ୍ର
ଅମୃତର କଥାକହେ,
ଆମରି ସତ୍ୟରେ ଦେଶ, ଜାତି, କଥା
ପ୍ରତିମାସେ ପଢ଼ାହୁଏ ।।୪।।

ଏ ଆମରି ସତ୍ୟ ଜୀବନର ଚିତ୍ର
ବାଣ୍ଟିଚାଲେ ପ୍ରତିମାସେ,
ସେ ସତ୍ୟ ଛବିରେ ସମାଜ ହସିବ
ତାହାରି ସ୍ୱଚ୍ଛ ଆଦର୍ଶେ ।।୫।।


କେନ୍ଦୁଗୁଡ଼ା, ବୈପାରୀଗୁଡ଼ା, କୋରାପୁଟ- ୪୩
ଦୂରଭାଷ : ୯୪୩୮୨୨୫୫୧୬



# ଫୁଲଝାଙ୍ଗୁଡ଼ି

ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର

ଘରକୁ ନୂତନ ବନ୍ଧୁଙ୍କ ଆଗମନରେ, ବିଭାଘର ସମୟରେ ନବ ବରବଧୂଙ୍କୁ, ଜନ୍ମଦିବସ ପାଳନ ସମୟରେ ଏବଂ ଉତ୍ସବ, ମହୋତ୍ସବ ସମୟରେ ନିଜ ନିଜ ମଧ୍ୟରେ ପ୍ରେମ ଓ ଭାବର ଆଦାନ ପ୍ରଦାନ ତଥା ସ୍ୱାଗତ କରିବା ଅବସରରେ ଫୁଲତୋଡ଼ା ବା ଫୁଲର ଚାଙ୍ଗୁଡି ଅର୍ପଣ କରାଯାଏ। ଏହା ହେଉଛି ଆମର ଐତିହ୍ୟ ଓ ସଂସ୍କୃତିର ପରମ୍ପରା। ଆଉ ମଧ୍ୟ ଫୁଲତୋଡ଼ା ବା ଝାଂଗୁଡ଼ି ହେଉଛି ପ୍ରେମ ଭାବ ଓ ସୌନ୍ଦର୍ଯ୍ୟର ଏକ ମାଧ୍ୟମ। ଫୁଲତୋଡ଼ା ବା ଚାଙ୍ଗୁଡିକୁ ବିଭିନ୍ନ ଆକାରରେ ତିଆରି କରାଯାଇଥାଏ। କେହି କେହି ଫୁଲ, ଡାଳ, ପତ୍ରକୁ ଏକାଠି କରି ପ୍ଲାଷ୍ଟିକ ଖୋଳ ବା ରଙ୍ଗୀନ ଜରିରେ ବାନ୍ଧି ସଜାଇଥାନ୍ତି। ତାହାକୁ ଫୁଲତୋଡ଼ା ବା ଫୁଲର ଚାଙ୍ଗୁଡି କୁହାଯାଏ। ସମୁଦ୍ର ଜଳ ରାଶିରେ ଏକ ପ୍ରକାର ପ୍ରାଣୀ ବାସ କରେ, ତାହା ଦେଖିବାକୁ ଠିକ୍ ଫୁଲତୋଡ଼ା ବା ଫୁଲ ଚାଙ୍ଗୁଡି ସଦୃଶ। ଏହା ଦେଖିବାକୁ ଅତୀବ ସୁନ୍ଦର। ତେଣୁ ପ୍ରାଣୀବିଜ୍ଞାନୀମାନେ ସେହି ପ୍ରାଣୀଙ୍କୁ VENUS FLOWER BASKET ବା ପ୍ରେମ ଓ ସୌନ୍ଦର୍ଯ୍ୟର ଫୁଲଚାଙ୍ଗୁଡି ନାମରେ ନାମିତ କରିଛନ୍ତି। ଏଠାରେ ସେହି ପ୍ରାଣୀ ସମ୍ବନ୍ଧରେ ଆଲୋଚନା କରାଯାଉଛି।



Gj ò_ëÿ/ë ^ ŵ EUPLECTELLA (ଇଉପ୍ଲେକ୍‌ଟେଲା) ଏହା ଏକ ଅମେରୁଦଣ୍ଡୀ ପରିଫେରା ବା ଛିଦ୍ରାଳ ବର୍ଗର ସାମୁଦ୍ରିକ ପ୍ରାଣୀ ଅଟେ। ଏହି ପ୍ରାଣୀର ଦେହସାରା ଛିଦ୍ର ରହିଛି ଓ ଦେହର ଗଠନ ଅପ୍ରତିସମତା ଅଟେ। ଏମାନେ ସମୁଦ୍ରର ୫୦୦ରୁ ୫୦୦୦ ମିଟର ତଳେ ଯେଉଁଠାରେ ଅଳ୍ପ ଜଳ ପ୍ରବାହ ହେଉଥାଏ, ସେଠାରେ ଏକକଜୀବୀ ପ୍ରାଣୀ ଭାବେ ବାସ କରନ୍ତି। ବିଶେଷକରି ଫିଲିପାଇନ୍‌ସ ଓ ପୂର୍ବଭାରତୀୟ ଦ୍ୱୀପପୁଞ୍ଜର ସମୁଦ୍ରରେ ବାସ କରନ୍ତି। ଏହି ପ୍ରାଣୀ ଦେଖିବାକୁ ସୁନ୍ଦର, ମାଧୁର୍ଯ୍ୟପୂର୍ଣ୍ଣ ଓ ଚକଚକିଆ। ତେଣୁ ଏମାନଙ୍କୁ ପ୍ରେମ ଓ ସୌନ୍ଦର୍ଯ୍ୟର ଫୁଲଚାଙ୍ଗୁଡି କୁହାଯାଏ। ଆଉମଧ୍ୟ ଏହି ପ୍ରାଣୀ ଦେଖିବାକୁ କାଚଭଳି, ତେଣୁ ଏମାନଙ୍କୁ କାଚସ୍ପଞ୍ଜ୍ କୁହାଯାଏ। ଏହି ପ୍ରାଣୀର ଦେହର ଲମ୍ବ ପ୍ରାୟ ୧୫ ରୁ ୩୦ ସେଣ୍ଟିମିଟର୍। ଦେହର ଗୋଲେଇ ୫ ସେ.ମି. ଅଟେ। ଦେହଟି ଲମ୍ବା ଓ କିଛି ମାତ୍ରାରେ ବକ୍ର ଓ ସମବର୍ତ୍ତୁଳାକାର। ଏମାନଙ୍କର ଦେହର ଗୋଟିଏ ପାର୍ଶ୍ୱରେ ୪ଟି ଓ ଅନ୍ୟ ପାର୍ଶ୍ୱରେ ୬ ଗୋଟି ରେଖା ପରସ୍ପର ସହ ଯୋଡ଼ି ହୋଇ ରହିଛି। ତାହା ଦେଖିବାକୁ ଠିକ୍ ଗୁନ୍ଥା ହୋଇଥିବା ଫୁଲମାଳ ପରି। ଉକ୍ତ ସମସ୍ତ ରେଖାଗୁଡ଼ିକ ଦେହରେ କଣ୍ଟିକା ରହିଛି ଓ ସେହିଗୁଡ଼ିକ ଯୋଡ଼ି ହୋଇ ଏକ ଜାଲ ସୃଷ୍ଟି କରିଛି। ଦେହର ତଳ ଭାଗରେ ସିଲିକନ୍ ପଦାର୍ଥରେ ଗଠିତ କଣ୍ଟିକାଗୁଡ଼ିକ ମାଟିକୁ ଜାବୋଡ଼ି ଧରିଛି। ଅବସାରଣୀ ଗହ୍ୱର CLOACAL OPENING ଟି ଝାଲୁଣୀ ସଦୃଶ ଓ ଏହା ପ୍ରାୟ ବନ୍ଦ ହୋଇରହିଥାଏ। ମୁଖରେ ଥିବା ଅସକୁଲମ୍ ମଧ୍ୟ ଝାଲୁଣୀ ଥାଳିଆ ସଦୃଶ। ଏହା ପ୍ରାଣୀ ଏକ ସ୍ପଞ୍ଜଜାତୀୟ ପ୍ରାଣୀ ହୋଇଥିବାରୁ ଏମାନଙ୍କର ଏକ ଉନ୍ନତ ଧରଣର ପାଣି ଯିବାଆସିବା ପାଇଁ ପ୍ରଣାଳୀ ବା ନାଳୀ ରହିଛି। ଏହି ପ୍ରଣୀର ଏକ ବିଶେଷତ୍ୱ ହେଲା ଏହି ପ୍ରାଣୀଟି କେତେକ ସାମୁଦ୍ରିକ ପ୍ରାଣୀମାନଙ୍କ ସହିତ ମିଳିତ ଭାବେ ବାସ କରିଥାନ୍ତି। ପୁରୁଷ ଓ ସ୍ତ୍ରୀ ପ୍ରାଣୀ ଯୌବନ ଅବସ୍ଥାରେ ଏପରି ଭାବେ କିଛି ପ୍ରାଣୀମାନଙ୍କ ଦେହ ଭିତରେ ରହିଥାନ୍ତି ଯେ ଏମାନେ ବଡ଼ ହୋଇଗଲେ ମଧ୍ୟ ସେଠାରୁ ବାହାରି ପାରନ୍ତି ନାହିଁ। ତେଣୁ ଏମାନଙ୍କର ସମୁଦାୟ ଜୀବନ ଅନ୍ୟଏକ ସ୍ପଞ୍ଜି ଜାତୀୟ ପ୍ରାଣୀ ଦେହରେ ବନ୍ଦୀଭାବେ ରହି ଜୀବନ କାଟନ୍ତି। ଏହି ପ୍ରାଣୀମାନେ ଛୋଟ ଛୋଟ ପ୍ଲାକଟନ୍, ଜୁପ୍ଲାକ୍‌ଟନ ଆଦି ଜାତୀୟ ପ୍ରାଣୀମାନଙ୍କୁ ଖାଦ୍ୟ ରୂପେ ବ୍ୟବହାର କରିଥାନ୍ତି।

ଏହି ପ୍ରାଣୀଟିର ସାମାଜିକ ଓ ପୌରାଣିକ ମୂଲ୍ୟବୋଧ ରହିଛି। ଏହି ପ୍ରାଣୀର ଅସ୍ଥିକୁ ନବ ବିବାହିତ ବରକନ୍ୟାକୁ ଜାପାନ ଦେଶର ଲୋକମାନେ ପ୍ରେମ ଓ ସୌନ୍ଦର୍ଯ୍ୟର ଉପହାର ଭାବେ ଦେଇଥାନ୍ତି। ଏହି ପ୍ରାଣୀର ଦେହର ଗଠନ ସୂଚିବୁଣା କାମଭଳି, ତେଣୁ ଏହା ଏକ ଉପହାର ପଦାର୍ଥ ଭାବେ ବ୍ୟବହାର କରାଯାଇଥାଏ। ପ୍ରାଚୀନକାଳରେ ଏହି ପ୍ରାଣୀକୁ ଲୋକମାନେ ହାତ ଓ ବେକରେ ମାଳକରି ଲଗାଇଥାନ୍ତି। ସୌନ୍ଦର୍ଯ୍ୟତା ପାଇଁ ଏହି ବିରଳ ପ୍ରାଣୀଟି ଜନସମାଜରେ ଆଦର ପାଇଛି। ତେଣୁ ଏହି ପ୍ରାଣୀର ସୁରକ୍ଷା ପାଇଁ ଜନସମାଜ ଆଗଭର ହେବା ଜରୁରୀ ଅଟେ। ନଚେତ୍ ଏହି ପ୍ରାଣୀ ପୃଥିବୀ ବକ୍ଷରୁ ଆସ୍ତେ ଆସ୍ତେ ଲୋପ ପାଇ ବସିବ।

ପ୍ରାଣୀ ବିଜ୍ଞାନ ବିଭାଗ,
ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ
ଦୂରଭାଷ : ୯୪୩୭୩୧୭୬୫୯



# ବ୍ୟାଡମିଣ୍ଟନ ତାରକା ଶ୍ରୀକାନ୍ତ

ଆଶିଷ କୁମାର ରାୟ

କିଦାମ୍ବି ଶ୍ରୀକାନ୍ତ - ଏହି ନାମଟି ଏବେ ବ୍ୟାଡମିଣ୍ଟନ ଜଗରେ ବେଶ୍ ଚହଳ ସୃଷ୍ଟିକରିବା ସହିତ ଭାରତୀୟ କ୍ରୀଡ଼ାକାଶରେ ଉଜ୍ଜ୍ୱଳ ତାରକା ଭାବେ ମଧ୍ୟ ସାମନାକୁ ଆସିଛି। ଗୋଟିଏ ଦିଗରେ ଚାମ୍ପିଆନ୍ସ ଟ୍ରଫି ଫାଇନାଲରେ ଭାରତୀୟ କ୍ରିକେଟ ଦଳ ପାକିସ୍ତାନ ବିପକ୍ଷରେ ଶୋଚନୀୟ ପରାଜୟ ବରଣକରି ଦେଶର ଅଗଣିତ କ୍ରୀଡ଼ାନୁରାଗୀଙ୍କ ମନରେ ଘୋର ଲଜ୍ଜା ଓ କ୍ଷୋଭ ଭରିଦେଇଥିବା ବେଳେ ଅନ୍ୟଦିଗରେ କିଦାମ୍ବି ଶ୍ରୀକାନ୍ତ ବ୍ୟାଡମିଣ୍ଟନ ଖେଳରେ କ୍ରମାଗତ ଦୁଇଟି ସୁପର୍ ସିରିଜ୍ ଟୁର୍ଣ୍ଣାମେଣ୍ଟରେ ବିଜୟୀ ହୋଇ ତ୍ରିରଙ୍ଗାର ଟେକ ରଖିଛନ୍ତି। ଗତ ଜୁନ୍ ୧୮ ତାରିଖରେ ଲଣ୍ଡନର କେନିଙ୍ଗଟନ୍ ଓଭାଲ ମୈଦାନରେ ବିରାଟ କୋହଲିଙ୍କ ଦଳ ଅଗଣିତ ଭାରତୀୟଙ୍କ ଆଶାଆକାଂକ୍ଷାକୁ ଧୂଳିସାତ କରି ଚିର ପ୍ରତିଦ୍ୱନ୍ଦୀ ପାକିସ୍ତାନଠାରୁ ୧୮୦ରନର ବିରାଟ ବ୍ୟବଧାନରେ ପରାଜିତ ହୋଇଗଲା ଏବଂ ଏହି ପରାଜୟ ଥିଲା ଅତ୍ୟନ୍ତ ଅପ୍ରତ୍ୟାଶିତ। ସେହିଦିନ କିନ୍ତୁ ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତାଠାରେ ଭାରତୀୟ ବ୍ୟାଡମିଣ୍ଟନ ତାରକା କିଦାମ୍ବି ଶ୍ରୀକାନ୍ତ ନିଜର ଜାପାନୀ ପ୍ରତିଦ୍ୱନ୍ଦୀଙ୍କୁ ପରାସ୍ତ କରି ହାସଲ କରିନେଲେ ଇଣ୍ଡୋନେସିଆନ୍ ଓପନ୍ ସୁପର୍ ସିରିଜ୍ ପ୍ରିମିୟର ଟାଇଟେଲ୍। କେବଳ ସେତିକି ନୁହେଁ ଠିକ୍ ଗୋଟିଏ ସପ୍ତାହ ପରେ ସିଡନୀଠାରେ ଅନୁଷ୍ଠିତ ଅଷ୍ଟ୍ରେଲିଆନ ଓପନ୍ ସୁପର ସିରିଜ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଉଚ୍ଚ ମାନ୍ୟତାପ୍ରାପ୍ତ ଚୀନର ଖେଳାଳିଙ୍କ ବିରୁଦ୍ଧରେ ବିଜୟୀ ହୋଇ ଭାରତୀୟ କ୍ରୀଡ଼ାରେ ଏକ ନୂଆ ଇତିହାସ ରଚିଦେଲେ ।

ଇଣ୍ଡୋନେସୀୟ ଓପନ୍ ହେଉଛି ବ୍ୟାଡମିଣ୍ଟନ୍‌ର ସୁପର ସିରିଜ୍ ପ୍ରିମିୟର ଭାବେ ମାନ୍ୟତାପ୍ରାପ୍ତ ଏକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ। ଏଥିରେ ଜଣେ ଅଣ ମାନ୍ୟତାପ୍ରାପ୍ତ ଖେଳାଳି ଭାବେ ପ୍ରବେଶ ଲାଭ କରିଥିବା ଶ୍ରୀକାନ୍ତ କିନ୍ତୁ ପ୍ରଥମରୁ ହିଁ ଚାମ୍ପିଆନ ଭଳି ଖେଳ ପ୍ରଦର୍ଶନ କରିଥିଲେ। କେବଳ ସେତିକି ନୁହେଁ ଏହି ଟୁର୍ଣ୍ଣାମେଣ୍ଟରେ ଅନ୍ୟଜଣେ ଭାରତୀୟ ତାରକା ଏଚ.ଏସ. ପ୍ରଣୟଙ୍କ ପ୍ରଦର୍ଶନ ମଧ୍ୟ ଥିଲା ଅତ୍ୟନ୍ତ ଉଚ୍ଚକୋଟୀର । ଏଥରର ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ଦୁଇ ପ୍ରସିଦ୍ଧ ମହିଳା ତାରକା ସାଇନା ନେହୱାଲ ଏବଂ ପି.ଭି. ସିନ୍ଧୁ ପ୍ରି-କ୍ୱାର୍ଟର ପର୍ଯ୍ୟାୟରୁ ବିଦାୟ ନେଇ ନିରାଶ କରିଥିବା ବେଳେ ଶ୍ରୀକାନ୍ତ ଓ ପ୍ରଣୟଙ୍କ ଜୋରଦାର ପ୍ରଦର୍ଶନ ସମସ୍ତଙ୍କୁ ଚମତ୍କୃତ କରିଥିଲା। ଶ୍ରୀକାନ୍ତ କ୍ରମାଗତ ତିନିଟି ମ୍ୟାଚରେ ଯଥାକ୍ରମେ ଡେନମାର୍କର ୟାନ୍ ୟୋର୍ଗେନ୍‌ସନ, ତାଇୱାନର ଜୁ ୱେଇ ୱାଙ୍ଗ୍ ଏବଂ ଦକ୍ଷିଣ କୋରିଆର ସୋନ୍ ୱାନ୍ ହୋଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ । ଏହି ତିନିଜଣଯାକ ଥିଲେ ଶ୍ରୀକାନ୍ତଙ୍କ ତୁଳନାରେ ଉଚ୍ଚ ମାନ୍ୟତା ବିଶିଷ୍ଟ ଖେଳାଳି। ଅନ୍ୟଦିଗରେ ତାଙ୍କ ସାଥୀ ଏଚ.ଏସ. ପ୍ରଣୟ ପ୍ରି-କ୍ୱାର୍ଟରରେ ବିଶ୍ୱର ଏକ ନମ୍ବର ତାରକା ମାଲେସିଆର ଲି ଚୋଙ୍ଗ ୱେଇ ଏବଂ କ୍ୱାର୍ଟର ପର୍ଯ୍ୟାୟରେ ଅଲିମ୍ପିକ୍ ତଥା ବିଶ୍ୱ ଚାମ୍ପିଆନ ଚୀନର ଚେନ୍ ଲୋଙ୍ଗ୍‌ଙ୍କୁ ପରାସ୍ତ କରି ସେମି ଫାଇନାଲକୁ ଆସିଥିଲେ। ଦୁଇ ଦୁଇଟି ମ୍ୟାଚକୁ ବହୁ ଶ୍ରମ ସ୍ୱୀକାର କରି ଜିତିଥିବା ପ୍ରଣୟ କିନ୍ତୁ ସେମି ଫାଇନାଲରେ ପରାଜିତ ହୋଇଗଲେ ଜାପାନର କାଜୁମାସା ସାକାଇଙ୍କ ହାତରୁ । ତେବେ ପରାଜିତ ହୋଇଯାଇଥିଲେ ହେଁ ନିଜ ସାଥୀ ଶ୍ରୀକାନ୍ତଙ୍କ ଚାମ୍ପିଆନ ବନିବାର ପଥ ପ୍ରାୟତଃ ପରିଷ୍କାର କରିଦେଇଥିଲେ ।

ସଂଘର୍ଷପୂର୍ଣ୍ଣ ଖେଳ ଖେଳି ପ୍ରଣୟଙ୍କୁ ପରାଜିତ କରିଥିବା କାଜୁମାସା ସାକାଇ ଫାଇନାଲରେ ଖୁବ୍ କ୍ଲାନ୍ତ ଜଣା ପଡୁଥିଲେ ଏବଂ ଶ୍ରୀକାନ୍ତ ଏହି ମୁକାବିଲାକୁ ଅକ୍ଳେଶରେ ମାତ୍ର ୩୭ମିନିଟରେ ଜିତିନେଇ ଇଣ୍ଡୋନେସିଆନ୍ ଓପନ୍ ସୁପର୍ ସିରିଜ୍ ପ୍ରିମିୟର ଟାଇଟେଲ୍ ଉପରେ ନିଜର ଅଧିକାର ସାବ୍ୟସ୍ତ କରିନେଲେ ଏବଂ ପୁରସ୍କାର ରାଶି ବାବଦରେ ତାଙ୍କୁ ମିଳିଲା ୭୫ହଜାର ଡଲାରର ଚେକ୍ । ଫାଇନାଲରେ ଶ୍ରୀକାନ୍ତ ଜାପାନୀ ପ୍ରତିଦ୍ୱନ୍ଦୀଙ୍କ ବିରୁଦ୍ଧରେ ବିଜୟୀ ହୋଇଥିଲେ ୨୧-୧୧ ଓ ୨୧-୧୯ର ସିଧାସଳଖ ଗେମ୍‌ରେ । ଏହା ଥିଲା ତାଙ୍କର ଦ୍ୱିତୀୟ ସୁପର ସିରିଜ୍ ପ୍ରମିୟର ତଥା ମୋଟ ତୃତୀୟ ସୁପର ସିରିଜ୍ ଟାଇଟେଲ୍। ଏହା ପୂର୍ବରୁ ସେ ୨୦୧୪ରେ ଚାଇନା ଓପନ୍ ସୁପର ସିରିଜ୍ ପ୍ରିମିୟର ଟୁର୍ଣ୍ଣାମେଣ୍ଟର ବିଜେତା ହୋଇଥିବା ବେଳେ ୨୦୧୫ରେ ଜିଣିଥିଲେ ଇଣ୍ଡିଆନ୍ ଓପନ୍ ସୁପର ସିରିଜ୍। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଆନଶିପ ତଥା ଅଲିମ୍ପିକ୍






ପ୍ରତିଯୋଗିତା ପଛକୁ ସୁପର ସିରିଜ୍ ପ୍ରିମିୟର ହେଉଛି ଶ୍ରେଷ୍ଠ ମାନ୍ୟତାପ୍ରାପ୍ତ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ। ଏହା ପଛକୁ ରହିଛି ସୁପର ସିରିଜ୍ ଏବଂ ତା'ପଛକୁ ଯଥାକ୍ରମେ ରହିଛି ଗ୍ରାଁ ପ୍ରି ଗୋଲ୍ଡ ଓ ଗ୍ରାଁ ପ୍ରି ଟୁର୍ଣ୍ଣାମେଣ୍ଟ। ଏପର୍ଯ୍ୟନ୍ତ କିଦାମ୍ବି ଶ୍ରୀକାନ୍ତ ଦୁଇଟି ଲେଖାଏଁ (ମୋଟରେ ଚାରିଟି) ସୁପର ସିରିଜ୍ ପ୍ରିମିୟର ଓ ସୁପର ସିରିଜ ଟାଇଟେଲ୍ ହାସଲ କରିବା ବ୍ୟତୀତ ପାଞ୍ଚଟି ଗ୍ରାଁ ପ୍ରି ଗୋଲ୍ଡ ଟୁର୍ଣ୍ଣାମେଣ୍ଟରେ ମଧ୍ୟ ଚାମ୍ପିଆନ ହୋଇଛନ୍ତି ।

ଗତ ଜୁନ ୨୫ତାରିଖ ଦିନ ଅଷ୍ଟ୍ରେଲିଆନ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ବିଜୟୀ ହୋଇ ଶ୍ରୀକାନ୍ତ ହାସଲ କରିଛନ୍ତି ତାଙ୍କର ଚତୁର୍ଥ ସୁପର ସିରିଜ୍ ଟାଇଟେଲ୍ । ସିଡନୀଠାରେ ଆୟୋଜିତ ଏହି ପ୍ରତିଯୋଗିତାର ଫାଇନାଲରେ ସେ ମୁହାଁମୁହିଁ ହୋଇଥିଲେ ବର୍ତ୍ତମାନର ବିଶ୍ୱ ଚାମ୍ପିଆନ୍ ତଥା ରିଓ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ଚେନ୍ ଲୋଙ୍ଗ୍‌ଙ୍କ ସହିତ । ପୂର୍ବରୁ ଚୀନର ଏହି ପ୍ରସିଦ୍ଧ ତାରକାଙ୍କ ସହିତ ଶ୍ରୀକାନ୍ତ ପାଞ୍ଚଥର ମୁକାବିଲା କରି ପାଞ୍ଚଥରଯାକ ପରାଜିତ ହୋଇଥିଲେ। ସେହି ଦୃଷ୍ଟିରୁ ଏଥର ମଧ୍ୟ ଚେନ୍ ଲୋଙ୍ଗ୍‌ଙ୍କ ବିଜୟ ସମ୍ଭାବନା ଥିଲା ଅଧିକ। କିନ୍ତୁ ଫାଇନାଲ ମୁକାବିଲାରେ ଭିନ୍ନ ଏକ ଶ୍ରୀକାନ୍ତଙ୍କୁ ଦେଖିବାକୁ ମିଳିଲା। ସଂଘର୍ଷପୂର୍ଣ୍ଣ ଖେଳ ପ୍ରଦର୍ଶନ କରି ୨୨-୨୦, ୨୧-୧୬ରେ ସେ ହିଁ ବିଜୟୀ ହେଲେ ଏହି ମହତ୍ତ୍ୱପୂର୍ଣ୍ଣ ପ୍ରତିଦ୍ୱନ୍ଦିତାରେ । ମ୍ୟାଚକୁ ଫେରିବା ପାଇଁ ସେ କୌଣସି ସୁଯୋଗ ଦେଇନଥିଲେ ନିଜର ପ୍ରତିଦ୍ୱନ୍ଦୀଙ୍କୁ । ଏହା ପୂର୍ବରୁ ଦ୍ୱିତୀୟ ରାଉଣ୍ଡରେ ସେ ବିଶ୍ୱର ଶ୍ରେଷ୍ଠ ଖେଳାଳି କୋରିଆର ସୋନ୍ ୱାନ୍ ହୋଙ୍କୁ ଏବଂ ସେମିଫାଇନାଲରେ ଚୀନର ଅନ୍ୟଜଣେ ଖେଳାଳି ଶି ୟୁକିଙ୍କୁ ପରାସ୍ତ କରିଥିବା ବେଳେ କ୍ୱାର୍ଟର ଫାଇନାଲରେ ହରାଇଥିଲେ ଭାରତର ସାଥୀ ଖେଳାଳି ବି. ସାଇ ପ୍ରଣୀତଙ୍କୁ । ଗତ ଏପ୍ରିଲ ମାସରେ ବି. ସାଇ ପ୍ରଣୀତ ହିଁ ଶ୍ରୀକାନ୍ତଙ୍କୁ ଫାଇନାଲରେ ପରାଜିତ କରି ସିଙ୍ଗାପୁର ଓପନ୍ ସୁପର ସିରିଜ୍‌ରେ ଚାମ୍ପିଆନ୍ ହୋଇଥିଲେ ।

ଦେଖିବାକୁ ଗଲେ ବର୍ତ୍ତମାନ ସମୟରେ ସାଇନା ନେହୱାଲ ଓ ପି.ଭି. ସିନ୍ଧୁଙ୍କ ବ୍ୟତୀତ ଆମ ଦେଶର ପୁରୁଷ ଖେଳାଳି କିଦାମ୍ବି ଶ୍ରୀକାନ୍ତ, ପାରୁପଲ୍ଲୀ କଶ୍ୟପ, ଏଚ.ଏସ. ପ୍ରଣୟ, ବି. ସାଇ ପ୍ରଣୀତ, ଅଜୟ ଜୟରାମ, ଗୁରୁ ସାଇଦତ୍ତ, ସୌରଭ ବର୍ମା ଆଦି ବିଶ୍ୱ ସ୍ତରର ବିଭିନ୍ନ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ପ୍ରତିନିଧିତ୍ୱ କରୁଥିଲେ ହେଁ ସେମାନଙ୍କ ମଧ୍ୟରେ ଶ୍ରୀକାନ୍ତ ଯେ ଶ୍ରେଷ୍ଠ ଏଥିରେ କୌଣସି ସନ୍ଦେହ ନାହିଁ । ଆନ୍ଧ୍ର ପ୍ରଦେଶର ରାଭୁଲାପାଲେମ ନାମକ ସ୍ଥାନରେ ଜନ୍ମଗ୍ରହଣ କରିଥିବା ଏହି ତାରକା ଜଣକ ଅତୀତର ତାରକା ପ୍ରକାଶ ପାଦୁକୋଣ ତଥା ପୁଲ୍ଲେଲା ଗୋପିଚାନ୍ଦଙ୍କ ପଦାଙ୍କ ଅନୁସରଣ କରି ବ୍ୟାଡମିଣ୍ଟନ ଜଗତରେ ଭାରତକୁ ଏକ ମର୍ଯ୍ୟାଦାଜନକ ସ୍ଥାନ ଦେବା ନିମନ୍ତେ ତତ୍ପର ଅଛନ୍ତି । ପିଲାଟି ଦିନରୁ ଏହି ଖେଳ ପ୍ରତି ଆକର୍ଷିତ ହେବାପରେ ପୁଲ୍ଲେଲା ଗୋପିଚାନ୍ଦଙ୍କଠାରୁ ହିଁ ତାଙ୍କରି ଏକାଡେମୀରେ ପ୍ରଶିକ୍ଷଣ ନେଇ ଏତେ ବାଟ ଆସି ପାରିଛନ୍ତି ।

୨୦୧୧ରେ ଏସିଆନ୍ ଜୁନିଅର ଚାମ୍ପିଆନଶିପ୍‌ରେ ସଫଳତା ହାସଲ କରିଥିବା ଶ୍ରୀକାନ୍ତ ପରବର୍ତ୍ତୀ ବର୍ଷ ସିନିଅର ସ୍ତରରେ ପ୍ରତିଦ୍ୱନ୍ଦିତା ଆରମ୍ଭ କରିଥିଲେ। ୨୦୧୩ରେ ଦିଲ୍ଲୀଠାରେ ପାରୁପଲ୍ଲୀ କଶ୍ୟପଙ୍କୁ ହରାଇ ପ୍ରଥମଥର ସକାଶେ ସେ ଜାତୀୟ ସିନିଅର ଚାମ୍ପିଆନ ହୋଇଥିଲେ। ସେହିବର୍ଷ ମଧ୍ୟ ଥାଇଲାଣ୍ଡ ଓପନରେ ବିଜୟୀ ହୋଇ ସେ ହାସଲ କରିଥିଲେ ଜୀବନର ପ୍ରଥମ ଗ୍ରାଁ ପ୍ରି ଗୋଲ୍ଡ ଟାଇଟେଲ୍। ତେବେ ନଭେମ୍ବର-୨୦୧୪ରେ ସେ ଚାଇନା ଓପନ୍ ସୁପର ସିରିଜ୍ ପ୍ରିମିୟର ଟୁର୍ଣ୍ଣାମେଣ୍ଟରେ ଚାମ୍ପିଆନ ହୋଇ ବ୍ୟାଡମିଣ୍ଟନ ଜଗତରେ ଏକରକମ ଚହଳ ସୃଷ୍ଟି କରିଦେଲେ । ଏହାର ଫାଇନାଲରେ ଶ୍ରୀକାନ୍ତ ପରାସ୍ତ କରିଥିଲେ ପାଞ୍ଚଥରର ବିଶ୍ୱ ଚାମ୍ପିଆନ ଓ ଦୁଇଥରର ଅଲିମ୍ପିକ୍ ଚାମ୍ପିଆନ ଚୀନର ଲିନ୍ ଡାନ୍‌ଙ୍କୁ । ପ୍ରକୃତରେ ଏହି ବିଜୟ ତାଙ୍କ ସହିତ ଅନ୍ୟ ଭାରତୀୟ ଖେଳାଳିଙ୍କ ମନୋବଳ ବୃଦ୍ଧି କରିବାରେ ସହାୟକ ହୋଇଥିଲା। ସେହିବର୍ଷ ସେ ହଂକଂ ଓପନ ସୁପର ସିରିଜ୍ ଏବଂ ୱାର୍ଲଡ୍ ସୁପର ସିରିଜର ଚୂଡ଼ାନ୍ତ ମୁକାବିଲାର ସେମିଫାଇନାଲ ପର୍ଯ୍ୟନ୍ତ ଯାଇ ଉଭୟ ଥର ପରାଜିତ ହୋଇଥିଲେ ଚେନ୍ ଲୋଙ୍ଗ୍‌ଙ୍କ ହାତରୁ । ଏହାପରେ ୨୦୧୫ରେ ଡେନମାର୍କର ଭିକ୍ଟରର ଆକ୍ସେଲସନ୍‌ଙ୍କୁ ହରାଇ ଇଣ୍ଡିଆନ୍ ଓପନ୍ ସୁପର ସିରିଜ୍ ଜିଣି ନେଇଥିଲେ ଶ୍ରୀକାନ୍ତ । ୨୦୧୫ ଓ ୧୬ରେ କେତୋଟି ଗ୍ରାଁ ପ୍ରି ଟାଇଟେଲ ଜିତିବା ପରେ ତାଙ୍କଠାରୁ ଭାରତୀୟ କ୍ରୀଡ଼ାପ୍ରେମୀମାନେ ଅଲିମ୍ପିକ୍ ପଦକ ମଧ୍ୟ ଆଶା ରଖିଥିଲେ । ରିଓ ଅଲିମ୍ପିକ୍‌ର କ୍ୱାର୍ଟର ଫାଇନାଲରେ କିନ୍ତୁ ସେ ଲିନ୍ ଡାନ୍‌ଙ୍କ ଠାରୁ ପରାଜିତ ହୋଇଯିବା ଦ୍ୱାରା ସେ ଆଶା ମଉଳିଗଲା। ଅଲିମ୍ପିକ୍ ପରେ ମଧ୍ୟ ସେ ଗୋଇଠିରେ ଆଘାତପ୍ରାପ୍ତ ହୋଇ ବେଶ୍ କିଛିଦିନ ବିଚ୍ଛିନ୍ନ ହୋଇରହିଲେ ବ୍ୟାଡମିଣ୍ଟନ କୋର୍ଟରୁ । ଏବେ କିନ୍ତୁ ସେ ସଫଳତାର ସହିତ ପ୍ରତ୍ୟାବର୍ତ୍ତନ କରି କ୍ରମାଗତ ତିନିଟି ସୁପର ସିରିଜ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପହଞ୍ଚି ସେଥିରୁ ଦୁଇଟିରେ ଚାମ୍ପିଆନ ହୋଇଛନ୍ତି। ତାଙ୍କର ଏହି ସଫଳତା ଅଗଷ୍ଟ ମାସରେ ହେବାକୁ ଥିବା ବିଶ୍ୱ ଚାମ୍ପିଆନଶିପ୍‌ରେ ଉନ୍ନତ ପ୍ରଦର୍ଶନ ନିମନ୍ତେ ନିଶ୍ଚୟ ବାଟ ଦେଖାଇବ ।

ମୋ-୯୪୩୭୬୨୭୫୧୪



# ସାଧାରଣ ଜ୍ଞାନ




## (1) ABBREVIATION

1. ICDS - Integrated Child Development Scheme
2. ICSE - Indian Council of Secondary Education
3. ICT - Information & Communication Technology
4. ICTC - Integrated Councelling & Testing Centre
5. OLTAS - Online Tax Accounting System
6. NERPAP - National Electoral Roll Purification and Authentication Programme
7. IDDP - Integrated Diary Development Programme
8. MRSAM - Medium Range Surface to Air Missile
9. IID - Idustrial Infrastructure Devel opment
10. IIT - Indian Institute of Techology

## (୨) ପୁସ୍ତକ ଓ ଲେଖକ

1. The Ministry of Utmost Happiness - Arundhati Roy
2. The Vegitarian - Han Kang
3. Looking for the Rainbow - Ruskin Bond
4. Harappa : Curse of the blood river - Vineet Bajpai

୫. ମୋ ଜୀବନ ସଂଗ୍ରାମ - ସୁରେନ୍ଦ୍ର ନାଥ ଦ୍ୱିବେଦୀ
୬. ଓଡ଼ିଆ ପୋଇ ସାହିତ୍ୟ - ନିଳମଣି ମିଶ୍ର
୭. କଳା ପାହାଡ଼ - ଅଶ୍ୱିନୀ କୁମାର ଘୋଷ
୮. ଶତାବ୍ଦୀର ସୂର୍ଯ୍ୟ - ସୁରେନ୍ଦ୍ର ମହାନ୍ତି
୯. ଲଳିତ ଲବଙ୍ଗଲତା - ଡ. ବ୍ରଜମୋହନ ମହାନ୍ତି
୧୦. ମୋ ସମୟ - ସାତକଡ଼ି ହୋତା

## (୩) ଆଣ୍ଡାମାନ ଆଣ୍ଡ ନିକୋବର ଆଇଲାଣ୍ଡସ୍

୧. ଗଠନ - ୦୧.୧୧.୧୯୫୬
୨. କ୍ଷେତ୍ରଫଳ - ୮୨୪୯ବର୍ଗ କି.ମି.
୩. ଜନସଂଖ୍ୟା - ୩୭୯୯୪୪(୨୦୧୧)
ପୁରୁଷ - ୨୦୨୩୩୦
ସ୍ତ୍ରୀ - ୧୭୭୬୧୪
୪. ଲିଙ୍ଗ ଅନୁପାତ - ୮୭୮
୫. ସାକ୍ଷରତା ହାର - ୮୬.୨୭%
୬. ଜିଲ୍ଲା / ଗ୍ରାମ - ୩ / ୫୦୧
୭. ବିଧାନସଭା ଆସନ - ୦
୮. ଲୋକସଭା ଆସନ - ୦୧
୯. ରାଜ୍ୟସଭା ଆସନ - ୦୦
୧୦. ରାଜଧାନୀ - ପୋର୍ଟ ବ୍ଲେଆର
୧୧. ଲେଫ୍ଟନାଣ୍ଟ ରାଜ୍ୟପାଳ - ପ୍ରଫେସର ଜଗଦୀଶ୍ ମୁଖୀ
୧୨.ମୁଖ୍ୟଶାସନ ସଚିବ - ଅନିନ୍ଦୋ ମଜୁନଦାର

## (୪) ଭାରତର ପ୍ରଥମ

୧. ଇଂଲିଶ ଚ୍ୟାନେଲ ପହଁରିଥିବା ଭାରତୀୟ ମହିଳା - ଆରତୀ ଶାହା
୨. ମାଉଣ୍ଟ ଏଭେରେଷ୍ଟ ଆରୋହଣକାରୀ - ତେନ୍‌ଜିଙ୍ଗ ନରଗେ
୩. ବିନା ଅମ୍ଳଜାନରେ ମାଉଣ୍ଟ ଏଭେରେଷ୍ଟ ଆରୋହଣକାରୀ - ଫୁ ଦୋରଜୀ
୪. ଦୁଇଥର ମାଉଣ୍ଟ ଏଭରେଷ୍ଟ ଆରୋହଣକାରୀ - ନୱାଙ୍ଗ ଗମ୍ଭୁ
୫. ନୋବେଲ ପୁରସ୍କାର - ରବୀନ୍ଦ୍ରନାଥ ଠାକୁର

## (୫) ଦେହାନ୍ତ

୧. ଅମ୍ରିତ୍ ପ୍ରସାଦ - ଅଭିନେତା (ବୟସ ୭୬)
୨. ଆତ୍ମ ଶ୍ରଦ୍ଧାନନ୍ଦଜୀ ମହାରାଜ - ଅଧ୍ୟକ୍ଷ ,ରାମକୃଷ୍ଣ ମିସନ୍(ବୟସ ୯୮)
୩. ସବିତା ଚୌଧୂରୀ - ସୁଗାୟିକା (ବୟସ ୭୨)
୪. ମୀନକେତନ ଦାସ - ଓଡ଼ିଆ ଅଭିନେତା (ବୟସ ୫୯)
୬. ଓ .ଏନ. ଧର୍ - ବ୍ୟୁରୋକ୍ରାଟ୍ (ବୟସ ୮୯)

## (୬) ଓଡ଼ିଶାର

୧ ବଡ ଠାକୁର -ଜଗନ୍ନାଥ
୨. ବଡ ବଜାର - ଚୌଧୁରୀ ବଜାର
୩. ବଡ ଡାକ୍ତରଖାନା - ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ
୪. ବଡ ଜଳ ପ୍ରପାତ - ଡୁଡୁମା ଜଳ ପ୍ରପାତ
୫. ବଡ ନଗର - ଭୁବନେଶ୍ୱର

## (୭) ପୃଥିବୀର

୧.ବୃହତ୍ତମ ରେଳଷ୍ଟେସନ-ଗ୍ରାଣ୍ଡ ସେଣ୍ଟ୍ରାଲ ଟର୍ମିନାଲ, ଚିକାଗୋ(ଆମେରିକା)
୨.ସବୁଠାରୁ ଥଣ୍ଡା ଜନବସତି ଅଞ୍ଚଳ -ଭର୍ଖୋୟାନ୍ସ୍କ(ସାଇବେରିଆ)
୩.ସବୁଠାରୁ ଉତ୍ତପ୍ତ ସ୍ଥାନ -ଅଜିଜିଆ(ଲିବ୍ୟା, ଆଫ୍ରିକା)
୪.ଦୀର୍ଘତମ ରେଳ ଟନେଲ -ତାନ୍ନା(ଜାପାନ)
୫.ଦୀର୍ଘତମ ସଡକପଥ ଟନେଲ -ମଣ୍ଟ ବ୍ଲାଙ୍କ ଟନେଲ (ଫ୍ରାନସ୍-ଇଟାଲୀ)

## (୮) ନିଯୁକ୍ତି

୧. ରାଜୀବ କୁମାର - ମୁଖ୍ୟଶାସନ ସଚିବ ,ଉତ୍ତର ପ୍ରଦେଶ
୨. ଅଚଲ କୁମାର ଜ୍ୟୋତି - ମୁଖ୍ୟ ନିର୍ବାଚନ କମିସନର
୩. କୌଶିକ ବାସୁ - ପ୍ରେସିଡେଣ୍ଟ,ଇଣ୍ଟର ନ୍ୟାସନାଲ ଇକୋନୋମିକ୍ ଆସୋସିଏସନ୍
୪. ନରିନ୍ଦ୍ରନାଥ ଭୋରା - ପ୍ରେସିଡେଣ୍ଟ, ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସେଣ୍ଟର

## (୯) ଓଡ଼ିଶା

୧. ଓଡ଼ିଶା ପଞ୍ଚାୟତର କାର୍ଯ୍ୟକାଳ ଅବଧି କେତେ ?
(କ) ୨ ବର୍ଷ (ଖ) ୪ ବର୍ଷ
(ଗ) ୫ ବର୍ଷ (ଘ) ୬ ବର୍ଷ

୨. ୨୦୧୧ ଜନଗଣନା ଅନୁସାରେ ଜନସଂଖ୍ୟା ଦୃଷ୍ଟିକୋଣରୁ କେଉଁ ଜିଲ୍ଲା ବୃହତ୍ତମ ?
(କ) ଗଞ୍ଜାମ (ଖ) ବଲାଙ୍ଗିର
(ଗ) ଅନୁଗୁଳ (ଘ) ଢେଙ୍କାନାଳ

୩. ଓଡ଼ିଶାର କେଉଁ ହ୍ରଦ ଅଶ୍ୱଖୁରାକୃତି ହ୍ରଦ ଅଟେ ?
(କ) ସର (ଖ) ଅଂଶୁପା
(ଗ) ଚିଲିକା (ଘ) ପଟ୍ଟ

୪. ନୀଳଚକ୍ରର ଅଖ ସଂଖ୍ୟା କେତେ ?
(କ) ୮ (ଖ) ୪
(ଗ) ୫ (ଘ) ୬

୫. କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିବା ପ୍ରଥମ ଓଡ଼ିଆ କିଏ ?
(କ) ସାମୁଏଲ ସାହୁ (ଖ) କେଳୁଚରଣ ମହାପାତ୍ର
(ଗ) ଗୋପୀନାଥ ମହାନ୍ତି (ଘ) ରାଧାମୋହନ ଗଡ଼ନାୟକ

୬. କେଉଁ ବର୍ଷ ପ୍ରଥମେ ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ପୁରସ୍କାର ଲାଭ କରିଥିଲା ?
(କ) ୧୯୬୨ (ଖ) ୧୯୬୦
(ଗ) ୧୯୬୯ (ଘ) ୧୯୭୪

୭. କଟକ ସହରକୁ କେଉଁ ଦୁଇଟି ନଦୀ ଘେରି କରି ରହିଛି ?
(କ) ମହାନଦୀ ଓ କାଠଯୋଡ଼ି (ଖ) କାଠଯୋଡ଼ି ଓ ବ୍ରାହ୍ମଣୀ
(ଗ) ମହାନଦୀ ଓ ବୈତରଣୀ (ଘ) କାଠଯୋଡ଼ି ଓ ବୁଢ଼ାବଳଙ୍ଗ

୮. ଯାଜପୁରର ଇସ୍ପାତ ନଗରୀର ରାଜଧାନୀ କାହାକୁ କୁହାଯାଏ ?
(କ) କଳିଙ୍ଗ ନଗର (ଖ) ସୁକିନ୍ଦା
(ଗ) ବିଂଝାରପୁର (ଘ) ଧର୍ମଶାଳା

୯. କେଉଁ ଜାତୀୟ ଶିକ୍ଷା କେନ୍ଦ୍ର ଢେଙ୍କାନାଳଠାରେ ଅବସ୍ଥିତ ?
(କ) 11MC (ଖ) 111T
(ଗ) 11T (ଘ) 11M

୧୦. ଚନ୍ଦନ ହଜୁରୀ କେଉଁ ବିଦ୍ରୋହରେ ଯୋଗଦେଇଥିଲେ ?
(କ) ପାଇକ ବିଦ୍ରୋହ (ଖ) ସିପାହୀ ବିଦ୍ରୋହ
(ଗ) ଅସହଯୋଗ ଆନ୍ଦୋଳନ (ଘ) କୌଣସିଟି ନୁହେଁ

## (୧୦) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. କରେଣ୍ଟ : ସରକିଟ :: ପୃଥିବୀ: ?
(କ)ଗ୍ରହ (ଖ)ସୂର୍ଯ୍ୟ (ଗ)କକ୍ଷ (ଘ)ପଥ

୨. ଭଲ : ଖରାପ :: ଛାତ :
(କ)ଝରକା (ଖ)ଚଟାଣ (ଗ)କାନ୍ଥ (ଘ)ଖୁଣ୍ଟ

୩. ହରି ଦକ୍ଷିଣ-ପୂର୍ବଦିଗକୁ ମୁହଁ କରି ଠିଆ ହୋଇଥିଲା । ହଠାତ୍ ସେ ୯୦°ଘଣ୍ଟା କଣ୍ଟା ଦିଗରେ ବୁଲିଲା ଏବଂ ଘଣ୍ଟା କଣ୍ଟାରବିପରୀତ ଦିଗରେ ସେଠାରୁ ୧୩୫° ବୁଲି ଫେରିଲା । ବର୍ତ୍ତମାନ ସେ କେଉଁ ଦିଗକୁ ରହିଁ ରହିବ ?
(କ)ପୂର୍ବ (ଖ)ପଶ୍ଚିମ (ଗ)ଦକ୍ଷିଣ (ଘ)ଉତ୍ତର

୪. B: ୧୬ ::D :?
(କ) ୧୨୦ (ଖ) ୧୫୦ (ଗ)୨୦୦ (ଘ)୨୫୬





୫. କେଉଁଟି ଅଲଗା ଅଟେ ?
(କ) ଜେବ୍ରା (ଖ) ସିଂହ (ଗ) ବାଘ (ଘ) ଘୋଡା

୬. UTENSIL = W VGPUKN ହେଲେ DMSFXG କାହାକୁ ବୁଝାଇବ
(କ) BKQEVE, (ଖ) BKQDWE, (ଗ)BKQDWF, (ଘ) BKQDVE

୭. ଆଖି ଦେଖିବା ସହ ସମାନ ହେଲେ କାନ କାହା ସହ ସମାନ ?
(କ)ଶୁଣିବା (ଖ)ଶିଖିବା (ଗ) ଶୋଇବା (ଘ)କାନେଇବା


୮. C: ୯ ::D : ?
(କ) ୧୬ (ଖ) ୮୧ (ଗ)୬୪ (ଘ)୨୫

୯. 'କ' ଏବଂ ଖ ଦୁଇଭାଇ । 'ଗ' ଏବଂ 'ଘ' ଦୁଇ ଭଉଣୀ । 'କ' ପୁଅ ହେଉଛି 'ଘ' ର ଭାଇ। ତେବେ 'ଖ', 'ଗ' ର ସମ୍ପର୍କରେ କ'ଣ ହେବ ?
(କ) ବାପା (ଖ)ଭାଇ (ଗ)ଜେଜେବାପା (ଘ) ଦାଦା

୧୦. ପଶୁ ଜାତି ବାଘଏବଂ ଭାଲୁ
(କ)  (ଖ)  (ଗ)  (ଘ) 

**ଉତ୍ତର**

୧.(ଗ) ୫ ବର୍ଷ, ୨.(କ) ଗଞ୍ଜାମ, ୩.(ଖ) ଅଂଶୁପା, ୪.(କ) ୮, ୫. (କ) ସାମୁଏଲ ସାହୁ, ୬.(ଖ) ୧୯୬୦, ୭.(କ) ମହାନଦୀ ଓ କାଠଯୋଡ଼ି ,୮.(କ) କଳିଙ୍ଗ ନଗର, ୯.(କ) 11MC, ୧୦. (ଖ) ସିପାହୀ ବିଦ୍ରୋହ

**ଉତ୍ତର:** ୧.(ଗ)କକ୍ଷ ୨.(ଖ)ଚଟାଣ ୩.(ଖ)ପଶ୍ଚିମ ୪.(ଘ)୨୫୬ ୫.(ଘ) ଘୋଡା ୬.(ଘ)BKQDVE ୭.(କ)ଶୁଣିବା ୮.(କ) ୧୬ ୯.୭.(ଘ) ଦାଦା ୧୦.(ଖ) 

## (୧୧) ଇତିହାସ

୧. ମଙ୍ଗୋଲିଅମାନେ କେଉଁ ବର୍ଗର ଅଟନ୍ତି ?
(କ) କୃଷ୍ଣ (ଖ) ପିତ
(ଗ) ଶ୍ୱେତ (ଘ) ଲୋହିତ
୨. କେଉଁଥିରୁ ମିଶରୀୟମାନେ କାଗଜ ତିଆରି କରୁଥିଲେ ?
(କ) ନରମ ବାଉଁଶ (ଖ) ସବାଇ ଘାସ
(ଗ) ତୃଣ ଜାତୀୟ ଉଦ୍ଭିଦ ପାପିରସ (ଘ) କୌଣସିଟି ନୁହେଁ
୩. 'ଇତିହାସ ହେଉଛି ଅତୀତର ମନୁଷ୍ୟମାନଙ୍କର କାର୍ଯ୍ୟକଳାପର ବୈଜ୍ଞାନିକ ବିଶ୍ଳେଷଣ' - ଏକଥା କିଏ କହିଥିଲେ ?
(କ) ହେରୋଡ଼ୋଟସ୍ (ଖ) କାଲାଇଲ୍
(ଗ) ପୋଲିବିୟସ୍ (ଘ) ସ୍ମୁଏନ୍‌ବି
୪. ଏମାନଙ୍କ ମଧ୍ୟରୁ କିଏ ଜଣେ ମିଶରର ଦାର୍ଶନିକ ?
(କ) ଅଖ୍‌ନାଟନ (ଖ) ଖୁପୁ
(ଗ) ଜୋସେର (ଘ) ତାହୋତେପ୍
୫. କିଏ ସର୍ବପ୍ରଥମ ଆଇନ ପ୍ରଣେତା ?
(କ) ଆଖ୍ ନାଟନ୍ (ଖ) ଆଲେକ୍‌ଜାଣ୍ଡର
(ଗ) ହାମ୍ମୁରାବି (ଘ) ଜୁଲିୟସ ସିଜର
୬. କେଉଁମାନେ ପ୍ରଥମେ କାଗଜ ଉଦ୍ଭାବନ କରିଥିଲେ ?
(କ) ମିଶରୀୟମାନେ (ଖ) ଗ୍ରୀକ୍‌ମାନେ
(ଗ) ରୋମୀୟମାନେ (ଘ) ଚୀନାମାନେ
୭. ରିପବ୍ଲିକ୍ ପୁସ୍ତକର ସ୍ରଷ୍ଟା କିଏ ?
(କ) ପ୍ଲାଟୋ (ଖ) ଥୁସିଡ଼ାଇଡ଼େସ
(ଗ) ଜେନୋଫନ୍ (ଘ) ଆରିଷ୍ଟୋଟଲ
୮. କେଉଁ ଗଡ଼ଜାତରାଜ୍ୟ ପ୍ରଥମେ ଓଡ଼ିଶା ସହ ମିଶିଥିଲା ?
(କ) ନୀଳଗିରି (ଖ) ଢ଼େଙ୍କାନାଳ
(ଖ) ମୟୂରଭଞ୍ଜ (ଘ) ତାଳଚେର
୯. ହାତୀଗୁମ୍ଫା ଶିଳାଲେଖ କେଉଁ ଭାଷାରେ ଲିଖିତ ?
(କ) ସଂସ୍କୃତ (ଖ) ପ୍ରାକୃତ
(ଗ) ହିନ୍ଦୀ (ଘ) ଓଡ଼ିଆ
୧୦. କିଏ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ?
(କ) କର୍ଣ୍ଣଦେବ (ଖ) ଚୋଡ଼ଗଙ୍ଗଦେବ
(ଗ) ଭାନୁଦେବ (ଘ) ବଲ୍ଲଭାଚାର୍ଯ୍ୟ

## (୧୨) ଭୂଗୋଳ

୧. ଆୟତନ ଦୃଷ୍ଟିରୁ ପୃଥିବୀର ସବୁଠାରୁ ବଡ଼ ଦ୍ୱୀପର ନାମ କ'ଣ ?
(କ) ଗ୍ରୀନଲାଣ୍ଡ (ଖ) ନିଉଗିନି (ଗ) ମାଡାଗାସ୍କର୍ (ଘ) ବାଫିନ୍ ଦ୍ୱୀପ
୨. ଆୟତନ ଦୃଷ୍ଟିରୁ ଇଣ୍ଡୋନେସିଆର ବୃହତ୍ତମ ଦ୍ୱୀପର ନାମ କ'ଣ ?
(କ) ଜାଭା (ଖ) ସୁମାତ୍ରା (ଗ) ବାଲି (ଘ) ବୋର୍ଣ୍ଣିଓ
୩. ଜାପାନ ଦ୍ୱୀପପୁଞ୍ଜର ସବୁଠାରୁ ବଡ଼ ଦ୍ୱୀପଟିର ନାମ କ'ଣ ?
(କ) ହୋକାଇଦୋ (ଖ) ହୋନ୍‌ଶୁ (ଗ) ଶିକୋକୁ (ଘ) କିୟୁସୁ
୪. ବିଶ୍ୱର ଦୀର୍ଘତମ ଗ୍ଲେସିଅର୍ ବା ହିମବାହର ମାନ୍ୟତା ପାଇଥିବା ଲାମ୍ବର୍ଟ ଫିଶର ଗ୍ଲେସିଅର୍ କେଉଁ ମହାଦେଶରେ ଅବସ୍ଥିତ ?
(କ) ଏସିଆ (ଖ) ୟୁରୋପ୍ (ଗ) ଉତ୍ତର ଆମେରିକା (ଘ) ଆଣ୍ଟାର୍କଟିକା
୫. ପୃଥିବୀର ଏକ ଆଶ୍ଚର୍ଯ୍ୟଜନକ ସ୍ଥାନ ଭାବେ ବିବେଚିତ ହେଉଥିବା 'ଡେଡ୍ ସି' ବା ମରୁ ସାଗର କେଉଁ ଦୁଇଟି ଦେଶର ସୀମାରେ ଅବସ୍ଥିତ ?
(କ) ଲେବାନନ୍ ଓ ସିରିଆ (ଖ) ଇସ୍ରାଏଲ୍ ଓ ଲେବାନନ୍
(ଗ) ଇସ୍ରାଏଲ୍ ଓ ଜୋର୍ଡାନ୍ (ଘ) ଲେବାନନ୍ ଓ ଜୋର୍ଡାନ୍
୬. ପୃଥିବୀର ଦୀର୍ଘତମ ନଦୀ ଭାବେ ପରିଚିତ ନୀଳ ନଦୀର ଅବବାହିକା ଆଫ୍ରିକା ମହାଦେଶର କେତୋଟି ଦେଶ ମଧ୍ୟ ଦେଇ ପ୍ରବାହିତ ହେଉଛି ?
(କ) ସାତଟି (ଖ) ଆଠଟି (ଗ) ନଅଟି (ଘ) ଦଶଟି
୭. ନୀଳ ନଦୀ ବିଶ୍ୱର ଦୀର୍ଘତମ ନଦୀ ହେଲେ ହେଁ କେଉଁ ନଦୀରେ ସର୍ବାଧିକ ଜଳ ପ୍ରବାହିତ ହୋଇଥାଏ ?
(କ) ଆମାଜନ୍ (ଖ) ୟାଙ୍ଗ ସିକଆଙ୍ଗ
(ଗ) ହୋୟାଙ୍ଗ ହୋ (ଘ) ମିଶୋରୀ ମିସିସିପି
୮. ଆଣ୍ଡିଜ୍ ପର୍ବତମାଳାରୁ ସୃଷ୍ଟି ହୋଇଥିବା ଆଞ୍ଜେଲ୍ ଜଳପ୍ରପାତ ହେଉଛି ପୃଥିବୀର ଉଚ୍ଚତମ ଜଳପ୍ରପାତ । ଏହା କେଉଁ ଦେଶରେ ଅବସ୍ଥିତ ?
(କ) କାନାଡ଼ା (ଖ) ଇକ୍ୱେଡର
(ଗ) ବୋଲିଭିଆ (ଘ) ଭେନେଜୁଏଲା
୯. ପ୍ରଶାନ୍ତ ମହାସାଗରରେ ଅବସ୍ଥିତ ଫିଲିପାଇନ୍ସ ଦେଶଟି ପ୍ରାୟ କେତୋଟି ଦ୍ୱୀପକୁ ନେଇ ଗଠିତ ହୋଇଛି ?
(କ) ପାଞ୍ଚହଜାର ଦ୍ୱୀପ (ଖ) ଛଅହଜାର ଦ୍ୱୀପ
(ଗ) ଛଅହଜାର ପାଞ୍ଚଶହ ଦ୍ୱୀପ (ଘ) ସାତହଜାରରୁ ଉର୍ଦ୍ଧ୍ୱ ଦ୍ୱୀପ
୧୦. ବୈକାଲ୍ ହ୍ରଦ ହେଉଛି ପୃଥିବୀର ଗଭୀରତମ ହ୍ରଦ । ଏହା କେଉଁ ଦେଶରେ ଅବସ୍ଥିତ ?
(କ) କାଜାଖସ୍ତାନ (ଖ) ରୁଷିଆ (ଗ) କିରଗିଜସ୍ତାନ (ଘ) ଚୀନ

**ଉତ୍ତର**

୧.(ଖ) ପିତ, ୨.(ଗ) ତୃଣ ଜାତୀୟ ଉଦ୍ଭିଦ ପାପିରସ୍‌ରୁ, ୩.(କ) ହେରୋଡ଼ୋଟସ୍, ୪.(ଘ) ତାହୋତେପ୍, ୫. (ଗ) ହାମ୍ମୁରାବି, ୬.(ଘ) ଚୀନାମାନେ, ୭.(କ) ପ୍ଲାଟୋ, ୮.(କ) ନୀଳଗିରି, ୯.(ଖ) ପ୍ରାକୃତ, ୧୦.(ଖ) ଚୋଡ଼ଗଙ୍ଗଦେବ

୧.(କ) ଗ୍ରୀନଲାଣ୍ଡ, ୨.(ଘ) ବୋର୍ଣ୍ଣିଓ, ୩.(ଖ) ହୋନ୍‌ଶୁ, ୪.(ଘ) ଆଣ୍ଟାର୍କଟିକା, ୫. (ଗ) ଇସ୍ରାଏଲ୍ ଓ ଯୋର୍ଡାନ୍, ୬. (ଘ) ଦଶଟି, ୭.(କ) ଆମାଜନ୍ , ୮.(ଘ) ଭେନେଜୁଆଲା, ୯.(ଘ) ସାତହଜାରରୁ ଉର୍ଦ୍ଧ୍ୱ ଦ୍ୱୀପ, ୧୦.(ଖ) ରୁଷିଆ ।

## (୧୩) ଅର୍ଥନୀତି

୧. ଅର୍ଥଶାସ୍ତ୍ର କେଉଁ ବିଜ୍ଞାନ ଅଟେ ?
(କ) ପ୍ରାକୃତିକ (ଖ) ଭୌତିକ
(ଗ) ସାମାଜିକ (ଘ) ଉପରୋକ୍ତ ସମସ୍ତ

୨. ଚା ଏବଂ କଫି–
(କ) ପରସ୍ପରର ପରିପୂରକ (ଖ) ପରସ୍ପରର ପ୍ରତିସ୍ଥାପକ
(ଗ) ପରସ୍ପରର ବୈକଳ୍ପିକ (ଘ) ଉପରୋକ୍ତ ସମସ୍ତ

୩. ଅପେକ୍ଷାକୃତି ସ୍ଥିତି ସ୍ଥାପକ ଚାହିଦାର ସାଂଖ୍ୟିକ ମୂଲ୍ୟ କେତେ ?
(କ) ୧ (ଖ) ୦
(ଗ) ୧ରୁ କମ୍ (ଘ) ୧ରୁ ଅଧିକ

୪. ଏକାଧିକାର ମୂଳକ ପ୍ରତିଯୋଗିତାର ଅନନ୍ୟ ବୈଶିଷ୍ଟ୍ୟହେଲା:
(କ) ଏକମାତ୍ର ବିକ୍ରେତା (ଖ) ଦ୍ରବ୍ୟର ବିଭେଦୀକରଣ
(ଗ) ବଜାର ପ୍ରବେଶରେ କଟକଣା (ଘ) ଏକକ ଦର

୫. କେଉଁଟି ସମ୍ପଦ ପଦବାଚ୍ୟ ଅଟେ ?
(କ) ସ୍ୱାସ୍ଥ୍ୟ (ଖ) ମାଟ୍ରିକ ସାର୍ଟିଫିକେଟ୍
(ଗ) ପାଞ୍ଚଶହ ଟଙ୍କା (ଘ) କୌଣସିଟି ନୁହେଁ

୬. ଉତ୍ପାଦନ କହିଲେ କ'ଣ ବୁଝାଯାଏ ?
(କ) ଉପଯୋଗିତା ସୃଷ୍ଟି (ଖ) ଭୌତିକ ଦ୍ରବ୍ୟ ସୃଷ୍ଟି
(ଗ) ଉପଯୋଗିତା ଧ୍ୱଂସ(ଘ) ଉତ୍ପାଦନଗୁଡ଼ିକୁ ଅଧିକ କର୍ମଶୀଳ କରିବା

୭. ୨୫ ଏକକ ଦ୍ରବ୍ୟ ଉତ୍ପାଦନ ପାଇଁ ମୋଟପରିବ୍ୟୟ ୫୦୦ ଟଙ୍କା ହେଲେ ହାରାହାରି ପରିବ୍ୟୟ କେତେ ?
(କ) ୨୫୦ ଟଙ୍କା (ଖ) ୨୦୦ ଟଙ୍କା
(ଗ) ୧୦୦ ଟଙ୍କା (ଘ) ୨୦ ଟଙ୍କା

୮. ଅତି ଦୀର୍ଘକାଳରେ କେଉଁ ଦର ପ୍ରଚଳିତ ?
(କ) ବଜାର ଦର (ଖ) ସ୍ୱାଭାବିକ ଦର
(କ) ବର୍ଦ୍ଧିତ ଦର (ଖ) ଅସ୍ୱାଭାବିକ ଦର

୯. କେଉଁ ଲାଭକୁ ସୁଧ ବଳକା କୁହାଯାଏ ?
(କ) ସ୍ୱାଭାବିକ (ଖ) ଅସ୍ୱାଭାବିକ
(ଗ) ଉଭୟ 'କ' ଏବଂ 'ଖ' (ଘ) କୌଣସିଟି ନୁହେଁ

୧୦. କେଉଁଟି ବାସ୍ତବ ମଜୁରୀକୁ ପ୍ରଭାବିତ କରିଥାଏ ?
(କ) ଦାମ୍ ସ୍ତର (ଖ) ଅତିରିକ୍ତ ଆୟ
(ଗ) ନିଯୁକ୍ତି ଆୟ (ଘ) ଉପରୋକ୍ତ ସମସ୍ତ

## (୧୪) କ୍ରୀଡ଼ା

୧. ୨୦୧୭ର ଫ୍ରେଞ୍ଚ ଓପନ୍ ଟେନିସ୍‌ର ପୁରୁଷ ସିଂଗଲ୍ସ ଚାମ୍ପିଆନ୍ ହୋଇଛନ୍ତି ସ୍ପେନ୍‌ର ରାଫାଏଲ୍ ନାଦାଲ୍ । ଏହା ତାଙ୍କର କେତେତମ ଫ୍ରେଞ୍ଚ ଓପନ୍ ଟାଇଟେଲ୍ ?
(କ) ଅଷ୍ଟମ (ଖ) ନବମ (ଗ) ଦଶମ (ଘ) ଏକାଦଶତମ

୨. ଫ୍ରେଞ୍ଚ ଓପନ୍ ଟେନିସ୍- ୨୦୧୭ର ପୁରୁଷ ସିଂଗଲ୍ସ ଫାଇନାଲରେ ରାଫାଏଲ୍ ନାଦାଲ୍ କାହାକୁ ହରାଇ ଚାମ୍ପିଆନ ହୋଇଛନ୍ତି ?
(କ) ଷ୍ଟାନିସ୍ଲାସ୍ ୱାଭ୍ରିଙ୍କା (ଖ) ରୋଜର ଫେଡେରର୍
(ଗ) ଆଣ୍ଡି ମୁରେ (ଘ) ନୋଭାକ୍ ଡ୍ୟୋକୋଭିଚ୍

୩. ଫ୍ରେଞ୍ଚ ଓପନ୍ ଟେନିସ୍ -୨୦୧୭ର ମହିଳା ସିଂଗଲ୍ସ ଚାମ୍ପିଆନ୍ ହୋଇଥିବା ତାରକାଙ୍କ ନାମ କ'ଣ ?
(କ) ସିମୋନା ହାଲେପ୍ (ଖ) କାରୋଲିନା ପ୍ଲିସ୍‌କୋଭା
(ଗ) ଟିମିଆ ବେଚ୍‌ସିନ୍‌ସ୍କି (ଘ) ୟେଲେନା ଓଷ୍ଟାପେଙ୍କୋ

୪. ଭାରତର ରୋହନ ବୋପାନ୍ନା ୨୦୧୭ର ଫ୍ରେଞ୍ଚ ଓପନ୍ ମିକ୍ସଡ୍ ଡବଲ୍ସ ଟାଇଟେଲ୍ ଜିଣିଛନ୍ତି । ଏଥିରେ ତାଙ୍କର ଯୋଡ଼ିଦାର ଥିବା ମହିଳା ତାରକାଙ୍କ ନାମ କ'ଣ ?
(କ) ସାନିଆ ମିର୍ଜା (ଖ) ଗାବ୍ରିଏଲା ଡାବ୍ରୋଓ୍ୱସ୍କି
(ଗ) ମାର୍ଟିନା ହିଙ୍ଗିସ୍ (ଘ) ଅନ୍ନା ଲେନା ଗ୍ରୋଏନ୍‌ଫିଲ୍ଡ

୫. ଜୁନ୍ – ୨୦୧୭ରେ କ୍ରମାଗତ ଦୁଇଟି ସୁପର୍ ସିରିଜ୍ ବ୍ୟାଡମିଣ୍ଟନ୍ ଟାଇଟେଲ୍ ହାସଲ କରିଥିବା ଭାରତୀୟ ତାରକାଙ୍କ ନାମ କ'ଣ ?
(କ) ବି. ସାଇ ପ୍ରଣିତ (ଖ) ପି. ଭି. ସିନ୍ଧୁ
(ଗ) ଏଚ. ଏସ. ପ୍ରଣୟ (ଘ) କିଡାମ୍ବି ଶ୍ରୀକାନ୍ତ

୬. ୨୦୧୭ର ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାର ଫାଇନାଲରେ କାହାକୁ ପରାସ୍ତ କରି କିଡାମ୍ବି ଶ୍ରୀକାନ୍ତ ଚାମ୍ପିଆନ ହୋଇଛନ୍ତି ?
(କ) ଲିନ୍ ଡାନ୍ (ଖ) ସୁନ୍ ୱାନ୍ ହୋ
(ଗ) ଚେନ୍ ଲଙ୍ଗ୍ (ଘ) ଶି ୟୁକି

୭. ଇଂଲାଣ୍ଡରେ ଅନୁଷ୍ଠିତ ୨୦୧୭ର ଚାମ୍ପିଆନ୍ସ ଟ୍ରଫି କ୍ରିକେଟ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ପାକିସ୍ତାନ ଦଳର ଅଧିନାୟକ କିଏ ଥିଲେ ?
(କ) ମହମ୍ମଦ ହାଫିଜ୍ (ଖ) ସର୍ଫରାଜ ଅହମଦ୍
(ଗ) ଅଜହର୍ ଅଲୀ (ଘ) ସୋଏବ୍ ମଲିକ୍

୮. ୨୦୧୭ର ଚାମ୍ପିଆନ୍ସ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ସ୍କୋରର୍ ଭାବେ ଗୋଲଡେନ୍ ବ୍ୟାଟ୍ ପୁରସ୍କାର ପାଇଥିବା ବ୍ୟାଟ୍‌ସମ୍ୟାନ୍ ଜଣକ କିଏ ?
(କ) ରୋହିତ ଶର୍ମା (ଖ) ଶିଖର ଧାଓ୍ୱନ୍
(ଗ) ତମିମ୍ ଇକବାଲ୍ (ଘ) ଫଖର୍ ଜମାନ୍

୯. ୨୦୧୭ର ଚାମ୍ପିଆନ୍ସ ଟ୍ରଫି କ୍ରିକେଟରେ ସର୍ବାଧିକ ୧୩ଟି ୱିକେଟ ନେଇ ଗୋଲଡେନ୍ ବଲ୍ ପୁରସ୍କାର ହାସଲ କରିଥିବା ବୋଲରଙ୍କ ନାମ କ'ଣ ?
(କ) ହସନ୍ ଅଲୀ (ଖ) ଜୋସ୍ ହାଜେଲ୍‌ଉଡ୍
(ଗ) ଜୁନୈଦ୍ ଖାନ୍ (ଘ) ମହମ୍ମଦ ଆମୀର

୧୦. ଭୁବନେଶ୍ୱରରେ ଆୟୋଜିତ ୨୦୧୭ର ଏସିଆନ୍ ଆଥଲେଟିକ୍ସ ଚାମ୍ପିଆନଶିପ୍‌ର 'ମାସ୍କଟ'ର ନାମ କ'ଣ ?
(କ) ମିଲି (ଖ) ରୋଲି (ଗ) ଲାଲି (ଘ) ଓଲି

**ଉତ୍ତର**

୧.(ଖ) ଭୌତିକ, ୨.(ଖ) ପରସ୍ପରର ପ୍ରତିସ୍ଥାପକ, ୩.(ଘ) ୧ରୁ ଅଧିକ, ୪.(ଖ) ଦ୍ରବ୍ୟର ବିଭେଦୀକରଣ, ୫. (ଘ) କୌଣସିଟି ନୁହେଁ, ୬.(କ) ଉପଯୋଗିତା ସୃଷ୍ଟି, ୭.(ଘ) ୨୦ ଟଙ୍କା, ୮.(ଖ) ସ୍ୱାଭାବିକ ଦର, ୯.(ଖ) ଅସ୍ୱାଭାବିକ , ୧୦. (ଘ) ଉପରୋକ୍ତ ସମସ୍ତ

୧.(ଗ) ଦଶମ, ୨.(କ) ଷ୍ଟାନିସ୍ଲାସ୍ ୱାଭ୍ରିଙ୍କା, ୩.(ଘ) ୟଲେନା ଓଷ୍ଟାପେଙ୍କୋ, ୪. (ଖ) ଗାବ୍ରିଏଲା ଡାବ୍ରୋଓ୍ୱସ୍କି, ୫.(ଘ) କିଡାମ୍ବି ଶ୍ରୀକାନ୍ତ, ୬.(ଗ) ଚେନ୍ ଲଙ୍ଗ୍, ୭.(ଖ) ସର୍ଫରାଜ ଅହମଦ୍ ,୮.(ଖ) ଶିଖର ଧାଓ୍ୱନ୍, ୯.(କ) ହସନ୍ ଅଲୀ, ୧୦.(ଘ) ଓଲି

## (୧୫) ସାହିତ୍ୟ, କଳା ଓ ସଂସ୍କୃତି

୧. 'ଏ ହର୍ସ ୱାକ୍‌ସ୍ ଇନ୍‌ଟୁ ଏ ବାର୍' ପୁସ୍ତକ ପାଇଁ ବର୍ଷ ୨୦୧୭ର ମ୍ୟାନ୍ ବୁକର୍ ପୁରସ୍କାର ଜିଣିଥିବା ଲେଖକ ଡେଭିଡ୍ ଗ୍ରସ୍‌ମାନ୍ କେଉଁ ଦେଶର ନାଗରିକ ଅଟନ୍ତି ?
(କ) ଜର୍ମାନୀ (ଖ) ଇସ୍ରାଏଲ (ଗ) କାନାଡ଼ା (ଘ) ନ୍ୟୁଜିଲାଣ୍ଡ

୨. ଇଂରାଜୀରେ ରଚିତ ସାହିତ୍ୟିକ କୃତି କିମ୍ବା ଅନ୍ୟ ଭାଷାରୁ ଇଂରାଜୀକୁ ଅନୁଦିତ କୃତି ସକାଶେ ଉଦ୍ଦିଷ୍ଟ ମ୍ୟାନ୍ ବୁକର୍ ପୁରସ୍କାର କେଉଁ ଦେଶରେ ପ୍ରଦାନ କରାଯାଏ ?
(କ) ଗ୍ରେଟ୍ ବ୍ରିଟେନ୍ (ଖ) କାନାଡ଼ା
(ଗ) ଅଷ୍ଟ୍ରେଲିଆ (ଘ) ଯୁକ୍ତରାଷ୍ଟ୍ର ଆମେରିକା

୩. ଓଡ଼ିଶାର ସାହିତ୍ୟିକ ଶୁଭେନ୍ଦ୍ରମୋହନ ଶ୍ରୀଚନ୍ଦନ ସିଂହ ୨୦୧୭ ପାଇଁ କେଉଁ ପୁରସ୍କାର ସକାଶେ ମନୋନୀତ ହୋଇଛନ୍ତି ?
(କ) ସାହିତ୍ୟ ଅକାଦେମୀ ଅନୁବାଦ ପୁରସ୍କାର
(ଖ) ସାହିତ୍ୟ ଅକାଦେମୀ ବାଲ୍ ସାହିତ୍ୟ ପୁରସ୍କାର
(ଗ) ସାରଳା ପୁରସ୍କାର (ଘ) ଓଡ଼ିଶା ସାହିତ୍ୟ ଅକାଦେମୀ ପୁରସ୍କାର

୪. ଫରାସୀ ଭାଷାରେ ଲିଖିତ 'ଥ୍ରୀ ମସ୍କେଟିୟର୍ସ' ଉପନ୍ୟାସର ରଚୟିତା କିଏ ?
(କ) ଭିକ୍ଟର ହ୍ୟୁଗୋ (ଖ) ଜୁଲ୍ ଭାର୍ନ
(ଗ) ସୁଲୀ ପ୍ରୁଧୋମେ (ଘ) ଆଲେକ୍‌ଜାଣ୍ଡାର ଦୁମା

୫. ବୌଦ୍ଧ ଯୁଗରେ ନିର୍ମିତ ହୋଇଥିବା ବିଶାଳକାୟ ସାଞ୍ଚି ସ୍ତୁପ ଭାରତର କେଉଁ ରାଜ୍ୟରେ ଅବସ୍ଥିତ ?
(କ) ଆନ୍ଧ୍ର ପ୍ରଦେଶ (ଖ) ତେଲେଙ୍ଗାନା
(ଗ) ଛତିଶଗଡ଼ (ଘ) ମଧ୍ୟ ପ୍ରଦେଶ

୬. ସଂଗୀତ ନିର୍ଦ୍ଦେଶନା ପାଇଁ ଓସ୍କାର ପୁରସ୍କାରରେ ସମ୍ମାନିତ ହୋଇଥିବା ଭାରତର ଏକମାତ୍ର ଚଳଚ୍ଚିତ୍ର ସଂଗୀତଜ୍ଞଙ୍କ ନାମ କ'ଣ ?
(କ) ବାପ୍ପି ଲାହିଡ଼ି (ଖ) ଶଙ୍କର ମହାଦେବନ
(ଗ) ଏ. ଆର. ରହମାନ (ଘ) ରବିଶଙ୍କର

୭. ନିମ୍ନଲିଖିତ ମଧ୍ୟରୁ କେଉଁ ବାଦ୍ୟଯନ୍ତ୍ରଟି ଏକ ପାଶ୍ଚାତ୍ୟ ବାଦ୍ୟଯନ୍ତ୍ର ଅଟେ ?
(କ) ତବଲା(ଖ) ତାନପୁରା (ଗ) ସନ୍ତୁର୍ (ଘ) ବେହେଲା

୮. ଇସଲାମ ଧର୍ମାବଲମ୍ବୀମାନେ ରମଜାନ୍ ମାସର ଉପବାସ ପରେ ଯେଉଁ ପର୍ବ ପାଳନ କରନ୍ତି ସେହି ପର୍ବର ନାମ କ'ଣ ?
(କ) ମୁହରମ୍ (ଖ) ଇଦ୍-ଉଲ୍- ଫିତର୍
(ଗ) ଇଦ୍-ଉଲ୍-ଜୁହା (ଘ) ଇଦେ ମିଲାଦୁଲ୍ ନବୀ

୯. ପୁରୀର ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଅନ୍ତିମ ପର୍ବର ନାମ କ'ଣ ?
(କ) ନେତ୍ରୋତ୍ସବ (ଖ) ସୁନା ବେଶ
(ଗ) ଅଧରପଣା (ଘ) ନୀଳାଦ୍ରି ବିଜେ

୧୦. ରଥଯାତ୍ରା ଉତ୍ସବ ସମାପ୍ତ କରି ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ରୀମନ୍ଦିରକୁ ପୁନଃପ୍ରବେଶ କରିବା ସମୟରେ ଆୟୋଜିତ ଲକ୍ଷ୍ମୀ-ନାରାୟଣ ଭେଟରେ ଭୋଗନୈବେଦ୍ୟ ଭାବେ କେଉଁ ମିଷ୍ଟାନ୍ନ ଅର୍ପଣ କରାଯାଏ ?
(କ) ରସଗୋଲା (ଖ) ଛେନାପୋଡ଼ (ଗ) ରସାବଳୀ (ଘ) ଛେନା ଝିଲ୍ଲୀ

## (୧୬) ବାଣିଜ୍ୟ

୧. କେଉଁ ରାଜ୍ୟ ସରକାର 'G- Ride' ଏକ ଡ଼ିଜିଟାଲ୍ ରାଇଡ୍ ସେୟାରିଂ ଆପ୍ ଆରମ୍ଭ କରିଛନ୍ତି ?
(କ) ଆସାମ୍(ଖ) କେରଳ(ଗ) ତାମିଲନାଡୁ (ଘ) ମହାରାଷ୍ଟ୍ର

୨. ଭାରତର କେଉଁଠାରେ ଗ୍ଲୋବାଲ ସ୍କିଲ୍‌ପାର୍କ ପ୍ରତିଷ୍ଠା କରାଯିବ ?
(କ) ଭୋପାଳ(ଖ) ଲକ୍ଷ୍ନୌ(ଗ) ଗୌହାଟୀ (ଘ) ରାଜକୋଟ

୩. ଭାରତର ଉଚ୍ଚତମ ଏୟାର୍ ଟ୍ରାଫିକ୍ କଣ୍ଟ୍ରୋଲ ଟାୱାର କେଉଁ ଏୟାରପୋର୍ଟରେ କାର୍ଯ୍ୟ କରୁଛି ?
(କ) ଶ୍ରୀନଗର ଆନ୍ତର୍ଜାତୀୟ ବିମାନବନ୍ଦର
(ଖ) ଜୟପ୍ରକାଶ ନାରାୟଣ ଆନ୍ତର୍ଜାତୀୟ ବିମାନବନ୍ଦର
(ଗ) ଇନ୍ଦିରାଗାନ୍ଧୀ ଆନ୍ତର୍ଜାତୀୟ ବିମାନବନ୍ଦର
(ଘ) ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଆନ୍ତର୍ଜାତୀୟ ବିମାନବନ୍ଦର

୪. ଭାରତର ୨୦୧୭-୨୦୧୮ଗ୍ରସ୍ ଭାଲ୍ୟୁ ଆଡେଡ୍ ବୃଦ୍ଧିହାରକେତେ ?
(କ) ୭.୧%(ଖ) ୭.୩%(ଗ) ୭.୫% (ଘ) ୭.୬%

୫. 'Textiles India 2017' କେଉଁ ସହରରେ ୩୦ ଜୁନ୍ ୨୦୧୭ ଅନୁଷ୍ଠିତ ହୋଇଛି ?
(କ) ଗାନ୍ଧୀ ନଗର (ଖ) ଭୁବନେଶ୍ୱର
(ଗ) ନୂଆଦିଲ୍ଲୀ (ଘ) ଚେନ୍ନାଇ

୬. ଭାରତର କେଉଁ ରାଜ୍ୟ 2nd Global Skill Devt Summit 2017 Award of Excellence ପାଇଛି ?
(କ) ଉତ୍ତର ପ୍ରଦେଶ(ଖ) ଉତ୍ତରାଖଣ୍ଡ(ଗ) ଆସାମ(ଘ) ମଣିପୁର

୭. କେଉଁ ଭାରତୀୟ କମ୍ପାନୀ ସହ ଷ୍ଟିଲ୍ ମେଟ୍ରୋ କୋଚ୍ ତିଆରି କରିବା ପାଇଁ ଜାପାନ କମ୍ପାନୀ କାୱାସାକି ଚୁକ୍ତି କରିଛି ?
(କ) ଭେଲ୍(ଖ) ଓଏନ୍‌ଜିସି(ଗ) ସେଲ୍ (ଘ) ଟାଟାଷ୍ଟିଲ

୮. ସୁଇସ୍ ବ୍ୟାଙ୍କ ଅର୍ଥନିବେଶରେ ୨୦୧୬ସୁଦ୍ଧା ଭାରତର ସ୍ଥାନ କେତେ ?
(କ) ୮୮(ଖ)୯୦(ଗ) ୧୦୧ (ଘ) କୌଣସିଟି ନୁହେଁ

୯. କେଉଁ ଭାରତୀୟ କମ୍ପାନୀ ପୃଥିବୀର ୧୦୦ଜିବିପିଏସ୍ ସବ୍ ମାରାଇନ୍ କେବୁଲ ବିଛାଉଛି ?
(କ)ଭୋଡ଼ା(ଖ) ଆଇଡିଆ (ଗ) ବିଏସଏନଏଲ(ଘ) ରିଲାଏନ୍ସ ଜିଇଓ

୧୦. ଜିଏସ୍ ଟି ଭାରତରେ କେବେ ଠାରୁ କାର୍ଯ୍ୟ କରୁଛି ?
(କ) ଜୁନ୍ ୨୫ ,୨୦୧୭ (ଖ) ଜୁନ୍ ୩୦ ,୨୦୧୭
(ଗ) ଜୁଲାଇ ୦୧ ,୨୦୧୭ (ଘ) ଜୁଲାଇ୧୦ ,୨୦୧୭

**ଉତ୍ତର**

୧.(ଖ)ଇସ୍ରାଏଲ, ୨.(କ)ଗ୍ରେଟ୍ ବ୍ରିଟେନ୍,୩.(ଖ)ସାହିତ୍ୟ ଅକାଦେମୀ ବାଲସାହିତ୍ୟ ପୁରସ୍କାର,୪.(ଘ)ଆଲେକ୍‌ଜାଣ୍ଡାର ଦୁମା,୫.(ଘ)ମଧ୍ୟପ୍ରଦେଶ,୬.(ଗ)ଏ.ଆର. ରହମାନ,୭.(ଘ)ବେହେଲା,୮.(ଖ)ଇଦ୍-ଉଲ୍-ଫିତର୍,୯.(ଘ)ନୀଳାଦ୍ରି ବିଜେ,୧୦.(କ) ରସଗୋଲା

୧. (ଖ) କେରଳ , ୨.(କ) ଭୋପାଳ, ୩.(ଗ) ଇନ୍ଦିରାଗାନ୍ଧୀ ଆନ୍ତର୍ଜାତୀୟ ବିମାନବନ୍ଦର, ୪. (ଖ) ୭.୩%, ୫.(କ) ଗାନ୍ଧୀ ନଗର, ୬.(ଖ) ଉତ୍ତରାଖଣ୍ଡ, ୭. (କ) ଭେଲ୍, ୮.(କ) ୮୮, ୯.(ଘ) ରିଲାଏନ୍ସ ଜିଇଓ,୧୦.(ଗ) ଜୁଲାଇ ୦୧ ,୨୦୧୭

## (୧୭) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ଭରତର ପ୍ରଥମ ସାଧାରଣ ନିର୍ବାଚନ କେବେ ଅନୁଷ୍ଠିତ ହୋଇଥିଲା ?
(କ) ୧୯୪୯-୫୦ (ଖ) ୧୯୫୦-୫୧
(ଗ) ୧୯୫୧-୫୨ (ଘ) ୧୯୫୬-୫୭

୨. କାହା ଅନୁମୋଦନରେ ଭାରତର ସମ୍ମିଳିତ ପାଣ୍ଠିରୁ ବ୍ୟୟବରାଦ ହୋଇଥାଏ ?
(କ) ସଂସଦ(ଖ)ରାଷ୍ଟ୍ରପତି (ଗ) ପ୍ରଧାନମନ୍ତ୍ରୀ (ଘ) ଅର୍ଥମନ୍ତ୍ରୀ

୩. ଅନୁସୂଚିତ ଜାତି ଓ ଜନଜାତିଙ୍କ ସଂରକ୍ଷଣ କେଉଁ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି ?
(କ)୧୯୯୦(ଖ) ୨୦୦୦ (ଗ) ୨୦୨୦ (ଘ) ୨୦୧୦

୪. ସଂଖ୍ୟାଲଘୁ ସଂପ୍ରଦାୟର ସୁରକ୍ଷା ପାଇଁ ସଂଖ୍ୟାଲଘୁ ଆୟୋଗ ପ୍ରଥମେ କେବେ ସ୍ଥାପିତ ହୋଇଥିଲା ?
(କ) ୧୯୫୬ (ଖ) ୧୯୭୯ (ଗ) ୧୯୮୪ (ଘ) ୧୯୯୨

୫. ପଛୁଆ ବର୍ଗ ପାଇଁ ମଣ୍ଡଳ କମିଶନ କେବେ ଗଠିତ ହୋଇଥିଲା ?
(କ) ୧୯୯୬ (ଖ) ୧୯୭୬ (ଗ) ୧୯୭୮(ଘ) ୧୯୮୭

୬. ସଂଖ୍ୟାଲଘୁ ଆୟୋଗକୁ କେବେ ଆଇନଗତ ମର୍ଯ୍ୟାଦା ଦିଆଗଲା ?
(କ) ୧୯୮୯ (ଖ) ୧୯୯୦ (ଗ) ୧୯୯୧ (ଘ)୧୯୯୨

୭. ସବୁ ସମୟରେ ଭୋଟରଙ୍କର ନାମ ତାଲିକାଭୁକ୍ତ ପାଇଁ କିଏ ଦାୟୀ
(କ) ରାଷ୍ଟ୍ରପତି (ଖ) ନିର୍ବାଚନ ଆୟୋଗ
(ଗ ) କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ (ଘ) ରାଜ୍ୟ ନିର୍ବାଚନ କମିଶନର

୮. ଭାରତର ଆଟର୍ଣ୍ଣି ଜେନେରାଲଙ୍କର କାର୍ଯ୍ୟକାଳ କେତେ ?
(କ) ସାରାଜୀବନ (ଖ) ଛଅବର୍ଷ
(ଗ) ରାଷ୍ଟ୍ରପତି ଚାହୁଁଥିବା ପର୍ଯ୍ୟନ୍ତ (ଘ) ସଂସଦର ଆସ୍ଥାଭାଜନ ଥିବା ପର୍ଯ୍ୟନ୍ତ

୯. ଗୋଟିଏ ରାଜ୍ୟର ଉଚ୍ଚ ନ୍ୟାୟାଳୟ କାହାଦ୍ୱାରା ନିର୍ଦ୍ଦେଶିତ ହୁଏ ?
(କ) ରାଷ୍ଟ୍ରପତି(ଖ) ଭାରତର ଉଚ୍ଚତମ ନ୍ୟାୟଳାୟ
(ଗ) ରାଜ୍ୟପାଳ(ଘ) ଭାରତର ସର୍ବୋଚ୍ଚ ନ୍ୟାୟାଧୀଶ

୧୦ ଜଣେ ବ୍ୟକ୍ତି ଏକାଧିକ ରାଜ୍ୟର ରାଜ୍ୟପାଳ ହୋଇପାରିବେ କି ?
(କ) ହଁ (ଖ) ନାଁ
(ଗ) ମାତ୍ର ଛଅମାସ ପାଇଁ (ଘ) ଏକବର୍ଷ ପାଇଁ

## (୧୮) କମ୍ପ୍ୟୁଟର୍ ଶିକ୍ଷା

୧. ପୃଥିବୀରେ ବ୍ୟବହୃତ ହୋଇଥିବା ସର୍ବପୁରାତନ ଗଣନ ଯନ୍ତ୍ରଟି କଣ ?
(କ) ନାପିଅର ବିଡ୍ସ (ଖ) ଆବାକସ୍
(ଗ) ସ୍ଲାଇଡ୍ ରୁଲ (ଘ) ଷ୍ଟେପ୍ଡ୍ ରେକନର୍

୨. ଜାପାନରେ 'ଆବାକସ୍' କେଉଁ ନାମରେ ପରିଚିତ ଥିଲା ?
(କ) ଆବାକସ୍ (ଖ) ଚିକିୟାମ
(ଗ) ସୁଁ ପାଆନ (ଘ) ସୋରୋବାନ୍

୩. ଲଗାରିଦମ୍ ବ୍ୟବହୃତ 'କ୍ୟାରାକ୍ଟରିଷ୍ଟିକ୍' ଓ 'ମାଣ୍ଟିସା' ଶବ୍ଦର ପ୍ରଚଳକ କିଏ ?
(କ) ହେନେରୀ ବ୍ରିଗ୍ସ (ଖ) ଜନ ନାପିୟର
(ଗ) ବ୍ଲେସେ ପାସ୍କାଲ (ଘ) ୱିଲିୟମ ଅଟରେଡ୍

୪. କମ୍ପ୍ୟୁଟର ବିଜ୍ଞାନର ଜନକ ରୂପେ କେଉଁ ବୈଜ୍ଞାନିକ ପରିଚିତ ?
(କ) ଚାଲର୍ସ ବାବେଜ (ଖ) ଆନାଲ୍ ଟୁରିଂ
(ଗ) ବ୍ଲେସେ ପାସ୍କାଲ (ଘ) ହରମାନ ହୋଲେରିଥ୍

୫. ପୃଥିବୀର ପ୍ରଥମ କମ୍ପୁଟର ପ୍ରୋଗ୍ରାମର କିଏ ?
(କ) ଆନାଲ ଟୁରିଂ (ଖ) ଆଡ଼ା ଲଭ୍ଲେସ
(ଗ) ହରମ୍ୟାନ ହୋଲେରିଥ୍ (ଘ) ସିମର କ୍ରେ

୬. ମ୍ୟାଗ୍ନେଟିକ୍ ଟେପ କେବେ ଉଦ୍ଭାବିତ ହୋଇଥିଲା ?
(କ) ୧୯୪୩ (ଖ)୧୯୪୬ (ଗ) ୧୯୫୧ (ଘ) ୧୯୫୮

୭. କମ୍ପୁଟରରେ ବ୍ୟବହୃତ 'ସିଲିକନ୍ ଚିପ୍ସ' କେଉଁଥିରୁ ତିଆରି ହୋଇଥାଏ ?
(କ) ସିଲିକନ (ଖ) ସିଲିକେଟ୍ (ଗ)ସାଧାରଣ ବାଲି(ଘ) ଜର୍ମାନିୟମ

୮. ତୃତୀୟ ପିଢ଼ିର କମ୍ପୁଟର ଟି କଣ ?
(କ) I B M-360 (ଖ)I B M-1680
(ଗ)C D C-6600 (ଘ) BDC-11

୯. ନିମ୍ନଲିଖିତ କେଉଁଟି ଆନାଲୋଗ ଯନ୍ତ୍ରର ଉଦାହରଣ ?
(କ) ଇଲେକ୍ଟ୍ରୋନିକ ଘଡ଼ି (ଖ) ପେଟ୍ରୋଲ ପମ୍ପ ରିଡିଂ
(ଗ) ସ୍ପିଡୋମିଟର (ଘ) କାଲକୁଲେଟର

୧୦. ଏକ ଘରୋଇ କମ୍ପୁଟର ନିମିତ୍ତ ଜନପ୍ରିୟ ଭାଷା କେଉଁଟି ?
(କ)PASCAL (ଖ)BASIC
(ଗ)COB0L (ଘ) ALGOL

### ଉତ୍ତର

୧.(ଗ) ୧୯୫୧-୫୨ ୨.(କ) ସଂସଦ ୩.(ଗ) ୨୦୨୦, ୪.(ଖ) ୧୯୭୯, ୫.(ଗ )୧୯୭୮ ୬. (ଘ)୧୯୯୨, ୭.(ଖ) ନିର୍ବାଚନ ଆୟୋଗ, ୮(କ)ସାରାଜୀବନ, ୯.(ଖ) ଭାରତର ଉଚ୍ଚ ତମ ନ୍ୟାୟଳାୟ ୧୦.(କ)ହଁ

୧.(ଖ)ଆବାକସ୍ ୨. (ଘ) ସୋରୋବାନ୍,୩.(କ)ହେନେରୀବ୍ରିଗ୍ସ, ୪(କ) ଚାଲର୍ସବାବେଜ, ୫. (ଖ) ଆଡ଼ା ଲଭ୍ଲେସ, ୬.(ଖ)୧୯୪୬, ୭. (ଗ)ସାଧାରଣ ବାଲି, ୮.(କ) IB M-360 ୯.(ଗ) ସ୍ପିଡୋମିଟର, ୧୦.(ଖ)BASIC

## (୧୯) ଗାଣିତିକ ପ୍ରଶ୍ନାବଳୀ

୧. ଏକ ପିଣ୍ଟ୍ ତରଳ ମାନେ କେତେ ?
(କ) ୧ ଲିଟର (ଖ) ୫୭୦ ମିଲି.ଲି.
(ଗ) ୫୦୦ ମିଲି.ଲି. (ଘ) ୨୦୦ ମିଲି.ଲି.

୨. ଜଳପ୍ରବାହ ମାପ କରିବାର ଏକକ କ'ଣ ?
(କ) ଲିଟର (ଖ) ବ୍ୟାରେଲ୍ (ଗ) କ୍ୟୁସେକ୍ (ଘ) ପିଣ୍ଟ୍

୩. ଭୂପୃଷ୍ଠରୁ ସୂର୍ଯ୍ୟର କୌଣିକ ଉନ୍ନତି କେଉଁ ଉପକରଣ ସହାୟତାରେ ମାପ କରାଯାଇଥାଏ ?
(କ) ପେଣ୍ଟୋଗ୍ରାଫ (ଖ) ଥିଓଡ଼ୋଲାଇଟ୍
(ଗ) ଇଣ୍ଟିଗ୍ରେଟର (ଘ) ସେକ୍‌ଷ୍ଟାଣ୍ଟ

୪. କୌଣସି ଜ୍ୟାମିତି ଛବିର ବର୍ଦ୍ଧିତ ବା ସଙ୍କୁଚିତ ନକଲ ଅଙ୍କନ ପାଇଁ କେଉଁ ଉପକରଣ ବ୍ୟବହୃତ ହୋଇଥାଏ ?
(କ) ସେକ୍‌ଷ୍ଟାଣ୍ଟ (ଖ) ବିମ୍ କମ୍ପାସ
(ଗ) ପାଣ୍ଟୋଗ୍ରାଫ (ଘ) ବୋ କମ୍ପାସ

୫. କେଉଁ ସଂଖ୍ୟାଟି କ୍ଷୁଦ୍ରତମ ଯୁଗ୍ମ ମୌଳିକ ସଂଖ୍ୟା ?
(କ) ୦ (ଖ) ୧ (ଗ) ୨ (ଘ) ୪

୬. ସବୁଠାରୁ କ୍ଷୁଦ୍ର ଅଯୁଗ୍ମ ଯୌଗିକ ସଂଖ୍ୟାଟି କଣ ?
(କ) ୦ (ଖ) ୧ (ଗ) ୪ (ଘ) ୯

୭. ଦୁଇଟି ପରସ୍ପର ପରିପୂରକ କୋଣର ସମଷ୍ଟି କେତେ ?
(କ) ୪୫° (ଖ) ୯୦° (ଗ) ୧୮୦°(ଘ) ୩୬୦°

୮. ଏକ ସୂକ୍ଷ୍ମକୋଣର ପରିପୂରକ କୋଣ କି ପ୍ରକାରର କୋଣ ?
(କ) ସମକୋଣ (ଖ) ସୂକ୍ଷ୍ମକୋଣ (ଗ) ସ୍ଥୂଳକୋଣ (ଘ) ପ୍ରବୃଦ୍ଧକୋଣ

୯. ଗୋଟିଏ ଅର୍ଦ୍ଧ-ଗୋଲକ ଆକୃତି ବିଶିଷ୍ଟ ପଥରରୁ କାଟି ତିଆରି କରାଯାଇପାରୁଥିବା ସବୁଠାରୁ ବଡ଼ କୋନ୍‌ର ଘନଫଳ ଓ ଅର୍ଦ୍ଧ-ଗୋଲକାର ଘନଫଳର ଅନୁପାତ କେତେ ?
(କ) ୧:୨ (ଖ) ୨:୧ (ଗ) ୩:୧ (ଘ) କୌଣସିଟି ନୁହେଁ

୧୦. r ଏକକ ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତରେ ଅନ୍ତର୍ଲିଖିତ ବର୍ଗକ୍ଷେତ୍ରର କ୍ଷେତ୍ରଫଳ କେତେ ?
(କ) $r^2$ (ଖ) $2r^2$ (ଗ) $r^2$ (ଘ) କୌଣସିଟି ନୁହେଁ

## (୨୦) ସାଧାରଣ ବିଜ୍ଞାନ

୧. ବୈଦ୍ୟୁତିକ ସଙ୍କେତକୁ କେଉଁ ଉପକରଣ ସାହାଯ୍ୟରେ ଦୃଶ୍ୟମାନ ସଙ୍କେତରେ ପରିଣତ କରାଯାଇଥାଏ ?
(କ) ଟ୍ରାନ୍ସପଣ୍ଡର (ଖ) ମଡ଼େମ୍(ଗ)ମଡ୍ୟୁଲେଟର (ଘ))ସିଡିଆର

୨. ଟେଲିଭିଜନରେ ବ୍ୟବହୃତ ଟ୍ୟୁବ୍ କାର୍ଯ୍ୟକାରୀ ହେବାପାଇଁ କେତେ ବିଦ୍ୟୁତ୍ ବିଭବ ଆବଶ୍ୟକ କରେ ?
(କ) ୨୨୦ ଭୋଲ୍ଟ(ଖ) ୧୦ ରୁ ୨୦ କିଲୋ ଭୋଲ୍ଟ (ଗ) ୨୦ ରୁ ୨୫ କିଲୋ ଭୋଲ୍ଟ (ଘ) ୨୫ କିଲୋ ଭୋଲ୍ଟରୁ ଅଧିକ

୩. ସ୍ୱ-ପରିଚାଳିତ ଶୃଙ୍ଖଳ ପ୍ରକ୍ରିୟାପାଇଁ ଆବଶ୍ୟକ ୟୁରାନିୟମ୍‌ର ସଙ୍କଟ ଗୋଲକର ବ୍ୟାସ ଅତି କମ୍‌ରେ କେତେ ରହିବା ଆବଶ୍ୟକ ?
(କ) ୧୮ ସେ.ମି (ଖ) ୨୭ ସେ.ମି
(ଗ) ୩୨ ସେ.ମି (ଘ) ୫୪ ସେ.ମି

୪. ପୃଥିବୀର ପ୍ରଥମ ପରମାଣୁ ରିଆକ୍ଟର କେବେ ନିର୍ମିତ ହୋଇଥିଲା ?
(କ) ୧୯୩୮ (ଖ) ୧୯୪୨ (ଗ) ୧୯୪୫ (ଘ) ୧୯୫୭

୫. କେଉଁ ବୈଜ୍ଞାନିକଙ୍କ କବର ଉପରେ ଏକ ସିଲିଣ୍ଡର ମଧ୍ୟରେ ଏକ ଗୋଲକ ଭର୍ତ୍ତିକରି ରଖାଯାଇଥିଲା ?
(କ) ପିଥାଗୋରାସ୍ (ଖ) ୟୁକ୍ଲିଡ଼ (ଗ) ଆର୍କମେଡ଼ିସ୍ (ଘ) ଆରିଷ୍ଟୋଟଲ

୬. କେଉଁ ଭାରତୀୟ ବୈଜ୍ଞାନିକଙ୍କ ରଚିତ ଗ୍ରନ୍ଥରୁ ବିମାନ ନିର୍ମାଣ ସମ୍ପର୍କରେ ଧାରଣା ମିଳେ ?
(କ) କଣାଦ (ଖ) ବ୍ରହ୍ମଗୁପ୍ତ (ଗ) ଆର୍ଯ୍ୟଭଟ୍ଟ (ଘ) ଭରଦ୍ୱାଜ

୭ ସେଲ୍‌ଫୋନ କେଉଁ ବୈଜ୍ଞାନିକ ଉଦ୍ଭାବନ କରିଥିଲେ ?
(କ) ଜନ୍ ବାଉନିଙ୍ଗ୍ (ଖ)ଜାକୁଏସ୍ ବ୍ରାଣ୍ଡେନବର୍ଗର
(ଗ) ଜାକୋବ ସ୍ୱିକ୍ (ଘ) ଆରନେଷ୍ଟ ସ୍ୱିଣ୍ଟନ୍

୮. ଟଙ୍ଗଷ୍ଟେନ୍ ତନ୍ତୁବିଶିଷ୍ଟ ବିଦ୍ୟୁତ୍ ବଲବ୍ କିଏ ଉଦ୍ଭାବନ କରିଥିଲେ ?
(କ) ଥମାସ ଆଲଭା ଏଡିସନ୍ (ଖ) ହାନ୍‌ସ ଗିଜର
(ଗ) ଇରଭିଙ୍ଗ ଲାଙ୍ଗମୁଇର୍ (ଘ) ଜନ୍ ଫ୍ଲେମିଙ୍ଗ

୯. ଚନ୍ଦ୍ର ଅଭିଯାନରେ କେଉଁ ରକେଟ ବ୍ୟବହୃତ ହୋଇଥିଲା ?
(କ) ଏରିଆନ୍ (ଖ) ଡେଲ୍ଟୋ (ଗ) ପ୍ରୋଟନ (ଘ) ସାଟର୍ଣ୍ଣ

୧୦.ସୂର୍ଯ୍ୟରେ ମୁଖ୍ୟତଃ କେଉଁ ମୌଳିକ ପଦାର୍ଥ ଅଧିକ ପରିମାଣରେ ରହିଛି ?
(କ) ଉଦ୍‌ଜାନ (ଖ) ହିଲିୟମ (ଗ) କାର୍ବନ (ଘ) ଯବକ୍ଷାରଜାନ

**ଉତ୍ତର**

୧. (ଖ) ୫୭୦ ମିଲି.ଲି. ,୨.(ଗ) କ୍ୟୁସେକ୍ ୩.(ଘ) ସେକ୍‌ଷ୍ଟାଣ୍ଟ (ଘ) ସେକ୍‌ଷ୍ଟାଣ୍ଟ , ୪. (ଗ) ପାଣ୍ଟୋଗ୍ରାଫ, ୫.(ଗ) ୨ , ୬. (ଘ) ୯, ୭(ଗ) ୧୮୦°.,୮(ଗ) ସ୍ଥୂଳକୋଣ , ୯.(କ) ୧:୨, ୧୦.(ଖ) $2r^2$

୧.(ଘ) ସିଡିଆର, ୨.(ଗ) ୨୦ ରୁ ୨୫ କିଲୋ ଭୋଲ୍ଟ , ୩.(କ) ୧୮ ସେ.ମି ,୪(ଖ) ୧୯୪୨, ୫.(ଗ) ଆର୍କମେଡ଼ିସ୍ , ୬.(ଘ) ଭରଦ୍ୱାଜ , ୭.(ଖ)ଜାକୁଏସ୍ ବ୍ରାଣ୍ଡେନବର୍ଗର, ୮.(ଗ) ଇରଭିଙ୍ଗ ଲାଙ୍ଗମୁଇର୍ ୯.(କ) ଏରିଆନ୍ ୧୦.(କ)ଉଦ୍‌ଜାନ

# ବିବିଧ ପ୍ରଶ୍ନାବଳୀ

୧.ଇସ୍ରୋର ସବୁଠାରୁ ଓଜନିଆ ରକେଟ୍ ଜିଏସ୍ଏଲଭି ମାର୍କ ୩- ଡ଼ି ୧ର ଓଜନ କେତେ? - ୬୪୦ ଟନ୍

୨. ସମୁଦ୍ର ଆଇନ ସଂକ୍ରାନ୍ତ ଜାତିସଂଘ ନ୍ୟାୟିକ ସଂସ୍ଥାର ସଦସ୍ୟ ଭାବରେ କେଉଁ ପ୍ରଥମ ଭାରତୀୟ ମହିଳା ମନୋନୀତ ହୋଇଛନ୍ତି?- ନିରୁ ଚଡ଼ା

୩. ନ୍ୟାସନାଲ୍ ପେନସନ୍ ସ୍କିମ୍ ଯୋଜନାରେ କେତେ ଶତକଡ଼ା ଟଙ୍କା ଉଠାଣ ଉପରେ ଆୟକର ଲାଗିବ ନାହିଁ? - ୪୦%

୪. ପ୍ରଥମ ବ୍ରିକ୍ସ ଗେମ୍ସ ୨୦୧୭ କେଉଁ ଦେଶରେ ଅନୁଷ୍ଠିତ ହେବ? - ଚାଇନା

୫. ବିଶ୍ୱ ରିଫ୍ୟୁଜି ଦିବସ କେବେ ପାଳନ କରାଯାଏ?- ଜୁନ୍୨୦

୬. ଜି.ଏସ୍.ଟି ପ୍ରମୋସନ୍ କରିବା ପାଇଁ କିଏ ଆମ୍ବାସଡ଼ର୍ ଭାବେ ନିଯୁକ୍ତି ପାଇଛନ୍ତି? - ଅମିତାଭ ବଚ୍ଚନ

୭. ଇଣ୍ଟରନାସ୍‌ନାଲ୍ କୋର୍ଟ୍ ଅଫ୍ ଜଷ୍ଟିସ୍‌ର ଜଜ୍ ଭାବରେ କାହାକୁ ପୁନଃ ମନୋନୀତ କରାଯାଇଛି? - ଦଲ୍‌ଭିର୍ ଭଣ୍ଡାରି

୮. ୨୦୧୭ ଭୂପେନ୍ ହଜାରିକା ଜାତୀୟ ପୁରସ୍କାର କିଏ ପାଇଛନ୍ତି? - ୟେସି ଡୋରଜି ଠୋଙ୍ଗଚି

୯. ୨୦୧୭ ମ୍ୟାନ୍ ବୁକ୍‌ର ଇଣ୍ଟରନାସନାଲ୍ ପ୍ରାଇଜ୍ କିଏ ପାଇଛନ୍ତି? - ଡ୍ରାଭିଡ଼୍ ଗ୍ରୋସ୍‌ମ୍ୟାନ୍

୧୦. କେଉଁ ଆଇ.ଆଇ.ଟି. ପିଟି ଉଷାଙ୍କୁ ସମ୍ମାନଜନକ ଡ଼କ୍ଟରେଟ୍ ଉପାଧି ପ୍ରଦାନ କରିବେ? - କାନ୍‌ପୁର

୧୧. ଗ୍ଲୋବାଲ୍ ଇନୋଭେସନସ୍ ଇଣ୍ଡେକ୍ସ୨୦୧୭ରେ ଭାରତର ସ୍ଥାନ କେତେ? - ୬୦

୧୨. 'ଯୁଗ ପୁରୁଷ ଭାରତରତ୍ନ ଅଟଳ ଜି' ପୁସ୍ତକର ରଚୟିତା କିଏ? - ରମେଶ ପୋଖ୍ରୀୟାଲ୍

୧୩. କେଉଁ ରାଜ୍ୟ ସରକାର ଗାଈଗୋରୁ ବିକ୍ରୟ ପାଇଁ ପଶୁ ବଜାର ୱେବସାଇଟ୍ ଆରମ୍ଭ କରିଛନ୍ତି? - ତେଲେଙ୍ଗାନା

୧୪. ୨୦୧୭ ଲିଟିଲ୍ ମିସ୍ ୟୁନିଭର୍ସ ପଦ୍ମାଳୟା ନନ୍ଦ କେଉଁ ପ୍ରଦେଶର ଅଟନ୍ତି? - ଓଡ଼ିଶା

୧୫. କେଉଁ ରାଜ୍ୟରେ ସବୁଠାରୁ ଅଧିକ ଶିଶୁ ଶ୍ରମିକ ୨୦୧୭ ରିପୋର୍ଟ ଅନୁସାରେ ଅଛନ୍ତି? - ଉତ୍ତର ପ୍ରଦେଶ

୧୬. କେଉଁ ସହରରେ ଭାରତର ପ୍ରଥମ ଭୂଜଳ ମେଟ୍ରୋ ଟନେଲ ପ୍ରତିଷ୍ଠା କରାଯିବ? - କୋଲକାତା

17. 'Indira Gandhi-A life in Nature' ପୁସ୍ତକର ରଚୟିତା କିଏ? - ଜୟରାମ ରମେଶ

୧୮. କବି ଅନନ୍ତ ପଟ୍ଟନାୟକ ସାହିତ୍ୟ ସମ୍ମାନ କିଏ ପାଇବେ? - କବି ରାଜେନ୍ଦ୍ର କିଶୋର ପଣ୍ଡା

୧୯. ବିଜୁ ପଟ୍ଟନାୟକ ବିଜ୍ଞାନ ଉତ୍କର୍ଷ ପୁରସ୍କାର କିଏ ଲାଭ କରିଛନ୍ତି? - ବୈଜ୍ଞାନିକ ଲଳିତ ମୋହନ ପଟ୍ଟନାୟକ

୨୦. କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଯୁବ ପୁରସ୍କାର ପାଇଁ କିଏ ମନୋନୀତ ହୋଇଛନ୍ତି? - ସୂର୍ଯ୍ୟସ୍ନାତ ତ୍ରିପାଠୀ

୨୧. ଫିଚ୍ ରେଟିଙ୍ଗସରେ ଭାରତର ଜି.ଡ଼ି.ପି ଗ୍ରୋଥ୍ ୨୦୧୮- ୧୯ରେ କେତେ ହେବ ଏବଂ ଏଠ ୨୦୧୯- ୨୦ରେ କେତେ? - ଗ୍ରୋଥ୍- ୭.୪%ରୁ ୭.୫%, ୭.୬%

୨୨. ୨୦୧୭ ବାଲ ସାହିତ୍ୟ ପୁରସ୍କାର କିଏ ଲାଭ କରିଛନ୍ତି? - ଶୁଭେନ୍ଦୁ ମୋହନ ଶ୍ରୀଚନ୍ଦନ

୨୩. ମିଳିତ ଜାତିସଂଘର ଟି.ଆଇ.ଆର. କନ୍‌ଭେନ୍‌ସନ୍ ରେ ଭାରତର ସ୍ଥାନ କେତେ? - ୭୧ତମ

୨୪. ଓନ୍‌ଜିସିର ନୂଆ ଅଧ୍ୟକ୍ଷ ରୂପେ କିଏ ନିଯୁକ୍ତି ପାଇବେ? -ଶଶି ଶଙ୍କର

୨୫. କେନ୍ଦ୍ର ସରକାର କ୍ଷୁଦ୍ର ସଞ୍ଚୟ ଯୋଜନା ଉପରେ କେତେ ବେସିସ୍ ପଏଣ୍ଟ ସୁଧ ହ୍ରାସ କରାଯାଇଛି? - ୦.୧୦%

୨୬. ୧୫ତମ ଆଟର୍ଣ୍ଣି ଜେନେରାଲ ରୂପେ କିଏ ନିଯୁକ୍ତି ପାଇଛନ୍ତି? - କେ କେ ଭେନୁଗୋପାଲ

୨୭. ଭାରତର ନିର୍ବାଚନ କମିଶନର ରୂପେ କିଏ ନିଯୁକ୍ତି ପାଇଛନ୍ତି? - ଅଚଳ କୁମାର ଜ୍ୟୋତି

୨୮. ୨୦୧୭ ଡ୍ରି ଫେଷ୍ଟିଭାଲ କେଉଁ ରାଜ୍ୟରେ ଅନୁଷ୍ଠିତ ହେବ? - ଅରୁଣାଞ୍ଚଳ ପ୍ରଦେଶ

୨୯. ପ୍ରଥମ ସେଭ୍ ପବ୍ଲିକ୍ ସେକ୍ଟର ବ୍ୟାଙ୍କସ୍ ଡ଼େ ଭାରତରେ କେବେ ପାଳନ କରାଗଲା? - ଜୁଲାଇ ୧୯

୩୦. ଆଇ.ଆଇ.ଏମ୍ ଅମୃତସରର ନୂଆ ଅଧ୍ୟକ୍ଷ ରୂପେ କିଏ ନିଯୁକ୍ତି ପାଇଛନ୍ତି? - ସଞ୍ଜୟ ଗୁପ୍ତା

୩୧.ସର୍ବିଆର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ରୂପେ କିଏ ନିଯୁକ୍ତି ପାଇଛନ୍ତି? -ଆନ୍ନା ବ୍ରାନାବିକ୍

୩୨. ଭାରତୀୟ କେଉଁ ଏନ୍.ଜି.ଓ ୨୦୧୭ ୟୁଏନ୍‌ଡ଼ିପି ଇକ୍ୱେଟର ପ୍ରାଇଜ ପାଇଛି? - ସ୍ୱୟଂ ଶିକ୍ଷାନ୍ ପ୍ରୟୋଗ

୩୩. ୨୦୧୭ ଫିଫା କନ୍‌ଫେଡ଼େରେସନ୍ କପ୍ କେଉଁ ଫୁଟ୍‌ବଲ୍ ଟିମ୍ ଲାଭ କରିଛି? - ଜର୍ମାନୀ

୩୪. ୨୦୧୭ବିଶ୍ୱ ଶ୍ରେଷ୍ଠ ଜ୍ୟୋତିଷ ପୁରସ୍କାର କିଏ ପାଇଛନ୍ତି? - ଟି.ଏସ୍.ବିନିଥ୍ (ହାଇଦ୍ରାବାଦ୍)

୩୫. ୟୁଏସ ଆଇ ବିସି ଗ୍ଲୋବାଲ ଲିଡରସିପ୍ ଆୱାର୍ଡ ୨୦୧୭କିଏ ପାଇଛନ୍ତି? -ଆଦି ଗୋଦରେଜ୍

## ଦେବଗଡ଼ ଜିଲ୍ଲା




୧. ଜିଲ୍ଲାର ନାମ - ଦେବଗଡ଼

୨. କ୍ଷେତ୍ରଫଳ - ୨୯୪୦ବର୍ଗ.କି.ମି

୩. ଜନସଂଖ୍ୟା - ୩୧୨୧୬୪

(କ) ପୁରୁଷ - ୧୫୮୦୧୭

(ଖ) ସ୍ତ୍ରୀ - ୧୫୪୧୪୭

୪. ୧୦୦୦ପୁରୁଷରେ ମହିଳା ସଂଖ୍ୟା-୯୭୬

୫. ସାକ୍ଷରତା ହାର - ୭୩.୦୭%

୬. ଉପଖଣ୍ଡ - ୦୧

୭. ତହସିଲ - ୦୩

୮. ବ୍ଲକ୍ - ୦୩

୯. ମ୍ୟୁନିସିପାଲିଟି - ୦୧

୧୦. ଏନ.ଏ.ସି. - ୦୦

୧୧. ଗ୍ରାମ ପଞ୍ଚାୟତ - ୬୦

୧୨. ଗ୍ରାମ - ୮୭୮

୧୩. ଥାନା - ୫

୧୪. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.-

୧୫. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୦୧
୧୯- ଦେବଗଡ଼

୧୬. ନିଆଁଲିଭା କେନ୍ଦ୍ର -୦୨

୧୭. ସାଧାରଣ ବୃଷ୍ଟିପାତ - ୧୫୮୨.୫ମି.ମି.

୧୮.ପର୍ଯ୍ୟଟନ ସ୍ଥଳୀ-ପଧାନପାଟ,କୈଳାସ

## ପର୍ବପର୍ବାଣୀ

### ଜୁଲାଇ,୨୦୧୭

ତା୧ - ପର୍ଶୁରାମାଷ୍ଟମୀ
ତା୨ - ନବମୀର ସନ୍ଧ୍ୟାଦର୍ଶନ
ତା୩ - ବାହୁଡ଼ା ଯାତ୍ରା
ତା୪ - ସୁନାବେଶ
ତା୫ - ଗରୁଡ଼ ଶୟନ ଓ ଅଧରପଣା
ତା୭ - ଶିବଶୟନୋତ୍ସବ ଓ ଶିବଚତୁର୍ଦ୍ଦଶୀ
ତା୮ - ଚନ୍ଦ୍ରପୂଜା ଓ ଉପବାସ
ତା୯ - ବ୍ୟାସ ପୂର୍ଣ୍ଣିମା
ତା୧୦ - ଶରଣ ଆରମ୍ଭ
ତା୧୪ - ମନସା ପଞ୍ଚମୀ ଓ ଶରଣ ଶେଷ
ତା୧୫ - ମାସାନ୍ତ
ତା୧୬ - ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି ଓ ହଳ ନିଷେଧ
ତା୧୯ - କାମଦା ଏକାଦଶୀ ଓ ହଳ ନିଷେଧ
ତା୨୨ - ଶିବଚତୁର୍ଦ୍ଦଶୀ, ଚନ୍ଦ୍ରକ୍ଷୟ ଓ ଗୃହିଣୀଂ ଚିତାଉ ଲାଗି
ତା୨୩ - ଚିତାଉ ଅମାବାସ୍ୟା, ଶ୍ରୀମନ୍ଦିରରେ ଚିତ୍ରକ ପର୍ବ
ତା୨୪ - ଚନ୍ଦ୍ରଦର୍ଶନ, ପୂଜା ଓ ଉପବାସ
ତା୨୭ - ଗୌରୀ ପଞ୍ଚମୀ

ବିବାହ-୨, ୩
ବ୍ରତ-୩

### ଅଗଷ୍ଟ,୨୦୧୭

ତା୨ - ଶ୍ରୀମନ୍ଦିରରେ ଝୁଲଣ ଆରମ୍ଭ
ତା୩ - ପୁତ୍ରଦା ଏକାଦଶୀ, ଲକ୍ଷ୍ମୀନାରାୟଣ ଏକାଦଶୀ
ତା୪ - ବିଷ୍ଣୁ ପବିତ୍ରାରୋପଣ ଓ ଆଖେଟକ ପର୍ବ
ତା୬ - ଚତୁର୍ଦ୍ଦଶୀ, ଉପବାସ, ବେଢ଼ା ଓ ଶରଣ ଆରମ୍ଭ
ତା୭ - ଚନ୍ଦ୍ରଗ୍ରହଣ, ଗହ୍ମା ପୂର୍ଣ୍ଣିମା, ରକ୍ଷା ବନ୍ଧନ
ତା୮ - ଝୁଲଣ ଶେଷ
ତା୯ - ବୁଧିବାମନ ଓଷା ଆରମ୍ଭ
ତା୧୩ - ଖୁଦୁରୁକୁଣୀ ଓଷା ଆରମ୍ଭ
ତା୧୪ - ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ
ତା୧୫ - ସ୍ୱାଧିନତା ଦିବସ,ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ
ତା୨୧ - ସପ୍ତପୁରୀ ଅମାବାସ୍ୟା
ତା୨୩ - ଚନ୍ଦ୍ରଦର୍ଶନ, ପୂଜା ଓ ଉପବାସ
ତା୨୪ - ବାଲି ତୃତୀୟା
ତା୨୫ - ଶ୍ରୀ ଗଣେଶ ଚତୁର୍ଥୀ ଓ ଉମା ଚତୁର୍ଥୀ
ତା୨୬ - ନୂଆଖାଇ ପର୍ବ
ତା୨୭ - ଷଷ୍ଠୀ ଓଷା ଓ ସୋମନାଥ ବ୍ରତାରମ୍ଭଃ
ତା୨୮ - ଲଳିତା ସପ୍ତମୀ ଓ କୁକ୍କୁଟୀ ବ୍ରତ
ତା୨୯ - ଶ୍ରୀରାଧାଷ୍ଟମୀ ଓ ଶ୍ରୀଦୁର୍ଗାଶୟନୋତ୍ସବ
ତା୩୦ - ତାଳ ନବମୀ
ତା୩୧ - ସୁଦଶା ବ୍ରତ

## ବିଭିନ୍ନ ଦିବସ ପାଳନ

### ଜୁଲାଇ,୨୦୧୭

ତା ୦୧ - ଜାତୀୟ ଚିକିତ୍ସକ ଦିବସ
ତା ୦୮ - ଲେଖକ ଦିବସ
ତା ୧୧ - ବିଶ୍ୱ ଜନସଂଖ୍ୟା ଦିବସ
ତା ୧୨ - ମାଲାଲା ଦିବସ
ତା ୨୭ - କାର୍ଗିଲ ବିଜୟ ଦିବସ
ତା ୨୮ - ବିଶ୍ୱ ହେପାଟାଇଟିସ୍ ଦିବସ
ତା ୨୯ - ଆନ୍ତର୍ଜାତୀୟ ବ୍ୟାଘ୍ର ଦିବସ
ତା ୩୦ - ଆନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ

### ଅଗଷ୍ଟ,୨୦୧୭

ତା ୦୧ -ବିଶ୍ୱ ସ୍ତନ୍ୟପାନ ସପ୍ତାହ
ତା ୦୨ - ସଂସ୍କୃତ ଦିବସ
ତା ୦୬ - ବିଶ୍ୱ ଶାନ୍ତି ଦିବସ
ତା ୦୭ - ଜାତୀୟ ହସ୍ତତନ୍ତ ଦିବସ
ତା ୦୯ - ଅଗଷ୍ଟକ୍ରାନ୍ତି ଦିବସ
ତା ୧୨ - ଆନ୍ତର୍ଜାତିକ ଯୁବ ଦିବସ
ତା ୧୩ - ଆନ୍ତର୍ଜାତୀୟ ବାମ-ହସ୍ତ-ଚାଳନା ଦିବସ
ତା ୧୫ - ସ୍ୱାଧୀନତା ଦିବସ
ତା ୧୯ - ବିଶ୍ୱ ମାନବୀୟ ଦିବସ
-ବିଶ୍ୱ ଫଟୋଗ୍ରାଫି ଦିବସ
ତା ୨୦ - ସଦ୍‌ଭାବନା ଦିବସ
ତା ୨୧ - ବିଶ୍ୱ ଫେସନ୍ ଦିବସ
ତା ୨୯ - ଜାତୀୟ କ୍ରୀଡ଼ା ଦିବସ

# USHA KIRAN

(A New Way of Life)

A New Way of Life

Regd. No.- 41141402217

Plot No - 349, Madhusudan Nagar,
New Bus Stand, Khordha- 752056
(A Govt. of Odisha Registered Farm)

## ADMISSION FOR SESSION: 2017-19

# B.Ed. (Regular)



### Acharya Nagarjuna University

Guntur, Andhra Pradesh

(NCTE Recognised and Equivalent to Utkal University & Berhampur University)

## ELIGIBILITY

- 50% (General) at Graduation Level.
- 40% (SC, ST, OBC) at Graduation Level.
- Any Bachelor Degree (Arts, Science, Commerce).

Course Duration 2 Years

## FACILITIES

- Coaching Classes
- Practice Work
- Study Materials
- Classes by Expert Faculties
- Guidance for OTET, CTET & OSSTET by Expert Faculties


We take all the Responsibilities regarding Transportation, Accommodation & Fooding during Semester Examinations.

**Successfully Running Since 2013**

Contact : 9437635135, 9438038835
E-mail : uk.anewwayoflife@gmail.com

Postal Regd. No. : PURI-33/2016-18

Volume- 8 ★ Issue No-01★ Monthly ★ July - 2017 ★ RNI Regn. No. 107608/2010 ★Pages-52



# ବାମନ ବାବୁଙ୍କ ସ୍ମୃତି ଉଦ୍ଦେଶ୍ୟରେ

ଗ୍ରାମ-ପଦନପୁର, ପୋ-ଭୀମପୁର, ଜିଲ୍ଲା-ଖୋର୍ଦ୍ଧା ଜଣେ ଲୋକପ୍ରିୟ ଓଡିଶୀ ସଂକୀର୍ତ୍ତନ ବାୟକ ୭୮ ବର୍ଷ ବୟସରରେ ତାଙ୍କର ଦେହାନ୍ତ ହେଲା । ପ୍ରାୟ ୧୬ ବର୍ଷ ବୟସରୁ ସଂକୀର୍ତ୍ତନ ବାୟକ ରୂପେ ଶିକ୍ଷା ଅର୍ଜନ କରି ଗୁରୁ ଭାବରେ ଅନେକ ଶିଷ୍ୟ ସୃଷ୍ଟି କରିଥିଲେ। ତାଙ୍କର ୬୨ ବର୍ଷ ଅଭ୍ୟାସରେ ତାଳ, ମାନ ଓ ଦଳ ସଂଚାଳନରେ ନିପୁଣତା ପରିଲିକ୍ଷିତ ହୋଇଥିଲା । ତାଙ୍କର ବିୟୋଗ ଆଜି ନିଜର ଆତ୍ମୀୟସ୍ୱଜନ, ସଂକୀର୍ତ୍ତନ ପ୍ରେମୀ ତଥା କଳାକାରମାନଙ୍କ ମଧ୍ୟରେ ବିଷାଦର ଛାୟା ଆଣି ଦେଇଛି । ନିଜ ଗାଁର ସମ୍ମାନ ପାଇଁ ସେ ଅହରହ କାର୍ଯ୍ୟକରି ଆସିଥିଲେ ।

**ସ୍ୱର୍ଗତ ବାମନ ଚରଣ ମହାନ୍ତି**

**ଜନ୍ମ-୦୧.୦୬.୧୯୩୯**

**ଦେହାନ୍ତ-୦୨.୦୭.୨୦୧୭**

ଶ୍ରୀ ବାମନ ଚରଣ ମହାନ୍ତିଙ୍କ ବିୟୋଗ ପଦନପୁର ପଞ୍ଚାୟତ ପାଇଁ ଏକ ଅପୂରଣୀୟ କ୍ଷତି ତା'ଙ୍କର ସଂକୀର୍ତ୍ତନ ବାୟକ ହିସାବରେ କଳା ପ୍ରଦର୍ଶନକୁ ପ୍ରଶଂସା ନ କରି ରହି ହେବ ନାହିଁ ।

**ଶ୍ରୀ ସୁକାନ୍ତ କୁମାର ପରିଡ଼ା, ସରପଞ୍ଚ, ପଦନପୁର ପଞ୍ଚାୟତ**

ମୁଁ  ବାମନ ଭାଇଙ୍କ ସହିତ ସଂକୀର୍ତ୍ତନ କରିବାର ସୁଯୋଗ ପାଇଛି । ବାୟକ ହିସାବରେ ସେ ବହୁତ ଗୁଡିଏ ତାଳ ଓ ମାନ ଉପରେ ତାଙ୍କର  ଦଖଲ ଥିଲା ।

**ଶ୍ରୀ ଜଗୁଲି ପ୍ରଧାନ, ଷଣ୍ଡପୁର, ନିଖିଳ ଓଡିଶା ସଂକୀର୍ତ୍ତନ ସଂଘ**

ବାମନ ଭାଇଙ୍କ ପ୍ରତି ମୋ'ର ତଥା ମୋ ପରିବାରର ଏକ ଭଲ ପାଇବା ଥିଲା ଓ ରହିବ । ମୋ'ର ହେତୁ ପାଇଲାଠାରୁ ମୁଁ କେବଳ ତାଙ୍କର ଭଲ ପାଇବା ଦେଖିଛି । ଜଗନ୍ନାଥ ତାଙ୍କର ଅମର ଆତ୍ମାର ସଦ୍‌ଗତି କରନ୍ତୁ ଏତିକି ମୋ'ର ପ୍ରାର୍ଥନା ।

**ଶ୍ରୀ ପ୍ରମୋଦ ହରିଚନ୍ଦନ, ଉପସଭାପତି, ବିଜୁ ଜନତା ଦଳ, ଖୋରଧା**

ବାମନ ଭାଇ ଥିଲେ ଜଣେ ନିରୀହ ତଥା ନିଷ୍କପଟ ମଣିଷ ଟିଏ । କର୍ମ ହିଁ ଭଗବାନ ବୋଲି ବିଶ୍ୱାସ କରି ସୁଖୀ ସଂସାର ଟିଏ ଗଢିପାରିଥିଲେ । ମୋ ପ୍ରତି ତା'ଙ୍କର ସ୍ନେହ ମୁଁ କେବେ ବି ଭୁଲି ପାରିବି ନାହିଁ । ଈଶ୍ୱର ତାଙ୍କୁ ବୈକୁଣ୍ଠବାସୀ କରାନ୍ତୁ ।

**ଶ୍ରୀ ଅଶୋକ ଶତପଥି, ପଦନପୁର, କଳାକାର ଓ ନିର୍ଦ୍ଦେଶକ**

ମୋର ବାମନ ଭାଇଙ୍କ ସହିତ ସମ୍ପର୍କ ୫୦ ବର୍ଷରୁ ଅଧିକ । ମୁଁ ତାଙ୍କର ସେଇ ଦୁଇ ପଦ ମଧୁର କଥାବାର୍ତ୍ତାକୁ ମୁଁ ସବୁଦିନ ପାଇଁ ହରାଇ ବସିଛି । ତାଳର ମାନ ମାରୁଥିବା କେତେଜଣ ବ୍ୟକ୍ତିମାନଙ୍କ ମଧ୍ୟରୁ ସେ ଜଣେ, ଶ୍ରୀ ଚୈତନ୍ୟ ତାଙ୍କୁ ସ୍ୱର୍ଗବାସୀ କରାନ୍ତୁ ।

**ଶ୍ରୀ ଧ୍ରୁବ ଚରଣ ପରିଡା, ଭୀମପୁର**

ଜଣେ ପରିଶ୍ରମୀ ଲୋକ ହିସାବରେ ମୁଁ ତାଙ୍କୁ ଜାଣିଛି । ସେ ସବୁବେଳେ ରାଜନୀତିଠାରୁ ଦୂରରେ ରହିବା ଦେଖିଛି । ନିଜ ପିଲାମାନଙ୍କୁ ଭଲ ମଣିଷ କରିବା ପାଇଁ ସେ ଅକ୍ଳାନ୍ତ ପରିଶ୍ରମ କରି ସଫଳ ହୋଇଥିଲେ । ଭଗବାନ ତାଙ୍କୁ ସ୍ୱର୍ଗବାସୀ କରାନ୍ତୁ । ଏକାନ୍ନବର୍ତ୍ତୀ ପରିବାରର ସେ ଆଦର୍ଶ ଥିଲେ ।

**ଶ୍ରୀ ଜବାହାରଲାଲ ସୁବୁଦ୍ଧି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ**
**ବି.ବି. ହାଇସ୍କୁଲ, ବଡତୋଟା**

ସଂକୀର୍ତ୍ତନ କଳାକାର ଭାବରେ ତାଙ୍କର ସୁନାମ ଜଟଣୀ ଅଞ୍ଚଳରେ ସର୍ବବିଦିତ ।

**ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାଶ, ଜଟଣୀ**

ଡକ୍ଟର ଅଜୟ କୁମାର ମହାନ୍ତି ମୋର ଛାତ୍ର । ମୁଁ ତାଙ୍କ ସହ ମିଶିଛି । ତାଙ୍କର ସରଳ ସ୍ୱଭାବ ଓ ନିଜ ପିଲାଙ୍କ ଭବିଷ୍ୟତପାଇଁ ଚିନ୍ତାକରିବାର ମୁଁ ଅନୁଭବ କରିଛି । ସେ ତାଙ୍କର ୪ ପୁଅଙ୍କୁ ଏକାଠି କରି ରଖି ଏକାନ୍ନବର୍ତ୍ତୀ ପରିବାର ଗଠନ କରିଥିଲେ ଯାହାର ସଦସ୍ୟ ସଂଖ୍ୟା ୨୨ । ଭଗବାନଙ୍କ ନିକଟରେ ପ୍ରାର୍ଥନା ତାଙ୍କ ଆତ୍ମାର ସଦ୍‌ଗତି ହେଉ । ତାଙ୍କ ପିଲାମାନେ ସମସ୍ତଙ୍କୁ ଗୋଟିଏ ଡୋରିରେ ବାନ୍ଧି ରଖିବାର ପ୍ରୟାସ କରନ୍ତୁ ।

**ଡକ୍ଟର ପ୍ରମୋଦ ଚନ୍ଦ୍ର ଦାଶ, ଖୋରଧା**

ବାମନ ଭାଇ ମୋର ଅତି ପ୍ରିୟ । ଗ୍ରାମର ସବୁ ଉନ୍ନତି ମୂଳକ କାର୍ଯ୍ୟରେ ସେ ଭାଗୀଦାର ଥାନ୍ତି । ଅତି ନିରୀହ ଓ ସରଳ ଭାଟିଏ । ତାଙ୍କର ଅମର ଆତ୍ମାର ସଦ୍‌ଗତି ଓ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

**ଶ୍ରୀ ବାବୁଲି ମହାନ୍ତି, ପଦନପୁର, ଜଟଣୀ**

Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - NISWASS-CEDEC Press, Chandrasekharpur, BBSR-23, Published From- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057

Editor : Dr. Prasanna Kumar Jena
Founder : Dr. Pramod Chandra Dash